

ସୀମା ସୁରକ୍ଷା ସମୀକ୍ଷା କଲେ ଶାହ

ପୃଷ୍ଠା ୫

# ସଂଚାର
THE SANCHAR

Website: sanchar.live mail Id: sanchardisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 119 ଭାଗ ୩୪ | ସଂଖ୍ୟା ୧୧୯ | Monday 20 July 2026 | Page 8 Rs. 5.00 | ଭୁବନେଶ୍ୱର ସୋମବାର, ୨୦ ଜୁଲାଇ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଆଜିଠାରୁ ସଂସଦର ମୌସୁମୀ ଅଧିବେଶନ

# ବିବଦମାନ ପ୍ରସଙ୍ଗରେ ଦୁଲୁକିବ ଗୃହ



### ସର୍ବଦଳୀୟ ବୈଠକ ଡାକିଲେ ସରକାର

### ଟିଏମ୍‌ସି ପ୍ରସଙ୍ଗ ନେଇ ବୈଠକକୁ ବିରୋଧୀଙ୍କ ବର୍ଜନ

### ଶାନ୍ତିପୂର୍ଣ୍ଣ ଅଧିବେଶନ ପାଇଁ ରିଜିଜୁଙ୍କ ଅନୁରୋଧ

ନୂଆଦିଲ୍ଲୀ,୧୯।୭: ସୋମବାରଠାରୁ ସଂସଦର ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଥିବା ବେଳେ ରବିବାର ସରକାରଙ୍କ ପକ୍ଷରୁ ଡକାଯାଇଥିବା ସର୍ବଦଳୀୟ ବୈଠକକୁ ବିରୋଧୀଦଳଗୁଡ଼ିକ ବର୍ଜନ କରିଛନ୍ତି। ତ୍ରିପୁରା-ଭିତ୍ତିକ ଏକ ସ୍ୱଳ୍ପ ପରିଚିତ ରାଜନୈତିକ ଦଳ ନ୍ୟାସନାଲିଷ୍ଟ ସିଟିଜେନ୍ସ ପାର୍ଟି ଅଫ୍ ଇଣ୍ଡିଆ (ଏନସିପିଆଇ)ରେ ଯୋଗ ଦେଇଥିବା ତୃଣମୂଳ କଂଗ୍ରେସ (ଟିଏମସି)ର ବିଭାଜିତ ବିଦ୍ରୋହୀ ଗୋଷ୍ଠୀ ଏହି ସର୍ବଦଳୀୟ ବୈଠକରେ ଉପସ୍ଥିତ ଥିବା କାରଣରୁ ବିରୋଧୀ ଦଳଗୁଡ଼ିକ ଏହାର ପ୍ରତିବାଦ କରି ଗୃହତ୍ୟାଗ କରିଥିଲେ। ତେବେ କିଛି ମିନିଟ୍ ମଧ୍ୟରେ ସେମାନେ ଗୃହକୁ ପ୍ରତ୍ୟାବର୍ତ୍ତନ କରିବା ପରେ ପୁଣିଥରେ ସର୍ବଦଳୀୟ ବୈଠକ ଆରମ୍ଭ ହୋଇଥିଲା। ➩ପୃଷ୍ଠା-୬

### ଆରମ୍ଭରୁ ଗଣମାଧ୍ୟମକୁ ଭେଟିବେ ପ୍ରଧାନମନ୍ତ୍ରୀ

ସୋମବାର ମୌସୁମୀ ଅଧିବେଶନ ଆରମ୍ଭ ହେବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦ ଭବନର 'ହଂସଦ୍ୱାର'ରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭେଟିବେ। ଅଧିବେଶନ କାଳରେ ସରକାର ଲୋକସଭାରେ ବୈଦେଶିକ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍-୨୦୨୬ ଓ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍-୨୦୨୫ ଉପସ୍ଥାପନ କରିବାକୁ ଯୋଜନା ରଖିଛନ୍ତି ବୋଲି ନିମ୍ନ ସଦନର ମହାସଚିବ ଏକ ବୁଲେଟିନ ଜାରି କରି ବିବୃତ୍ତି ଦେଇଛନ୍ତି। ଏଥିସହ ଆୟକର (ସଂଶୋଧନ) ବିଲ୍-୨୦୨୬ ଓ ଏମଏସଏମଇ ବିକାଶ (ସଂଶୋଧନ) ବିଲ୍-୨୦୨୬ ଉପରେ ମଧ୍ୟ ଅଧିବେଶନ କାଳରେ ବିଚାରବିମର୍ଶ ହେବ। ଅଯୋଧ୍ୟା ରାମମନ୍ଦିରରେ ଦାନ ଚୋରି ମାମଲା, ନିଟ୍-ୟୁଜି ପ୍ରଶ୍ନପତ୍ର ପ୍ରଘଟ, ଇ-୨୦ ପେଟ୍ରୋଲ୍ ଓ ଭାରତର ବୈଦେଶିକ ନୀତି ଉଠାଇବାକୁ କଂଗ୍ରେସ ଓ ଅନ୍ୟ ବିରୋଧୀ ଦଳଗୁଡ଼ିକ ନିଷ୍ପତ୍ତି ନେଇଥିବାରୁ ଅଧିବେଶନ ଉତ୍ତେଜନାପୂର୍ଣ୍ଣ ରହିବ ବୋଲି ଅନୁମାନ କରାଯାଉଛି।

## ଜାପାନ ଓପନ୍‌ରେ ସିନ୍ଧୁଙ୍କ ଐତିହାସିକ ସଫଳତା

# ଟାଇଟଲ୍ ଜିତିବାରେ ପ୍ରଥମ ଭାରତୀୟ



### ଶୁଭେଚ୍ଛା ଜଣାଇଲେ ମୋଦି, ଧର୍ମେନ୍ଦ୍ର, ମୋହନ ଓ ନବୀନ

ଟୋକିଓ/ଭୁବନେଶ୍ୱର,୧୯।୭: ଭାରତର ତାରକା ମହିଳା ବ୍ୟାଡମିଣ୍ଟନ୍ ଖେଳାଳି ପିଭି ସିନ୍ଧୁ ଆଜି ଐତିହାସିକ ସଫଳତା ଅର୍ଜନ କରିଛନ୍ତି। ସେ ସ୍ଥାନୀୟ ଫେଭରିଟ୍ ଆକେନ୍ ୟାମାଗୁଚିଙ୍କୁ ମହିଳା ସିଙ୍ଗଲ୍ସ ଫାଇନାଲ୍‌ରେ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କ ଜାଜ୍ୱଲ୍ୟମାନ କ୍ୟାରିଅର୍‌ରେ ଆଉ ଏକ ଟାଇଟଲ୍ ସାମିଲ୍ କରିଛନ୍ତି। ଏଥିସହ ସେ ଏହି ଟୁର୍ଣ୍ଣାମେଣ୍ଟ୍‌ରେ ଚାମ୍ପିଅନ୍ ହେବାରେ ମଧ୍ୟ ପ୍ରଥମ ଭାରତୀୟ ଖେଳାଳି ହୋଇଛନ୍ତି। ୩୧ ବର୍ଷୀୟ ସିନ୍ଧୁ ତିନି ଥରର ବିଶ୍ୱ ଚାମ୍ପିଅନ୍ ୟାମାଗୁଚିଙ୍କୁ ୨୧-୧୭, ୨୧-୧୭ରେ ପରାସ୍ତ କରି ପାଖାପାଖି ୨ ବର୍ଷ ପରେ ତାଙ୍କର ପ୍ରଥମ ଟାଇଟଲ୍ ଜିତିଛନ୍ତି। ଏଥିସହ ୨୦୧୯ରେ ବିଶ୍ୱ ଚାମ୍ପିଅନ୍‌ଶିପ୍ ପରେ ଏହା ତାଙ୍କର ଅନ୍ୟତମ ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସିନ୍ଧୁ ଅନ୍ତିମ ଥର ପାଇଁ ଗତ ୨୦୨୪ରେ ସୟଦ୍ ମୋଦି ଇଣ୍ଟରନ୍ୟାସନାଲ୍ ପ୍ରତିଯୋଗିତାରେ ଚାମ୍ପିଅନ୍ ହୋଇଥିଲେ। ୟାମାଗୁଚିଙ୍କୁ ପାଖାପାଖି ୪ ବର୍ଷ ପରେ ସିନ୍ଧୁ ପରାସ୍ତ କରିଛନ୍ତି। ୟାମାଗୁଚି ଏଠାରେ ଷଷ୍ଠ ଥର ପାଇଁ ଫାଇନାଲ୍ ଖେଳୁଥିଲେ ହେଁ ସିନ୍ଧୁ ଚମତ୍କାର ପ୍ରଦର୍ଶନ ଯୋଗୁଁ ରନର୍ସଅପ୍‌ରେ ସନ୍ତୁଷ୍ଟ ହେବାକୁ ବାଧ୍ୟ ହୋଇଛନ୍ତି।

ଏହି ଐତିହାସିକ ସଫଳତା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ➩ପୃଷ୍ଠା-୬

# ହୀରାକୁଦର ୪ ଗେଟ୍ ଖୋଲିଲା

### ତଳମୁଣ୍ଡରେ ସତର୍କ ରହିବାକୁ ପରାମର୍ଶ



ସମ୍ବଲପୁର,୧୯।୭(ସଂଚାର ବ୍ୟୁରୋ): ହୀରାକୁଦ ଜଳଭଣ୍ଡାରର ଉପର ମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ବିପୁଳ ପରିମାଣର ବନ୍ୟାଜଳ ଜଳଭଣ୍ଡାରକୁ ପ୍ରବେଶ କରୁଛି। ଫଳରେ ଜଳଭଣ୍ଡାରର ଜଳସ୍ତର କ୍ରମାଗତ ଭାବେ ବୃଦ୍ଧି ପାଉଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ବନ୍ୟାଜଳ ନିଷ୍କାସନ ଉଦ୍ଦେଶ୍ୟରେ ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ବର୍ତ୍ତମାନ ଜଳଭଣ୍ଡାରର ବାମ ପାର୍ଶ୍ୱରୁ ୩ଟି ଓ ଡାହାଣ ପାର୍ଶ୍ୱରୁ ଗୋଟିଏ ସ୍ଲୁଇସ୍ ଗେଟ୍ ➩ପୃଷ୍ଠା-୬

### ୧୧୦୯ କୋଟିର ଠକେଇ ମାମଲା

## ଗୁପ୍ତା ପାୱାର ଉପରେ ସିବିଆଇ ଚଢ଼ାଉ

### ୪ ରାଜ୍ୟରେ ଏକକାଳୀନ ଚଢ଼ାଉ

ଭୁବନେଶ୍ୱର,୧୯।୬(ସଂଚାର ବ୍ୟୁରୋ): ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡ ଉପରେ ସିବିଆଇ ପକ୍ଷରୁ ଚଢ଼ାଉ କରାଯାଇଛି। ଓଡ଼ିଶା ସମେତ ମୋଟ ୪ଟି ରାଜ୍ୟରେ ଏକକାଳୀନ ୬ଟି ସ୍ଥାନରେ ଚଢ଼ାଉ କରୁଛି ସିବିଆଇ। ଭୁବନେଶ୍ୱରସ୍ଥିତ ସିବିଆଇ ସ୍ପେଶାଲ୍ କୋର୍ଟ ପକ୍ଷରୁ ଜାରି ୱାରେଣ୍ଟ୍ ଅନୁସାରେ ଓଡ଼ିଶା ସହ ପଶ୍ଚିମବଙ୍ଗ, ତାମିଲନାଡୁ ଓ ଉତ୍ତରାଖଣ୍ଡରେ ଏହି ଚଢ଼ାଉ କରାଯାଇଛି। ଏ ସଂକ୍ରାନ୍ତରେ ସିବିଆଇ ପକ୍ଷରୁ କୁହାଯାଇଛି ଯେ କାନାଡ଼ା ବ୍ୟାଙ୍କ୍ ମାଧ୍ୟମରେ ଗୁପ୍ତା ପାୱାର୍ ପକ୍ଷରୁ ଫଣ୍ଡଭିତ୍ତିକ ଓ ଅଣଫଣ୍ଡଭିତ୍ତିକ କ୍ରେଡିଟ୍ ପାଇବା ସକାଶେ ୧୧ ଶହ ୯ କୋଟି ଟଙ୍କାର ଠକେଇ କରାଯାଇଛି। ଋଣ ପାଣ୍ଠି ଚୋରି ଅଭିଯୋଗରେ ତନାଘନା କରୁଛି ସିବିଆଇ। ମେସର୍ସ ଗୁପ୍ତା ପାୱାର ଇନଫ୍ରାଷ୍ଟ୍ରକ୍ଚର ଲିମିଟେଡର ୪ ଜଣ ଅଭିଯୁକ୍ତ ନିର୍ଦ୍ଦେଶକଙ୍କ ଘର ସମେତ ପଶ୍ଚିମବଙ୍ଗରେ ଥିବା କମ୍ପାନୀ କାର୍ଯ୍ୟାଳୟ, ଉତ୍ତରାଖଣ୍ଡ ଉଦ୍ଧମସିଂହ ନଗର ଜିଲ୍ଲା କାଶୀପୁର, ତାମିଲନାଡୁର ତିରୁଭଲ୍ଲୁର, ଓଡ଼ିଶାର ଭୁବନେଶ୍ୱରସ୍ଥିତ କମ୍ପାନୀର ୩ଟି ଉତ୍ପାଦନ ୟୁନିଟ୍ ଉପରେ ସିବିଆଇ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଛି। ତେବେ ଏହି ଚଢ଼ାଉ ସମୟରେ ସିବିଆଇ ଟିମ୍ ବ୍ୟାପକ ମାତ୍ରାରେ ଆପତ୍ତିଜନକ କାଗଜପତ୍ର ଜବତ କରିଥିବା ଜଣାପଡ଼ିଛି।

### ଦୁଇ ମାସ ପରେ ପୁଣି ଖୋଲିଲା ରତ୍ନଭଣ୍ଡାର

# ମହାପ୍ରଭୁଙ୍କ ଅଳଙ୍କାରର ଆରମ୍ଭ ହେଲା 'ଥ୍ରୀ-ଡି' ସ୍କାନିଂ



ପୁରୀ,୧୯।୭(ସଂଚାର ବ୍ୟୁରୋ): କୋଟି କୋଟି ଓଡ଼ିଆ ଏବଂ ଜଗନ୍ନାଥପ୍ରେମୀଙ୍କ ଆବେଗ ସହ ଜଡ଼ିତ ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ଆସିଛି ଏକ ବଡ଼ ଖବର। ଦୀର୍ଘ ଦୁଇ ମାସର ବ୍ୟବଧାନ ପରେ ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଥିବା ମହାପ୍ରଭୁଙ୍କ ବହୁମୂଲ୍ୟ ଅଳଙ୍କାର ଗଣତି ଓ ଯାଞ୍ଚ ପ୍ରକ୍ରିୟା ପୁଣିଥରେ ଆରମ୍ଭ ହୋଇଛି। କେବଳ ସାଧାରଣ ଗଣତି ନୁହେଁ, ବରଂ ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗ କରାଯାଇ ପବିତ୍ର ଅଳଙ୍କାରଗୁଡ଼ିକର 'ଥ୍ରୀ-ଡି' ସ୍କାନିଂ କାର୍ଯ୍ୟ କରାଯାଉଛି। ଶ୍ରୀମନ୍ଦିର ପ୍ରଶାସନର ଏହି ଐତିହାସିକ ପଦକ୍ଷେପ ରତ୍ନଭଣ୍ଡାରର ସୁରକ୍ଷା ଓ ସ୍ୱଚ୍ଛତା ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କର ଅଗଣିତ ମୂଲ୍ୟବାନ ସୁନା, ରୁପା, ହୀରା ଓ ନୀଳାଖଚିତ ଅଳଙ୍କାର ରତ୍ନଭଣ୍ଡାରରେ ଗଚ୍ଛିତ ରହିଛି। ପ୍ରଶାସନ ➩ପୃଷ୍ଠା-୬

### ଜାମ୍ମୁ-କାଶ୍ମୀରରେ ବନ୍ୟା ବିପ୍ରାତ

# ୧୧ ମୃତ, ଶତାଧିକ ନିଖୋଜ

### ଭାସିଗଲା ଅଢ଼େଇ ଶହରୁ ଊର୍ଦ୍ଧ୍ୱ ଗାଡ଼ି

### ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର

### ଆଜିଠୁ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ



ରାଜୌରି,୧୯।୭: ଅବିଶ୍ରାନ୍ତ ବର୍ଷା, ଭୂସ୍ଖଳନ ଓ ଫ୍ଲାସ୍-ଫ୍ଲଡ୍ (ବାଦଲଫଟା ବର୍ଷା) କାରଣରୁ ଜାମ୍ମୁ-କାଶ୍ମୀରର ଦୁଇ ସୀମାନ୍ତବର୍ତ୍ତୀ ଜିଲ୍ଲା ପୁଞ୍ଚ୍ ଓ ରାଜୌରିରେ ରବିବାର ୧୧ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାରେ ଅନେକ ଲୋକ ନିଖୋଜ ମଧ୍ୟ ଅଛନ୍ତି। ଶନିବାର ଭୋର୍‌ରୁ ମୂଷଳ ଧାରାରେ ବର୍ଷା ଆରମ୍ଭ ହୋଇଯିବା ସହ ବନ୍ୟା ବିପର୍ଯ୍ୟୟ ଘଟାଇଛି। ରବିବାର ହଠାତ୍ ନଦୀଗୁଡ଼ିକ ଫୁଲି ଉଠିବା ସହ ବନ୍ଧ ଭାଙ୍ଗି ତଳିଆ ଅଞ୍ଚଳକୁ ପ୍ରଚଣ୍ଡ ବେଗରେ ପାଣି ପଶି ଆସି ବିପର୍ଯ୍ୟୟ ଘଟାଇଛି।

ପ୍ରଖର ସ୍ରୋତରେ ନୂଆ ବସ୍‌ଷ୍ଟାଣ୍ଡରେ ପାର୍କିଂ ହୋଇ ରହିଥିବା ଡଜନେରୁ ଅଧିକ ଗାଡ଼ି ଭାସିଯାଇଥିଲେ। ଆନୁମାନିକ ଅଢ଼େଇ ଶହରୁ ଅଧିକ ଗାଡ଼ିର କୌଣସି ଖୋଜଖବର ମିଳୁ ନ ଥିବା ଜଣେ ସ୍ଥାନୀୟ ବ୍ୟକ୍ତି କହିଛନ୍ତି। ପ୍ରଶାସନ, ସେନା, ଏନଡିଆରଏଫ ଓ ଏସଡିଆରଏଫ ଭଳି ଏକାଧିକ ଉଦ୍ଧାରକାରୀ ସଂସ୍ଥା ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ଲଗାତାର ➩ପୃଷ୍ଠା-୬

# ସମ୍ବିଧାନ ସଂଶୋଧନ ବିଲ୍‌କୁ ସମର୍ଥନ କରିବ ବିଜେଡି!

### ସୀମା ପୁନଃନିର୍ଦ୍ଧାରଣ ଦ୍ୱନ୍ଦ୍ୱ



### ସଂଖ୍ୟା ଗଣିତର ମାୟାଜାଲ ରଚନା କରିଛି ଏନଡିଏ

ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଗତ ଫେବ୍ରୁଆରୀରେ ସଂସଦରେ ସୀମା ପୁନଃନିର୍ଦ୍ଧାରଣ ସମ୍ପର୍କିତ ସମ୍ବିଧାନ ସଂଶୋଧନ ବିଲ୍ କାଟ ଖାଇବା ବିଜେପି ନେତୃତ୍ୱାଧୀନ ଏନଡିଏ ପାଇଁ ଶକ୍ତ ଧକ୍କା ଥିଲା। ତେଣୁ ଏଥର ସଂଖ୍ୟା ଗଣିତର ଏକ ମାୟାଜାଲ ରଚନା କରିଛି ଏନଡିଏ। ଏଥର କୌଣସି ମତେ ସମ୍ବିଧାନ ସଂଶୋଧନ ବିଲ୍ ସଂସଦର ଉଭୟ ଗୃହରେ ଗୃହୀତ କରିବାକୁ ଲାଗିଛନ୍ତି ବିଜେପିର ଟପ୍ ନେତା। ଆଉ ଏହି ପ୍ରକ୍ରିୟାରେ ବିଜେଡି ମଧ୍ୟ ରାଜ୍ୟସଭାରେ ବିଲ୍‌କୁ ସମର୍ଥନ କରିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି।

ସମ୍ବିଧାନ ସଂଶୋଧନ ବିଲ୍‌କୁ ଲୋକସଭାରେ ଗୃହୀତ କରିବାକୁ ଦୁଇ-ତୃତୀୟାଂଶ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ବର୍ତ୍ତମାନର ଲୋକସଭା ସଦସ୍ୟଙ୍କ ସଂଖ୍ୟା ହାରରେ ଦୁଇ-ତୃତୀୟାଂଶ ଅର୍ଥାତ ୩୬୦ ସାଂସଦଙ୍କ ସମର୍ଥନ ଦରକାର। ଏନଡିଏ ପାଖରେ ଏବେ ୨୯୨ ସଦସ୍ୟ ଥିବା ବେଳେ ଟିଏମସିର ୨୦ ଓ ଉଦ୍ଧବ ଠାକରେ ଶିବସେନାର ୬ ସାଂସଦଙ୍କ ସମର୍ଥନ ସୁନିଶ୍ଚିତ ହୋଇସାରିଛି। ସେପଟେ ଡିଏମକେର ୨୨ ଓ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଏନସିପିର ୮ ଜଣ ➩ପୃଷ୍ଠା-୬

# ନବୀନଙ୍କୁ ଝାଡ଼ିଦେଲେ ବାବୁ ସିଂ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ପ୍ରଶ୍ନପତ୍ର ଲିକ ଓ ତ୍ରୁଟିପୂର୍ଣ୍ଣ ମୂଲ୍ୟାୟନ ପ୍ରକ୍ରିୟାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଝାଡ଼ିଦେଇଛନ୍ତି ବିଜେପି ବିଧାୟକ ବାବୁ ସିଂ। ଏହି ପ୍ରସଙ୍ଗରେ ସଂସଦରେ ସର୍ବୋଚ୍ଚ ପ୍ରାଥମିକତାର ସହ ଆଲୋଚନା ହେବା ଉଚିତ ବୋଲି ଦାବି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ପ୍ରସଙ୍ଗରେ ସେ ନିଜ ପ୍ରତିକ୍ରିୟା ରଖି କହିଛନ୍ତି ଯେ ଦେଶର ଲକ୍ଷ ଲକ୍ଷ ପିଲାମାନଙ୍କ ପାଇଁ ଶିକ୍ଷା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ଏକମାତ୍ର ପଥ। ପ୍ରତ୍ୟେକ ଉନ୍ନତ ଦେଶ ଏକ ଶକ୍ତିଶାଳୀ ଶିକ୍ଷା ବ୍ୟବସ୍ଥା ଏବଂ ସ୍ୱଚ୍ଛ, ବିଶ୍ୱାସଯୋଗ୍ୟ ପରୀକ୍ଷା ପ୍ରକ୍ରିୟା ଉପରେ ନିର୍ମିତ। ଭାରତ ମଧ୍ୟ ତାହାର ଶିକ୍ଷା ବ୍ୟବସ୍ଥାର ଶକ୍ତି ଯୋଗୁଁ ଯଥେଷ୍ଟ ପ୍ରଗତି କରିଛି। ଦେଶର ଏହି ଶିକ୍ଷା ବ୍ୟବସ୍ଥା ବହୁ ଡାକ୍ତର, ବୈଜ୍ଞାନିକ, ଇଞ୍ଜିନିୟର, ଶିକ୍ଷକ ଓ ଉଦ୍ୟୋଗୀଙ୍କୁ ଗଢ଼ିଛି, ଯେଉଁମାନେ ଆଧୁନିକ ଭାରତର ରୂପରେଖ ତିଆରି କରିଛନ୍ତି ବୋଲି ସେ ➩ପୃଷ୍ଠା-୬

### ପରକୁ ଅଙ୍ଗୁଳି ନିର୍ଦ୍ଦେଶ ପୂର୍ବରୁ ନିଜେ ଉତ୍ତରଦାୟିତ୍ୱ ନିଅନ୍ତୁ

### ପେପର ଲିକ ପ୍ରସଙ୍ଗରେ ସଂସଦରେ ନବୀନଙ୍କ ବିତର୍କ ଦାବି

### ବିଜେଡି ଅମଳରେ ମାଳମାଳ ପରୀକ୍ଷା ବିବାଦର ଚିଠା ଦେଲେ ବାବୁ

### କଟକ ସିଡିଏମଓ କାର୍ଯ୍ୟାଳୟରେ ଦୁର୍ନୀତି ଅଭିଯୋଗ ଘଟଣା

# ରାଜ୍ୟପାଳଙ୍କ ନିକଟରେ ବୁଦ୍ଧିଜୀବୀ ଫେରାଦ



### ସରକାରୀ ନିୟମ ଉଲ୍ଲଂଘନ ଓ ବ୍ଲାକମେଲିଂର ଭିଜିଲାନ୍ସ ତଦନ୍ତ ଦାବି

କଟକ,୧୯।୭(ସଂଚାର ବ୍ୟୁରୋ): କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମଓ)ଙ୍କ କାର୍ଯ୍ୟାଳୟରେ ଚାଲିଥିବା ବଦଳି ଜାଲିଆତି ଓ ଘରୋଇ କ୍ଲିନିକ ଓ ନର୍ସିଂହୋମକୁ ଲୁଟ୍ ଅଭିଯୋଗ ଏବେ ରାଜ୍ୟପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଛି। କଟକର କେତେକ ବୁଦ୍ଧିଜୀବୀ ସିଡିଏମଓ କାର୍ଯ୍ୟାଳୟରେ ଚାଲିଥିବା ମହାଜାଲିଆତି ନେଇ ରାଜ୍ୟପାଳଙ୍କ ନିକଟରେ ଗତ ୨୪ ତାରିଖରେ ଫେରାଦ ହୋଇଛନ୍ତି। ଜଣେ ଅଧିକାରୀ ୧୪ ବର୍ଷ ଧରି ଗୋଟିଏ ପୋଷ୍ଟରେ ରହିବା ଓ ସିଡିଏମଓଙ୍କ କାର୍ଯ୍ୟାଳୟରୁ ଜଣେ ପୂର୍ବତନ ଅଧିକାରୀଙ୍କ ବାସଭବନକୁ ନିୟମିତ ଫାଇଲ ଯିବା ଘଟଣାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରାଯାଇଛି।

ରାଜ୍ୟପାଳଙ୍କ ନିକଟରେ ଦାଖଲ ପିଟିସନରେ ଅଭିଯୋଗ କରାଯାଇଛି ଯେ କଟକ ସିଡିଏମଓଙ୍କ କାର୍ଯ୍ୟାଳୟରେ ଚାଲିଛି ଦୁର୍ନୀତିର ସିଣ୍ଡିକେଟ୍। ମିଶ୍ରବାବୁ ନାମଧାରୀ ଜଣେ ପୂର୍ବତନ ହେଡ୍ କ୍ଲର୍କ ଓ ବର୍ତ୍ତମାନର କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ଡିଲିଂ ଆସିଷ୍ଟାଣ୍ଟ ଏହି ସିଣ୍ଡିକେଟର ମୁଖ୍ୟ ନାୟକ। ଘରୋଇ କ୍ଲିନିକ୍ ଓ ନର୍ସିଂହୋମ ଲାଇସେନ୍ସ, ଲାଇସେନ୍ସ ନବୀକରଣ ସମ୍ପର୍କିତ ସବୁ ଫାଇଲ ବେଆଇନ ଭାବେ ମିଶ୍ର ବାବୁଙ୍କ ଘରକୁ ଯାଉଛି। ସେ ଅବସର ନେଇସାରିଥିଲେ ମଧ୍ୟ କ୍ଲିନିକାଲ ଏଷ୍ଟାବ୍ଲିସମେଣ୍ଟ ସେକ୍ସନର ସବୁ ଫାଇଲ ତାଙ୍କ ପାଖକୁ ଯାଉଛି। କିଛି ଫାଇଲରେ ତାଙ୍କ ହାତଲେଖା ସହ ସରକାରୀ ନୋଟିଂ ଥିବା ମଧ୍ୟ ଆବେଦନକାରୀ ନିଜ ପିଟିସନରେ ଦର୍ଶାଇଛନ୍ତି।

ମିଶ୍ର ବାବୁ ଓ ଡିଲିଂ ଆସିଷ୍ଟାଣ୍ଟ ମିଳିତ ଭାବେ ଘରୋଇ କ୍ଲିନିକ୍ ଓ ନର୍ସିଂହୋମକୁ ବିଭିନ୍ନ ଆଳରେ ବ୍ଲାକମେଲ୍ କରି ମୋଟା ଅଙ୍କର ଚନ୍ଦା ଉଠାଉଛନ୍ତି। ଆଉ ଏହି ଚାନ୍ଦା ଅର୍ଥ ତଳୁ ଉପର ଯାଏଁ ସବୁଆଡ଼େ ଭାଗ ହେଉଛି, ଯେଉଁଥିପାଇଁ ➩ପୃଷ୍ଠା-୬



## କାନ ଡେରିଥା

ବନ୍ୟାବାତ୍ୟା ହେଲେ
ଫାଇଦା ପାଇଁକି
ଚାହିଁ ବସିଛନ୍ତି ନେତା
ଯେଉଁ ଋତୁ ହେଉ
ବିପର୍ଯ୍ୟୟ ଆସେ
ଭୋଗନ୍ତି କିନ୍ତୁ ଜନତା
କହିବେ ପ୍ରଚୁର କଥା...
ନିମିଷକ ମଧ୍ୟେ ମାରି ଖାଇଯିବେ
ତାଙ୍କର କି ମୁଣ୍ଡ ବ୍ୟଥା।

■ ଦେବାଶିଷ

## ଶଙ୍ଖ ରାଜନୀତି

# ନୂଆ ଟିମ୍‌ରେ ରହିବାକୁ ପୁରୁଣା କାର୍ପେଟଦାରଙ୍କ ଭିଡ଼

### ହାରୁ ନେତାଙ୍କୁ ନେଇ ପୁଣି ଚର୍ଚ୍ଚା

### ଟିମ୍ ଗଠନ ଲାଗି ଗୁଇନ୍ଦା ତଥ୍ୟ ସଂଗ୍ରହ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ବିଜେଡିରେ ନିକଟରେ ଯୋଗ ଦେଇଥିବା ସୁଜାତା ରାଉତ ତାଙ୍କ ଟିମ୍ ଗଠନ କରିବାକୁ ଯାଉଥିବା ବେଳେ ଏଥିରେ ସାମିଲ ହେବାକୁ ଦଳର ପୁରୁଣା କାର୍ପେଟଦାରମାନେ ଭିଡ଼ ଜମାଇଲେଣି। ବିଶେଷକରି ଯେଉଁମାନେ ଗତ ନିର୍ବାଚନରେ ଦଳକୁ ହରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ, ଏପରିକି ନିଜେ ମଧ୍ୟ ନିର୍ବାଚନରେ ହାରିଛନ୍ତି, ସେମାନେ ଏହି ଟିମ୍‌ରେ ରହି ପୁଣିଥରେ ମାମଲତକାର ସାଜିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି।

ପୂର୍ବତନ ଆଇଏଏସ୍ ଅଫିସର ଶ୍ରୀମତୀ ରାଉତ ବିଜେଡିରେ ଯୋଗଦେବା ପରେ ଦଳରେ ନୂଆ ସମୀକରଣ ସୃଷ୍ଟି ହେବାରେ ଲାଗିଛି। ସୁଜାତା ନିଜର ଏକ ଶକ୍ତିଶାଳୀ ଟିମ୍ ଗଠନ କରିବା ପରେ ଜିଲ୍ଲା ଗସ୍ତ ପାଇଁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି। ତେବେ ସୁଜାତାଙ୍କ ଟିମ୍‌ରେ ରହିବାକୁ ଏବେ ଭିଡ଼ ଆରମ୍ଭ ହୋଇଛି। ଗତ ନିର୍ବାଚନ ସମୟରେ ଯେଉଁମାନେ ବିଜେଡିର କାର୍ପେଟଦାର ସାଜି ଟିକଟ ବଣ୍ଟନ କରୁଥିଲେ ଓ ନିଜକୁ ସୁହାଇଲା ଭଳି ଖବର ନବୀନଙ୍କ ନିକଟରେ ପହଞ୍ଚାଇ ଦଳକୁ ହରାଇଦେଲେ, ସେମାନେ ଏବେ ଏହି ଦୌଡ଼ରେ ଆଗରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ଅଧିକ ସଂଖ୍ୟାରେ ହାରୁ ନେତା ଥିବାରୁ ଟିମ୍ ଗଠନକୁ ନେଇ ଦଳରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ବିଜେଡି ନେତା ଓ କର୍ମୀମାନେ ନିୟମିତ ଭାବେ ଆସି ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। ଏହି ଭେଟ୍‌ଘାଟ୍ ସମୟରେ ସେମାନଙ୍କ ଅଞ୍ଚଳରେ ବିଜେଡି କାହିଁକି ହାରିଲା ଓ ଏଥିପାଇଁ କେଉଁମାନେ ଦାୟୀ, ସେ ନେଇ ନବୀନଙ୍କୁ ସବିସ୍ତୃତ ତଥ୍ୟ ଦେଉଛନ୍ତିତ। ଯେଉଁଠାରେ ବିଜେଡି ବିଧାୟକ ଅଛନ୍ତି, ସେମାନେ କିଭଳି ପୁରୁଣା କାର୍ପେଟଦାରଙ୍କ କଥାରେ ଦଳର କ୍ଷତି କରୁଛନ୍ତି ତାହା ମଧ୍ୟ ସେମାନେ କହୁଛନ୍ତି। ତେଣୁ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ସୁଜାତାଙ୍କ ଟିମ୍ ବିଭିନ୍ନ ଜିଲ୍ଲା ଗସ୍ତ କରି ବାସ୍ତବ ସ୍ଥିତି ପରଖିବ ବୋଲି ସୂଚନା ମିଳିଛି। ତେବେ ଏହି ଗସ୍ତ ପୂର୍ବରୁ ସୁଜାତା ନିଜର ଏକ ବିଶ୍ୱସ୍ତ ଟିମ୍ ଗଠନ କରିବେ।

ସୁଜାତାଙ୍କ ଟିମ୍ ବିଜେଡିର ଆଖି କାନ ହେବ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଜିଲ୍ଲା ସ୍ତରର ବିଜେଡି ନେତାମାନେ ସିଧାସଳଖ ଭାବେ ସେମାନଙ୍କ ସମସ୍ୟାକୁ ଏହି ଟିମ୍ ଜରିଆରେ ନବୀନଙ୍କ ନିକଟରେ ପହଞ୍ଚାଇବେ। ଏହାର ପ୍ରଭାବ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ଉପରେ ପଡ଼ିବ ବୋଲି ଦଳ ଭିତରେ ଆଲୋଚନା ହେଉଛି। ଏହି ଦୁଇ ନିର୍ବାଚନର ଫଳାଫଳକୁ ଦେଖି ବିଜେଡି ଆଗାମୀ ସାଧାରଣ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିବ। ଯେହେତୁ ଆଗାମୀ ➩ପୃଷ୍ଠା-୬

# କାନ୍ଧ



ପଛକୁଣ୍ଡି ଗାଁର ଫକୀର ପ୍ରଧାନକୁ ସମସ୍ତେ ଜାଣନ୍ତି ଆଉ ଚିହ୍ନନ୍ତି ମଧ୍ୟ। ସେ ନୁହଁନ୍ତି ତାଙ୍କ ପୂର୍ବରୁ ଥିବା ବଂଶଜ ସେଇ ଲୋକପ୍ରିୟତାର ମୂଳଦିଆ ପକାଇ ଥିଲେ। ସେ ଥିଲେ ଆଖ ପାଖ ଆଠ ଖଣ୍ଡ ଗାଁ ଗଣ୍ଡାର ଚାଷୀ ମାନଙ୍କ ଭିତରେ ଅତ୍ୟନ୍ତ କୁଶଳୀ ଆଉ ଅଧିକା ପରିଶ୍ରମୀ। ରାଜା ରାଜୁଡା ଶାସନ ଚାଲୁଥିଲା ବେଳେ ତାଙ୍କ ବାପା ଚକ୍ରାନ୍ତ କରି ଚାହିଁଥିଲେ କେତେ ଜମିବାଡ଼ି ନିଜ ନାମରେ କରି ପାରିଥାନ୍ତେ। ସେ କିନ୍ତୁ ଗୋଟେ ଗାର ବସୁଧାରେ ଅନ୍ୟାୟରେ କେବେ କାହା ଠାରୁ ଦୁଃଖ ଦେଇ ଠକି ନେବାକୁ ବିବେକ ତାଙ୍କର ମନା କରିଥିଲା।

ଆଜି କିନ୍ତୁ ସେ ସବୁରେ ଯବନିକା ଟାଣି ହୋଇ ଯାଇଛି। ସତାନବେ ବର୍ଷ ବୟସରେ ତାଙ୍କ ଜୀବନରେ ମାଡି ଆସିଥିଲା ଶେଷ ନିଦ୍ରା ଯାହାକୁ ସେ ଆଗରୁ ପୂର୍ବାନୁମାନ କରି ସାରିଥିଲେ। ଘରେ କେହି ନ ଥିଲେ ବି ଖଟ ଉପରେ ବସି ଆଖି ତାଙ୍କର ସବୁଆଡେ ବୁଲି ଯାଉଥିଲା। ସେ ଜୀବନର ଶେଷ ଯାଏ ଭାଗବତ ପଢ଼ାକୁ କେବେ ଛାଡି ନ ଥିଲେ। ସବୁଦିନ ସୂର୍ଯ୍ୟକୁ ପାଣି ଟେକିବା ସହିତ ରବିବାର ଆମିଷ ଭୋଜନ ଭକ୍ଷଣ କରିବା ପିଲାଟି ଦିନରୁ ଛାଡି ଦେଇଥିଲେ। କିଏ କେବେ ଖାଲି ହାତରେ ତାଙ୍କ ଘରୁ ଫେରି ନାହାଁନ୍ତି। ନିଜ ଦ୍ୱାରା ଯାହା ସମ୍ଭବ ତାହା ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସୁଥିଲେ। ତାଙ୍କର ଚାଲି ଯିବାଟା ମୋତେ ଏତେ ବିଚଳିତ କରିବ ବୋଲି କେବେ ଭାବି ନ ଥିଲି। ମୁଁ ଯାହା ଭାବିଥିଲି କି ସମସ୍ତେ ତ ଦିନେ ଯେଉଁଠୁ ଆସିଥିଲେ ପୁଣି ସେଠାକୁ ଚାଲିଯିବେ। ସେ ତ ପୁଣି ଜୀବନକୁ ଭଲ ଭାବେ ଜିଇ ସାରିଛନ୍ତି। ତଥାପି କେଜାଣି କାହିଁକି ମୋ ବାପାଙ୍କ ଯିବା ପର ଠାରୁ ସେ ମୋତେ ସମ୍ଭାଳି ନେଇଥିଲେ। ଘରର ମୁରବି ହୋଇ ମୋ ଭଲ ମନ୍ଦ କାମରେ କେଉଁଟା କରିବା କି ନ କରିବା କଥା ନିଜ ବୁଦ୍ଧି ବିବେକ ବଳରେ ମୋତେ ସୂଚାଇ ଦେଉଥିଲେ।

ମୁଁ ତାଙ୍କ ଉପରେ ଅଯଥା ବିରକ୍ତ ହୋଇ ଯାଉଥିଲି। ହେଲେ ଏବେ କାହା ଉପରେ ରାଗ କରିବି କିଏ ଆଉ ଘର ଖଟ ଉପରେ ବସି ସନ୍ଧ୍ୟାରେ ମୋର ଫେରିବା ଡେରି ହେଲେ ଚାହିଁ ମୋ ବୋଉକୁ ତୋ ପୁଅ କୁଆଡ଼େ ଗଲା ବୋଲି ପଚାରିବ। ଯାତ୍ରା ହେଉ କି ଦୂର ବାଟ ଗଲେ କାହା ପାଇଁ ମିଠା କିଣି ଘରକୁ ଫେରିବି। ପିଲାଟି ଦିନୁ ଶୁଣି ଆସୁଥିବା ପୁରାଣ ଗପ ମନ ହେଲେ କିଏ ଆଉ ଶୁଣାଇବ। ମାଛ କି ମାଂସ ହେଲେ ସନ୍ତୁଳା କଷା ଖାଇବାକୁ କିଏ ରୋଷେଇ ଘରେ ଯାଇ ଠିଆ ହୋଇଥିବ। ଆଜି ତାହା ସ୍ୱପ୍ନ ପାଲଟି ଯାଇଛି ଯିଏ ଜୀବନରେ କାହାର କିଛି କ୍ଷତି କରି ନ ଥିଲା ତାକୁ କାହିଁକି ପାଖକୁ ନେଇଗଲା।

ଯିଏ ବାପାଙ୍କ ଯିବାକୁ ମୋଟେ ସହି ନ ପରି ଆମ ଭଳି ଛୋଟ ପିଲା ହୋଇ କେତେ ଯେ କାନ୍ଦିଥିଲେ। ବୁଢ଼ା ବାପା ଆଗରେ ତା ପୁଅଟା ଚାଲିଗଲେ କିଏ ଅବା ସହି ପାରିବ। ଆଗରୁ ମୋର ବାପା ଚାଲି ଯାଇଥିଲେ ବୋଲି ଜେଜେ ବାପା ପାଖରେ ଅଛନ୍ତି ବୋଲି ମନକୁ ବୁଝାଇ ଦେଉଥିଲି। ଏବେ ମୁଁ ଆଉ କାହାକୁ ପାଖରେ ଅଛି ବୋଲି ବୁଝାଇ ନେବି। ଏବେ ଯାହା ପରେ ବୋଲି ନିଜକୁ ଆଶ୍ୱାସନା ଦେବା ଅବଶୋଷ ରହିଗଲା। ତଥାପି ତମେ ଯେଉଁଠି ଥାଅ ନା କାହିଁକି ତୁମ ନୀତି ଆଦର୍ଶ ସଦା କାନ୍ଧରେ ବୋହି ପ୍ରଧାନ ଘର ପରିବାର ମର୍ଯ୍ୟାଦାକୁ ଆହୁରି ଆଗକୁ ନେବା ଲାଗି ଟିକିଏ ଆଶୀଷ ଭିକ୍ଷା କରି ତୁମର ଅମର ଆତ୍ମାକୁ ଭଗବାନ ଶାନ୍ତି ପ୍ରଦାନ କରୁ ବୋଲି ଗୁହାରି କରୁଥିବି।



**ସତ୍ୟନାରାୟଣ ପ୍ରଧାନ**
ଅଣ୍ଟିଆ, ଜେନାପୁର, ଯାଜପୁର
ମୋବାଇଲ୍:୯୧୭୮୩୧୩୬୪୪

# ଅଭିନୟ



ଆଜି ଟ୍ରେନରେ ବସି ଅଫିସ ଯିବା ବାଟରେ ପୁଣି ଥରେ ସେଇ ଚିହ୍ନା ମୁହଁଟା ଦେଖା ହୋଇ ଯାଅନ୍ତା ବୋଲି ଭାବି ହେଉଥିଲି। ସବୁଦିନ ଭଳି ସେ କାହିଁ ଆଉ ଦେଖା ଯାଉ ନାହାଁନ୍ତି। ଦେଖା ଆଉ କଥା ହେବା ଭିତରେ ମୁଁ ନିଜ ଅଜାଣତରେ ତାଙ୍କୁ ଭଲପାଇ ବସିଥିଲି ଖାଲି ଯାହା କହିବା ବାକି ଥିଲା। ଏତେ ଭିଡ଼ ଭିତରେ ଭାରି ଏକା ଅନୁଭବ ହେଉଥିଲା। ଅଚାନକ ତାଙ୍କୁ ଗୋଟେ ବଗିରେ ନିରବ ହୋଇ ବସିଥିବାର ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲି।

ସବୁବେଳେ ଗପ ମଜା କରି ସମୟ କାଟି ଦେଉଥିବା ପାଟିଟା ପୁରା ଚୁପ ହୋଇ ଯାଇଥିଲା। ଡ୍ରେସ ପିନ୍ଧିବା ବଦଳରେ ତାଙ୍କ ଦେହରେ ଥିଲା ଧଳା ଶାଢ଼ୀ ମୁଣ୍ଡରେ ସିନ୍ଦୁର କି ହାତରେ ନ ଥିଲା ଶଙ୍ଖା। ମୋର ଆଉ ସାହସ ନ ଥିଲା ପଦେ କଥା ହେବାକୁ ଇଚ୍ଛା ହେଉଥିଲେ ବି ଛାତି ତଳେ ଲୁଚି ରହିଥିବା ବିବେକଟା କେଜାଣି କାହିଁକି ମନା କରୁଥିଲା। ଅନେକ ସମୟ ଯାଏ ମୁଁ ତାଙ୍କୁ ଦୂରରୁ ଠିଆ ହୋଇ ଚାହିଁ ରହିଥିଲେ ବି ମନଟା ଆଉ କେଉଁ ଅଜଣା ରାଇଜ ଘୁରି ବୁଲୁଥିଲା। ସେ ମୋତେ ଏମେତି ବସିବା ଭିତରେ ଆଖି ତାଙ୍କର ମୋ ଉପରେ ପଡି ଯାଇଥିଲା। ମୁଁ ଆଉ ସ୍ୱାର୍ଥପର ପାଲଟି ଯିବାକୁ ଚାହିଁ ନ ଥିଲି। ନିଜ ଆଖି ଆଗରେ ତାଙ୍କର ହସିଲା ପୁରିଲା ମୁହଁଟା ଝାଉଁଳି ଯିବାର ଦେଖି ସବୁ କିଛି ହୃଦୟଙ୍ଗମ କରି ସାରିଥିଲି। ସେ ମୋର ସବୁଠୁ ପରିଚିତ ହୋଇ ପଡ଼ିଥିବା ଆପଣାର ମଣିଷଟାକୁ ଅଚିହ୍ନା ଲୋକ ପରି ଅଭିନୟ କରିବାକୁ ଉଚିତ ବୋଲି ଭାବି ନେଇଥିଲି।



# ଝଡ଼

**ଡ. ଶୁଭେନ୍ଦୁ ମେହେର**

ଆମ ପାଇଁ ସେ' ନୂଆଁ କୁନୁଆଁ ନୁହେଁ,
ବର୍ଷକୁ ଥରେ ଦୁଇଥର ଆସୁଥିବା
ପୁରୁଣା ସାଉକାର୍ !
ହିସାବ୍ ମାଗେ, ସୁଧ ନିଏ,
ନ ଦେଲେ........ଘର ଛାଉଣୀ ଟେକିନିଏ ।

ଆସିବ ତ ଝଡ଼.............ଆସୁ......!
ଆମ ଘର କେଉଁ ରାଜ୍‌ମହଲ ଯେ'
ଭାଙ୍ଗିଗଲେ ଦୁଃଖ କରିବୁ !
ଚାରିଖଣ୍ଡ ବାଉଁଶରେ
ବିଡ଼ା କେତେଟା ନଡ଼ାର ଉଛ୍‌ନା,
ମୁଠାଏ ମାଟି କାଦୁଅର କାନ୍ଥ ।
ଏଇଟା ଭାଙ୍ଗିଲେ ଆମେ କାନ୍ଦୁନା,
ଆମେ ବାରମ୍ବାର ଘର ବନେଇବା ଜାଣୁ ।

ଝଡ଼ ବେଳେ ଟିଭି ବନ୍ଦ,
ଆଲୁଅ ନାଇଁ,
ଘର ସାରା କଥା ଥାଏ !
ଆଈ ମା' ପୁରୁଣା ଯୁଗର କଥାନି କହେ,
ବାପା ପଘାରେ ଦାମ୍‌ରି ବାନ୍ଧନ୍ତି,
ମା' ଚୁଲି ମୁଣ୍ଡରେ ଖର୍ସି ଲିପେ,
ଜାଳ ସଜାଡ଼େ........ନିଆଁ ଧରାଏ..........
ଅନ୍ଧନ୍ ଦିଏ !
ସେ' ଦିନ ଜାଣିହୁଏ,
ଭୋକ ଆଗରେ ଝଡ଼ର ଦମ୍ଭ କେତେ ?

ଝଡ଼..........
ଉଜାଡ଼ିଦେବୁ ତ ଦେ !
ଧାନ ନେବୁ ନେ,
ବାଡ଼ି ଭାଙ୍ଗିବୁ ତ ଭାଙ୍ଗ୍,
ଗୁହାଳ ଉଡ଼େଇଦେବୁ ଉଡ଼ା !!
ଆମ ଛାତିରେ ଯେଉଁ ନିଆଁ ଅଛି
ତାକୁ ତୁ ଲିଭାଇ ପାରିବୁନି ।
ସେ' ନିଆଁ ପାଣିରେ ଲିଭେ ନାଇଁ,
ହୁର ହୁରିଆ ପବନରେ ଆହୁରି ଜଳେ ।

ଝଡ଼ ସରିଲେ ଗାଁ ଦାଣ୍ଡ ଶୂନଶାନ୍,
ଚାଳ, ଖପର, ଡାଳ ଝୁଁଟି ହେଇ ପଡ଼େ,
କେଉଁଠି କାନ୍ଦୁଛି, କିଏ କାନ୍ଦୁଛି !
ପରବାୟ ନାଇଁ
କୋଦାଳ ଧରି ଗୋଡ଼ କାଢ଼ି ସାରିଥିବ !
କାନ୍ଦିବାକୁ ସମୟ କାଇଁ,
ଭଙ୍ଗା ଚାଳରେ
ଆଉଥରେ ଛାନି ତିଆରିବାକୁ ହେବ ।

ସମୁଦ୍ର..........
ଲୁଣି ପାଣି ପଠାଉ,
ଆକାଶ..........ବଜ୍ର ଫିଙ୍ଗୁ
ଦଇବ...................କେତେ ପରୀକ୍ଷା ନେବୁ ନେ !
ଆମେ ଫେଲ୍ ହେବୁନି ।
ଆମ ଚଉଦ ପୁରୁଷରେ ହାରିବା ଲେଖା ହୋଇନି
ଝଡ଼ ପରେ ବି କେତେଥର ଏମ୍‌ତି
ଆମ ଘର ଠିଆ ହୋଇଛି ।

ଆମ ପାଇଁ ଝଡ଼ ମାନେ ମୃତ୍ୟୁ ନୁହେଁ,
ଆଉ ଗୋଟେ ନୂଆଁ ସକାଳ !
ଯେଉଁ ସକାଳରେ ଆମେ ପୁଣି ଥରେ
ମାଟି ସାଉଁଟି କହିବୁ,
ଚାଲ, ଆଜିଠୁ ପୁଣି ତିଆରିବା ନୂଆଁ ଘର ।।

ଯାଲୋଏ, ସୁବର୍ଣ୍ଣପୁର
ମୋବାଇଲ୍: ୯୯୩୮୪୩୩୬୬୪





# ମୋ ଭାଷା

**ଡ.ଭାରତୀ ହୋତା**

ଯା 'ଡେଣାରେ ଯୋଡ଼ି ହୋଇଥାଏ କିଛି
ଅମୀୟ ଭାବ
ସେ 'ଉଡ଼ି ବୁଲେ ଡେଣା ଝାଡ଼ି ଝାଡ଼ି
ତୁମ ଗୁମ ସୁମ କୋଠରୀ ଯାଏଁ
ପୁଣି ଆକାଶମୁହାଁ ହୁଏ
ପବନ ଦୋଳିରେ ।।

ଗୋଟେ ଇପ୍ସିତ ଶବ୍ଦ ରାସ୍ତା ଖୋଜୁ ଥାଏ
ଯା ' ବଖାଣି ବସେ ହୃଦୟର କଥା ପୁଟୁଳି
ଭାଷାର ତ ନ ଥାଏ
ଜାତି, ଗୋତ୍ର
ଦେଶ,କାଳ, ପାତ୍ର
ନା ରଙ୍ଗ ନା ସ୍ୱାଦ
ଥରେ ଭାବର ମାଠିଆ ଭରିଗଲେ
ବରଷି ଯାଏ
ଗୀତ ହୋଇ
କବିତାର ଛନ୍ଦ ହୋଇ
ଅକୁହା କାହାଣୀ ହୋଇ ।।

ଏଇ ଦେଖ!
ଏଥର ମୋ ପୃଥିବୀରେ
ଭାଷା -ମେଘଦୂତ
ଏହା ଖାଲି ଆଖିକୁ ପଢ଼େନା
ପଢ଼ିନିଏ ଛାତିତଳ ନିମୁଜ କୋଠରୀର
ବେଦନା
ବା ଇନ୍ଦ୍ରଧନୁର ରଙ୍ଗ ମାଖିଥିବା ଓଠତଳର
ନୀରବ ଇସ୍ତାହାର ।।

ସତରେ !
ଭାଷା କେବେ ଅଲଗା ହୁଏନି
ଜାତି, ଧର୍ମ ବର୍ଣ୍ଣକୁ ନେଇ
ଭାଷା କେବେ ଦେହର ରଙ୍ଗ ଖୋଜେନା
ଖୋଜୁଥାଏ କେବଳ
ଗୋଟେ ନିରାପଦ ଗଛର ଡାଳ
ଯେଉଁଠି ବସି ସେ ପକ୍ଷୀ ପରି ଗୀତ ଗାଇବାକୁ।।

ପ୍ରଧାନ ଶିକ୍ଷୟତ୍ରୀ
ସରକାରୀ ପ୍ରାଥମିକ ବିଦ୍ୟାଳୟ, ଚାଲମୁଣ୍ଡା
ଖରୀଆର ରୋଡ଼, ନୂଆପଡ଼ା





# ପୂରଣ ବାଚକ ସଂଖ୍ୟା

**ଭାରତୀ ବାସନ୍ତୀ ଲତା ଜେନା**

ଆସରେ ପିଲେ ମୋ ପାଖେ ବସ
ଗଣନା ଶିଖିବ ବସ
ପଛକୁ ପଛ ଧାଡିରେ ବସ
ହେବା ଖୁସି ହରଷ ।୧।
ପୂରଣ ବାଚକ ସଂଖ୍ୟା ଜାଣିବା
କହିବ ତୁମର ନାଆଁ
ପ୍ରଥମ ପିଲା ଏକ ହୋଇବ
ଦ୍ୱିତୀୟ ମାରିବ ଡିଆଁ ।୨।
ତୃତୀୟ ପିଲା ଗିନି ବଜଅ
ଚତୃର୍ଥ ମାରିବ ତାଳି
ପଞ୍ଚମ ପିଲା ନାଚ କରିବ
ଷଷ୍ଠ ଧରିବ ଥାଳି ।୩।
ସପ୍ତମ ଝିଅ ପୁଚି ଖେଳିବ
ଅଷ୍ଟମ ଧରିବ ବହି
ନବମ ପିଲାଟି ଗୀତ ଗାଇବ
ଦଶମ ଖାଇବ ଖଇ ।୪।
ଏକାଦଶ ଖେଳିବ ଖେଳ
ସାଙ୍ଗ ସାଥୀକୁ ନେଇ
ଦ୍ୱାଦଶ ପିଲା ମୂର୍ତ୍ତି ଗଢ଼ିବ
ଡାକି ଜଗତ ସାଇଁ ।୫।
ତ୍ରୟୋଦଶ ଭାରି ବୁଦ୍ଧିଆ
ପର ସାହାଯ୍ୟ କରେ
ଚତୁର୍ଦ୍ଦଶ ଭାରି ମନୁଆ
କଥା ମାନେନା କାରେ ।୬।
ପଞ୍ଚଦଶ ପିଲାଟି ପରା
ହୋଇବ ଚିତ୍ରକର
ଷୋଡଷ ପିଲା ତାହାର ସାଥି
ପଡିଶା ଘର ତାର ।୭।
ସପ୍ତଦଶ ଭାରି ସୁନ୍ଦର
ନମ୍ର ସୁଶୀଳ ଗୁଣ
ଅଷ୍ଟାଦଶ ଲିଡର ହୁଏ
ସଂଗ୍ରହ କରେ ଜ୍ଞାନ ।୮।
ଉନବିଂଶ ପିଲାଟି ପରା
ଭାରି ଡରୁଆ ଜାଣ
ବିଂଶ ପିଲାଟି ସୁଶୀଳ ଗୁଣେ
ନିଏ ସଭିଙ୍କ ମନ ।୯।
ଆସରେ ପିଲେ ଗୋଲ୍ ହେବା
ଖେଳିବା ଆମେ ଖେଳ
ନାଚି ଗାଇବା ଖୁସି ହୋଇବା
ନ କରିବାରେ ଗୋଳ ।୧୦।

ଗାନ୍ଧୀନଗର, ନବରଙ୍ଗପୁର
ମୋବାଇଲ୍:୮୭୫୮୭୫୫୯୭୯

# ଝୁଲି ଝୁଲି ଆସେ କାଳିଆ ସୁନା



**ଡ଼ଃ ଅନୁପମା ବିଶ୍ୱାଳ**

ଝୁଲି ଝୁଲି ଆସେ କାଳିଆ ସୁନା
ଦେଖି ସିପୁ ହୁଏ ହରଷ ମନା
ରଙ୍ଗୀନ ରଥରେ ଶୋଭନ୍ତି ହରି
କେହି ନୁହେଁ ପରା ତାଙ୍କରି ସରି
ଚକା ଚକା ତାଙ୍କ ଦୁଇ ନୟନ
ଦେଖି ଦେଲେ ପୂରି ଯାଉଛି ମନ
ସାଙ୍ଗରେ ଅଛନ୍ତି ଭାଇ ଭଉଣୀ
ରଥ ଗଡେ ପଥେ ଆନନ୍ଦେ ପୁଣି
ଘଣ୍ଟ ଶଙ୍ଖ ବାଜେ କେଡେ ମଧୁର
ହରିବୋଲ ଶୁଭେ ଥରକୁଥର
ରଥ ଟାଣିବାକୁ ଲାଗେ ଉଷତ
ଭାରି ଭଲ ଲାଗେ ଦେଖିଲେ ନେତ
ଯାଉଅଛି ସିଏ ବଡ଼ଦାଣ୍ଡରେ
ନାହିଁ ଭେଦଭାବ କାହାରି ଠାରେ
ପହଂଚିବ ଯାଇ ଗୁଣ୍ଡିଚା ଘରେ
ଜନ୍ମବେଦୀ ଦେଖି ତା ମନ ଭରେ
ନଅ ଦିନ ପରେ ଆସିବ ଫେରି
ଭକତ ରହନ୍ତି ଅପେକ୍ଷା କରି
ବାଟରେ ଖାଇବ ସେ ପୋଡ଼ପିଠା
ଲାଗିବ ତାହାକୁ ଆହା କି ମିଠା
ଅର୍ଦ୍ଧାସିନୀ ଗୁଡି ମାଉସୀ ଘର
କାଳିଆର ସେଠି ଭାରି ଆଦର
ରଥେ ଝୁଲି ଝୁଲି ଦେଓ୍ୱ ସେ ହସି
ତା ମୁହଁକୁ ଦେଖି ସଭିଏଁ ଖୁସି।

ସମ୍ବଲପୁର






# ସମୟର ଛାୟା ଚିତ୍ରରେ ଜଙ୍ଗଲ କନ୍ୟା ଏହସାସ



**ଡକ୍ଟର ଲକ୍ଷ୍ମଣ ସାହୁ**

ଆମେ ମଣିଷ ଦୁଇଟି ଗୋଡରେ ଚାଲୁ। ସମାଜର ବିଭିନ୍ନ କଥିତ ଭାଷାରେ ଆମେ ଆମର ଚିନ୍ତାଧାରା ପ୍ରକାଶ କରୁ। ଏହା ମାନବ ଜୀବନର ପ୍ରାକୃତିକ ନିୟମ। ତଥାପି ଦୁନିଆରେ 'ବ୍ୟତିକ୍ରମ' ନାମକ ଏକ ଶବ୍ଦ ଅଛି। ସେହି ଶବ୍ଦର ଅନୁକରଣ ବାସ୍ତବ ଅଭିଜ୍ଞତାକୁ ପ୍ରଭାବିତ କରେ ଓ ଆମକୁ ଅନ୍ୟ ଏକ ଅଜଣା ଆଶ୍ଚର୍ଯ୍ୟଜନକ ଦୁନିଆକୁ ନେଇଯାଏ। ଏ ବିଚିତ୍ର ଜଗତର ପୃଷ୍ଠଭୂମି ମଧ୍ୟ ଆଶ୍ଚର୍ଯ୍ୟଜନକ ଉପାଦାନରେ ପରିପୂର୍ଣ୍ଣ। ସମ୍ପ୍ରତି ଏକ ଝିଅ ଯିଏ ଦୁଇଟି ସୁସ୍ଥ ଓ ଶକ୍ତିଶାଳୀ ଗୋଡ ଥିବା ସତ୍ତ୍ୱେ ଚାରି ହାତ ଉପରେ ଚାଲିଥିଲା। ବନ୍ୟ ପ୍ରାଣୀ ପରି କଥା ହେଉଥିଲା ? ସେ ଜଙ୍ଗଲର ପଶୁ ଓ ପକ୍ଷୀଙ୍କ ଡାକକୁ ନକଲ କରିବାରେ ଅଭ୍ୟସ୍ତ ଥିଲା। ଯଦିଓ ଏହା ଆଶ୍ଚର୍ଯ୍ୟଜନକ ଶୁଣାଯାଇପାରେ।

ଆମ ଦେଶର କର୍ଟାର୍ନିଆଘାଟ ଅଭୟାରଣ୍ୟରେ ପ୍ରକୃତରେ ଏପରି ଏକ ଝିଅ ମିଳିଛି। ତାଙ୍କ ନାମ 'ଏହସାସ୍'। ସେ ଆମ 'ଦି ଜଙ୍ଗଲ ବୁକ୍' ଆନିମେସନ୍ ସିରିଜର ଶିଶୁ ନାୟିକା 'ମୋଗଲି'ର ଏକ ଜୀବନ୍ତ ସଂସ୍କରଣ ପରି। ବିଶ୍ୱର ପ୍ରିୟ ଚରିତ୍ର 'ଟାର୍ଜାନ୍' ମଧ୍ୟ କୌଣସି ପ୍ରକାରେ ଏହସାସ୍‌ର ଜଙ୍ଗଲୀ ଆଚରଣ ସହିତ ଏକ ହୋଇଥାଏ।

ଗତ ଶତାବ୍ଦୀର ନବେ ଦଶକର କଥା ମନେ ପଡେ। ଏହା ପ୍ରତି ରବିବାର ମଧ୍ୟାହ୍ନରେ ଗୋଟିଏ ଘଣ୍ଟା ପାଇଁ ହେଉଥିଲା। ଦୂରଦର୍ଶନରେ ବହୁତ ଲୋକପ୍ରିୟ ଶିଶୁ ଧାରାବାହିକ 'ମୋଗଲି' କିମ୍ବା 'ଦି ଜଙ୍ଗଲ ବୁକ୍' ପ୍ରସାରିତ ହେଉଥିଲା। ଏହା ପିଲାଙ୍କ ସ୍ୱପ୍ନର ଏକ ଅନନ୍ୟ ଦୁନିଆ ପରି ଥିଲା। ଯେଉଁଠାରେ ମୋଗଲି, ଅକିଲା, ବାଘିରା, ବାଲୁ ଓ ଶେର ଖାନ ଚରିତ୍ରମାନେ ନିଜ ନିଜ ଜଙ୍ଗଲ ରାଜା ଥିଲେ। ସେହି ପ୍ରସିଦ୍ଧ ଗୀତ "'ଜଙ୍ଗଲ, ଜଙ୍ଗଲ, ବାଟ ଚାଲି ହେଁ, ପଟା ଚଲା ହୈ' ଗୀତଟି ଗୁଲଜାରଙ୍କ ଦ୍ୱାରା ରଚିତ ହୋଇଥିଲା। ଶିଶୁ କଳାକାର ଅମଲ ସହଦେବ ଏହାକୁ ଗାଇଥିଲେ। ସେତେବେଳର ପିଲାମାନେ ଏହି ଗୀତର ଆତ୍ମତ୍ୟାଗୀ ସ୍ୱରକୁ ନିଜ ଓଠରେ ଶୁଣିପାରୁଥିଲେ।

"ଦି ଜଙ୍ଗଲ ବୁକ୍" ବିଶ୍ୱ ସାହିତ୍ୟର ସବୁଠାରୁ ଲୋକପ୍ରିୟ ଶିଶୁ ପୁସ୍ତକ ମଧ୍ୟରୁ ଗୋଟିଏ। ଏହି ପୁସ୍ତକଟି ବ୍ରିଟିଶ ଲେଖକ ରୁଡିଆର୍ଡ କିପଲିଂଙ୍କ ଦ୍ୱାରା ଲିଖିତ ଓ ୧୮୯୪ ମସିହାରେ ପ୍ରକାଶିତ ହୋଇଥିଲା। ଭାରତର ମଧ୍ୟ ପ୍ରଦେଶର ସେଓନି ଅଞ୍ଚଳର ଜଙ୍ଗଲରେ ଅବସ୍ଥିତ ଏହି କାହାଣୀ ସଂଗ୍ରହ ଏବେ ବି ପାଠକଙ୍କ ପ୍ରିୟ। ପୁସ୍ତକର ମୁଖ୍ୟ ଚରିତ୍ର ହେଉଛନ୍ତି ମୋଗଲି। ସେ ପ୍ରକୃତରେ ଜଣେ ମାନବ ଶିଶୁ, ଯାହାକୁ ଜଙ୍ଗଲର ଗଧିଆଙ୍କ ଦଳ ପାଳନ କରିଥିଲେ।

ଭାଲୁ ବାଲୁ, କଳା ଚିତା ବାଘ ଓ ଗଧିଆ ଆକେଲା ମୋଗଲିଙ୍କ ଜୀବନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ସେମାନେ ଏକାଠି ତାଙ୍କୁ ଜଙ୍ଗଲର ପ୍ରାକୃତିକ ନିୟମ ସହିତ ବଞ୍ଚିବାର କୌଶଳ ଓ ନୀତି ଶିଖାଇଥିଲେ। ପୁଣି ଭୟଙ୍କର ବାଘ ଶେରେ ଖାନଙ୍କୁ ମଣିଷର ଶତ୍ରୁ ଭାବରେ ଦେଖାଯାଉଥିଲା। ସେ ମୋଗଲିଙ୍କୁ ମାରିବାକୁ ଚାହୁଁଥିଲେ। କିନ୍ତୁ ମୋଗଲିଙ୍କ ଅବିଶ୍ୱସନୀୟ ସାହସ, ବୁଦ୍ଧିମତା ଓ ତାଙ୍କ ପ୍ରିୟ ବନ୍ୟ ବନ୍ଧୁମାନଙ୍କ ସହଯୋଗ ଶତ୍ରୁ ସମ୍ମୁଖରେ ଏକ ଅଭେଦ୍ୟ କାନ୍ଥ ପରି ଠିଆ ହୋଇଥିଲା। ଏହି ପୁସ୍ତକ କେବଳ ଏକ ରୋମାଞ୍ଚକର କାହାଣୀ ଭାବରେ ପ୍ରସିଦ୍ଧ ନଥିଲା। ଏହାର ପୃଷ୍ଠାଗୁଡ଼ିକ ସାହସ, ବନ୍ଧୁତା, ଦାୟିତ୍ୱ, ଶୃଙ୍ଖଳା, ପ୍ରକୃତି ପ୍ରତି ସମ୍ମାନ ଓ ସହାବସ୍ଥାନ ଭଳି ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧରେ ପରିପୂର୍ଣ୍ଣ ଥିଲା। ଏହାକୁ ହାସ୍ୟରସ ଭାବନା ସହିତ ପାଠକଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା। ଲେଖକ ଜଙ୍ଗଲର ପ୍ରାଣୀମାନଙ୍କର ମାନବୀୟ ଗୁଣଗୁଡ଼ିକୁ ଦକ୍ଷତାର ସହିତ ରୂପାନ୍ତରିତ କରି ଏକ ଅନନ୍ୟ ସାହିତ୍ୟିକ ଜଗତ ସୃଷ୍ଟି କରିଥିଲେ। ସେହି ଜଙ୍ଗଲର ପ୍ରତ୍ୟେକ ପ୍ରାଣୀ ଆମ ସମାଜର ଏକ ସ୍ୱତନ୍ତ୍ର ଚରିତ୍ର କିମ୍ବା ମାନସିକତାର ଏକ ଅନନ୍ୟ ପ୍ରତୀକ।

"ଦି ଜଙ୍ଗଲ ବୁକ୍" ପ୍ରକାଶନ ପରେ ସାରା ବିଶ୍ୱରେ ଏହାର ଅପାର ଲୋକପ୍ରିୟତା ଅନେକ ଲେଖକଙ୍କ ପାଇଁ ଈର୍ଷାପରାୟଣ ହୋଇଗଲା। ଏହା ଅନେକ ଭାଷାରେ ଅନୁବାଦିତ ହୋଇଥିଲା। ବିଭିନ୍ନ ସମୟରେ, "ଦି ଜଙ୍ଗଲ ବୁକ୍" ଉପରେ ଆଧାରିତ ଚଳଚ୍ଚିତ୍ର, ଆନିମେସନ୍, ଟେଲିଭିଜନ ଧାରାବାହିକ ଓ ନାଟକ ନିର୍ମିତ ହୋଇଛି। ବିଶେଷକରି ୧୯୬୭ ମସିହାରେ ଡିଜନିର ଆନିମେଟେଡ୍ ଚଳଚ୍ଚିତ୍ର ଓ ପରେ ୨୦୧୬ ମସିହାରେ ଲାଇଭ୍ ଆକ୍ସନ୍ ଚଳଚ୍ଚିତ୍ର ମୋଗଲିଙ୍କ କାହାଣୀକୁ ନୂତନ ପିଢ଼ି ପାଇଁ ଲୋକପ୍ରିୟତା ଲାଭ କରିଥିଲା।

ଜଙ୍ଗଲ ବୁକ୍ ଭାରତର ଆଭ୍ୟନ୍ତରୀଣ ଜଙ୍ଗଲ, ବନ୍ୟପ୍ରାଣୀ ଓ ପ୍ରକୃତିର ସୌନ୍ଦର୍ଯ୍ୟ ସହିତ ବିଶ୍ୱକୁ ପରିଚିତ କରାଇବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଯଦିଓ କାହାଣୀଟି କାଳ୍ପନିକ ଉପରେ ଆଧାରିତ, ଏହା ଭାରତୀୟ ଜଙ୍ଗଲର ବାସ୍ତବ ପରିବେଶ, ପ୍ରାଣୀ ଜଗତର ମହତ୍ତ୍ୱ ଓ ମଣିଷ ପ୍ରକୃତି ମଧ୍ୟରେ ଅଦ୍ଭୁତ ଘନିଷ୍ଠ ସମ୍ପର୍କକୁ ଚିତ୍ରଣ କରିଥାଏ।

ଜଙ୍ଗଲ ପୁସ୍ତକ ନିଶ୍ଚିତ ଭାବରେ ଏକ ନୂତନ ଅର୍ଥ ବହନ କରେ। ଏହି ସାହିତ୍ୟିକ କୃତି ଅସାଧାରଣ ପ୍ରତିଭାର ମିଶ୍ରଣ ସହିତ ପାଠକଙ୍କ ସମ୍ମୁଖରେ ଜଙ୍ଗଲ ଓ ବନ୍ୟପ୍ରାଣୀର ସଂରକ୍ଷଣ, ଜୈବ ବିବିଧତା ସୁରକ୍ଷା ଓ ମଣିଷ ଓ ପ୍ରକୃତି ମଧ୍ୟରେ ଏକ ପାରସ୍ପରିକ ସମ୍ପର୍କକୁ ଉପସ୍ଥାପନ କରେ। ଏହା ପିଲା, କିଶୋର ଓ ବୟସ୍କଙ୍କ ପାଇଁ ସମାନ ଭାବରେ ଶିକ୍ଷଣୀୟ ଓ ଉପଭୋଗ୍ୟ। ପୁସ୍ତକ ପ୍ରକାଶିତ ହେବାର ଏକ ଶତାବ୍ଦୀରୁ ଅଧିକ ସମୟ ପରେ ମଧ୍ୟ ସମୟର ଛାୟା ଚିତ୍ରରେ ଅଦ୍ୟାବଧି ମୋଗଲି, ବାଲୁ, ବାଘିରା ଓ ଶେରେ ଖାନଙ୍କ ଚରିତ୍ରଗୁଡ଼ିକ ପାଠକଙ୍କ କଳ୍ପନାରେ ସମାନ ଭାବରେ ଜୀବିତ ଅଛନ୍ତି। ଏହି ପରିପ୍ରେକ୍ଷୀରେ ଅନ୍ୟ ଏକ ଦୁନିଆ ଆମକୁ ପ୍ରସିଦ୍ଧ ଫ୍ୟାଣ୍ଟାସି ପୁସ୍ତକକୁ ମନେ ପକାଇ ଦିଏ। ଯାହାର ମୁଖ୍ୟ ଚରିତ୍ର ଥିଲା ଜଙ୍ଗଲୀ ବାଳକ 'ଟାର୍ଜାନ'। ଆମେରିକୀୟ ଲେଖକ ଏଡଗାର ରାଇସ୍ ବୁରୋଜ୍ ୧୯୧୨ ମସିହାରେ 'ଟାର୍ଜାନ ଅଫ୍ ଦି ଆପ୍ସ' ଉପନ୍ୟାସ ଲେଖିଥିଲେ। ସେବେଠାରୁ ଟାର୍ଜାନଙ୍କୁ ନେଇ ଅନେକ ଉପନ୍ୟାସ, ଚଳଚ୍ଚିତ୍ର, କମିକ୍ସ ଓ ଟେଲିଭିଜନ ଧାରାବାହିକ ନିର୍ମିତ ହୋଇଛି।

କାହାଣୀଟି ଆଫ୍ରିକାର ଜଙ୍ଗଲରେ ଆରମ୍ଭ ହୁଏ। ଜନ୍ କ୍ଲେଟନ୍ ଓ ତାଙ୍କ ସ୍ତ୍ରୀ ଆଲିସ୍ ନାମକ ଏକ ଇଂରେଜ ଦମ୍ପତି ଦୁର୍ଘଟଣାବଶତଃ ଜଙ୍ଗଲରେ ଫସି ଯାଆନ୍ତି। ସେଠାରେ ସେମାନଙ୍କର ପୁଅଟିଏ ହୁଏ। କିନ୍ତୁ କିଛି ଦିନ ପରେ ଗୋଟିଏ ବନ୍ୟ ପ୍ରାଣୀ ଆକ୍ରମଣରେ ସ୍ୱାମୀ ଓ ସ୍ତ୍ରୀ ଉଭୟଙ୍କ ମୃତ୍ୟୁ ହୁଏ। କାଲା ନାମକ ଏକ ମାଈ ମାଙ୍କଡ଼ ଅନାଥ ଶିଶୁଟିକୁ ନିଜ ସନ୍ତାନ ପରି ପାଳନ କରିବା ଆରମ୍ଭ କରେ। ମାଙ୍କଡ଼ ଭାଷାରେ ଶିଶୁଟିର ନାମ 'ଟାର୍ଜାନ୍' ରଖାଯାଇଛି। ଯାହାର ଅର୍ଥ 'ଧଳା ଚର୍ମ ବିଶିଷ୍ଟ ବ୍ୟକ୍ତି'। ଜଙ୍ଗଲରେ ବଢ଼ିବା ପରେ, ଟାର୍ଜାନ୍ ଅସାଧାରଣ ଶକ୍ତିଶାଳୀ, ଦ୍ରୁତ ଓ ସାହସୀ ହୋଇଗଲେ। ସେ ଗଛରୁ ଗଛକୁ ବୁଲୁଥିଲେ, ବନ୍ୟ ପ୍ରାଣୀଙ୍କ ଭାଷା ଏବଂ ଆଚରଣ ବୁଝିବା ଶିଖିଲେ ଓ ଜଙ୍ଗଲର ପ୍ରତ୍ୟେକ ବିପଦ ସହିତ ଲଢ଼ି ବଞ୍ଚି ରହିଲେ। ସେ ସିଂହ, ଚିତାବାଘ, କୁମ୍ଭୀର ଓ ହାତୀ ଭଳି ସମସ୍ତ

କ୍ରମଶଃ

### ଅଦା, ରସୁଣ ପରେ ଅଣ୍ଡା ମହଙ୍ଗା

# ବଢ଼ିଗଲା ୨ ଟଙ୍କା, କାରଣ କହିଲେ ମନ୍ତ୍ରୀ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ପୁଣି ବଢ଼ିଲା ଅଣ୍ଡା ଦର। ବଜାରରେ ଏବେ ଅଣ୍ଡା ପିଛା ୯ ଟଙ୍କାରେ ବିକ୍ରି ହେଉଛି। କିଛିଦିନ ତଳେ ଅଣ୍ଡା ଦର ୭ ଟଙ୍କା ୧୫ ପଇସା ଥିଲା। କିନ୍ତୁ ଏବେ ଅଣ୍ଡା ଦରରେ ପାଖାପାଖି ୨ ଟଙ୍କା ବୃଦ୍ଧି ହୋଇଛି। କେବଳ ସେତିକି ନୁହେଁ, ଅଣ୍ଡା ଟ୍ରେ' ପୂର୍ବରୁ ୧୮୦ ଟଙ୍କା ଥିବା ବେଳେ ଏବେ ତାହା ୨୭୦ ଟଙ୍କାରେ ପହଞ୍ଚିଛି। ଏଥିସହ ଅଣ୍ଡା ଦର ବୃଦ୍ଧିକୁ ନେଇ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୁକ୍ତି ରଖିଛନ୍ତି। ସେ କହିଛନ୍ତି ଯେ ବିଭିନ୍ନ କାରଣ ନେଇ ଅଣ୍ଡା ଦରରେ ବୃଦ୍ଧି ଘଟିଛି। ଅଣ୍ଡା ଉତ୍ପାଦନକାରୀମାନେ ଏବେ ଅଣ୍ଡା ଗୋଟା ୭ ଟଙ୍କା ୧୫ ପଇସାରେ ବିକ୍ରି କରୁଛନ୍ତି। ସେହିପରି ଖୁଚୁରା ବ୍ୟବସାୟୀମାନେ ଅଣ୍ଡା ପାଖାପାଖି ୯ ଟଙ୍କାରେ ବିକ୍ରି କରୁଛନ୍ତି। ବିଶ୍ୱସ୍ତରୀୟ ଚାହିଦା ବୃଦ୍ଧି ପାଉଛି, ଅଣ୍ଡା ରପ୍ତାନି ବି ବୃଦ୍ଧି ପାଇଛି। ଅଣ୍ଡାର ରପ୍ତାନୀ ବଢ଼ିଛି ଓ ଚଳିତ ବର୍ଷ ଗ୍ରୀଷ୍ମ ପ୍ରବାହ ପାଇଁ ମୋର୍ଟାଲିଟି ରେଟ ବୃଦ୍ଧି ପାଇଛି। ଏହା ହିଁ ଅଣ୍ଡା ଦର ବୃଦ୍ଧିର ପ୍ରମୁଖ କାରଣ। ତେବେ ସରକାର ୧ କୋଟି ଟଙ୍କା ପର୍ଯ୍ୟନ୍ତ ସବସିଡି ଦେଉଛନ୍ତି ଓ ଆଗାମୀ ଦିନରେ ଏହା ୧୦ କୋଟି ଟଙ୍କାରେ ପହଞ୍ଚିବ। ଏହା ଫଳରେ ଅଣ୍ଡାର ଚାହିଦା ପୂରଣ ହୋଇପାରିବ। ଉତ୍ପାଦନ ହାର ବଢ଼ିଲେ ଅଣ୍ଡା ଦର ଆପେ ଆପେ କମିଯିବ। ଏବେ ପ୍ରତିଦିନ ୨ କୋଟି ଅଣ୍ଡା ଉତ୍ପାଦନ ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଶ୍ରୀ ମଲ୍ଲିକ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଏବେ ରାଜ୍ୟରେ ଦୈନିକ ୧ କୋଟି ୨୬ ଲକ୍ଷ ଅଣ୍ଡା ଉତ୍ପାଦନ ହେଉଛି। ସେହି ଅନୁପାତରେ ବାର୍ଷିକ ପ୍ରାୟ ୪୬୦ କୋଟି ଅଣ୍ଡା ଉତ୍ପାଦନ ହେଉଛି। ତେବେ ରାଜ୍ୟରେ ବାର୍ଷିକ ୮୦୦ରୁ ୯୦୦ କୋଟି ଅଣ୍ଡାର ଆବଶ୍ୟକତା ରହିଛି, ଯେଉଁଥି ପାଇଁ ଅଭାବ ଦେଖାଯାଉଛି। ତେଣୁ ଆଗାମୀ ଦିନରେ ସରକାର ଦୈନିକ ୨ କୋଟି ଅଣ୍ଡା ଉତ୍ପାଦନ ପାଇଁ ଯୋଜନା କରିଥିବା ମନ୍ତ୍ରୀ କହିଛନ୍ତି।

### ରାଜ୍ୟ କାର୍ଯ୍ୟାଳୟରେ ରାଜ୍ୟସ୍ତରୀୟ କର୍ମଶାଳା

# ପ୍ରେରଣାର ଉତ୍ସ ସାଜିଛି 'ମନ୍ କୀ ବାତ୍'



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଦେଶବାସୀଙ୍କ ହୃଦୟକୁ ଛୁଇଁପାରିଛି। ଦେଶବାସୀଙ୍କ ସହ ସିଧାସଳଖ ଯୋଡ଼ି ହେବା ପାଇଁ ପ୍ରଧାନମନ୍ତ୍ରୀ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଜରିଆରେ ଗତ ୨୦୧୪ ଅକ୍ଟୋବର ୩ରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ। ବିଶ୍ୱର ଏକମାତ୍ର ରାଷ୍ଟ୍ର ମୁଖ୍ୟ ଭାବେ ନିରବଚ୍ଛିନ୍ନ ଭାବେ ଗତ ୧୨ବର୍ଷ ମଧ୍ୟରେ ଏହି କାର୍ଯ୍ୟକ୍ରମର ସେ ୧୩୫ଟି ସଂସ୍କରଣ ଶେଷ କରିଛନ୍ତି। ଆସନ୍ତା ୨୬ରେ ୧୩୬ତମ 'ମନ୍ କୀ ବାତ୍'ରେ ମୋଦି ଦେଶବାସୀଙ୍କୁ ସମ୍ବୋଧିତ କରିବେ। ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା ଏହି କାର୍ଯ୍ୟକ୍ରମ ଆଜି ଆନ୍ଦୋଳନରେ ପରିଣତ ହୋଇଛି। 'ମନ୍ କୀ ବାତ୍' ଦେଶବାସୀଙ୍କଠାରୁ ଆରମ୍ଭ କରି ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କ ଦ୍ୱାରା ଆଦୃତ ହେବା ସହ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ହୋଇପାରିଛି। ଏହି କାର୍ଯ୍ୟକ୍ରମକୁ ରାଜ୍ୟର ଘରେ ଘରେ ପହଞ୍ଚାଇବାକୁ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ ଆହ୍ୱାନ କରିଛନ୍ତି।

ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ 'ମନ୍ କୀ ବାତ୍ ରାଜ୍ୟସ୍ତରୀୟ କର୍ମଶାଳା'ରେ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ, ରାଜ୍ୟ ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, କନ୍ଧମାଳ ସାଂସଦ ତଥା 'ମନ୍ କୀ ବାତ୍' କାର୍ଯ୍ୟକ୍ରମର ରାଜ୍ୟ ସଂଯୋଜକ ସୁକାନ୍ତ ପାଣିଗ୍ରାହୀ, ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ବିଧାୟକ ସନ୍ତୋଷ ଖଟୁଆ, ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ରାଜ୍ୟ ସମ୍ପାଦିକା ମମତା ସିଂ, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ବରିଷ୍ଠ ନେତା ଠାକୁର ରଞ୍ଜିତ ଦାସ ଉପସ୍ଥିତ ଥିଲେ।

# ସମାଜବାଦୀ ପାର୍ଟିରେ ମିଶିଲେ ୩୫ ଯୁବ ନେତୃତ୍ୱ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ସ୍ଥାନୀୟ ରାଜ୍ୟ ସମାଜବାଦୀ ପାର୍ଟି କାର୍ଯ୍ୟାଳୟରେ ଏକ ମିଶ୍ରଣ ପର୍ବ ଆୟୋଜନ ହୋଇଛି। ଏଥିରେ ଅନ୍ୟୂନ ୩୫ ଜଣ ଯୁବ ନେତୃତ୍ୱ ବିଭିନ୍ନ ରାଜନୈତିକ ଦଳରୁ ସମାଜବାଦ ଚିନ୍ତାଧାରାରେ ପ୍ରଭାବିତ ହୋଇ ପାର୍ଟିର ସଭ୍ୟ ପଦ ଗ୍ରହଣ କରିଛନ୍ତି। ସେମାନଙ୍କୁ ଦଳର ରାଜ୍ୟ ସଭାପତି ଶିବ ହାତୀ ଯାଦବ ସମାଜବାଦୀ ପାର୍ଟିର ଟୋପି ଓ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ରାଜ୍ୟ ମହାସଚିବ ପ୍ରତାପ କିଶୋର ବାରିକ ମଞ୍ଚ ପରିଚାଳନା କରିଥିଲେ। ଏଥିସହ ରାଜ୍ୟ ଲୋହିଆ ବାହିନୀ ମଧ୍ୟ ଗଠନ କରାଯାଇଛି। ଆସନ୍ତା ୭ ତାରିଖରେ ମଣ୍ଡଳ କମିଶନ ଦିବସ ପାଳନ ପାଇଁ ବିଭିନ୍ନ ଜାତିଗତ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ମଣ୍ଡଳ ଦିବସକୁ ସୁଚାରୁ ରୂପେ ପାଳନ କରିବା ପାଇଁ ବରିଷ୍ଠ ସମାଜବାଦ ନେତା ପଥାନନ ପ୍ରଧାନଙ୍କୁ ଆବାହକ ଭାବେ ଦାୟିତ୍ୱ ନ୍ୟସ୍ତ କରାଯିବା ସହ ତାଙ୍କୁ ସହାୟତା କରିବା ପାଇଁ ପ୍ରତାପ କିଶୋର ବାରିକଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇଛି। ଉକ୍ତ ପ୍ରସ୍ତୁତି ବୈଠକ ଶେଷରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଯାଦବ ଡବଲ ଇଞ୍ଜିନ ତଥା ମୋହନ ସରକାରଙ୍କ ବିଭିନ୍ନ ଯୋଜନା ଓ ଅସଫଳତା ନେଇ ବର୍ଷିଥିଲେ।

### ଆଜିଠୁ ସଂସଦର ମୌସୁମୀ ଅଧିବେଶନ

# ଓଡ଼ିଶାର ବିଭିନ୍ନ ପ୍ରସଙ୍ଗରେ ଦାବି କରିବ ବିଜେଡି



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ସଂସଦରେ ଆସନ୍ତାକାଲିଠାରୁ ମୌସୁମୀକାଳୀନ ଅଧିବେଶନ ଆରମ୍ଭ ହେବ। ଏନେଇ ଦିଲ୍ଲୀରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ତଥା ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ ଯୋଗ ଦେଇ ସଂସଦରେ ବିଜେଡିର ଆଭିମୁଖ୍ୟ ନେଇ ମତ ପ୍ରକାଶ କରିଛନ୍ତି।

ସାଂସଦ ଶ୍ରୀ ମଙ୍ଗରାଜ କହିଛନ୍ତି ଯେ ଦିଲ୍ଲୀରେ ଆୟୋଜିତ ସର୍ବଦଳୀୟ ବୈଠକରେ ବିଜେଡି ପକ୍ଷରୁ ଯୋଗ ଦେଇ ବିଶେଷ ଦାବି ଉପସ୍ଥାପନ ନେଇ ଆଲୋଚନା କରାଯାଇଛି। ଦକ୍ଷିଣ ଏସିଆରେ ବର୍ତ୍ତମାନ ଜାରି ଥିବା ଯୁଦ୍ଧ ପରିସ୍ଥିତି, ଅହେତୁକ ଦରଦାମ ବୃଦ୍ଧି, ପେଟ୍ରୋଲରେ ଇଥାନୋଲ ମିଶାଇବା ଦ୍ୱାରା ଯାନବାହନରେ ସୃଷ୍ଟି

**ମାଳ ମାଳ ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ଘେରିବ**

ହୋଇଥିବା ସମସ୍ୟା ବାବଦରେ ଦାବି ଉପସ୍ଥାପନ ନେଇ ଆଲୋଚନା କରିଥିଲେ। ଦୁଇ ବର୍ଷର ରାଜ୍ୟ ସରକାରଙ୍କ ବିଫଳତାକୁ ମୌସୁମୀ ଅଧିବେଶନରେ ମୁଖ୍ୟ ପ୍ରସଙ୍ଗ କରିବ ବିଜେଡି। ରାଜ୍ୟରେ ନୂତନ ଶିକ୍ଷା ନୀତି ଲାଗୁ କରି ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନୂତନ ପାଠ୍ୟପୁସ୍ତକ ପ୍ରକାଶ ପାଇଛି, ଯେଉଁଥିରେ କି ମାଳ ମାଳ ତ୍ରୁଟି ରହିଛି। ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛି। ଉକ୍ତ ତ୍ରୁଟି ଯୋଗୁଁ ରାଜ୍ୟର ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଶିକ୍ଷା ବ୍ୟବସ୍ଥା କ୍ଷତିଗ୍ରସ୍ତ ହୋଇଛି। ଉକ୍ତ ଗମ୍ଭୀର ପ୍ରସଙ୍ଗକୁ ରାଜ୍ୟ ସରକାର ଅତି ହାଲୁକା ଭାବେ ନେଉଛନ୍ତି, ଯାହାକୁ ରାଜ୍ୟସଭାରେ ବିଜେଡି ପକ୍ଷରୁ ଆଲୋଚନା କରିବା ନେଇ ଉପସ୍ଥାପନ କରାଯାଇଛି। ଓଡ଼ିଶାରୁ ସର୍ବାଧିକ ପରିମାଣର କୋଇଲା ଉତ୍ତୋଳନ ହେଉଥିବା ବେଳେ କୋଇଲା ରୟାଲଟି ରାଜସ୍ୱରୁ ଓଡ଼ିଶା ବଞ୍ଚିତ ହେଉଛି। ଏଥିସହ ଓଡ଼ିଶାରେ ଜାରି ଥିବା ବ୍ୟାପକ କୃଷକ ଅସାମଞ୍ଜସ୍ୟ, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ନେଇ ସଂସଦରେ ସ୍ୱତନ୍ତ୍ର ଆଲୋଚନା ନେଇ ଦାବି କରାଯିବ। ଆହୁରି ସାଂସଦମାନଙ୍କ ହାତ ପାଣ୍ଠିକୁ ୫ କୋଟିରୁ ବୃଦ୍ଧି କରିବା ନେଇ ସାଂସଦମାନେ ଦାବି ଉପସ୍ଥାପନ କରିଥିବା ବେଳେ ବର୍ତ୍ତମାନର ୫ କୋଟି ହାତ ପାଣ୍ଠିର ସଠିକ୍ ଭାବେ ବିନିଯୋଗ କରିବା ନେଇ ଶ୍ରୀ ମଙ୍ଗରାଜ ଆଲୋଚନା ନେଇ ଉପସ୍ଥାପନ କରିଛନ୍ତି। ଓଡ଼ିଶାରେ ବିଜେପି ସରକାର ଉକ୍ତ ପାଣ୍ଠିକୁ ସଠିକ୍ ଭାବରେ ବିନିଯୋଗ କରିବାରେ ବାଧା ସୃଷ୍ଟି କରୁଛି।

### ଆର୍‌ଟିଓ ଚାଲାଣ ସେଟଲେମେଣ୍ଟ ନାଁରେ ଠକେଇ

## ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ୨ ଗିରଫ



କଟକ,୧୯।୭(ସଂଚାର ବ୍ୟୁରୋ): ଆର୍‌ଟିଓ ଚାଲାଣ ନାଁରେ ହୋଇଛି ବଡ଼ ଧରଣର ଠକେଇ। ଗାଡ଼ି ଚାଲାଣ ସେଟଲ୍‌ମେଣ୍ଟ ନାଁରେ ଏହି ଠକେଇ ହୋଇଥିବା ଅଭିଯୋଗ ଆସିଛି। ଦୁର୍ବୃତ୍ତ ପାଖାପାଖି ୨ ଲକ୍ଷ ଟଙ୍କା ଠକିନେଇଥିବା ବେଳେ ଗତ ୧୦ ତାରିଖରେ ଏନେଇ ସାଇବର ଥାନାରେ ଅଭିଯୋଗ ହୋଇଥିଲା। ଏଥିରେ ସମ୍ପୃକ୍ତ ୨ ଅଭିଯୁକ୍ତ ଭଦ୍ରକର ରାଜା ଦାସ ଓ ରଜତ ଲେଙ୍କାଙ୍କୁ କଟକ କମିଶନରେଟ୍ ପୁଲିସ୍ ଆଜି ଗିରଫ କରିଛି। ସରକାରୀ ପୋର୍ଟାଲ ବ୍ୟତୀତ ଅନ୍ୟ ଏକ ପୋର୍ଟାଲ କରି ମଧ୍ୟ ଏହି ଦୁର୍ବୃତ୍ତମାନେ ଠକେଇ କରୁଥିଲେ। ସେମାନଙ୍କ ନିକଟରୁ ୬୧ଟି ମିଛ ଆର୍‌ଟିଓ ଚାଲାଣ, ୩ଟି ମୋବାଇଲ ଜବତ କରାଯାଇଛି। ତେବେ ଏଥିପ୍ରତି ସଜାଗ ରହିବା ପାଇଁ କଟକ ଡିସିପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

## ପୁରୀ ସମୁଦ୍ରରେ ବୁଡ଼ିଗଲେ ୨ ପର୍ଯ୍ୟଟକ

■ ଉଦ୍ଧାର କଲେ ଲାଇଫ୍ ଗାର୍ଡ



ପୁରୀ,୧୯।୭(ସଂଚାର ବ୍ୟୁରୋ): ପୁଣି ପୁରୀ ସମୁଦ୍ରରେ ଘଟିଛି ଅଘଟଣ। ସମୁଦ୍ରରେ ଗାଧୋଉଥିବା ସମୟରେ ରିପ୍ କରେଣ୍ଟରେ ପଡ଼ି ଦୁଇ ଜଣ ପର୍ଯ୍ୟଟକ ବୁଡ଼ିଯାଇଥିଲେ। ପୁରୀ ହୋଟେଲ ସମ୍ମୁଖସ୍ଥ ସମୁଦ୍ର କୂଳ ସେକ୍ଟର-୩ରେ ଏହି ଅଘଟଣ ଘଟିଛି। ତେବେ ସେଠାରେ ମହଜୁଦ ଥିବା ଅଗ୍ନିଶମ କର୍ମଚାରୀ ଓ ଲାଇଫଗାର୍ଡ ତୁରନ୍ତ ସମୁଦ୍ର ଭିତରକୁ ଯାଇ ବୁଡ଼ିଯାଉଥିବା ଦୁଇ ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଉଦ୍ଧାର ପାଇଥିବା ଦୁଇ ପର୍ଯ୍ୟଟକ ଝାଡ଼ଖଣ୍ଡର ଅମନ୍ କୁମାର ଓ ବିହାରର ରବି କୁମାର ବୋଲି ଜଣାପଡ଼ିଛି। ଦୁଇ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ସହ ଲାଇଫ ଗାର୍ଡମାନେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା ମଧ୍ୟ ଯୋଗାଇ ଦେଇଥିଲେ। ତେବେ ପୁରୀ ସମୁଦ୍ରରେ ରିପ୍ କରେଣ୍ଟ ଯୋଗୁଁ ବାରମ୍ବାର ଏଭଳି ଅଘଟଣ ଘଟୁଥିବାରୁ ପର୍ଯ୍ୟଟକମାନଙ୍କୁ ସମୁଦ୍ରରେ ଗାଧୋଇବା ସମୟରେ ସତର୍କତା ଅବଲମ୍ବନ କରିବାକୁ ଲାଇଫଗାର୍ଡ ଓ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଉଛି। ନିର୍ଦ୍ଧାରିତ ସୁରକ୍ଷିତ ସ୍ଥାନରେ ହିଁ ସମୁଦ୍ରରେ ଗାଧୋଇବାକୁ କୁହାଯାଇଥିଲେ ବି ବିଭିନ୍ନ ସମୟରେ ଏପରି ଅଘଟଣ ଘଟୁଛି। ଏ ଦିଗରେ ଅଧିକରୁ ଅଧିକ ସଚେତନତା ସୃଷ୍ଟି ପାଇଁ ଉଦ୍ୟମ କରାଯିବା ଉଚିତ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

## ହାତୀ ଆକ୍ରମଣରେ ବୃଦ୍ଧଙ୍କ ମୃତ୍ୟୁ

■ ଦୋକାନରୁ ସଉଦା କିଣି ଫେରୁଥିଲେ

ବାଂଶପାଳ,୧୯।୭(ସଂଚାର ବ୍ୟୁରୋ): ଦନ୍ତା ହାବୁଡ଼ରେ ପଡ଼ି ଜଣେ ବୃଦ୍ଧଙ୍କ ଜୀବନ ଯାଇଛି। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ଭୂୟାଁ ଜୁଆଙ୍ଗପିଢ଼ ରେଞ୍ଜ ତଳରଢୁଆଁ ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ଜଣଙ୍କ ହେଲେ ନରୋତ୍ତମ ଜୁଆଙ୍ଗ। ସେ ଦୋକାନରୁ ସଉଦା କିଣି ଘରକୁ ଫେରୁଥିବା ସମୟରେ ହଠାତ୍ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ଫଳରେ ହାତୀଟି ତାଙ୍କୁ ଶୁଣ୍ଢରେ ଟେକି ନେଇ ତଳ କଚାଡ଼ି ଦେବା ସହ ଚଢ଼ିଯାଇଥିଲା। ତାଙ୍କୁ ଗୁରୁତର ଅବସ୍ଥାରେ ବାଂଶପାଳ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ସମ୍ପ୍ରତି ବାଂଶପାଳ ଅଞ୍ଚଳରେ ୧୨ଟିକିଆ ହାତୀପଲ ବୁଲୁଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏପରିକି ସପ୍ତାହକ ଭିତରେ ହାତୀ ଆକ୍ରମଣରେ ଦୁଇ ଜଣଙ୍କର ମୃତ୍ୟୁ ହୋଇସାରିଛି।

### ■ ସାଇବର ଠକଙ୍କ ଉପରେ ପୁଲିସର ବଡ଼ ଆକ୍ସନ୍

# ୧୨୧ ହୋଟେଲ ୱେବସାଇଟ ବ୍ଲକ




ପୁରୀ,୧୯।୭(ସଂଚାର ବ୍ୟୁରୋ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା-୨୦୨୬ ପାଇଁ ପୁରୀ ଅଭିମୁଖେ ଲକ୍ଷ ଲକ୍ଷ ଭକ୍ତଙ୍କ ସମାଗମ ହେବାକୁ ଯାଉଥିବା ବେଳେ ଏହାର ଫାଇଦା ଉଠାଇବାକୁ ସକ୍ରିୟ ହୋଇଉଠିଛନ୍ତି ସାଇବର ଅପରାଧୀ। ତେବେ ଶ୍ରଦ୍ଧାଳୁମାନେ ଯେପରି କୌଣସି ଠକେଇର ଶିକାର ନ ହୁଅନ୍ତି, ସେଥିପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁରୀରେ ହୋଟେଲ ବୁକିଂ ବାହାନାରେ ଲୋକଙ୍କୁ ଲୁଟୁଥିବା ୧୨୧ଟି ନକଲି ୱେବ୍‌ସାଇଟ୍‌କୁ ଚିହ୍ନଟ କରାଯାଇ ପୁଲିସ ପକ୍ଷରୁ ସେଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ବ୍ଲକ୍ କରିଦିଆଯାଇଛି।

ରଥଯାତ୍ରା ସମୟରେ ପୁରୀରେ ରହିବା ପାଇଁ ରୁମ୍‌ର ଭାରୀ ଚାହିଦା ରହିଥାଏ। ଏହି ସୁଯୋଗକୁ ହାତଛଡ଼ା ନ କରି ସାଇବର ଠକମାନେ ପୁରୀର ବିଭିନ୍ନ ନାମୀଦାମୀ ହୋଟେଲ୍, ଗେଷ୍ଟ ହାଉସ ଏବଂ ଧର୍ମଶାଳାର ନାମ ଓ ଲୋଗୋ ବ୍ୟବହାର କରି ଅବିକଳ ନକଲି ୱେବସାଇଟ୍ ପ୍ରସ୍ତୁତ କରିଥାନ୍ତି। ଇଣ୍ଟରନେଟ୍‌ରେ କମ୍ ଦାମ୍‌ରେ ରୁମ୍ ବୁକିଂର ଲୋଭ ଦେଖାଇ ଅନ୍‌ଲାଇନ୍ ମାଧ୍ୟମରେ ଆଡଭାନ୍ସ ଟଙ୍କା ନେଇଯିବା ହେଉଛି ସେମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ। ଏନେଇ ପୂର୍ବରୁ ଏକାଧିକ ଅଭିଯୋଗ ଆସିବା ପରେ କ୍ରାଇମ ବ୍ରାଞ୍ଚ ଓ ସାଇବର ପୁଲିସର ଏକ ସ୍ୱତନ୍ତ୍ର ଟିମ ତନ୍ନତନ୍ନ ଯାଞ୍ଚ ଆରମ୍ଭ କରିଥିଲେ। ସାଇବର ପାଟ୍ରୋଲିଂ ଜରିଆରେ ଏଭଳି ୧୨୧ଟି ସନ୍ଦିଗ୍ଧ ପୋର୍ଟାଲକୁ ଠାବ କରାଯାଇ ନିଷ୍କ୍ରିୟ କରାଯାଇଛି। ଏହି ସଫଳ ଅପରେସନ ପରେ ଓଡ଼ିଶା ପୁଲିସ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ଏକ ଆଡଭାଇଜରୀ ବା ସତର୍କତାମୂଳକ ପରାମର୍ଶ ଜାରି କରାଯାଇଛି। ପୁଲିସର ସୂଚନାନୁଯାୟୀ, ଅନ୍‌ଲାଇନ୍‌ରେ କୌଣସି ହୋଟେଲ ବୁକ କରିବା ପୂର୍ବରୁ ତାହାର ଆଧିକାରିକ ୱେବସାଇଟ୍ ୟୁଆରଏଲକୁ ଭଲ ଭାବେ ଯାଞ୍ଚ କରନ୍ତୁ। ଗୁଗଲ୍ ସର୍ଚ୍ଚରୁ ମିଳୁଥିବା ଯେକୌଣସି ଅଜଣା ମୋବାଇଲ୍ ନମ୍ବର କିମ୍ବା ହ୍ୱାଟସ୍‌ଆପ୍‌ରେ କଥା ହୋଇ ବ୍ୟକ୍ତିଗତ ୟୁପିଆଇ ଆଇଡି ମାଧ୍ୟମରେ ଟଙ୍କା ପଠାନ୍ତୁ ନାହିଁ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

# ବିକ୍ରମ ଆରୁଖ

## ବିଜେଡି ଛାଡ଼ିବା ଚର୍ଚ୍ଚା



**ସ୍ପଷ୍ଟୀକରଣ ଦେଲେ ପୂର୍ବତନ ମନ୍ତ୍ରୀ**

**ବିଜେଡିରେ ଥିଲି, ଅଛି, ରହିବି: ଆରୁଖ**

ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ବିଜେପିରେ ଯୋଗଦେବେ ବୋଲି ଚର୍ଚ୍ଚା ହେଉଥିବା ବେଳେ ରବିବାର ସନ୍ଧ୍ୟାରେ ସେ ଏନେଇ ରଖିଛନ୍ତି ପ୍ରତିକ୍ରିୟା। ଏହାକୁ ସେ ଗୁଜବ ଓ ମିଛ ଖବର ବୋଲି କହିଛନ୍ତି। ସେ କହିଛନ୍ତି, ମୁଁ ବିଜେଡିରେ ଥିଲି, ଅଛି ଓ ରହିବି। ମୁଁ ବିଜେଡିର ପ୍ରତିଷ୍ଠାତା ସଦସ୍ୟ। ଦଳ ପ୍ରତିଷ୍ଠା ହେବା ଦିନଠାରୁ ଆନ୍ତରିକତା ସହ କାମ କରିଛି। ମୁଁ ଏବେ ବିଜେଡିର ରାଜନୈତିକ ବ୍ୟାପାର କମିଟିର ସଦସ୍ୟ ରହିଛି। ବ୍ୟକ୍ତିଗତ ଅସୁବିଧା ଯୋଗୁଁ ଗୋଟେ ଦୁଇଟି ବୈଠକରେ ଯୋଗ ଦେଇପାରିନି। ଏହାକୁ ନେଇ ଯଦି ଆଲୋଚନା ହୁଏ ଯେ ମୁଁ ଅନ୍ୟ ଦଳକୁ ଯିବି, ତେବେ ତାହା ନିହାତି ଅମୂଳକ ବୋଲି ବିକ୍ରମ କହିଛନ୍ତି।

ବିଜେଡି କ୍ଷମତାରୁ ଯିବା ପରଠାରୁ ପୂର୍ବତନ କ୍ୟାବିନେଟ୍ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏବେ ବିଜେଡି କାର୍ଯ୍ୟକ୍ରମରୁ ଦୂରେଇ ଦୂରେଇ ରହୁଛନ୍ତି। ଗତ କିଛି ମାସ ହେବ ଏହି ଦୂରତା ଆହୁରି ବଢ଼ିଯାଇଛି। ନବୀନ ଗଢ଼ିଥିବା ବିଜେଡି ରାଜନୀତିକ ବ୍ୟାପାର କମିଟିର ସଦସ୍ୟ ଥାଇ ମଧ୍ୟ ବିକ୍ରମ ବୈଠକରେ ଅନୁପସ୍ଥିତ ରହୁଛନ୍ତି। ସେହିପରି ଗଞ୍ଜାମର ଦଳୀୟ କାର୍ଯ୍ୟକ୍ରମରେ ବି ତାଙ୍କୁ ଦେଖିବାକୁ ମିଳୁନାହିଁ। ବିଜେଡିରୁ କରଛଡ଼ା ଦେଉଥିବା ବିକ୍ରମ ଏବେ ବିଜେପିମୁହାଁ ବୋଲି ଚର୍ଚ୍ଚା ହେଉଛି। ତେଣୁ ଆସନ୍ତାବର୍ଷ ହେବାକୁ ଥିବା ପଞ୍ଚାୟତ ଓ ପୌର ନିର୍ବାଚନ ପୂର୍ବରୁ ସେ ବିଜେଡି ଛାଡ଼ିବେ ବୋଲି ଗଞ୍ଜାମ ରାଜନୀତିରେ ଆଲୋଚନା ଜୋର୍ ଧରିଛି। ତେବେ ଏଭଳି ଆଲୋଚନାକୁ ସେ ନିଜେ ଏକ ଭିଡିଓ ବାର୍ତ୍ତା ଜରିଆରେ ଅସ୍ୱୀକାର କରିଛନ୍ତି।

# ରଥଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କୁ ବେଦାନ୍ତ ସେବା



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ପବିତ୍ର ରଥଯାତ୍ରା- ୨୦୨୬ ଅବସରରେ ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ପୁରୀକୁ ଆସିଥିବା ୫ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କୁ ବିଭିନ୍ନ ଜନକଲ୍ୟାଣମୂଳକ ସେବା ଯୋଗାଇଛି। ଏଥିସହ କମ୍ପାନୀ ମଧ୍ୟ ନିଜ କାର୍ଯ୍ୟକ୍ଷେତ୍ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ୭ ହଜାରରୁ ଅଧିକ ସମ୍ପ୍ରଦାୟ ସଦସ୍ୟଙ୍କୁ ମଧ୍ୟ ସମ୍ପୂର୍ଣ୍ଣ ସହାୟତା ଓ ଆତିଥ୍ୟ ସେବା ପ୍ରଦାନ କରାଯାଇଛି। ରଥଯାତ୍ରା ସମୟରେ ପୁରୀକୁ ଦେଶବିଦେଶରୁ ଆସୁଥିବା ଲକ୍ଷାଧିକ ଭକ୍ତଙ୍କ ସୁରକ୍ଷା, ସୁବିଧା ଓ ସ୍ୱାସ୍ଥ୍ୟକୁ ଦୃଷ୍ଟିରେ ରଖି କମ୍ପାନୀ ୧୦୦ ଜଣ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରିଛି। ଏହି ଦଳ ଦିନରାତି ବିଭିନ୍ନ ପ୍ରମୁଖ ସ୍ଥାନରେ ସେବା ଯୋଗାଉଛନ୍ତି। ଭକ୍ତମାନଙ୍କୁ ପୌଷ୍ଟିକ ଖାଦ୍ୟ, ଶୀତଳ ପାନୀୟ, ଓଆରଏସ୍, ପାନୀୟ ଜଳ ବଣ୍ଟନ କରିବା ସହ ଓଡ଼ିଶାର ପାରମ୍ପରିକ କଳାର ପ୍ରଦର୍ଶନ ମାଧ୍ୟମରେ କମ୍ପାନୀ ସ୍ଥାନୀୟ ପ୍ରଶାସନ ସହ ମିଶି ରାଜ୍ୟର ଆଧ୍ୟାତ୍ମିକ ଐତିହ୍ୟକୁ ଉଜାଗର କରିଛି। 'ସେବା'ର ମହାନ ଆଦର୍ଶକୁ ଆଧାର କରି କମ୍ପାନୀ ଶ୍ରୀମନ୍ଦିର ନିକଟରେ ଏକ ବୃହତ୍ ବେସ୍ କ୍ୟାମ୍ପ ଓ ମେଗା ଅନ୍ନଛତ୍ର ସ୍ଥାପନ କରିଛି। ସେଠାରେ ପ୍ରତିଦିନ ହଜାର ହଜାର ଭକ୍ତଙ୍କୁ ଗରମ ଓ ସ୍ୱଚ୍ଛ ଖାଦ୍ୟ, ଜଳଖିଆ ପ୍ୟାକେଟ୍, ମହାପ୍ରସାଦ, ଓଆରଏସ୍ ଓ ପାନୀୟ ଜଳ ବଣ୍ଟନ କରାଯାଉଛି। ଜନସୁରକ୍ଷା ଓ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ କମ୍ପାନୀ ସରକାରୀ ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ଜୈବ କ୍ଷୟଶୀଳ ଥାଳି ବ୍ୟବହାର ଏବଂ ବର୍ଜ୍ୟବସ୍ତୁ ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିଛି। ଏହି ପଦକ୍ଷେପ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି ଯେ ପବିତ୍ର ରଥଯାତ୍ରା ଓଡ଼ିଶାର ସଂସ୍କୃତି ଓ ପରମ୍ପରା ପରିଚୟର ଏକ ଅନନ୍ୟ ପ୍ରତୀକ। ଏହି ପବିତ୍ର ଅବସରରେ ୫ ଲକ୍ଷରୁ ଅଧିକ ଭକ୍ତଙ୍କୁ ସେବା ପ୍ରଦାନ କରିବା ଆମ ପାଇଁ ଗର୍ବର ବିଷୟ। ଏହା ରାଜ୍ୟର ସମୃଦ୍ଧ ଐତିହ୍ୟ ପ୍ରତି ଆମର ସମ୍ମାନ ଏବଂ ଓଡ଼ିଶାର ଲୋକଙ୍କ ପ୍ରତି ଆମର ଦୃଢ଼ ପ୍ରତିବଦ୍ଧତାର ପ୍ରତିଫଳନ ବୋଲି ସେ କହିଛନ୍ତି।

## ଗୋ ମାଂସ ଚାଲାଣ: ୨ ଗିରଫ, ୧୫ ଅଟକ

କୋରାପୁଟ,୧୯।୭ (ସଂଚାର ବ୍ୟୁରୋ) : କୋରାପୁଟ ସହରରେ ଗୋ ହତ୍ୟା ସହ ମାଂସ ଚାଲାଣ ହେଉଥିବା ଖବରପାଇ ଟାଉନ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୧୫ଜଣଙ୍କୁ ରବିବାର ଅଟକ ରଖାଯାଇଛି। ଅଭିଯୁକ୍ତମାନେ ହେଲେ ହମିଦ ବିବି ଓ ମାଧବ ଭୋଇ। ୩ କଟାଯାଇଥିବା ଗାଈକୁ ଜବତ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ମୁତାବକ, ମିଶନ କମ୍ପାଉଣ୍ଡ ଓ ଚିନ୍ଦିରି ଗ୍ରାମ ମଝିରେ ଗୋ ହତ୍ୟା ଚାଲିଥିବା ଖବର ପାଇ ଉପନିରୀକ୍ଷକ ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଏହି ସମୟରେ ୩ ଗୋରୁ କଟାଯାଉଥିବା ବେଳେ ସେଗୁଡ଼ିକୁ ଜବତ କରାଯାଇଥିଲା। ଏ ନେଇ ଟାଉନ ଥାନାରେ ନଂ.୨୦୯/୨୦୨୬ ଓ ନଂ.୨୧୦/୨୦୨୬ରେ ୨ଟି ମାମଲା ରୁଜୁ କରାଯାଇଛି। ମାଜିଷ୍ଟ୍ରେଟ ଭଗବାନ ନାୟକଙ୍କ ଉପସ୍ଥିତିରେ ଚଢ଼ାଉ ହୋଇଥିଲା। ଭେଟେରିନାରୀ ସର୍ଜନ ଡା. ହିମାଂଶୁ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଜବତ ଗାଈର ଅବଶେଷକୁ ନିୟମ ଅନୁଯାୟୀ କିଛି ପୋତି ଦିଆଯାଇ ଓ ଆଉ କିଛି ପୋଡ଼ି ନଷ୍ଟ କରାଯାଇଛି। ଚଢ଼ାଉରେ ଏସ୍‌ଆଇ ଉମେଶ କୁମାର ଧରୁଆ, ରାଜେଶ ପ୍ରିୟଦର୍ଶୀ ନାୟକ, କରୁଣାକର ଶବର, ଏଏସ୍‌ଆଇ ଶେଖ ମୁକ୍ତାଜ, ବାଳକୃଷ୍ଣ ରଥ ଓ ଯୁଧିଷ୍ଠିର ମୁଦୁଲି ପ୍ରମୁଖ ସାମିଲ ରହିଥିଲେ।

# ଦୁଇ ରାଜ୍ୟରେ କରୋନା, ପଦକ୍ଷେପ କେବେ ?



ଭୁବନେଶ୍ୱର,୧୯।୭: ଦେଶର ଦୁଇ ପ୍ରମୁଖ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରରେ କରୋନା କାୟାବିସ୍ତାର କରୁଥିବା ବେଳେ ଏହି ଦୁଇ ରାଜ୍ୟରୁ ପ୍ରତିଦିନ ଶତାଧିକ ଲୋକ ଓଡ଼ିଶାକୁ ଆସୁଛନ୍ତି। ଏଭଳି ସ୍ଥିତିରେ ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା କୋଭିଡ୍ ସତର୍କତା ଗ୍ରହଣ କରାଯାଉ ନ ଥିବାରୁ ଆଗାମୀ ଦିନରେ ଏଠାରେ କୋଭିଡ୍ ବ୍ୟାପିବା ନେଇ ଆଶଙ୍କା ପ୍ରକାଶ ପାଇଛି।

ଗତ ମାସକ ମଧ୍ୟରେ ଆନ୍ଧ୍ରପ୍ରଦେଶରେ କୋଭିଡ୍‌ରେ ଆକ୍ରାନ୍ତ ହୋଇଥିବା ୪ ଜଣ ବ୍ୟକ୍ତି ପ୍ରାଣ ହରାଇସାରିଲେଣି। ଏକାଧିକ ବ୍ୟକ୍ତି କୋଭିଡ୍‌ରେ ଆକ୍ରାନ୍ତ ହୋଇଛନ୍ତି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ଆନ୍ଧ୍ର ସରକାର ପଦକ୍ଷେପ ଗ୍ରହଣ କରିଥିବାବେଳେ ସେଠାକାର ଲୋକମାନେ ବି କୋଭିଡ୍‌ଠାରୁ ଦୂରେଇ ରହିବା ପାଇଁ ମାସ୍କ ପିନ୍ଧିବା ସହ ଜନଗହଳିପୂର୍ଣ୍ଣ ସ୍ଥାନରୁ ଦୂରେଇ ରହୁଛନ୍ତି।

ଅନୁରୂପ ଭାବେ ମହାରାଷ୍ଟ୍ରରେ ମଧ୍ୟ କୋଭିଡ୍ ପରିଲକ୍ଷିତ ହୋଇଥିବା ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। କେବଳ ବର୍ତ୍ତମାନ ସୁଦ୍ଧା ୨୦ରୁ ଅଧିକ ଲୋକଙ୍କଠାରେ କରୋନା ସଂକ୍ରମଣ ପରିଲକ୍ଷିତ ହେଲାଣି। ଏହାକୁ ନେଇ ଉଭୟ ସ୍ୱାସ୍ଥ୍ୟ ବିଭାଗ ଓ ସାଧାରଣ ଲୋକେ ସତର୍କତା ଅବଲମ୍ବନ କରୁଛନ୍ତି। ଯଦିଓ ମହାରାଷ୍ଟ୍ରରେ ଦେଖାଦେଇଥିବା କରୋନା ସେତେଟା ମାରାତ୍ମକ ନୁହେଁ ବୋଲି କୁହାଯାଉଛି, କିନ୍ତୁ ବର୍ଷାଋତୁରେ ସଂକ୍ରମଣର ସ୍ତର ଅଧିକ ରହିଥିବାରୁ ଲୋକେ ସତର୍କ ହେବା ଆରମ୍ଭ କରିଛନ୍ତି।

କରୋନା ସଂକ୍ରମଣ ଚିହ୍ନଟ ହୋଇଥିବା ଏହି ଦୁଇ ରାଜ୍ୟରୁ ପ୍ରତିଦିନ ଶତାଧିକ ବ୍ୟକ୍ତି ଓଡ଼ିଶାରେ ପ୍ରବେଶ କରୁଛନ୍ତି। ଆନ୍ଧ୍ରପ୍ରଦେଶ ଓଡ଼ିଶାର ପଡ଼ୋଶୀ ରାଜ୍ୟ ହୋଇଥିବା ବେଳେ ବ୍ୟାବସାୟିକ ଦୃଷ୍ଟିରୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପ୍ରତିଦିନ ଆନ୍ଧ୍ରରୁ ବିଭିନ୍ନ ସାମଗ୍ରୀ ଧରି ଶତାଧିକ ଗାଡ଼ିମୋଟର ଓ ଲୋକେ ଓଡ଼ିଶା ଆସୁଛନ୍ତି। ଆନ୍ଧ୍ରରୁ ପ୍ରତିଦିନ ଟ୍ରକ ଟ୍ରକ ପନିପରିବା, ଫଳ, କଦଳୀ ଓ ମାଛ ଓଡ଼ିଶାକୁ ଆସୁଛି। ସେହିଭଳି ମହାରାଷ୍ଟ୍ରରୁ ବିମାନ ଯୋଗେ ଶତାଧିକ ଲୋକ ଓଡ଼ିଶା ଆସୁଥିବା ବେଳେ ପିଆଜ, ଫଳ ଓ ଅନ୍ୟାନ୍ୟ ସାମଗ୍ରୀ ଧରି ଏକାଧିକ ଟ୍ରକ୍ ଓଡ଼ିଶା ଆସୁଛନ୍ତି। ହେଲେ ସେହିସବୁ ରାଜ୍ୟରୁ ଆସୁଥିବା ଲୋକଙ୍କୁ ଆମ ରାଜ୍ୟରେ କୋଭିଡ୍ ଯାଞ୍ଚ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ।

ପ୍ରାୟ ତିନି ବର୍ଷ ବ୍ୟବଧାନରେ ଦେଶରେ କରୋନା ସଂକ୍ରମଣ ଚିହ୍ନଟ ହୋଇଛି। ଏହା ଯେ ଓଡ଼ିଶାକୁ ନ ଆସିବ, ତାହା କହିହେବ ନାହିଁ ବୋଲି ଚିକିତ୍ସକମାନେ ମତ ଦେଉଛନ୍ତି। କାରଣ ୨୦୨୦ ମାର୍ଚ୍ଚ ୧୬ ତାରିଖରେ ଓଡ଼ିଶାରେ ଚିହ୍ନଟ ହୋଇଥିବା ପ୍ରଥମ କରୋନା ସଂକ୍ରମିତ ଆକାଶମାର୍ଗରେ ହିଁ ଓଡ଼ିଶାକୁ ଆସିଥିଲେ। ବିଦେଶରୁ ଆସିଥିବା ଜଣେ ଯୁବକଙ୍କଠାରେ କରୋନା ଚିହ୍ନଟ ପରେ ଓଡ଼ିଶା ସରକାର କରୋନା କଟକଣା ଲାଗୁ କରିବା ସହ ଏହାକୁ କଡ଼ାକଡ଼ି କରିଥିଲେ। କରୋନା ସଂକ୍ରମିତ ଯୁବକ ଜଣଙ୍କ କ୍ୟାପିଟାଲ ହସ୍ପିଟାଲରେ ଚିକିତ୍ସା ପରେ ସୁସ୍ଥ ହୋଇ ଫେରିଥିଲେ।

ପରବର୍ତ୍ତୀ ସମୟରେ କରୋନା ରାଜ୍ୟର ବିଭିନ୍ନ ଅଞ୍ଚଳକୁ ବ୍ୟାପିବା ସହ ସରକାରୀ ହିସାବରେ ୯ ହଜାରରୁ ଅଧିକ ଜୀବନ ନେଇଥିଲା। ଏହାର ମୁକାବିଲା ପାଇଁ ରାଜ୍ୟ ସରକାରଙ୍କୁ ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ଭଳି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଥିଲା। ବର୍ତ୍ତମାନ ଦେଶର ଦୁଇ ଦୁଇଟି ବୃହତ୍ ରାଜ୍ୟରେ କରୋନା ଚିହ୍ନଟ ପରେ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ସମସ୍ତେ ଅପେକ୍ଷା କରିଛନ୍ତି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ସୋମବାର ୨୦ ଜୁଲାଇ ୨୦୨୬, ଭୁବନେଶ୍ୱର
Monday 20 July 2026, Bhubaneswar

# ଜାତୀୟ ଆଧିପତ୍ୟର ସୁରକ୍ଷା ଲକ୍ଷ୍ୟ

ଭାରତୀୟ ରାଜନୀତିରେ ସୀମା ପୁନଃନିର୍ଦ୍ଧାରଣ (ଡିଲିମିଟେସନ୍) ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇ ରହିଛି। ସମ୍ପ୍ରତି ପ୍ରସ୍ତାବିତ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଲୋକସଭାର ଆସନ ସଂଖ୍ୟା ୫୪୩ରୁ ପ୍ରାୟ ୮୫୦କୁ ବୃଦ୍ଧି କରିବା ଏବଂ ନୂତନ ଜନଗଣନା ଆଧାରରେ ନିର୍ବାଚନ ମଣ୍ଡଳୀ ପୁନର୍ବିନ୍ୟାସ କରିବାର ଯୋଜନା ବିଜେପି ସରକାର ପାଇଁ ଏକ ବଡ଼ ରାଜନୈତିକ ରଣନୀତି ହେବାକୁ ଯାଉଛି। ଏହି ପ୍ରକ୍ରିୟାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଯୋଡ଼ି ହୋଇଥିବାରୁ ବିରୋଧୀମାନେ ବିରୋଧ କଲେ ମହିଳା ବିରୋଧୀ ବୋଲି ଚିତ୍ରିତ କରିବାର ସୁଯୋଗ ସୃଷ୍ଟି ହୋଇଛି। କିନ୍ତୁ ଏହାର ମୂଳ ଲକ୍ଷ୍ୟ ହେଉଛି ଉତ୍ତର ଭାରତୀୟ ହିନ୍ଦୀ ହୃଦୟଭୂମିରେ ବିଜେପିର ଆଧିପତ୍ୟକୁ ଆହୁରି ମଜବୁତ୍ କରିବା।



୧୯୭୧ ଜନଗଣନା ଆଧାରରେ ଥିବା ବର୍ତ୍ତମାନର ଆସନ ବଣ୍ଟନ ଦକ୍ଷିଣ ରାଜ୍ୟଗୁଡ଼ିକର ଜନସଂଖ୍ୟା ନିୟନ୍ତ୍ରଣ ପ୍ରୟାସକୁ ପୁରସ୍କୃତ କରୁଥିଲା। କିନ୍ତୁ ୨୦୧୧ ଜନଗଣନା ଆଧାରରେ ନୂତନ ସୀମା ନିର୍ଦ୍ଧାରଣ ହେଲେ ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ, ମଧ୍ୟପ୍ରଦେଶ ଭଳି ରାଜ୍ୟଗୁଡ଼ିକ ବହୁତ ଅଧିକ ଆସନ ଲାଭ କରିବେ। ହିନ୍ଦୀ ହୃଦୟଭୂମିର ଆସନ ଅନୁପାତ ବୃଦ୍ଧି ପାଇବ ଏବଂ ଦକ୍ଷିଣ ରାଜ୍ୟଗୁଡ଼ିକର ଆପେକ୍ଷିକ ପ୍ରତିନିଧିତ୍ୱ ହ୍ରାସ ପାଇବ। ଏହା ବିଜେପିର ପାଇଁ ଏକ ସ୍ପଷ୍ଟ ରାଜନୈତିକ ଲାଭ। କାରଣ ଏହି ରାଜ୍ୟଗୁଡ଼ିକରେ ବିଜେପିର ଶକ୍ତି ଏବେ ମଜବୁତ ରହିଛି। ଏକ ବିଶ୍ଳେଷଣ ଅନୁଯାୟୀ, ଏହି ପରିବର୍ତ୍ତନ ପରେ ବିଜେପି ସମାନ ଭୋଟ୍ ଅଂଶ ସହ ଅଧିକ ଆସନ ଜିତିପାରିବ। ଏହା ତାଙ୍କର ଜାତୀୟ ଆଧିପତ୍ୟକୁ ଦୀର୍ଘକାଳୀନ କରିବରେ ସହାୟକ ହେବ। ବିଜେପି ଏହି ପ୍ରସ୍ତାବକୁ ମହିଳା ସଶକ୍ତିକରଣ ସହ ଯୋଡ଼ି ଦେଇ ରାଜନୈତିକ ଲାଭ ଉଠାଇବାକୁ ଚେଷ୍ଟା କରୁଛି। ବିରୋଧୀମାନେ ଯଦି ବିରୋଧ କରନ୍ତି, ତେବେ ସେମାନଙ୍କୁ ମହିଳା ବିରୋଧୀ ବୋଲି ପ୍ରଚାର କରିବା ସହଜ ହେବ। ଏହା ଦ୍ୱାରା ବିଜେପି ନିଜର ହିନ୍ଦୁତ୍ୱ ଓ ବିକାଶ ଏଜେଣ୍ଡାକୁ ଆହୁରି ମଜବୁତ୍ କରିପାରିବ। ଏହି ସଂଶୋଧନ ପାଇଁ ଦୁଇ-ତୃତୀୟାଂଶ ସମର୍ଥନ ଆବଶ୍ୟକ। ଆଉ ଏହି ସଂଖ୍ୟା ହସଲ କରିବାକୁ ବିଜେପି ବିରୋଧୀ ଦଳରୁ ବିଦ୍ରୋହୀ ଓ ବିଭାଜନ ଘଟାଇ ଆବଶ୍ୟକ ସଂଖ୍ୟା ବଢ଼ାଉଛି। ତୃଣମୂଳ, ଶିବସେନା ଆଦି ଦଳରୁ ବିଦ୍ରୋହ ଏହାର ଉଦାହରଣ। ଏହା ଦ୍ୱାରା କେବଳ ସଂଖ୍ୟା ନୁହେଁ, ବରଂ ବିରୋଧୀ ଐକ୍ୟକୁ ବି ଦୁର୍ବଳ କରୁଛି ବିଜେପି।

ଦକ୍ଷିଣ ରାଜ୍ୟଗୁଡ଼ିକ ଏହାକୁ ସଂଘୀୟ ବ୍ୟବସ୍ଥାର ସନ୍ତୁଳନ ଉପରେ ଆଘାତ ବୋଲି କହି ବିରୋଧ କରୁଛନ୍ତି। ତାମିଲନାଡୁ, କେରଳ, କର୍ଣ୍ଣାଟକ ଭଳି ରାଜ୍ୟ ଜନସଂଖ୍ୟା ନିୟନ୍ତ୍ରଣରେ ସଫଳ ହୋଇଥିଲେ ମଧ୍ୟ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି ସତ୍ତ୍ୱେ ପ୍ରତିନିଧିତ୍ୱ ହ୍ରାସ ପାଇବ। ଏହା ଉତ୍ତର-ଦକ୍ଷିଣ ବିଭାଜନକୁ ଉତ୍ସାହିତ କରିପାରେ ଏବଂ ସଂଘୀୟ ଢାଞ୍ଚାକୁ ଦୁର୍ବଳ କରିବ। ବିଜେପି ଏହି ବିରୋଧକୁ ସମାଧାନ କରିବା ପାଇଁ ୫୦ ପ୍ରତିଶତ ସମାନ ବୃଦ୍ଧିର ଆଶ୍ୱାସ ଦେଉଛି, କିନ୍ତୁ ପ୍ରକୃତରେ ଜନସଂଖ୍ୟା ଆଧାରିତ ପୁନର୍ବିନ୍ୟାସ ହେଲେ ହିନ୍ଦୀ ଭାଷାଭାଷୀ ରାଜ୍ୟଗୁଡିକ ଅଧିକ ଲାଭବାନ ହେବେ।

ଏହି ରଣନୀତି ୨୦୨୯ ନିର୍ବାଚନ ପାଇଁ ବିଜେପିକୁ ସଂରଚନାଗତ ଲାଭ ଦେବ। ନୂତନମଣ୍ଡଳୀ ପୁନର୍ବିନ୍ୟାସ ଦ୍ୱାରା ବିଜେପି ନିଜର ଶକ୍ତି କ୍ଷେତ୍ରଗୁଡ଼ିକୁ ଅଧିକ ମଜବୁତ୍ କରିପାରିବ ଏବଂ ଆଞ୍ଚଳିକ ଦଳଗୁଡ଼ିକର ପ୍ରଭାବ ହ୍ରାସ କରିପାରିବ। ଏହା ସହ ଜନସଂଖ୍ୟା ନୀତି ଉପରେ ପ୍ରଶ୍ନ ଉଠାଇବ ଯେ ଯେଉଁ ରାଜ୍ୟ ପରିବାର ନିୟୋଜନରେ ସଫଳ ହେଲେ ସେମାନେ କାହିଁକି ଶିକ୍ଷା ପାଇବେ?

ଶେଷରେ କହିବାକୁ ହେଲେ, ସୀମା ନିର୍ଦ୍ଧାରଣ ଏକ ଗଣତାନ୍ତ୍ରିକ ଆବଶ୍ୟକତା ଓ ସାମ୍ବିଧାନିକ ବାଧ୍ୟବାଧକତା ହୋଇପାରେ, କିନ୍ତୁ ଏହାକୁ ରାଜନୈତିକ ଲାଭ ପାଇଁ ବ୍ୟବହାର କରିବା ସଂଘୀୟ ବ୍ୟବସ୍ଥା ଓ ସମାନତାର ଆଦର୍ଶକୁ ଦୁର୍ବଳ କରୁଛି। ବିଜେପି ଏହା ଦ୍ୱାରା ଦୀର୍ଘକାଳୀନ ଆଧିପତ୍ୟ ସ୍ଥାପନ କରିବାକୁ ଚାହୁଁଛି, କିନ୍ତୁ ନିଜର ଦୀର୍ଘସ୍ଥାୟୀ ରାଜନୈତିକ ଲାଭ ସହ ଦଳ ଦେଶର ବିବିଧତା ଓ ସନ୍ତୁଳନକୁ ବଜାୟ ରଖିବା ମଧ୍ୟ ଆବଶ୍ୟକ। ରାଜନୈତିକ ଲାଭ ଅପେକ୍ଷା ଜାତୀୟ ଏକତା ଓ ନ୍ୟାୟକୁ ପ୍ରାଥମିକତା ଦେବା ଉଚିତ ବୋଲି ସମୀକ୍ଷକମାନେ କହୁଛନ୍ତି।

# ବିବାହ ବିଳମ୍ବ ହେଉଛି କି?

**ପଣ୍ଡିତ ସୋମନାଥ ଦାଶ**



ଭାରତୀୟ ପରମ୍ପରାରେ ପ୍ରଚଳିତ ୧୬ଟି ମୁଖ୍ୟ ସଂସ୍କାର ମଧ୍ୟରୁ ବିବାହ ଅନ୍ୟତମ। ଏହାକୁ ଜୀବନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଂସ୍କାର ଭାବରେ ବିବେଚନା କରାଯାଏ। ଅନେକ ପୁଅ-ଝିଅଙ୍କର ବିବାହ ଅନାବଶ୍ୟକ ଭାବରେ ବିଳମ୍ବିତ ହୁଏ। କେବେ କେବେ ଦେଖାଯାଏ, ପାତ୍ରପାତ୍ରୀଙ୍କ ଜୀବନରେ ଏମିତି କିଛି ଘଟେ ଯେ ସବୁକିଛି ସ୍ଥିର ହେବା ପରେ ମଧ୍ୟ ପରିସ୍ଥିତି ବିଗିଡ଼ି ଯାଇଥାଏ। ବିବାହରେ ବିଳମ୍ବ କିମ୍ବା ବାଧା ପଛରେ ଅନେକ କାରଣ ଥାଏ। ବାସ୍ତୁଶାସ୍ତ୍ରରେ ବିବାହ ଦୋଷ ଦୂର ଜନିତ ବିଶେଷ ପଦକ୍ଷେପ ସମ୍ପର୍କ ସୂଚନା ରହିଛି ବୋଲି କହନ୍ତି ଜଣାଶୁଣା ବାସ୍ତୁବିତ ଡ.ମନୋଜ ଲେଙ୍କା।

ବ୍ୟକ୍ତିର ଜାତକ ଚକ୍ର କିମ୍ବା ଗୃହର ବାସ୍ତୁରେ ତ୍ରୁଟି ରହିଲେ ବିବାହରେ ଅସୁବିଧା ହୁଏ। ଜାତକରେ ମଙ୍ଗଳ ଦୋଷ ରହିଲେ ବା କାଳସର୍ପ ଦୋଷ ରହିଲେ ବିବାହରେ ବିଳମ୍ବ ହୋଇଥାଏ। ପୁଅ ହୁଅନ୍ତୁ ବା ଝିଅ, ଲଗ୍ନର ଦ୍ୱିତୀୟରେ, ସପ୍ତମରେ, ଅଷ୍ଟମରେ ଓ ଦ୍ୱାଦଶରେ ମଙ୍ଗଳ ରହିଥିଲେ ମଙ୍ଗଳ ଦୋଷ ଲାଗି ଥାଏ ବୋଲି ଜ୍ୟୋତିଷ ଶାସ୍ତ୍ର କହେ। କିନ୍ତୁ କେନ୍ଦ୍ର ସ୍ଥାନରେ ଶନି ରହିଥିଲେ ମଙ୍ଗଳ ଦୋଷ ଖଣ୍ଡନ ହୋଇଥାଏ।

ଶାସ୍ତ୍ରାନୁଯାୟୀ ଯଦି ଜାତକରେ ମଙ୍ଗଳ ଦୋଷ ରହିଥାଏ ତେବେ ଏହା ଉପଯୁକ୍ତ ଉପଚାର କରାଯାଇପାରିଲେ ହିଁ ଏହି ଦୋଷ କଟିଥାଏ। ଡ.ଲେଙ୍କାଙ୍କ ମତାନୁଯାୟୀ ଗୃହର ବାସ୍ତୁଜନିତ ଦୋଷ ଥିଲେ ବିବାହରେ ବିଳମ୍ବ ହୋଇଥାଏ। ଘରର ଐଶାନ୍ୟ କୋଣରେ, ଉତ୍ତର ଦିଗରେ, ପୂର୍ବଦିଗରେ ଶିଢ଼ି ରହିଥିଲେ ବିବାହ ବିଳମ୍ବ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ବିଳମ୍ବିତ ବିବାହ ଦୋଷ କାଟିବା ପାଇଁ ଘରର ବାସ୍ତୁତ୍ରୁଟିର ଉପଚାର ସହିତ ଅନ୍ୟ କିଛି ପାରମ୍ପରିକ ଉପାୟ ରହିଛି। ବାସ୍ତୁ ନିୟମ ଅନୁସାରେ ପୁତ୍ର କିମ୍ବା କନ୍ୟାର ଐଶାନ୍ୟ କୋଣରେ ଏକ ବଡ଼ ଫଟୋ ଉତ୍ତର ଭାଗରେ ଦକ୍ଷିଣ ମୁଖ କରି ଯଦି ଲଗାଯାଏ ତେବେ ବିଳମ୍ବ ବିବାହ କ୍ରମେ ଶୀଘ୍ରତର ହୋଇ ବାହାଘର ଠିକ ହୋଇଯାଏ।

ପ୍ରତି ଗୁରୁବାର କନ୍ୟାର ସ୍ନାନ ଜଳରେ କଞ୍ଚାହଳଦୀ ବଟା ପକାଇ ଗାଧୋଇବା ପରେ କଦଳୀ ଗଛ ମୂଳରେ ହଳଦୀ ପାଣି ପ୍ରଦାନ କଲେ ବିବାହ ଶୀଘ୍ର ହୋଇଥାଏ ବୋଲି ଲୋକବିଶ୍ୱାସ ରହିଛି। କୁହାଯାଏ ବିଧିବିଧାନ ଅନୁସାରେ ପ୍ରତି ଶନିବାର ଅଶ୍ୱତ୍ଥ ଗଛମୂଳେ ପୂଜାକଲେ ବିଳମ୍ବିତ ବିବାହ ଦୋଷ ଦୂର ହୋଇଥାଏ। ବରଗଛରେ ସାତଘେରା ସୂତା ବୁଲାଇବା ସହିତ ଗୁଡ଼ କଦଳୀ ଏବଂ କେଶର ମିଶ୍ରିତ ଜଳ ପୂର୍ବମୁଖ ହୋଇ ଢ଼ାଳିବା ଦ୍ୱାରା ବିଳମ୍ବିତ ବିବାହ ଦୋଷ ଦୂର ହୋଇଥାଏ ବୋଲି ବିଶ୍ୱାସ ରହିଛି। ପ୍ରଚଳିତ ବିଚାର ଅନୁଯାୟୀ ନଅ ଗୁରୁବାର ବା ନଅ ସୋମବାର ବା ଭଲ ତିଥିରେ ୫ଗ୍ରାମ ରାଶି, କେଶର, ମହୁ, ଗୁଡ଼, କ୍ଷୀର ମିଶ୍ରିତ ଦ୍ରବ୍ୟ ନିଜ ନାମ ଗୋତ୍ର ପୂଜା କରିବା ଦ୍ୱାରା ବିବାହ ଶୀଘ୍ର ହୋଇଯାଏ। ଶାହାଡ଼ା ଗଛ ପୂଜା ସହିତ ଯେଉଁ ତିଥିରେ ମହାଦେବଙ୍କ ସହିତ ପାର୍ବତୀ ଥିବେ ସେହି ତିଥିରେ ମା'ଙ୍କୁ ସୁହାର ପଦାର୍ଥ (ଶାଢ଼ି, ଚୁଡ଼ି, ସିନ୍ଦୁର, ଅଳତା, କୁଙ୍କୁମ) ସହ ପୂଜା କରାଗଲେ ଶୁଭ ଫଳ ମିଳିଥାଏ ଏବଂ ବିବାହ ସହଜରେ ହୋଇଯାଇଥାଏ ବୋଲି ଧର୍ମୀୟ ବିଶ୍ୱାସ ରହିଛି।

**କର୍ମକାଣ୍ଡ ବିଶାରଦ ଓ ଜ୍ୟୋତିଷ ପରାମର୍ଶଦାତା, 'ମା ଶାରଳା ଆଷ୍ଟ୍ରୋ ପଏଣ୍ଟ' ସେକ୍ଟର-୭, ସିଡିଏ, କଟକ,**
**ମୋବାଇଲ୍:୭୦୦୮୦୦୦୮୯୮**



# ଆଡପ ମଣ୍ଡପରେ ହେରା ପଞ୍ଚମୀ ମହୋତ୍ସବ

**ଡଃ ଅମୂଲ୍ୟ କୁମାର ପଣ୍ଡା**





ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର ଜୀବନ ଶୈଳୀ କୌଣସି ସାଧାରଣ ମଣିଷ ଜୀବନ ଠାରୁ ପାର୍ଥକ୍ୟ ନୁହେଁ। ପ୍ରଭୁଙ୍କର ଦୈନନ୍ଦିନ ର କାର୍ଯ୍ୟ କଳାପ, ଯାନୀ ଯାତ୍ରା, ପର୍ବ ପର୍ବାଣି ଏବଂ ପ୍ରତ୍ୟେକ ଟି ମୁହୂର୍ତ୍ତ ଏକ ସାଧାରଣ ମଣିଷ ର ଜୀବନ ପରି ଘଟଣା ପୁର୍ଣ୍ଣ। ଶ୍ରୀଜଗନ୍ନାଥ ଦାରୁବ୍ରହ୍ମ ହେଲେ ମଧ୍ୟ ତାଙ୍କର ଲୀଳାଖେଳା ଆମ ମଣିଷଙ୍କ ପରି। ତାଙ୍କର ଏହି 'ମାନବୀୟ ଲୀଳା'ର ଗୋଟିଏ ନିଦର୍ଶନ ହେଉଛି 'ହେରା ପଞ୍ଚମୀ'। ଏହା ଶ୍ରୀଜଗନ୍ନାଥ ଓ ଦେବୀ ଲକ୍ଷ୍ମୀଙ୍କର ଏକ 'ଦାମ୍ପତ୍ୟ-ଲୀଳା'। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଗୁଣ୍ଡିଚା ମହୋତ୍ସବର ଉପଯାତ୍ରା ହେଉଛି " ହେରା ପଞ୍ଚମୀ "। "ହେରା" ଶବ୍ଦ ର ଅର୍ଥ "ଦର୍ଶନ" ଏବଂ "ପଞ୍ଚମୀ" ଶବ୍ଦର ଅର୍ଥ "ପଞ୍ଚମ ଦିନ"। ଅନ୍ୟ ଏକ ଅର୍ଥରେ କହିବାକୁ ଗଲେ "ହେରା" ତଥା "ହେରିବା" ଅର୍ଥ "ଚାହିଁବା" ଅର୍ଥାତ ଆଷାଢ଼ ଶୁକ୍ଳ ପକ୍ଷ ପଞ୍ଚମୀ ତିଥିରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିଥିବା ପ୍ରଭୁ ଜଗନ୍ନାଥଙ୍କୁ ଶ୍ରୀମନ୍ଦିରରୁ ମାଆ ଲକ୍ଷ୍ମୀ ଚାହିଁବା ତଥା ଦେଖିବାକୁ ଯାଆନ୍ତି। ରୁକ୍ମିଣୀ ହରଣ ଏକାଦଶୀରେ ବିବାହ ପରେ ମହାପ୍ରଭୁ ଚତୁର୍ଦ୍ଦଶୀ ତିଥି ଦିନ ସ୍ନାନବେଦୀରେ ଅତ୍ୟଧିକ ସ୍ନାନ ଯୋଗୁ ଜ୍ୱରରେ ପଡ଼ି ଅଣସର ଘରେ ରୁହନ୍ତି। ଜ୍ୱର ଭଲ ହେଲା ପରେ ଅଣସର ଘରୁ ବାହାରି ମହାପ୍ରଭୁ ଭାଇ-ଭଉଣୀଙ୍କୁ ଧରି ରତ୍ନବେଦୀ ଛାଡ଼ି ଜନ୍ମବେଦୀକୁ ରଥରେ ବସି ବୁଲିବାକୁ ଚାଲି ଯାଆନ୍ତି। ମାଆ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ମହାନ ଗୁଣ୍ଡିଚା ଉତ୍ସବରେ ବାଦ୍ ପଡ଼ିଯାଆନ୍ତି। ମହାପ୍ରଭୁ ସ୍ୱୟଂ ବଡଭାଇ ବଳଭଦ୍ର ଭଗିନୀ ସୁଭଦ୍ରାଙ୍କୁ ନେଇ ଜନ୍ମବେଦୀକୁ ଯାତ୍ରା କରୁଥିବା ସମୟରେ ଲକ୍ଷ୍ମୀ ରହିଯାଆନ୍ତି ଶ୍ରୀମନ୍ଦିର ଭିତରେ। ତେଣୁ ଗୋଟେ ପଟେ ଶ୍ରୀଜଗନ୍ନାଥଙ୍କର ଉଦାସୀନତା ଓ ଅପରପକ୍ଷରେ ମାଆ ଲକ୍ଷ୍ମୀଙ୍କର ଅଭିମାନ। ମାଆ ଲକ୍ଷ୍ମୀ ଠାକୁରାଣୀଙ୍କ ଅଙ୍ଗବାସରୁ ବିବାହ ଗଇଣ୍ଠାଳ ଫିଟି ନଥିବା ସମୟ ତଥା ନବବିବାହିତା ମାଆ ଲକ୍ଷ୍ମୀ ଠାକୁରାଣୀ ପାଞ୍ଚ ଦିନର ବିରହ ବେଦନା ସହ୍ୟ କରି ନ ପାରି ଖୁବ୍ ଦୁଃଖୀ ହୁଅନ୍ତି। 'ଯାତ୍ରା ଭାଗବତ' ଓ 'ବାମଦେବ ସଂହିତା' ଆଦିରେ ଏ ସଂପର୍କରେ ରୋଚକ ବର୍ଣ୍ଣନା ଅଛି। 'ବାମଦେବ ସଂହିତା'ରେ କୁହାଯାଇଛି ଯେ ଭାଇ ଓ ଭଉଣୀଙ୍କୁ ସାଙ୍ଗରେ ନେଇ ଶ୍ରୀଜଗନ୍ନାଥ ଗୁଣ୍ଡିଚାଘରକୁ ଚାଲିଯିବା ପରେ, ବିରହ ବିଧୁରା ଲକ୍ଷ୍ମୀ ନିଜ ମନର ବ୍ୟଥାକୁ ଶ୍ରୀମନ୍ଦିର ପରିସରରେ ଥିବା ଭଗିନୀପ୍ରତିମା ବିମଳା ଦେବୀଙ୍କ ନିକଟରେ ଯାଇ କହନ୍ତି। ଏହାର ପ୍ରତିକାର ପାଇଁ ତାଙ୍କର ପରାମର୍ଶ ଲୋଡ଼ନ୍ତି। ଦେବୀ ବିମଳା ତାଙ୍କୁ ସାନ୍ତ୍ୱନା ଦେଇ କହନ୍ତି ଯେ ସ୍ୱାମୀ ଯଦି କେବେ ଅବିବେକୀ ପରି ଆଚରଣ କରନ୍ତି ବା ସ୍ତ୍ରୀ କୁ ଅଣଦେଖା କରନ୍ତି ତେବେ ତାଙ୍କୁ କୌଶଳ କରି ନିଜ ଆଡ଼କୁ ଆଣିବାକୁ ପଡ଼େ। ତେଣୁ ତୁମେ ତାଙ୍କୁ ନିଜ ଆଡକୁ ଆକର୍ଷିତ କରିବାପାଇଁ ତାଙ୍କ ଉପରେ 'ମୋହନଚୂର୍ଣ୍ଣ' ପ୍ରୟୋଗ କର। ଏହା କହି ଦେବୀ ବିମଳା, ଲକ୍ଷ୍ମୀଙ୍କୁ 'ମୋହନଚୂର୍ଣ୍ଣ' ବି ଦିଅନ୍ତି। ମାଆ ବିମଳାଙ୍କ ପରାମର୍ଶ କ୍ରମେ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଆଷାଢ଼ ଶୁକ୍ଳପଞ୍ଚମୀ ଦିନ ନିଶାର୍ଦ୍ଧରେ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ଗୋପନ ଯାତ୍ରା କରନ୍ତି। ମାଆ ଲକ୍ଷ୍ମୀ ଶ୍ରୀଗୁଣ୍ଡିଚା ମନ୍ଦିରରେ ଅଧିଷ୍ଠିତ ମହାପ୍ରଭୁ ଜଗନ୍ନାଥଙ୍କୁ ନିଜ ରାଗ ଓ ଅଭିମାନର ପ୍ରତୀକ ନନ୍ଦିଘୋଷ ରଥରୁ ଖଣ୍ଡିଏ କାଠ ଭାଙ୍ଗି ଦିଅନ୍ତି ଓ ଏହା ସହିତ ମାଆ ଲକ୍ଷ୍ମୀ ମଧ୍ଯ ଶ୍ରୀଜୀଉଙ୍କର ଦର୍ଶନ କରିଥାନ୍ତି ଓ ମାଆ ବିମଳା ଦେଇଥିବା ମୋହନଚୂର୍ଣ୍ଣ କୁ ମହାପ୍ରଭୁ ଉପରକୁ ନିକ୍ଷେପ କରନ୍ତି। ଏଥିରୁ ମନେ ହୁଏ ସ୍ୱୟଂ ମହାପ୍ରଭୁ ମା ଲକ୍ଷ୍ମୀଙ୍କର ଏହି ରାଗ, ଅଭିମାନ ଓ ମାନଭଞ୍ଜନ ପାଇଁ ସ୍ନେହ ଏବଂ ପାର୍ଥନା ପୂର୍ବକ ମାଆଙ୍କୁ ବୁଝାଇ ଥାଆନ୍ତି।

କିମ୍ବଦନ୍ତୀ ଅନୁସାରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ପବିତ୍ର ତଥା ପ୍ରସିଦ୍ଧ ରଥଯାତ୍ରା ଦିନ ମାଆ ଲକ୍ଷ୍ମୀଙ୍କୁ ପ୍ରତିଶୃତି ଦେଇଥିଲେ ଯେ ମାତ୍ର ଏକ ଦିନ ପରେ ସେ ମାଉସୀ ମାଆଙ୍କ ଘରୁ ଶ୍ରୀମନ୍ଦିରକୁ ଫେରି ଆସିବେ। ମାତ୍ର ଯେତେବେଳେ ମହାପ୍ରଭୁ ପାଞ୍ଚ ଦିନ ପର୍ଯ୍ୟନ୍ତ ନ ଫେରନ୍ତି ମାଆ ଲକ୍ଷ୍ମୀଙ୍କର ସହନଶୀଳତା ଅସମ୍ଭାଳ ହେବାରୁ ଅତ୍ୟନ୍ତ କ୍ରୋଧର ସହ ମହାଲକ୍ଷ୍ମୀ ଅନ୍ଧାର ରାତିରେ ଏକ ପାଲିଙ୍କିରେ ବସି ମାଉସୀ ମାଆ ମନ୍ଦିରକୁ ଆସନ୍ତି। ମହାପ୍ରଭୁଙ୍କୁ ଗୋପନୀୟ ଭାବେ ଦର୍ଶନ କରିବା ପରେ ଏବଂ ଗୁଣ୍ଡିଚା ମନ୍ଦିର ବାହାରୁ ପୂଜା କରନ୍ତି। ଏହାପରେ ମାଆ ଲକ୍ଷ୍ମୀ ମହାପ୍ରଭୁଙ୍କ ଉପରେ ରାଗି କ୍ରୋଧରେ ନନ୍ଦିଘୋଷ ରଥକୁ କ୍ଷତ କରି ଥାଆନ୍ତି ତଥା ନନ୍ଦିଘୋଷ ରଥର ସାରଥୀଙ୍କର ହାତ ଭାଙ୍ଗି ଦେଇ ନିରାଡ଼ମ୍ବର ଶୋଭାଯାତ୍ରାରେ ପୁନର୍ବାର ଶ୍ରୀମନ୍ଦିରକୁ ଫେରି ଆସନ୍ତି। ଏହି ଐତିହାସିକ ପାରମ୍ପରିକ ବୃତାନ୍ତ ଉପରେ ଆଧାରିତ ଉତ୍ସବକୁ "ହେରା ପଞ୍ଚମୀ" ମହୋତ୍ସବ କୁହଯାଏ।

ହେରା ପଞ୍ଚମୀ ନୀତି ଅନୁସାରେ ହେରାପଞ୍ଚମୀ ଦିନ ଶ୍ରୀମନ୍ଦିରର ଭଣ୍ଡାର ଘରଠାରୁ ଶ୍ରୀଦେବୀ ତଥା ଲକ୍ଷ୍ମୀଙ୍କୁ ମହାଜନ ସେବକ ବିମାନକୁ ବିଜେ କରାଇ ଆଣନ୍ତି। ବିମାନବଡୁ ସେବକ ତାଙ୍କୁ ଆଡ଼ମ୍ବରପୂର୍ଣ୍ଣ ଘଣ୍ଟ, ବାଜା ଓ କାହାଳୀ ଆଦି ସହିତ ଶ୍ରୀଗୁଣ୍ଡିଚା ମନ୍ଦିରଠାରେ ଥିବା ରଥ ନିକଟକୁ ନେଇ ଯାଆନ୍ତି। ସେଠାରେ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥକୁ ଚିହ୍ନଟ କରିସାରି, ଦେବୀ ଲକ୍ଷ୍ମୀ ସେହି ରଥ ନିକଟରେ ବିମାନରେ ବସି ରହିଥିବା ବେଳେ, ଶ୍ରୀଜଗନ୍ନାଥଙ୍କ ପକ୍ଷରୁ ପତିମହାପାତ୍ର ତାଙ୍କର ବନ୍ଦାପନା ଓ ଅର୍ଚ୍ଚନା କରନ୍ତି। ତାହା ପରେ ଦେବୀଙ୍କ ବିମାନ ଶ୍ରୀଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ନିକଟକୁ ଯାଏ। ସେହିଠାରେ ବିମାନରେ ଥାଇ, ସେ ବିମଳାଦେବୀଙ୍କଠାରୁ ଆଣିଥିବା 'ମୋହନଚୂର୍ଣ୍ଣ' ଶ୍ରୀଜଗନ୍ନାଥଙ୍କ ଉପରକୁ ନିକ୍ଷେପ କରନ୍ତି। ତାହାର ଫଳ ମଧ୍ୟ ତାଙ୍କୁ ତୁରନ୍ତ ମିଳେ। ଶ୍ରୀଜଗନ୍ନାଥଙ୍କଠାରୁ ତାଙ୍କୁ ଆଜ୍ଞାମାଳ ଦିଆଯାଏ। ତାହା ମାଧ୍ୟମରେ ଶ୍ରୀଜଗନ୍ନାଥ ତାଙ୍କୁ ପ୍ରତିଶ୍ରୁତି ଦିଅନ୍ତି ଯେ ତିନିଦିନ ପରେ ସେ ଶ୍ରୀମନ୍ଦିରକୁ ଫେରିଆସିବେ। କିନ୍ତୁ ଏହି ସମୟରେ ଆଉ ଗୋଟିଏ ଘଟଣା ଘଟେ। ସେତେବେଳକୁ ସଂଧ୍ୟାଧୂପର ସମୟ ହୋଇଯାଇଥିବାରୁ 'ଟେରା' ଅର୍ଥାତ୍ କନାର ଏକ ଆବରଣ ପଡ଼ିଯାଏ ଏବଂ ଦେବୀ ଲକ୍ଷ୍ମୀ ଶ୍ରୀଜଗନ୍ନାଥଙ୍କର ଶ୍ରୀମୁଖକୁ ଆଉ ଅଧିକ ସମୟ ଦର୍ଶନ କରିପାରନ୍ତି ନାହିଁ। ସେଥିରେ ସେ ରୁଷ୍ଟ ହୁଅନ୍ତି। ପୁନଶ୍ଚ 'ନନ୍ଦିଘୋଷ' ରଥ ପାଖକୁ ଆସି ସେଥିରୁ ଖଣ୍ଡିଏ କାଠ ଭାଙ୍ଗିଦେଇ ଚାଲିଯାଆନ୍ତି। ଏହାକୁ ଦେବୀ ଲକ୍ଷ୍ମୀଙ୍କ କ୍ରୋଧର ପରିପ୍ରକାଶ ବୋଲି ସାଧାରଣତଃ କୁହାଯାଇଥାଏ। କିନ୍ତୁ ଏହା ତାଙ୍କର କ୍ରୋଧ ନୁହେଁ। ଏହା ତାଙ୍କର ପତି-ପ୍ରୀତିର ନିଦର୍ଶନ। ଶ୍ରୀଜଗନ୍ନାଥଙ୍କଠାରୁ ଆଜ୍ଞାମାଳ ସହିତ ଫେରିବାର ପ୍ରତିଶ୍ରୁତି ପାଇବା ପରେ, ଆଉ କ୍ରୋଧର ଅବକାଶ ନଥାଏ। କିନ୍ତୁ ଅଧିକ ସମୟ ସ୍ୱାମୀଙ୍କ ଶ୍ରୀମୁଖ ଦର୍ଶନ ନକରି ପାରିବା ନେଇ ତାଙ୍କ ମନରେ କ୍ଷୋଭ ଜାତ ହୁଏ। ତାହାର ପରିପ୍ରକାଶ ଘଟେ 'ନନ୍ଦିଘୋଷ'ର ରଥକାଠ ଭଙ୍ଗାରେ। 'ହେରାପଞ୍ଚମୀ' ଯାତ୍ରାରେ ଯିବାବେଳେ ଦେବୀ ଲକ୍ଷ୍ମୀ ଘଣ୍ଟ, ବାଜା ଓ କାହାଳୀ ସହିତ ରଥମାର୍ଗ ତଥା ବଡ଼ଦାଣ୍ଡ ଦେଇ ଯାଇଥାଆନ୍ତି କିନ୍ତୁ ରଥକାଠ ଭାଙ୍ଗି ଫେରିବା ବେଳେ ସେ ବିନା ଘଣ୍ଟ, ବାଜା, କାହାଳୀରେ, ହେରାଗୋହିରୀ ସାହି ବାଟ ଦେଇ ଫେରନ୍ତି। ମାଆ ଲକ୍ଷ୍ମୀ ରଥକାଠ ଭାଙ୍ଗିବା କାର୍ଯ୍ୟ ଠିକ୍ ହେଲାନାହିଁ ବୋଲି ହୃଦ୍‌ବୋଧ କରି ନିଜକୁ ଅପରାଧୀଟିଏ ଭାବି ହେରା ଗୋହିରୀ ସାହି ବାଟଦେଇ, ଲୁଚିଲାପରି, ବିନା ଘଣ୍ଟ , ବାଜା ଓ କାହାଳୀରେ ଶ୍ରୀମନ୍ଦିରକୁ ଫେରନ୍ତି।

**ଅରଙ୍ଗାବାଦ, ବରୀ , ଯାଜପୁର**
**ମୋବାଇଲ:୮୨୪୯୫୦୨୭୭୬**

# ଉପାସନାରେ ଜାତୀୟ ସଂହତି

**ବିକ୍ରମ କେଶରୀ ବିଶ୍ୱାଳ**



ଶ୍ରୀଜଗନ୍ନାଥଙ୍କର ଉପାସନା ମାନବିକ ମୂଲ୍ୟବୋଧକୁ ଆଧାର କରି ବିକାଶ ଲାଭ କରିଛି। ଜଗତ ଓ ଜଗନ୍ନାଥଙ୍କ ମଧ୍ୟରେ ଯେପରି କୌଣସି ପ୍ରଭେଦ ନାହିଁ, ଜଗତରେ ଦେହ ଧାରଣ କରିଥିବା ମଣିଷ ଓ ମହାପ୍ରଭୁଙ୍କ ମଧ୍ୟରେ ସେପରି କିଛି ପ୍ରଭେଦ ନାହିଁ। ଏହା ହିଁ ତାଙ୍କ ଉପାସନାର ସାମାଜିକ ବାର୍ତ୍ତା। ଯଥା ଦେହେ ତଥା ଦେବେ ଭାରତୀୟ ସନାତନ ପରମ୍ପରାରେ ପ୍ରତିଫଳିତ। ଏହି ଯାନିଯାତ୍ରା ହିଁ ଜାତୀୟ ସଂହତିର ଆଧାର ସ୍ତମ୍ଭ। ଏଥିରେ ଗହଣା ଠାରୁ ପୋଷାକ, ହସ୍ତଶିଳ୍ପ, ଯାନବାହାନ, କାଠର କାରୁକାର୍ଯ୍ୟ, ବାସନକୁସନ, ଫୁଲ, ପତ୍ର ଓ ପାରମ୍ପରିକ ଖାଦ୍ୟପେୟ ଜଡ଼ିତ ରହିଛି। ଜଡ଼ିତ ରହିବାର ରହସ୍ୟ ହେଉଛି ସମାଜରେ ସବୁ ବର୍ଗର ଲୋକେ ଉପାସନାର ନିକଟତର ହୋଇ ରହିବେ। ସମାଜରେ ସଂହତି ଓ ସହାବସ୍ଥାନ ପରମ୍ପରାର ଏହା ହେଉଛି ମୌଳିକ ସୂତ୍ର।

ଜାନୁୟାରୀ: ପୋଷାକ-ଭାରତରେ ଋତୁ ଅନୁଯାୟୀ ବେଶପୋଷାକ ପରିଧାନ ପରମ୍ପରା ବହୁ ପ୍ରାଚୀନ। ଗୋଟିଏ ସଭ୍ୟ, ସଂସ୍କୃତିସମ୍ପନ୍ନ ଜାତିର ଆଭିଜାତ୍ୟ ଓ ସଂସ୍କାରର ସ୍ମାରକ ହେଉଛି ପୋଷାକ। କେବଳ ଜଳବାୟୁ ପରିବର୍ତ୍ତନକୁ ଲକ୍ଷ୍ୟ କରି ଏହା ପ୍ରଚଳିତ ନୁହେଁ। ଏହା ପଛରେ ବୈଜ୍ଞାନିକ ଭିତ୍ତିଭୂମି ମଧ୍ୟ ରହିଛି। ମଣିଷଟିର ଶୀତରେ ଶୀତ ପୋଷାକ ଓ ଗରମରେ ହାଲକା ପୋଷାକ ମର୍ଯ୍ୟାଦାର ସୀମା ମଧ୍ୟରେ ପରିଧାନ କଲାପରି ମହାପ୍ରଭୁ ମଧ୍ୟ ପରିଧାନ କରିଥାନ୍ତି।

ଫେବୃଆରୀ: ଗହଣା-ଭାରତୀୟ ସଂସ୍କୃତିରେ ସୌନ୍ଦର୍ଯ୍ୟବୋଧ ପରମ୍ପରା ଖୁବ ପ୍ରାଚୀନ। ଶାରୀରିକ ସୌନ୍ଦର୍ଯ୍ୟବୋଧ ପାଇଁ ପୋଷାକ ସହ ଗହଣା ବ୍ୟବହାର କରାଯାଏ। ସୁନା, ରୂପା, ହୀରା, ଲୀଳା, ମୋତି ଓ ମାଣିକ ପ୍ରଭୃତି ବିଭିନ୍ନ ଧାତୁରେ ଗହଣା ବିଭିନ୍ନ ରଙ୍ଗର ସୌନ୍ଦର୍ଯ୍ୟ ପାଇଁ ପିନ୍ଧାଯାଇଥାଏ। ମହାପ୍ରଭୁ ବର୍ଷକ ଭିତରେ ପାଞ୍ଚଟି ସୁନାବେଶ ମଧ୍ୟରେ ଏବଂ ଅନ୍ୟାନ୍ୟ କେତେକ ବେଶରେ ବିଭିନ୍ନ ଧାତୁର ଗହଣା ପିନ୍ଧିଥାନ୍ତି।



ମାର୍ଚ୍ଚ: ପାରମ୍ପରିକ ଖାଦ୍ୟ-ଭାରତ ବର୍ଷର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟ ପ୍ରଚଳନ ରହିଛି। ଆଶ୍ଚର୍ଯ୍ୟ କଥା ଭାରତର ସବୁ ଅଞ୍ଚଳର ସାତ୍ତ୍ୱିକ ଖାଦ୍ୟ ଶ୍ରୀଜଗନ୍ନାଥଙ୍କ ଉପାସନାରେ ସାମିଲ ରହିଥିବା ଦେଖାଯାଏ। ପ୍ରତ୍ୟେକ ପ୍ରଦେଶର ଗୋଟିଏ ଗୋଟିଏ ପାରମ୍ପରିକ ଖାଦ୍ୟକୁ ଯଦି ଉଦାହରଣ ଭାବରେ ଗ୍ରହଣ କରି ଆଲୋଚନା କରିବା ତେବେ ଜାଣିହେବ ମହାପ୍ରଭୁଙ୍କ ପାଖରେ ପ୍ରଚଳିତ ଖାଦ୍ୟ ପରମ୍ପରା ମଧ୍ୟ ଜାତୀୟ ସଂହତିର ପ୍ରତୀକ।

ଏପ୍ରିଲ: ଶୀତଳ ଭୋଗ-ଶ୍ରୀଜଗନ୍ନାଥଙ୍କ ବାଲଭୋଗ ପରମ୍ପରାର ଐତିହ୍ୟ ଭକ୍ତି ଓ ଭାବର ନିଚ୍ଛକ ଉଦାହରଣ। ଏହି ଭୋଗରେ ରନ୍ଧା ହୋଇଥିବା ଖାଦ୍ୟ ବଢ଼ାଯାଏ ନାହିଁ। ଶୁଖିଲା ବା ଶୀତଳ ଭୋଗ ବଢ଼ାଯାଏ। ଏଥିରେ କେତେକ ନିର୍ଦ୍ଦିଷ୍ଟ ପାରମ୍ପରିକ ଖାଦ୍ୟ ସାମଗ୍ରୀ ଅର୍ପଣ କରାଯାଏ। ଯାହା ଆୟୁର୍ବେଦ ବିଜ୍ଞାନ ଅନୁଯାୟୀ ସମର୍ଥିତ।

ମେ: ବାସନକୁସନ-ମହାପ୍ରଭୁଙ୍କ ଉପାସନାରେ ପାକଶାଳାରେ ସ୍ନାନଯାତ୍ରାରେ, ରଥଯାତ୍ରା ଅବସରରେ, କୋଠଭୋଗ ବାଢ଼ିବା ବେଳରେ ଏବଂ ବିଜେ ପ୍ରତିମା ମାନଙ୍କର ବାହାର ବିଜେ ସମୟରେ ସ୍ୱତନ୍ତ୍ର ଧରଣର ବାସନ ବ୍ୟବହାର କରାଯାଏ। ଏହି ବାସନ ଗୁଡ଼ିକ ପିତ୍ତଳ, କଂସା, ରୂପା ଓ ସୁନାରେ ନିର୍ମିତ ହୋଇଅଛି। ପ୍ରାଚୀନ ଭାରତୀୟ ପରମ୍ପରାରେ ବାସନ ମଧ୍ୟ ଏଥିରେ ଦେଖିବାକୁ ମିଳେ।

ଜୁନ: କାଠର କାରୁ କାର୍ଯ୍ୟ-ଶ୍ରୀଜଗନ୍ନାଥଙ୍କର ପୋଷାକ ଠାରୁ ଅଳଙ୍କାର ପର୍ଯ୍ୟନ୍ତ ସବୁକ୍ଷେତ୍ରରେ କାରୁକାର୍ଯ୍ୟ ପରାକାଷ୍ଠା ଦେଖାଯାଏ। ତାଙ୍କ ଉପାସନାରେ ବ୍ୟବହୃତ କାଠ ସାମଗ୍ରୀର ମଧ୍ୟ କାରୁକାର୍ଯ୍ୟ ଲକ୍ଷ୍ୟ କରାଯାଏ। ସେ ସ୍ୱୟଂ ଦାରୁବିଗ୍ରହ ରୂପ ଧାରଣ କରିଛନ୍ତି। ତାଙ୍କ ବ୍ୟବହାର ପାଇଁ ଶାସ୍ତ୍ର ଅନୁଯାୟୀ ନିର୍ଦ୍ଦିଷ୍ଟ କାଠରେ ପ୍ରସ୍ତୁତ ସାମଗ୍ରୀ ମଧ୍ୟ ସ୍ୱତନ୍ତ୍ର ନାମ ବହନ କରିଥାଏ।

ଜୁଲାଇ: ଯାନବାହନ - ଭାରତରେ ମନ୍ଦିରରୁ ମୂଳ ବିଗ୍ରହ ବାହାରକୁ ଯାନିଯାତ୍ରା କାଳରେ ଆସିବା ବିଶେଷ ଦେଖାଯାଏ ନାହିଁ କିନ୍ତୁ ଶ୍ରୀଜଗନ୍ନାଥ ଧାମରେ ମହାପ୍ରଭୁ ଶ୍ରୀଜଗନ୍ନାଥ ସ୍ୱୟଂ ରତ୍ନସିଂହାସନ ତ୍ୟାଗ କରି ଜଗନଗଣଙ୍କ ମେଳକୁ ଓହ୍ଲାଇ ଆସନ୍ତି। ସେଥିପାଇଁ ସେ ବ୍ୟବହାର କରନ୍ତି ରଥଯାନ। ତାଙ୍କ ବିଜେ ପ୍ରତିମାମାନେ ଚନ୍ଦନଯାତ୍ରାରେ ବ୍ୟବହାର କରନ୍ତି ମଣିବିମାନ ଓ ପାଲିଙ୍କି। ଅନ୍ୟ ବାହାର ବିଜେ କାଳରେ ମହାପ୍ରଭୁଙ୍କ ବିଜେ ପ୍ରତିମା ଚଉଦୋଳରେ ବିଜେ କରନ୍ତି।

ଅଗଷ୍ଟ: କାରୁକାର୍ଯ୍ୟ-ସୋଲର କାରୁକାର୍ଯ୍ୟ ଭାରତୀୟ ସୌନ୍ଦର୍ଯ୍ୟବୋଧର ଅନ୍ୟତମ ବିଭବ। ଦେଶରେ ଅନେକ ଅଞ୍ଚଳରେ ସୋଲ କାରୁକାର୍ଯ୍ୟ ଦେଖାଯାଏ। ଓଡ଼ିଶାର ପାରମ୍ପରିକ ସୋଲର କାରୁକାର୍ଯ୍ୟ ଶ୍ରୀଜଗନ୍ନାଥଙ୍କ ବେଶରେ ଦେଖାଯାଏ।

ସେପ୍ଟେମ୍ବର: ହସ୍ତଶିଳ୍ପ କଳା-ହାତତିଆରି ଶିଳ୍ପକଳାର ଚାତୁରି ଆଜି ବି ବିଶ୍ୱର ସୌନ୍ଦର୍ଯ୍ୟ ପିପାସୁଙ୍କୁ ଆସିବାକୁ ବାଧ୍ୟ କରେ ଭାରତକୁ। ଭାରତର ହସ୍ତଶିଳ୍ପ କଳା ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ଚିନ୍ତାନାୟକମାନଙ୍କୁ ବିମୁଗ୍ଧ କରିଆସିଛି। ମହାପ୍ରଭୁଙ୍କ ଉପାସନାରେ ହସ୍ତ ଶିଳ୍ପ କଳାର ଶ୍ରେଷ୍ଠ କୃତିମାନ ସାମିଲ ହୋଇଥିବା ଦେଖାଯାଏ।

ଅକ୍ଟୋବର: କୋଠଭୋଗ-ଶ୍ରୀଜଗନ୍ନାଥଙ୍କ ପୂଜା ଅବସରରେ କୋଠଭୋଗ ପରମ୍ପରା ରହିଥିବା ଜଣାଯାଏ। ଓଡ଼ିଶାର ଗଜପତି ମହାରାଜାମାନେ ନିଜ ପକ୍ଷରୁ ସ୍ୱତନ୍ତ୍ର ଭାବରେ ସ୍ଥାବର ସମ୍ପତ୍ତି ଖଞ୍ଜାଦେଇ ଏହି ଭୋଗକୁ ପ୍ରଚଳନ କରିଥିଲେ। ଏଥିପାଇଁ ସ୍ୱତନ୍ତ୍ର ସେବକ ବ୍ୟବସ୍ଥା ମଧ୍ୟ କରିଥିଲେ। ସେମାନଙ୍କୁ କୋଠଭୋଗ ସୁଆର ଓ କୋଠଭୋଗ ମହାସୁଆର କୁହାଯାଉଛି।

ନଭେମ୍ବର: ଫୁଲ ଓ ପତ୍ର-ଫୁଲ ହେଉଛି ଉପାସନାର ଅବିଚ୍ଛେଦ୍ୟ ଅଙ୍ଗ। ଷୋଡ଼ଶ ଉପଚାରର ପୂଜା କାଳରେ କେବଳ ଯେ ଫୁଲର ଆବଶ୍ୟକତା ଥାଏ, ତାହା ନୁହେଁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବେଶ ପାଇଁ ଫୁଲ ହେଉଛି ମୁଖ୍ୟ ଆଧାର। ଦୈନିକ ନୀତି ଆରମ୍ଭ ଠାରୁ ଶେଷ ପର୍ଯ୍ୟନ୍ତ ଅର୍ଥାତ୍ ପହଡ଼ ପର୍ଯ୍ୟନ୍ତ ଶାସ୍ତ୍ରରେ ନିର୍ଦ୍ଦିଷ୍ଟ ହୋଇଥିବା ଫୁଲର ଆବଶ୍ୟକତା ରହିଛି। ଝୁଡ଼ାଫୁଲ ସହିତ ଫୁଲମାଳ, ହସ୍ତପଦକ, ହୃଦପଦକ, ଝୁମ୍ପା ପ୍ରଭୃତି ସ୍ୱତନ୍ତ୍ର ଶୈଳୀରେ ପ୍ରସ୍ତୁତ କରାଯାଏ। ଏଥିରେ ପତ୍ରର ବ୍ୟବହାର ମଧ୍ୟ ଦେଖାଯାଏ। ତୁଳସୀ, ଦୟଣା ଓ ମରୁଆପତ୍ର ମହାପ୍ରଭୁଙ୍କ ପୁଷ୍ପ ସମ୍ଭାରର ଗୁରୁତ୍ୱପୂର୍ଣ୍ଣ ବିଭବ। ସ୍ୱତନ୍ତ୍ର ପୁଷ୍ପ ବେଶ ମଧ୍ୟ ଖୁବ ମନୋମୁଗ୍ଧକର।

ଡିସେମ୍ବର: ମାଟି ନିର୍ମିତ ପାତ୍ର - ମହାପ୍ରଭୁଙ୍କ ଭୋଗ ପ୍ରସ୍ତୁତିରେ ବାଇହାଣ୍ଡି, ସମାଧିହାଣ୍ଡି, ମଠକୁଡୁଆ, ସରା, ଓଳି ଓ ତାଡ଼ ବ୍ୟବହୃତ ହୋଇଥାଏ। ଏଗୁଡ଼ିକ ମାଟିରେ ତିଆରି। ଏହା ଏକ ସ୍ୱତନ୍ତ୍ର ଶୈଳୀ ଓ ମାପରେ କୁମ୍ଭାର ସେବକଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥାଏ। ରଥ ଉପରେ ସମର୍ପଣ ହେଉଥିବା ଅଧରପଣା ପାଇଁ ଏକ ସ୍ୱତନ୍ତ୍ର ହାଣ୍ଡି ନିର୍ମାଣ ହୁଏ, ଯାହାକୁ ଅଧରହାଣ୍ଡି କୁହାଯାଏ। ପ୍ରତ୍ୟେକ ମାଟି ନିର୍ମିତ ପାତ୍ର ପଛରେ ଗୋଟିଏ ଗୋଟିଏ ଐତିହ୍ୟ ରହିଛି।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

## ପ୍ରଥମଥର ମାନିଲା ଆମେରିକା

# ଇରାନ୍ ଆକ୍ରମଣରେ ୨ ସୈନ୍ୟ ନିହତ ଓ ଜଣେ ନିଖୋଜ



ତେହରାନ/ୱାଶିଂଟନ୍, ୧୯।୭: ମଧ୍ୟପ୍ରାଚ୍ୟରେ ଇରାନ-ଆମେରିକା ଯୁଦ୍ଧ ଜୋର ଧରିଛି। ପ୍ରଥମଥର ଆମେରିକା ଏହାର ଦୁଇଜଣ ସୈନ୍ୟ ନିହତ ହୋଇଥିବା ଓ ଜଣେ ନିଖୋଜ ହୋଇଥିବା ସ୍ୱୀକାର କରିଛି। ଯୁଦ୍ଧରେ ମାର୍କିନ୍ ସେନା ନିହତ ହେବା ଘଟଣାକୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ଦୁଃଖଦ' ବୋଲି ଦର୍ଶାଇଛନ୍ତି। ମାର୍ଚ୍ଚରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇରାନ୍ ଆକ୍ରମଣରେ ଦୁଇଜଣ ସୈନ୍ୟ ମୃତ୍ୟୁବରଣ କରିବା ଅତ୍ୟନ୍ତ ଦୁଃଖଦାୟକ ବିଷୟ ବୋଲି ରାଷ୍ଟ୍ରପତି ଟ୍ରମ୍ପ୍ ତାଙ୍କର ସୋସିଆଲ ମିଡ଼ିଆ ପ୍ଲାଟଫର୍ମ ଟ୍ରୁଥ୍ ସୋସିଆଲରେ ଉଲ୍ଲେଖ କରିଛନ୍ତି। ଏଥିସହିତ ଇରାନ୍‌କୁ କେବେ ବି ପରମାଣୁ ଶକ୍ତି କ୍ଷମତା ହାସଲ କରିବାକୁ ଦେବୁନାହିଁ ବୋଲି ଟ୍ରମ୍ପ୍ ପ୍ରତିକ୍ରିୟଶୀଳ ହୋଇ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଶୁକ୍ରବାର ଇରାନ ଆକ୍ରମଣରେ ଜୋର୍ଡାନରେ କାର୍ଯ୍ୟ କରୁଥିବା ବେଳେ ଏହି ଦୁଇ ଆମେରିକୀୟ ସାମରିକ କର୍ମଚାରୀଙ୍କ ମୃତ୍ୟୁ ଘଟିଥିଲା। ଏହା ପରେ ଆମେରିକା ଇରାନ୍‌କୁ ତୁରନ୍ତ ଦଣ୍ଡିତ କରିବାକୁ ନିଷ୍ପତ୍ତି ନେଇଥିଲା।

ଯୁଦ୍ଧରେ ନିହତ ଆମରିକା ସେନାର ଦୁଇଜଣ ସେବା ସଦସ୍ୟଙ୍କ ପରିଚୟ ୨୪ ଘଣ୍ଟା ପର୍ଯ୍ୟନ୍ତ ଗୋପନ ରଖିବାକୁ ଆମେରିକାର ସେଣ୍ଟ୍ରାଲ୍ କମାଣ୍ଡ ସେଣ୍ଟକମ୍ ନିଷ୍ପତ୍ତି ନେଇଛି। ନିହତ ଦୁଇ ସାମରିକ କର୍ମଚାରୀଙ୍କ ନିକଟତମ ସମ୍ପର୍କୀୟଙ୍କୁ ଏ ବିଷୟରେ ଅବଗତ କରା ନଯିବା ପର୍ଯ୍ୟନ୍ତ ସେମାନଙ୍କ ପରିଚୟ ବାହାରକୁ ଅଣାଯିବ ନାହିଁ ବୋଲି ସେଣ୍ଟକମ୍ ସ୍ପଷ୍ଟ କରିଛି। ଏହି ଘଟଣା ପରେ ଜୋର୍ଡାନରେ ଥିବା ଆମେରିକୀୟ ଦୂତାବାସ ପକ୍ଷରୁ କଡ଼ା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଶତ୍ରୁ ପକ୍ଷରୁ ସ୍ୱତନ୍ତ୍ର ତଥା ସୁନିଶ୍ଚିତ ଆକ୍ରମଣର ଆଶଙ୍କା ଥିବାରୁ ଜୋର୍ଡାନ୍ ନାଗରିକଙ୍କୁ ଆକାବା ସହର ସଂଲଗ୍ନ ଲୋହିତ ସାଗର ଉପକୂଳରେ ଥିବା ସାମୁଦ୍ରିକ ବନ୍ଦର କିମ୍ବା ବିମାନଘାଟିକୁ ନ ଯିବା ଲାଗି ଆମେରିକା ଦୂତାବାସ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ତେବେ ଜୋର୍ଡାନ ସରକାର ଆକାବା ସହରସ୍ଥିତ ଅନ୍ତର୍ଜାତୀୟ ବିମାନ ଘାଟି ଓ ବନ୍ଦରରେ କୌଣସି ଯାତାୟାତ ଉପରେ କଟକଣା ଜାରି କରିନାହାନ୍ତି। ଜୋର୍ଡାନ ଉପରେ କୌଣସି ଆକ୍ରମଣର ଆଶଙ୍କା ନାହିଁ ବୋଲି ଜୋର୍ଡାନର ମୁଖପାତ୍ର ମହମ୍ମଦ ଅଲ-ମୋମାନି କହିଛନ୍ତି।

### ଟ୍ରମ୍ପ୍ କହିଲେ ଦୁଃଖଦ ଘଟଣା

### ଇରାନର ମିସାଇଲ୍ ଓ ଡ୍ରୋନ୍ ଭଣ୍ଡାରକୁ ଟାର୍ଗେଟ୍

### ବର୍ବରତାର ଜବାବ ବିନାଶକାରୀ ହେବ: ଇରାନ୍

ଅପରପକ୍ଷରେ, ଦେଶର ଦକ୍ଷିଣ-ପଶ୍ଚିମରେ ଥିବା ଏକ ନିର୍ମାଣାଧୀନ ପରମାଣୁ ଶକ୍ତି କେନ୍ଦ୍ର ଉପରେ ଆମେରିକା ମିସାଇଲ ମାଡ଼ କରିଛି ବୋଲି ଇରାନ୍ ଗମ୍ଭୀର ଆରୋପ ଲଗାଇଛି। ଲଗାତାର ଅଷ୍ଟମ ରାତିରେ ବି ଆମେରିକା ଇରାନର ବାୟୁ ଓ ଉପକୂଳ ପ୍ରତିରକ୍ଷା ପ୍ରଣାଳୀକୁ ଟାର୍ଗେଟ୍ କରିଛି। ଇରାନର ମିସାଇଲ୍ ଓ ଡ୍ରୋନ୍ ଭଣ୍ଡାରଗୁଡ଼ିକୁ ମୁଖ୍ୟତଃ ଆମେରିକା ତା'ର ଲକ୍ଷ୍ୟସ୍ଥଳ କରିଛି ବୋଲି ସେଣ୍ଟକମ୍ ସ୍ୱୀକାର କରିଛି। ତେବେ ଯେକୌଣସି ଆକ୍ରମଣ କିମ୍ବା ବର୍ବରତାର ପ୍ରତିବଦଳରେ ସଶସ୍ତ୍ରବାହିନୀ ପକ୍ଷରୁ ନିର୍ଣ୍ଣାୟକ ତଥା ବିନାଶକାରୀ ଜବାବ ଦିଆଯିବ ବୋଲି ଇରାନ୍‌ର ଜଣେ ଶୀର୍ଷ କମାଣ୍ଡର ଆମେରିକାକୁ ଚେତାବନୀ ଦେଇଛନ୍ତି। ଇରାନର କେଶମ୍ ଦ୍ୱୀପ ଓ ବନ୍ଦର ଆବ୍ବାସ ସହର ଉପରେ ଆମେରିକା ଭାରି ବୋମାମାଡ଼ କରିଛି। ଏହି ଦୁଇ ସ୍ଥାନରେ ଘନଘନ ବିସ୍ଫୋରଣ ଶୁଣାଯାଇଥିବା ଇରାନର ସରକାରୀ ଗଣମାଧ୍ୟମଗୁଡ଼ିକ ରିପୋର୍ଟ କରିଛନ୍ତି। ଏହାର ପ୍ରତି ଜବାବରେ ଇରାନ ମଧ୍ୟ ଆମେରିକାର ସହଯୋଗୀ ଉପ-ସାଗରୀୟ ରାଷ୍ଟ୍ର ବାହାରିନ୍ ଓ କୁଏତ୍ ଉପରେ ମିସାଇଲ୍ ଓ ଡ୍ରୋନ୍ ଆଟାକ୍ କରିଛି। ତେବେ ଇରାନର ଡ୍ରୋନ୍ ଓ ମିସାଇଲ ସବୁକୁ ସେମାନେ ଆକାଶମାର୍ଗରେ ନଷ୍ଟ କରିଦେଇଥିବା ଦୁଇଦେଶ ଦାବି କରିଛନ୍ତି।

### ସରକାର-ବିରୋଧୀ ପ୍ରଦର୍ଶନ ଲାଗି ୨ ଜଣଙ୍କୁ ଫାଶୀ

ତେହରାନ୍: ଦେଶରେ ସରକାର ବିରୋଧୀ ପ୍ରଦର୍ଶନ ପାଇଁ ଦୁଇଜଣ ପ୍ରତିବାଦକାରୀଙ୍କୁ ଇରାନରେ ମୃତ୍ୟୁଦଣ୍ଡ ଦିଆଯାଇଛି। ଇରାନର ଅର୍ଦ୍ଧ-ସରକାରୀ ଗଣମାଧ୍ୟମ ସଂସ୍ଥା ତସ୍‌ନିମ କହିଛି ଯେ, ଇରାନ ସରକାର ଦୁଇଜଣ ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଆମେରିକା ସହିତ ସଂଘର୍ଷ କରୁଥିଲେ ମଧ୍ୟ ଦେଶଦ୍ରୋହୀଙ୍କ ପ୍ରତି ସରକାର ସବୁବେଳେ କଠୋର ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ଏହି ଦୁଇଜଣ ହେଉଛନ୍ତି ଇରଫାନ୍ ଇସଫାନଦିଆରି ଓ ଗୋଲ ମହମ୍ମଦ ମୋହମ୍ମଦି। ଏମାନଙ୍କୁ



ରବିବାର ସକାଳେ ଫାଶୀରେ ଝୁଲାଇ ହତ୍ୟା କରାଯାଇଛି। ଏ ଦୁହେଁ ଜାନୁଆରିରେ ଆମେରିକାକୁ ସମର୍ଥନ କରିବ ଆରମ୍ଭ ହୋଇଥିବା ସରକାର ବିରୋଧୀ ଆନ୍ଦୋଳନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଆମେରିକା-ଭିତ୍ତିକ ମାନବାଧିକାର କର୍ମୀ ସମ୍ବାଦ ସଂସ୍ଥା କହିଛି ଯେ, ସରକାର-ବିରୋଧୀ ବିକ୍ଷୋଭରେ କେତେଜଣଙ୍କୁ ହତ୍ୟାକରାଯାଇଛି ତାହାର ସ୍ପଷ୍ଟ ସୂଚନା ନାହିଁ। ତେବେ ଜାନୁଆରିରୁ ଏଯାବତ ୬ ହଜାରଙ୍କୁ ହତ୍ୟା କରାଯାଇଛି ଓ ୧୭ ହଜାର ମୃତ୍ୟୁ ଅପେକ୍ଷାରେ ଅଛନ୍ତି।

## ୬ ସାଂସଦଙ୍କୁ ସିନ୍ଦେ ଗୋଷ୍ଠୀରେ ସାମିଲ ପାଇଁ ଅନୁମତି



ନୂଆଦିଲ୍ଲୀ, ୧୯।୭: ଉଦ୍ଧବ ଠାକରେଙ୍କ ଶିବସେନା ଗୋଷ୍ଠୀର ୬ ସାଂସଦଙ୍କୁ ସିନ୍ଦେଙ୍କ ଗୋଷ୍ଠୀରେ ସାମିଲ ପାଇଁ ଅନୁମତି ମିଳିଛି। ଦଳର ୯ ଜଣ ସାଂସଦ ଲୋକସଭାରେ ରହିଥିବାବେଳେ ବିଦ୍ରୋହୀ ୬ ସାଂସଦ ସିନ୍ଦେଙ୍କ (ଶିବସେନା)ରେ ସାମିଲ ପାଇଁ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଅନୁମତି ଦେଇଛନ୍ତି। ବାଚସ୍ପତିଙ୍କ ଏହି ଅନୁମତି ପରେ ଏହି ୬ ସାଂସଦ ଏବେ ଆନୁଷ୍ଠାନିକ ଭାବେ ସିନ୍ଦେ ସେନାର ଅଂଶ ହୋଇଛନ୍ତି। ଏହା ଉଦ୍ଧବ ଠାକରେଙ୍କ ଗୋଷ୍ଠୀ ପାଇଁ ଏକ ବଡ଼ ଝଟକା ହୋଇଛି। ତେବେ ଦୀର୍ଘଦିନ ଧରି ଚାଲିଥିବା ମହାରାଷ୍ଟ୍ରର ରାଜନୈତିକ ସଂଘର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ଆଣିଛି। ଆଗାମୀ ଦିନରେ ଏହାକୁ ନେଇ କ୍ଷମତାସୀନ ଦଳ ଓ ବିରୋଧୀଙ୍କ ମଧ୍ୟରେ ବାକ୍‌ଯୁଦ୍ଧ ଆହୁରି ବଢ଼ିବାର ସମ୍ଭାବନା ରହିଛି। ୬ ଜଣ ସାଂସଦଙ୍କ ମଧ୍ୟରେ ସଞ୍ଜୟ ଦେଶମୁଖ, ସଞ୍ଜୟ ଜାଘବ, ସଞ୍ଜୟ ଦିନା ପାଟିଲ, ନାଗେଟ ପାଟିଲ, ଓମ୍ ପ୍ରକାଶ ରାଜେ, ଭାଉସାହେବ ବକଚୋରି ରହିଛନ୍ତି। ୬ ସାଂସଦଙ୍କ ସାମିଲ ହେବା ଫଳରେ ଏକନାଥ ସିନ୍ଦେଙ୍କ ଶିବସେନା ସଂସଦରେ ସ୍ଥିତି ଆହୁରି ମଜଭୁତ ହୋଇଛି। ଏହା ଦଳୀୟ ସଂଗଠନକୁ ଅଧିକ ଶକ୍ତି ପ୍ରଦାନ କରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। ସେପଟେ ଏହି ଘଟଣା ପରେ ଉଦ୍ଧବ ଠାକରେଙ୍କ ପକ୍ଷରୁ କଣ ପ୍ରତିକ୍ରିୟା ଆସୁଛି, ତାହା ଉପରେ ଏବେ ସମସ୍ତଙ୍କ ନଜର। ମହାରାଷ୍ଟ୍ର ରାଜନୀତିରେ ଏହି ଘଟଣା ନୂଆ ମୋଡ଼ ନେବାର ଆଶଙ୍କା ରହିଛି।

## ରାଷ୍ଟ୍ରପତିଙ୍କ ତ୍ରିରାଷ୍ଟ୍ରୀୟ ୟୁରୋପ ଗସ୍ତ



ନୂଆଦିଲ୍ଲୀ. ୧୯।୭: ରାଷ୍ଟ୍ରପତିଦ୍ରୌପଦୀ ମୁର୍ମୁଙ୍କ ତିନି ରାଷ୍ଟ୍ର ଗସ୍ତ ଆରମ୍ଭ ହୋଇଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ସେୟାର କରାଯାଇଥିବା ସୂଚନା ଅନୁଯାୟୀ, ରାଷ୍ଟ୍ରପତି ମୁର୍ମୁ ରବିବାର ସକାଳେ ରାଜଧାନୀ ନୂଆଦିଲ୍ଲୀରୁ ପ୍ରସ୍ଥାନ କରିଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି ଯେ, ରାଷ୍ଟ୍ରପତିଙ୍କ ଗସ୍ତ ଏହି ଦେଶଗୁଡ଼ିକ ସହିତ ଭାରତର ସମ୍ପର୍କକୁ ନୂତନ ଗତି ଦେବ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ସୂଚନା ଦେଇ ବୈଦେଶିକ ମନ୍ତ୍ରଣାଳୟ ଲେଖିଛି, ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମାଲଡୋଭା ଗଣରାଜ୍ୟ, ଉତ୍ତର ମାସିଡୋନିଆ ଗଣରାଜ୍ୟ ଏବଂ ରୋମାନିଆର ଏକ ସରକାରୀ ଗସ୍ତ ଆରମ୍ଭ କରିଛନ୍ତି। ଏହା ଜଣେ ଭାରତୀୟ ରାଷ୍ଟ୍ରପତିଙ୍କ ମାଲଡୋଭା ଏବଂ ଉତ୍ତର ମାସିଡୋନିଆର ପ୍ରଥମ ଗସ୍ତ ଏବଂ ତିନି ଦଶନ୍ଧି ମଧ୍ୟରେ ରୋମାନିଆକୁ ଭାରତୀୟ ରାଷ୍ଟ୍ରପତିଙ୍କ ପ୍ରଥମ ଗସ୍ତ। ଗସ୍ତ ଏହି ତିନୋଟି ଦେଶର ରାଷ୍ଟ୍ରପତିଙ୍କ ନିମନ୍ତ୍ରଣରେ ଅନୁଷ୍ଠିତ ହେଉଛି। ଏହି ଗସ୍ତ ଜୁଲାଇ ୧୯ ରୁ ୨୫ ପର୍ଯ୍ୟନ୍ତ ଜାରି ରହିବ। ଏହି ଗସ୍ତର ଲକ୍ଷ୍ୟ ଏହି ୟୁରୋପୀୟ ଦେଶଗୁଡ଼ିକ ସହିତ ଭାରତର ରାଜନୈତିକ, ଅର୍ଥନୈତିକ, ବାଣିଜ୍ୟ ଏବଂ ପ୍ରଯୁକ୍ତିବିଦ୍ୟା ସମ୍ପର୍କକୁ ମଜବୁତ କରିବା।

## ଭାରତ-ବାଂଲାଦେଶ ସୀମା ସୁରକ୍ଷା ସମୀକ୍ଷା କଲେ ଅମିତ ଶାହ



କୋଲକାତା, ୧୯।୭: ଭାରତ-ବାଂଲାଦେଶ ସୀମା ସୁରକ୍ଷାକୁ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଅଧିକ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ପଶ୍ଚିମବଙ୍ଗ ଗସ୍ତ ଅବସରରେ ଏକ ଦେଶୀୟ ରେଡିଓ-ଭିତ୍ତିକ ସୀମା ସୁରକ୍ଷା ପ୍ରଣାଳୀର ଗ୍ରାଉଣ୍ଡ ରିଭ୍ୟୁ କରିଛନ୍ତି। ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ ହେବା ପରେ ଗୃହମନ୍ତ୍ରୀଙ୍କର ସୀମାନ୍ତ ଅଞ୍ଚଳକୁ ଏହା ପ୍ରଥମ ଗସ୍ତ। ଏହି ଅତ୍ୟାଧୁନିକ ସ୍ମାର୍ଟ ଫେନ୍ସିଂ ବ୍ୟବସ୍ଥା ଦ୍ୱାରା ଯଦି କେହି ସୀମା ବାଡ଼ ସହ କୌଣସି ପ୍ରକାରର ହସ୍ତକ୍ଷେପ କରେ, ତେବେ ଏହା ସଙ୍ଗେ ସଙ୍ଗେ ସୀମା ସୁରକ୍ଷା ବାହିନୀ (ବିଏସଏଫ) ର ଯବାନମାନଙ୍କୁ ସତର୍କ ସୂଚନା ଦେବା ସହ ଏକ ପୂର୍ବ-ରେକର୍ଡିଂ ଚେତାବନୀ ବାର୍ତ୍ତା ପ୍ରସାରଣ କରିବ, ଯାହାଦ୍ୱାରା ଯବାନମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

## ନାଗାଲାଣ୍ଡରେ ଭୂସ୍ଖଳନ, ୮ ମୃତ



ନୂଆଦିଲ୍ଲୀ, ୧୯।୭: ପ୍ରବଳ ବର୍ଷା ଯୋଗୁଁ ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ବଡ଼ ଧରଣର ଭୂସ୍ଖଳନ ଘଟିଛି। ଏହି ପ୍ରାକୃତିକ ବିପର୍ଯ୍ୟୟରେ ଶିଶୁଙ୍କ ସମେତ ପ୍ରାୟ ୮ ଜଣ ପ୍ରାଣ ହରାଇଥିବା ଆଶଙ୍କା କରାଯାଉଛି। ବର୍ତ୍ତମାନ ସୁଦ୍ଧା ମାଟି ଅତଡ଼ା ତଳୁ ୮ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ବର୍ଷା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ହଠାତ୍ ବନ୍ୟା ପରିସ୍ଥିତି ମଧ୍ୟ ସୃଷ୍ଟି ହୋଇଛି। ମୋନ୍ ଜିଲ୍ଲାର ଡେପୁଟି କମିଶନର ୱେନିଏଇ କୋନ୍ୟାକ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଏହି ଦୁର୍ଘଟଣାରେ ୮ ଜଣଙ୍କ ମୃତ୍ୟୁ ଆଶଙ୍କା ରହିଛି। ଆମେ ବର୍ତ୍ତମାନ ସୁଦ୍ଧା ୮ଟି ମୃତଦେହ ଉଦ୍ଧାର କରିଛୁ ଏବଂ ନିଖୋଜ ଲୋକଙ୍କୁ ଖୋଜିବା ପାଇଁ ବ୍ୟାପକ ସର୍ଚ୍ଚ ଆଣ୍ଡ ରେସ୍କ୍ୟୁ ଅପରେସନ ଜାରି ରଖିଛୁ।

### ଅଭିଷେକ ବାନାର୍ଜୀଙ୍କୁ ଆଶ୍ୱସ୍ତି

## ଅଫିସ ଭାଙ୍ଗିବା ଉପରେ ଲାଗିଲା ରୋକ୍



କୋଲକାତା, ୧୯।୭: ତୃଣମୂଳ କଂଗ୍ରେସ (ଟିଏମସି) ସାଂସଦ ଅଭିଷେକ ବାନାର୍ଜୀଙ୍କୁ କଲିକତା ହାଇକୋର୍ଟରୁ ଏକ ବଡ଼ ଧରଣର ଆଶ୍ୱସ୍ତି ମିଳିଛି। ରବିବାର କଲିକତା ହାଇକୋର୍ଟ ଦକ୍ଷିଣ ୨୪ ପ୍ରଗଣାର ଅମତାଲାରେ ସାଂସଦ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଭାଙ୍ଗିବା ଉପରେ ରୋକ ଲଗାଇଥିଲେ। କୋର୍ଟ କହିଛନ୍ତି ଯେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ୍ ନୁହେଁ। ଶନିବାର ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ଉପରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ପଶ୍ଚିମବଙ୍ଗ ମନ୍ତ୍ରୀ ଅଗ୍ନିମିତ୍ର ପଲ୍ ବୁଲଡୋଜର କାର୍ଯ୍ୟାନୁଷ୍ଠାନକୁ ଯଥାର୍ଥ ଦର୍ଶାଇ କହିଛନ୍ତି ଯେ ତାଙ୍କ ପାଖରେ ଅଭିଷେକ ବାନାର୍ଜୀଙ୍କ କାର୍ଯ୍ୟାଳୟ ବେଆଇନ ବୋଲି ପ୍ରମାଣିତ କରୁଥିବା କାଗଜପତ୍ର ଅଛି। ତଥାପି, ବର୍ତ୍ତମାନ ଅଭିଷେକ ବାନାର୍ଜୀଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି।

## ଅମରନାଥ ଓ ବୈଷ୍ଣୋଦେବୀ ଯାତ୍ରା ସ୍ଥଗିତ

ନୂଆଦିଲ୍ଲୀ, ୧୯।୭: ରବିବାରଠାରୁ ଉଭୟ ଅମରନାଥ ଯାତ୍ରା ଏବଂ ମାତା ବୈଷ୍ଣୋଦେବୀ ଯାତ୍ରାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି। ଜମ୍ମୁ-କାଶ୍ମୀର ପ୍ରଶାସନ ଶନିବାର ଭାରତୀୟ ପାଣିପାଗ ବିଭାଗର ପ୍ରତିକୂଳ ପାଣିପାଗ ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଏଭଳି ଘୋଷଣା କରିଛି। ପାଣିପାଗ ବିଭାଗ ପକ୍ଷରୁ ଜୁନ୍ ୧୯ରୁ ୨୩ ମଧ୍ୟରେ ମଧ୍ୟମରୁ ବଡ଼ ଧରଣର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଥିବାରୁ ତୀର୍ଥଯାତ୍ରୀମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ ଲାଗି ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଏହି ନିଷ୍ପତ୍ତି ନିଆଯାଇଛି। କାଶ୍ମୀର ଡିଭିଜନାଲ କମିଶନର ଅଂଶୁଲ ଗର୍ଗ ଏକ ବିବୃତିରେ କହିଛନ୍ତି, ଜୁଲାଇ ୧୯ରୁ ପହଲଗାମ୍ ଏବଂ ବାଲଟାଲ୍ ଉଭୟ ରୁଟରୁ ଅମରନାଥ ଯାତ୍ରା ସ୍ଥଗିତ ରହିବ।

## ମଧ୍ୟପ୍ରଦେଶ କ୍ୟାବିନେଟ୍‌ରେ ୟୁସିସି ବିଲ୍‌କୁ ମଞ୍ଜୁରୀ



ଭୋପାଳ, ୧୯।୭: ମଧ୍ୟପ୍ରଦେଶ ସରକାର ତାଙ୍କ କ୍ୟାବିନେଟରେ ୟୁନିଫର୍ମ ସିଭିଲ କୋଡ୍ (ୟୁସିସି) ବିଲ୍‌କୁ ମଞ୍ଜୁରୀ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଏହି ନିଷ୍ପତ୍ତି ଘୋଷଣା କରି କହିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ରାମ, ରହିମ, ରବିନ୍ଦର ଓ ରବିନଙ୍କର ସମାନ ଅଧିକାର ରହିବ। ଏହି ବିଲ୍ ଜୁଲାଇ ୨୦ ତାରିଖରେ ବିଧାନସଭାରେ ଆଗତ କରାଯିବ। ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ୟୁସିସି ଉପରେ ୯୫୮,୦୦୦ ପରାମର୍ଶ ମିଳିଛି। ଏଥିମଧ୍ୟରୁ ୯୩.୫୪% ରାଜ୍ୟରେ ଏହି ଆଇନକୁ ସମର୍ଥନ କରିଛନ୍ତି। ୮୦% ମୁସଲିମ ଭଉଣୀ ଏବଂ ୪୦% ମୁସଲିମ ଭାଇମାନେ ମଧ୍ୟ ଏକ ସମାନ ଆଇନ ଦାବି କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଯାଦବ କହିଛନ୍ତି, ସମସ୍ତ ଦଳ ୟୁସିସି ବୈଠକରେ ଯୋଗ ଦେଇଥିଲେ, କିନ୍ତୁ କଂଗ୍ରେସ ଯୋଗ ଦେଇ ନଥିଲା। ସେ ପ୍ରିଣ୍ଟ, ଇଲେକ୍ଟ୍ରୋନିକ୍ ଏବଂ ସୋସିଆଲ ମିଡିଆ ମାଧ୍ୟମରେ ମଧ୍ୟ ଜନମତ ଲୋଡିଛନ୍ତି।

ୟୁସିସି ଅନୁଯାୟୀ, କେବଳ ଗୋଟିଏ ବିବାହ ବୈଧ ହେବ। ଦ୍ୱିତୀୟ ବିବାହ ନିଷେଧ ହେବ। ଛାଡପତ୍ର ମଧ୍ୟ ଆଇନଗତ ହେବ। ଆଇନ ଦ୍ୱାରା ଉତ୍ତରାଧିକାର ନିର୍ଣ୍ଣୟ କରାଯିବ। ପୁରୁଷ ଏବଂ ମହିଳାଙ୍କ ସମାନ ଅଧିକାର ରହିବ।

## ଜର୍ମାନୀରେ ପାଳିତ ହେଲା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା



ମ୍ୟୁନିଚ୍, ୧୯।୭: ଜର୍ମାନୀର ମ୍ୟୁନିଚ୍ ସହରରେ ଶ୍ରୀଜଗନ୍ନାଥ ସେବା ଜର୍ମାନୀ, ଶିବାଲୟମ୍ ଏବଂ ଓଡ଼ିଆ ସମାଜର ମିଳିତ ଆୟୋଜନରେ ପବିତ୍ର ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପୁରୀ ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ ଶ୍ରୀଜଗନ୍ନାଥ ରଥଯାତ୍ରା୨୦୨୬ ମହାସମାରୋହରେ ପାଳିତ ହୋଇଯାଇଛି। ଉତ୍ସବର ଶୁଭାରମ୍ଭ ମଙ୍ଗଳ ଆରତି, ପୂଜା, ହୋମ, ଭଜନ ଓ କୀର୍ତ୍ତନ ସହିତ ହୋଇଥିଲା। ପରେ ପାରମ୍ପରିକ ପହଣ୍ଡି ବିଜେରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ଭକ୍ତମାନଙ୍କ ମଧ୍ୟରେ ଭକ୍ତିଭାବର ସହ ମନ୍ଦିରରୁ ସୁସଜ୍ଜିତ ରଥକୁ ବିଜେ କରାଯାଇଥିଲା। ଏହାପରେ ଭାରତ, ଜର୍ମାନୀ ଓ ବିଭିନ୍ନ ଦେଶରୁ ଆସିଥିବା ପ୍ରାୟ ୧,୦୦୦ ଭକ୍ତ ଏକାଠି ହୋଇ ମହାପ୍ରଭୁଙ୍କ ରଥ ଟାଣିଥିଲେ।

### ବରେଲିରେ ପ୍ରଥମ ରଥଯାତ୍ରା

ଲକ୍ଷ୍ନୌ, ୧୯।୭: ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଜୀଙ୍କ ଦିବ୍ୟ ମାର୍ଗଦର୍ଶନରେ ଉତ୍ତର ପ୍ରଦେଶର ବରେଲିରେ ପ୍ରଥମ ରଥ ଉତ୍ସବ(ରଥଯାତ୍ରା) ଅତ୍ୟନ୍ତ ଶ୍ରଦ୍ଧା ଏବଂ ଆନ୍ଦର ସହିତ ପାଳନ କରାଯାଇଛି। ହଜାର ହଜାର ଭକ୍ତ ଏକତ୍ରିତ ହୋଇ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥ ଟାଣିଥିଲେ। ଭକ୍ତମାନେ ଭଜନ କୀର୍ତ୍ତନ କଲେ ଏବଂ ତାଙ୍କର ଆଶୀର୍ବାଦ ଲାଭ କଲେ। ଏହା ଶ୍ରଦ୍ଧା, ଏକତା ଏବଂ ପ୍ରେମର ଏକ ସୁନ୍ଦର ନିଦର୍ଶନ ଥିଲା। ପ୍ରକାଶ ଥାଉ କି ଗତ ବର୍ଷ ଜୁଲାଇ ୧୪ରେ ଗୁରୁଜୀ ଶ୍ରୀ ଶତପଥୀ ପ୍ରତିଷ୍ଠାରେ ଯୋଗ ଦେଇଥିଲେ।

## ହସ୍ପିଟାଲରୁ ଚିଠି ଲେଖିଲେ ସୋନମ ୱାଙ୍ଗଚୁକ୍

### ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ପତ୍ନୀ




ନୂଆଦିଲ୍ଲୀ, ୧୯।୭: ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ରବିବାର ଏକ ବାର୍ତ୍ତା ଜାରି କରି ନିଜକୁ 'ବେଆଇନ ଅଟକ'ରେ ଥିବା କହିଛନ୍ତି। ଜୁଲାଇ ୨୦ ତାରିଖ ପାଇଁ ସେ ସୋସିଆଲ ମିଡିଆରେ ଲେଖିଛନ୍ତି, 'ସ୍ୱାଧୀନତା ପାଇଁ ଦ୍ୱିତୀୟ ଆନ୍ଦୋଳନ, ଭୟମୁକ୍ତ ଭାରତ, ଅନ୍ୟାୟ ମୁକ୍ତ ଭାରତ।' ୱାଙ୍ଗଚୁକ୍ ଲେଖିଛନ୍ତି, ପେପର ଲିକ୍ ଭଳି ଅନ୍ୟାୟ ଏବଂ ମୋତେ ବେଆଇନ ଅଟକ ଭଳି ଭୟରୁ ଆମକୁ ମୁକ୍ତ କରିବା ପାଇଁ ସଂସଦ ଅଭିମୁଖେ ଏକ ପଦଯାତ୍ରା କରାଯିବ। ଦୟାକରି ଏହି ପ୍ରତିବାଦକୁ ସଫଳ କରନ୍ତୁ। ଏହି ବାର୍ତ୍ତା ୱାଙ୍ଗଚୁକ୍‌ଙ୍କ ପତ୍ନୀ ଗୀତାଞ୍ଜଳିଙ୍କ ମାଧ୍ୟମରେ ସଫଦରଜଙ୍ଗ ହସ୍ପିଟାଲରୁ ପଠାଯାଇଛି। ଅପରପକ୍ଷରେ, ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶବିତ୍ ସୋନମ ୱାଙ୍ଗଚୁକଙ୍କ ସ୍ତ୍ରୀ ଗୀତାଞ୍ଜଳି ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସଫଦରଜଙ୍ଗ ହସ୍ପିଟାଲରୁ ଘରୋଇ ମେଡିକାଲକୁ ସ୍ଥାନାନ୍ତର ପାଇଁ ଗୀତାଞ୍ଜଳି ଆବେଦନ କରିଛନ୍ତି। ପରିବାର ଇଚ୍ଛା ବିରୋଧରେ ଚିକିତ୍ସା ହେଉଥିବା ଗୀତାଞ୍ଜଳି ଅଭିଯୋଗ କରିଛନ୍ତି। ସରକାରୀ ହସ୍ପିଟାଲକୁ ବିଶ୍ୱାସ ନାହିଁ, ପସନ୍ଦର ହସ୍ପିଟାଲ ସ୍ଥାନାନ୍ତର ପାଇଁ ସ୍ତ୍ରୀ ଦାବି କରିଛନ୍ତି।

### ରାମ ମନ୍ଦିରର ଦାନ ଚୋରି ମାମଲା

## ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଲେ ରାହୁଲ ଓ ଖାର୍ଗେ



ନୂଆଦିଲ୍ଲୀ, ୧୯।୭: ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଆର୍ଥିକ କାରବାରର ଏକ ସ୍ୱାଧୀନ ଏବଂ ବ୍ୟାପକ ତଦନ୍ତ କରିବାକୁ ଦାବି କରିଛନ୍ତି। ସେମାନେ ପ୍ରଧାନମନ୍ତ୍ରୀଙ୍କ ନୀରବତା ଉପରେ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି।ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଟ୍ରଷ୍ଟକୁ ମିଳିଥିବା ଦାନର ବ୍ୟାପକ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଚିଠିରେ କୁହାଯାଇଛି, ଆମେ ଆପଣଙ୍କୁ ଟ୍ରଷ୍ଟର ଆର୍ଥିକ ବ୍ୟାପାରର ତୁରନ୍ତ, ସ୍ୱାଧୀନ ଏବଂ ବ୍ୟାପକ ତଦନ୍ତ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରୁଛୁ, ଯେଉଁଥିରେ ନଗଦ, ସୁନା ଏବଂ ରୂପା ସମେତ ସମସ୍ତ ଦାନର ପରିଚାଳନା ଅନ୍ତର୍ଭୁକ୍ତ। ତଦନ୍ତର ଫଳାଫଳ ଏବଂ ଟ୍ରଷ୍ଟର ହିସାବ ସାର୍ବଜନୀନ କରାଯିବା ଉଚିତ୍ ଯାହା ଦ୍ୱାରା ପ୍ରତ୍ୟେକ ଶ୍ରଦ୍ଧାଳୁ ଜାଣିପାରିବେ ଯେ ସେମାନଙ୍କର ଦାନ କିପରି ବ୍ୟବହୃତ ହୋଇଛି।

### ଫୁଟବଲ୍ ପାଇଁ ସ୍କୁଲ-କଲେଜ ଛୁଟି

ତିରୁବନନ୍ତପୁରମ୍, ୧୯।୭: ୨୩ତମ ଫିଫା ବିଶ୍ୱକପ୍ ଫାଇନାଲ୍ ମହାମୁକାବିଲାକୁ ଦୃଷ୍ଟିରେ ରଖି କେରଳ ସରକାର ଏକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଆସନ୍ତାକାଲି ଅର୍ଥାତ୍ ସୋମବାର ରାଜ୍ୟର ସମସ୍ତ ସ୍କୁଲ ଏବଂ କଲେଜ ବନ୍ଦ ରହିବ। ରାଜ୍ୟ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନ୍ ଏହି ନିର୍ଦ୍ଦେଶ ଦେଇଛନ୍ତି। ତେବେ ସରକାର ସ୍ପଷ୍ଟ କରିଛନ୍ତି ଯେ, ସ୍କୁଲ-କଲେଜ ଛୁଟି ରହିଲେ ମଧ୍ୟ ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ପରୀକ୍ଷାଗୁଡ଼ିକ ନିଜ ସମୟସୂଚୀ ଅନୁସାରେ ହିଁ ଅନୁଷ୍ଠିତ ହେବ।

### ଆତଙ୍କବାଦର ମୁକାବିଲା ପାଇଁ ୬୭ ଦେଶ ଏକଜୁଟ

ୱାଶିଂଟନ, ୧୯।୭: ବାମପନ୍ଥୀ ଉଗ୍ରବାଦ ଏବଂ ରାଜନୈତିକ ଆତଙ୍କବାଦର ମୁକାବିଲା ପାଇଁ ଆମେରିକା ଏକ ବଡ଼ ଧରଣର ମନ୍ତ୍ରିସ୍ତରୀୟ ବୈଠକ ଡାକିଥିଲା। ଭାରତ ସମେତ ୬୭ଟି ଦେଶ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଆମେରିକାରେ ଭାରତୀୟ ରାଷ୍ଟ୍ରଦୂତ ବିନୟ କ୍ୱାତ୍ରା ଏହି ବୈଠକରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ବିଦେଶ ମନ୍ତ୍ରୀ ଏସ୍ ଜୟଶଙ୍କର ଗସ୍ତରେ ଥିବାରୁ ଏଥିରେ ଯୋଗ ଦେଇପାରି ନଥିଲେ। ବୈଠକରେ ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ବାମପନ୍ଥୀ ଆତଙ୍କବାଦ ବିରୋଧରେ ସମସ୍ତ ଦେଶ ଏକଜୁଟ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେ କହିଥିଲେ ଯେ ଆଜିର ବାମପନ୍ଥୀ ଆତଙ୍କବାଦୀମାନେ ଗୋଟିଏ ଦେଶରେ ଟଙ୍କା ସଂଗ୍ରହ କରୁଛନ୍ତି, ଅନ୍ୟ ଦେଶର ସହ ଯୋଗାଯୋଗ ବଜାୟ ରଖୁଛନ୍ତି। ସେହିପରି ତୃତୀୟ ଦେଶରେ ତାଲିମ ପାଉଛନ୍ତି, ଚତୁର୍ଥ ଦେଶରେ ଆତଙ୍କବାଦୀଙ୍କୁ ନିଯୁକ୍ତି ଦେଉଛନ୍ତି ଏବଂ ପଞ୍ଚମ ଦେଶରେ ଏକକାଳୀନ ଆକ୍ରମଣ ଆରମ୍ଭ କରୁଛନ୍ତି। ତେଣୁ ଆମକୁ ଏହି ବିପଦ ସହିତ ମିଳିତ ଭାବରେ ଲଢ଼ିବାକୁ ପଡିବ। ରୁବିଓ ଦାବି କରିଛନ୍ତି ଯେ ଆମେରିକା ଏବଂ ୟୁରୋପୀୟ ଆତଙ୍କବାଦ ବିରୋଧୀ ନୀତି ଯୋଗୁଁ ଜିହାଦୀ ଆତଙ୍କବାଦର ବିପଦ ଯଥେଷ୍ଟ ହ୍ରାସ ପାଇଛି।

## ମିଳିଲା ୨.୪ କୋଟି ବର୍ଷ ତଳର କିଆପତ୍ର ଜୀବାଶ୍ମ

ଗୁଆହାଟୀ, ୧୯।୭: ଆସାମର ତିନସୁକିଆ ଜିଲ୍ଲାର ମାକୁମ କୋଇଲା କ୍ଷେତ୍ରରୁ ଜୀବାଶ୍ମୀକୃତ କିଆପତ୍ର ଆବିଷ୍କୃତ ହୋଇଛି। ଏହି ଉଦ୍ଭିଦ ମାନବ ସଭ୍ୟତାଠାରୁ ମଧ୍ୟ ଖୁବ୍ ପ୍ରାଚୀନ, ଏପରିକି ହିମାଳୟର ଅଭ୍ୟୁଦୟଠୁ ମଧ୍ୟ ପୁରୁଣା ବୋଲି ସଦ୍ୟ ଆବିଷ୍କାର ଦର୍ଶାଇଛି।

ଅନ୍ତର୍ଜାତୀୟ ପତ୍ରିକା ଜିଓବାୟୋସରେ ଏହି ଆବିଷ୍କାର ପ୍ରକାଶ ପାଇଛି। ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଅଧୀନସ୍ଥ ଲକ୍ଷ୍ନୌର ସ୍ୱୟଂଚାଳିତ ଅନୁଷ୍ଠାନ ବୀରବଲ ସାହନୀ ଇନଷ୍ଟିଚ୍ୟୁଟ୍ ଅଫ୍ ପାଲିଓସାଇନ୍ସେସ୍‌ର ଗବେଷକ ହର୍ଷିତା ଭାଟିଆ ଓ ଗୌରବ ଶ୍ରୀବାସ୍ତବ ଏହି ବହୁପ୍ରାଚୀନ ଜୀବାଶ୍ମୀକୃତ ପତ୍ର ଆବିଷ୍କାର କରିଛନ୍ତି। ଜୀବାଶ୍ମର ମର୍ଫୋଲୋଜିକାଲ ଓ ମାଇକ୍ରୋସ୍କୋପିକ୍



ବୈଶିଷ୍ଟ୍ୟର ଅଧ୍ୟୟନରୁ ଜଣାପଡ଼ିଲା, ଏହା ପାଣ୍ଡାନାସି ବା କଣ୍ଟକିତ-ପାଇନ କିସମର। ଆଧୁନିକ କିଆ ଏହି ସମୂହର। ଜୀବାଶ୍ମୀକୃତ ପତ୍ର ଓ ଆଧୁନିକ କିଆର ସମାନ ବୈଶିଷ୍ଟ୍ୟ ରହିଥିବା ବୈଜ୍ଞାନିକମାନେ



ଜାଣିବାକୁ ପାଇଛନ୍ତି। ଏହାର ଲମ୍ବା ଖଣ୍ଡା ଆକୃତିର ପତ୍ର, ସମାନ୍ତରାଳ ଶିରା, ଇଂରାଜୀ ଅକ୍ଷର 'ଏମ୍' ଆକୃତିର ଛକି ଭଳି ବିଭାଗ ଏବଂ ପତ୍ର ଧାରରେ ମୁନିଆ କଣ୍ଟା ଦର୍ଶାଉଛି ଯେ କୋଟି କୋଟି ବର୍ଷ ମଧ୍ୟରେ ଏହି କିସମର ଉଦ୍ଭିଦରେ ଖୁବ୍ କମ୍ ପରିବର୍ତ୍ତନ ହୋଇଛି।

ଏହି ଆବିଷ୍କାର ୟୁରୋପ ଓ ଉତ୍ତର ଆମେରିକାର ପୁରାତନ ଜୀବାଶ୍ମ ସହିତ ଏସିଆ ଓ ଅଷ୍ଟ୍ରେଲିଆର ନୂଆ ଜୀବାଶ୍ମକୁ ଯୋଡ଼ି କଣ୍ଟାଯୁକ୍ତ ପାଇନ ଉଦ୍ଭିଦ ସମୂହର ବିକାଶ ମଧ୍ୟରେ ଥିବା ପ୍ରମୁଖ ବ୍ୟବଧାନକୁ ଦୂର କରିଛି। ବୈଶ୍ୱିକ ଜଳବାୟୁ ପରିବର୍ତ୍ତନ ସମୟରେ ପ୍ରାଚୀନ ଉଷ୍ମମଣ୍ଡଳୀୟ ଉଦ୍ଭିଦଙ୍କ ପାଇଁ ଭାରତୀୟ ଉପମହାଦେଶ ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ରୟସ୍ଥଳ ଥିଲା ବୋଲି ଅଧ୍ୟୟନରୁ ଜଣାପଡ଼ିଥିବା ବୈଜ୍ଞାନିକମାନେ କହିଛନ୍ତି। ପାଣ୍ଡାନସ ଏବେ କେବଳ ଉଷ୍ମମଣ୍ଡଳୀୟ କ୍ଷେତ୍ର ମଧ୍ୟରେ ସୀମିତ ଥିବାବେଳେ ଏହାର ପ୍ରାଚୀନ କିସମ ଦିନେ ଉତ୍ତର ଗୋଲାର୍ଦ୍ଧରେ ବ୍ୟାପକ ବିସ୍ତାର କରିଥିଲା।

### ସାମ୍ବାଦିକଙ୍କୁ 'ଲୋକସେବା ଭବନ' ପ୍ରବେଶ କଟକଣାକୁ ବିରୋଧ

# ନିଷ୍ପତ୍ତି ପ୍ରତ୍ୟାହାର ନହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ



ଭୁବନେଶ୍ୱର, ୧୯।୭ (ସଂଚାର ବ୍ୟୁରୋ): ରାଜ୍ୟରେ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ନିଜର ବୃତ୍ତିଗତ କାର୍ଯ୍ୟ ସମ୍ପାଦନ ପାଇଁ ଲୋକସେବା ଭବନକୁ ଯିବାରେ କଟକଣାକୁ ଯଥା 'ଅଧିସ୍ୱୀକୃତିପ୍ରାପ୍ତ କାର୍ଡ'କୁ ବାରଣ କରିବା ଏକ ଦୁର୍ଭାଗ୍ୟଜନକ ଘଟଣା। ଏନେଇ ସାମ୍ବାଦିକ ମହଲରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଏହି କଟକଣାକୁ ତୁରନ୍ତ ପ୍ରତ୍ୟାହାର ନକଲେ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବା ବୋଲି ନିଷ୍ପତ୍ତି ନିଆଯାଇଛି।

ଓଡ଼ିଶା ପ୍ରେସ୍ କ୍ଲବ ପରିସରରେ ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ସରକାରଙ୍କ ଏହିଭଳି ସାମ୍ବାଦିକ ବିରୋଧୀ ଆଚରଣକୁ ନେଇ ନିନ୍ଦା ପ୍ରସ୍ତାବ ଆଗତ କରାଯାଇଥିଲା। ତୁରନ୍ତ ଏଭଳି ପଦକ୍ଷେପକୁ ପ୍ରତ୍ୟାହାର କରିବାକୁ ବୈଠକରେ ଦାବି ଉପସ୍ଥାପନା କରାଯାଇଥିଲା। ଆଗାମୀ ଦିନରେ ଏହା ଉପରେ ତୁରନ୍ତ ପଦକ୍ଷେପ ନ ନିଆଯାଏ, ତେବେ ସାମ୍ବାଦିକମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ବୈଠକରେ ନିଷ୍ପତ୍ତି ନିଆଯିବା ସହ ସମୂହ ଅଧିସ୍ୱୀକୃତି କାର୍ଡକୁ ଫେରସ୍ତ କରିବା ଓ ସରକାରୀ କାର୍ଯ୍ୟକ୍ରମକୁ ବର୍ଜନ କରିବାକୁ ନିଷ୍ପତ୍ତି ନିଆଯାଇଛି।

ସରକାର କ୍ଷମତାସୀନ ହେବାର ୨ ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଏଯାବତ ସାମ୍ବାଦିକଙ୍କ ଦୀର୍ଘ ଦିନ ଦାବି ଉପରେ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସେପଟେ ସାମ୍ବାଦିକଙ୍କ ଉପରେ ନୂଆ ନୂଆ କଟକଣା ଲାଗୁ କରାଯାଉଛି। ରାଜ୍ୟର ଅଧିସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନେ ନିଜର ବୃତ୍ତିଗତ କାର୍ଯ୍ୟ ସମ୍ପାଦନ ପାଇଁ ଲୋକସେବା ଭବନକୁ ଯିବା ଏକ ନିୟମିତ ବ୍ୟାପାର। ଦୀର୍ଘଦିନର ପ୍ରଚଳିତ ଏଇ ବ୍ୟବସ୍ଥା ଦେଶର ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଲାଗୁ କରାଯାଉଛି।

## ଅଧା ଦରମା ଦେବାକୁ ଚିଠି ଲେଖିଲେ ଆଇଏଏସ୍ ରିଙ୍କୁ ସିଂ



ଲକ୍ଷ୍ନୌ, ୧୯।୭: ଉତ୍ତର ପ୍ରଦେଶର ଶାହଜାହାନପୁରର ତହସିଲଦାର ପଦରୁ ହଟାଯିବା ପରେ ୨୦୨୩ ବ୍ୟାଚର ଆଇଏଏସ୍ ଅଧିକାରୀ ରିଙ୍କୁ ସିଂ ରାହୀ ଯୁପିର ନିଯୁକ୍ତି ଓ କାର୍ମିକ ବିଭାଗକୁ ଏକ ଚିଠି ଲେଖିଛନ୍ତି। ଏଥିରେ ସେ ନିଜର ବର୍ତ୍ତମାନର ନିଯୁକ୍ତି ଓ କାର୍ଯ୍ୟଶୈଳୀ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଚିଠିରେ ସେ କହିଛନ୍ତି ଯେ 'ଏସଡିଏମ୍ ନ୍ୟାୟିକ' ପଦବୀରେ ପ୍ରତିଦିନ ମାତ୍ର ପ୍ରାୟ ୪ ଘଣ୍ଟା କାମ ରହୁଛି। ଏଭଳି ପରିସ୍ଥିତିରେ ଯଦି ସରକାର ଠିକ୍ ମନେକରନ୍ତି ତେବେ ତାଙ୍କୁ ଅଧା ଦରମା ଦିଆଯାଉ। ରିଙ୍କୁ ସିଂ ରାହୀ ୫ ପୃଷ୍ଠାର ଚିଠିରେ ଉତ୍ତର ପ୍ରଦେଶ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ସ୍ୱତନ୍ତ୍ର ଦେବ ସିଂ ଏବଂ ବିଧାୟକ ଗୌରୀ ଶଙ୍କର ବର୍ମାଙ୍କ ନାମ ମଧ୍ୟ ଉଲ୍ଲେଖ କରିଛନ୍ତି।

## ଅନଲାଇନ୍ ଡଲାର ଟ୍ରେଡିଂ ନାଁରେ ଠକେଇ, ୨ଗିରଫ

ଭୁବନେଶ୍ୱର, ୧୯।୭ (ସଂଚାର ବ୍ୟୁରୋ): ଅନଲାଇନ୍ ଡଲାର ଟ୍ରେଡିଂ ନାଁରେ ବଡ଼ ଧରଣର ଠକେଇ। ଦୁଇ ଅଭିଯୁକ୍ତଙ୍କୁ ବାନ୍ଧିଲା ନୟାପଲ୍ଲୀ ପୁଲିସ। ଅଧିକ ଲାଭର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତି ଓ ତାଙ୍କ ପତ୍ନୀଙ୍କଠାରୁ ପ୍ରାୟ ୯୭ ଲକ୍ଷ ୨୮ ହଜାର ଟଙ୍କା ନିବେଶ କରାଯାଇଥିଲେ ଦୁଇ ଅଭିଯୁକ୍ତ। ୬ ମାସ ମଧ୍ୟରେ ଅଧିକ ଲାଭ ସହ ଟଙ୍କା ଫେରାଇବାକୁ ଦେଇଥିଲେ ପ୍ରତିଶ୍ରୁତି। ପ୍ରଥମେ ୭ ଲକ୍ଷ ୯୫ ହଜାର ଟଙ୍କା ଫେରାଇ ଅଭିଯୋଗକାରୀଙ୍କ ବିଶ୍ୱାସ ଜିତିଥିଲେ। ପରେ ବାକି ୮୯ ଲକ୍ଷରୁ ଅଧିକ ଟଙ୍କା ଫେରାଇବାକୁ ଟାଳଟୁଳ କରିଥିଲେ। ବ୍ୟାଙ୍କ ସମସ୍ୟାର ବାହାନା ଦେଖାଇ ନକଲି ସ୍କ୍ରିନସଟ୍ ଓ ଡିଜିଟାଲ ଦସ୍ତାବିଜ ପଠାଇ ଦେଉଥିଲେ ମିଛା ଆଶ୍ୱାସନା। ଟଙ୍କା ଫେରସ୍ତ ମାଗିବାରୁ ଗାଳିଗୁଲଜ ସହ ହତ୍ୟା ଓ ଦୁଷ୍କର୍ମର ଧମକ ଦେଇଥିବା ଅଭିଯୋଗ। ତଦନ୍ତ ବେଳେ ବ୍ୟାଙ୍କ ଷ୍ଟେଟମେଣ୍ଟ, ହ୍ୱାଟ୍ସଆପ୍ ଚାଟ୍, ଆପୋଷ ବୁଝାମଣା ପତ୍ର ଓ ପୋଷ୍ଟ ଡେଟେଡ୍ ଚେକ୍ ଜବତ କରିଛି ପୁଲିସ। ଏହି ମାମଲାରେ ନିଲିମା ଶତପଥୀ ଓ ମନୋଜ ଶତପଥୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ନୟାପଲ୍ଲୀ ପୁଲିସ।

## ଟ୍ୟାଙ୍କର ଅପହରଣ କଲେ ସୋମାଲିଆ ଜଳଦସ୍ୟୁ

ମୋଗାଦିସୁ, ୧୯।୭: ସୋମାଲିଆ ଜଳଦସ୍ୟୁମାନେ ୟେମେନର ଉପକୂଳରୁ ଏକ ତାଞ୍ଜାନିଆ ପତାକାଯୁକ୍ତ ଟ୍ୟାଙ୍କରକୁ ଅପହରଣ କରି ସୋମାଲିଆର ଉତ୍ତର-ପୂର୍ବ ବାରି ଅଞ୍ଚଳର ସମୁଦ୍ରକୁ ନେଇଯାଇଛନ୍ତି। ଶୁକ୍ରବାର ଦିନ ୟେମେନର ମୁକାଲ୍ଲାରୁ ପ୍ରସ୍ଥାନ କରିବା ପରେ, ଏମଟି ଆସାନା ନାମକ ଏକ ଟ୍ୟାଙ୍କର୍ ଜାହାଜକୁ ଅପହରଣ କରାଯାଇଥିଲା। ସ୍ଥାନୀୟ ଅଧିକାରୀମାନେ କହିଛନ୍ତି ଯେ, ଏହାକୁ ବର୍ତ୍ତମାନ ପୁଣ୍ଟଲାଣ୍ଡର ଅର୍ଦ୍ଧସ୍ୱାୟତ୍ତ ବାରି ଅଞ୍ଚଳର କାଲୁଉଲା ଉପକୂଳରେ ରଖାଯାଇଛି। ସାତ ଜଣ ସଶସ୍ତ୍ର ସୋମାଲିଆ ଜଳଦସ୍ୟୁ ଜାହାଜକୁ ଅପହରଣ କରିଥିଲେ। ସାର୍ବଜନୀନ



ଜାହାଜ-ଟ୍ରାକିଂ ତଥ୍ୟ ଦର୍ଶାଉଛି ଯେ ଏମଟି ଆସାନା ଶୁକ୍ରବାର ଦିନ ଆଡେନ୍ ଉପସାଗରରେ ଧୀରେ ଧୀରେ ଗତି କରୁଥିବା ସମୟରେ ଏହାର ସ୍ଥିତି ସୂଚିତ କରିଥିଲା, ଯେଉଁଥିରେ ସୋମାଲିଆର ବୋସାସୋକୁ ଏହାର ଗନ୍ତବ୍ୟସ୍ଥଳ ଭାବରେ ତାଲିକାଭୁକ୍ତ କରାଯାଇଥିଲା। ଜାହାଜଟି ପ୍ରାୟ ୨ ନଟ୍‌ରେ ଯାତ୍ରା କରୁଥିଲା। ଟ୍ୟାଙ୍କରରେ କେତେ ଜଣ କ୍ରୁ ସଦସ୍ୟ ଥିଲେ କିମ୍ବା କେହି ମୃତାହତ ହୋଇଛନ୍ତି କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ।

## ବନ୍ଦେ ମାତରମ୍‌କୁ ଅପମାନ କଲେ ୩ ବର୍ଷ ଜେଲ

ନୂଆଦିଲ୍ଲୀ, ୧୯।୭: ସୋମବାର ମୌସୁମୀ ଅଧିବେଶନରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଲୋକସଭାରେ ଜାତୀୟ ସମ୍ମାନ ଅପମାନ ନିବାରଣ (ସଂଶୋଧନ) ବିଲ୍-୨୦୨୬ ଆଗତ କରିବାକୁ ଯାଉଛନ୍ତି। ଏହି ପ୍ରସ୍ତାବିତ ବିଲ୍ ବଳରେ 'ବନ୍ଦେ ମାତରଂ'କୁ ଉଦ୍ଦେଶ୍ୟମୂଳକ ଭାବେ ଅପମାନିତ କଲେ କିମ୍ବା ଏହାର ପରିବେଷଣ କାଳରେ ବାଧା ସୃଷ୍ଟି କଲେ ଜୋରିମାନା ସହ ୩ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ।

## 'ସଂସଦ ଚଲୋ' ପାଇଁ ଅନୁମତି ନାହିଁ

ନୂଆଦିଲ୍ଲୀ, ୧୯।୭: ସୋମବାର କକ୍ରୋଚ୍ ଜନତା ପାର୍ଟି (ସିଜେପି) 'ସଂସଦ ଚଲୋ' ଅଭିଯାନ ଆରମ୍ଭ କରିବ ବୋଲି ଘୋଷଣା କରିଛି। ତେବେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେଉଥିବା ବେଳେ କୌଣସି ପ୍ରକାର ବିରୋଧ କିମ୍ବା ପ୍ରତିବାଦକୁ ଅନୁମତି ଦିଆଯିବ ନାହିଁ ବୋଲି ଦିଲ୍ଲୀ ପୁଲିସ୍ ସ୍ପଷ୍ଟ କରିଛି। ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍‌ଙ୍କୁ ବଳପୂର୍ବକ ମେଡିକାଲକୁ ଉଠାଇନେବା ପରେ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସଂସଦ ଚଲୋ ଡାକରା ଦେଇଛନ୍ତି।

## ନୂଆଦିଲ୍ଲୀରେ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ

ନୂଆଦିଲ୍ଲୀ, ୧୯।୭: ସଂସଦ ମାର୍ଚ୍ଚ ପାଇଁ ଦିଲ୍ଲୀ ପୋଲିସର କଟକଣା । ନୂଆଦିଲ୍ଲୀରେ ବିଏନ୍ଏସ୍ଏସ୍ ଧାରା ୧୬୩ ଲାଗୁ । ବିନା ଅନୁମତିରେ ଶୋଭାଯାତ୍ରା ମନା। ନିୟମ ଭାଙ୍ଗିଲେ ହେବ କଡ଼ା କାର୍ଯ୍ୟାନୁଷ୍ଠାନ। ଆଇନ ଶୃଙ୍ଖଳା ରକ୍ଷା ପାଇଁ ପୋଲିସର ଅପିଲ୍। ସୋମବାର 'ସିଜେପି' ପକ୍ଷରୁ ପ୍ରସ୍ତାବିତ ସଂସଦ ମାର୍ଚ୍ଚକୁ ନେଇ ଦିଲ୍ଲୀ ପୋଲିସ ସ୍ପଷ୍ଟୀକରଣ ଜାରି କରିଛି। ଏହି ବିରୋଧ ପ୍ରଦର୍ଶନ ବା ଶୋଭାଯାତ୍ରା ପାଇଁ କୌଣସି ଅନୁମତି ମଗାଯାଇ ନାହିଁ କିମ୍ବା ପୋଲିସ ପକ୍ଷରୁ ଏଭଳି କୌଣସି ଅନୁମତି ଦିଆଯାଇ ନାହିଁ। ସଂସଦର



ଅଧିବେଶନ ଆରମ୍ଭ ହେଉଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇଛି। ନୂଆଦିଲ୍ଲୀ ଜିଲ୍ଲାରେ ବିଏନ୍ଏସ୍ଏସ୍ ର ଧାରା ୧୬୩ ବଳବତ୍ତର ରହିଛି। ୫ କିମ୍ବା ତା'ଠାରୁ ଅଧିକ ଲୋକ ଏକାଠି ହେବା, ବିରୋଧ ପ୍ରଦର୍ଶନ, ଶୋଭାଯାତ୍ରା କିମ୍ବା ସମାବେଶ କରିବା ସମ୍ପୂର୍ଣ୍ଣ ନିଷେଧ। କେବଳ ପୂର୍ବ ଅନୁମତି ସହ ନିର୍ଦ୍ଧାରିତ ପ୍ରତିବାଦ ସ୍ଥଳ 'ଯନ୍ତର ମନ୍ତର' ଠାରେ ହିଁ ବିକ୍ଷୋଭ ପ୍ରଦର୍ଶନ କରାଯାଇପାରିବ। ଯଦି କୌଣସି ବ୍ୟକ୍ତି ଏହି ନିଷେଧାଦେଶକୁ ଅମାନ୍ୟ କରନ୍ତି, ତେବେ ତାଙ୍କ ବିରୋଧରେ ବିଏନ୍ଏସ୍ଏସ୍‌ର ଧାରା ୨୨୩ ଏବଂ ଅନ୍ୟାନ୍ୟ ଆଇନଗତ ପ୍ରାବଧାନ ଅନୁଯାୟୀ କଡ଼ା ମାମଲା ରୁଜୁ କରାଯିବ। ଦିଲ୍ଲୀ ପୋଲିସର ଅପିଲ୍: ଶାନ୍ତି, ସୁରକ୍ଷା ଓ ସର୍ବସାଧାରଣଙ୍କ ସୁବିଧା ପାଇଁ ସମସ୍ତ ନାଗରିକ ଆଇନକୁ ସମ୍ମାନ ଜଣାନ୍ତୁ। କୌଣସି ବେଆଇନ ସମାବେଶ ବା ମାର୍ଚ୍ଚରେ ସାମିଲ ନ ହୋଇ ପୋଲିସ ପ୍ରଶାସନକୁ ସହଯୋଗ କରନ୍ତୁ।

## ବସ୍‌ରେ ୪୦ କେଜି ଗଞ୍ଜେଇ ଚାଲାଣ, ଜଣେ ଗିରଫ




ମୋହନା, ୧୯।୭ (ସଂଚାର ବ୍ୟୁରୋ): ଗଜପତି ଜିଲା ଅଡବା ପୋଲିସକୁ ଏକ ବଡ଼ ସଫଳତା ମିଳିଛି । ଶନିବାର ବିଳମ୍ବିତ ରାତିରେ ପୁଲିସ ପାଟ୍ରୋଲିଂ କରିବା ସମୟରେ ୪୦ କିଲୋ ଗଞ୍ଜେଇ ସହ କେରଳ ରାଜ୍ୟର ଜଣେ ମାଫିଆକୁ ଗିରଫ କରିଛି । ଜବତ ଗଞ୍ଜେଇକୁ ଯାତ୍ରୀବାହୀ ବସ୍ ଯୋଗେ ଚୋରା ଚାଲାଣ କରାଯିବାକୁ ଯୋଜନା ଥିବା ନେଇ ଜଣାପଡ଼ିଥିଲା । ବିରିକୋଟ ଶିବ ମନ୍ଦିର ନିକଟରେ ପୁଲିସ ପେଟ୍ରୋଲିଂ କରୁଥିବା ବେଳେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକ ରଖି ତଦନ୍ତ କରିଥିଲା। ଏକଜୁଟିଭ ମାଜିଷ୍ଟ୍ରେଟ ଓ ସାକ୍ଷୀଙ୍କ ଉପସ୍ଥିତିରେ ତଲାସି ବେଳେ ଦୁଇଟି ପ୍ଲାଷ୍ଟିକ୍ ଜରି ବ୍ୟାଗରୁ ୪୦ କିଲୋଗ୍ରାମ ଗଞ୍ଜେଇ ବାହାରିଥିଲା । ଗିରଫ ମାଫିଆ ଜଣକ ହେଲେ କେରଳର କୋଟ୍ଟାୟମ ଜିଲାର ୪୭ ବର୍ଷୀୟ ସାଜନ ଥୋମାସ। ତାଙ୍କ ନିକଟରୁ ଏକ ମୋବାଇଲ ଫୋନ୍, ୩୫୦ ଟଙ୍କା ନଗଦ ଏବଂ ଗୋଟିଏ ଇଲେକ୍ଟ୍ରୋନିକ୍ ଓଜନ ମେସିନ୍ ମଧ୍ୟ ଜବତ କରାଯାଇଛି । ଅଭିଯୁକ୍ତଙ୍କ ବିରୋଧରେ ଏନ୍‌ଡିପିଏସ୍ ଆଇନର ଧାରାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଏହି ଗଞ୍ଜେଇ କେଉଁଠାରୁ ଆସିଥିଲା, କାହା ପାଖକୁ ଯିବାର ଯୋଜନା ଥିଲା ଏବଂ ଏହି ଚୋରା ଚାଲାଣ ସମ୍ପର୍କରେ ଆଉ କିଏ କିଏ ସଂପୃକ୍ତ ଅଛନ୍ତି ତଦନ୍ତ ଜାରି ରହିଥିବା ଅଡବା ଥାନା ଅଧିକାରୀ ସନ୍ତୋଷ ବିଶୋୟୀ କହିଛନ୍ତି ।

### ● ଆଲୁମିନିୟମ କଣ୍ଡକ୍ଟର ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ

## ସିଣ୍ଡିକେଟ୍‌ର ୪ ସଦସ୍ୟଙ୍କୁ ବାନ୍ଧିଲା ଝାରସୁଗୁଡ଼ା ପୁଲିସ

ଝାରସୁଗୁଡ଼ା, ୧୯।୭ (ସଂଚାର ବ୍ୟୁରୋ): 'ଅପରେସନ ନେତ୍ର' ଜରିଆରେ ଝାରସୁଗୁଡ଼ା ପୁଲିସକୁ ମିଳିଛି ବଡ଼ ସଫଳତା। ଏକ ଆନ୍ତଃରାଜ୍ୟ ସ୍କ୍ରାପ୍ ସିଣ୍ଡିକେଟର ୪ ଜଣଙ୍କୁ ବାନ୍ଧିଛି ପୁଲିସ। ଏହି ସିଣ୍ଡିକେଟ କୋଲାବିରା ପୁଲିସ ଷ୍ଟେସନ ଅଞ୍ଚଳରେ ବୈଦ୍ୟୁତିକ ଆଲୁମିନିୟମ କଣ୍ଡକ୍ଟର ଚୋରି କରୁଥିଲେ। ରଘୁନାଥପଲ୍ଲୀ ଆରଡବ୍ଲ୍ୟୁଏସଏସ ପକ୍ଷରୁ ହୋଇଥିବା ଏକ ଏଫଆଇଆର ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।




ପୁଲିସ ଗ୍ୟାଙ୍ଗର ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୩ ହଜାର ୬ ଶହ ୧୧ କେଭି ଆଲୁମିନିୟମ କଣ୍ଡକ୍ଟର ଜବତ ହୋଇଛି। ପୁଣ୍ଡିକିମାଲ ଜଙ୍କ୍‌ସନରୁ ଚୋରି ହୋଇଥିବା ୨ ହଜାର ମିଟରର ଆଲୁମିନିୟମ କଣ୍ଡକ୍ଟର ସହ ବଡ଼ବାହାଲ, ଝିରପାଲି ଆଦି ଫିଡର୍‌ରୁ ଚୋରି ହୋଇଥିବା ଆଉ ୧୬ ଶହ ମିଟର ଆଲୁମିନିୟମ କଣ୍ଡକ୍ଟର ଜବତ ହୋଇଛି। ଏହି ବୈଦ୍ୟୁତିକ କଣ୍ଡକ୍ଟରଗୁଡ଼ିକ ଗ୍ରାମୀଣ ପାନୀୟ ଜଳ ଯୋଗାଣ ଓ ଉଠା ଜଳସେଚନ ପ୍ରକଳ୍ପ କାର୍ଯ୍ୟରେ ବ୍ୟବହାର କରାଯାଉଥିଲା। ଚୋରି ହୋଇଥିବା ଏହି କଣ୍ଡକ୍ଟରଗୁଡ଼ିକ ଝାରସୁଗୁଡା ପୁରୁଣାବସ୍ତି ଅଞ୍ଚଳରେ ଥିବା ଏକ ସ୍କ୍ରାପ୍ ଗୋଦାମରୁ ଉଦ୍ଧାର କରାଯାଇଛି। ତଦନ୍ତ ସମୟରେ ଅଭିଯୁକ୍ତମାନେ ଏହି ଚୋରିରେ ସେମାନଙ୍କ ସମ୍ପୃକ୍ତିକୁ ସ୍ୱୀକାର କରିବା ସହ ଅନ୍ୟ ଜିଲ୍ଲାରେ ମଧ୍ୟ ଏହି ସିଣ୍ଡିକେଟ କାମ କରୁଥିବା ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲ ଅବଦୁଲ ଖ୍ୟାମ ଓରଫ ବବୁଲୁ, ଅବଦୁଲ ରହିମ ଓରଫ ବାଲା, ଆଜମେଲ ମିଲ ଓ ଅଶରଫ ରାଜା।

## ଶବ ଭାବି ଖୋଳାଗଲା ଗାତ, ବାହାରିଲା ମୃତ କୁକୁର

ଜଳେଶ୍ୱର, ୧୯।୭ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ଆସିଛି ଏକ ରୋଚକ ଚିତ୍ର। ୨୪ଘଣ୍ଟା ଧରି ପୁଲିସ ଓ ପ୍ରଶାସନ ଏକ ଘଟଣାକୁ ନେଇ ନାକେଦମ ହୋଇଛନ୍ତି। ଅଜଣା ଶବ ଭାବି ଖୋଳାଗଲା ଗାତ। ପରେ ସେଠାରୁ କୌଣସି ମଣିଷର ମୃତଦେହ ନୁହେଁ ବରଂ ଏକ ମୃତ କୁକୁର ବାହାରିଥିଲା। ଯାହା ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁସାରେ, ଜଳେଶ୍ୱର ଗୁରୁଦାସ ପୋଲ ନିକଟ ସୁବର୍ଣ୍ଣରେଖା ନଦୀବନ୍ଧ ଉପରେ ଏକ ସ୍ଥାନରେ ଗାତ ଖୋଳି ମାଟି ଚାପି ଦିଆଯାଇଥିଲା। ଗାତ ଉପରେ ଏକ କପଡ଼ା ରଖାଯାଇଥିବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢ଼ିଥିଲା। କେହି ଅଜଣା ବ୍ୟକ୍ତିଙ୍କ ମୃତଦେହକୁ ଲୁଚାଇ ଦିଆଯାଇଥିବା ଆଶଙ୍କାରେ ତୁରନ୍ତ ଜଳେଶ୍ୱର ପୋଲିସକୁ ଖବର ଦିଆଯାଇଥିଲା। ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍ଥାନକୁ ସିଲ୍ କରି ତଦନ୍ତ ଆରମ୍ଭ କରିଥିଲା। ଘଟଣାର ଗୁରୁତ୍ୱକୁ ଦେଖି ବୈଜ୍ଞାନିକ (ସାଇଣ୍ଟିଫିକ) ଟିମକୁ ମଧ୍ୟ ଡକାଯାଇଥିଲା। ପ୍ରମାଣ ସଂଗ୍ରହ ପାଇଁ ମାଟି ଖୋଳାଯାଇଥିଲା। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ, ସେଠାରୁ କୌଣସି ମଣିଷର ଶବ ନୁହେଁ, ଏକ ମୃତ କୁକୁର ବାହାରିଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, କୁକୁରଟିର ମାଲିକ ତାହାର ମୃତ୍ୟୁ ପରେ ଗାତ ଖୋଳି ପୋତି ଦେଇଥିଲେ ଏବଂ ଉପରେ ଏକ କପଡ଼ା ରଖି ସେଠାରୁ ଚାଲିଯାଇଥିଲେ। ଏହି ଦୃଶ୍ୟ ଦେଖି ସ୍ଥାନୀୟ ଲୋକେ ଏହାକୁ ଅଜଣା ଶବ ବୋଲି ସନ୍ଦେହ କରି ପୁଲିସକୁ ସୂଚନା ଦେଇଥିଲେ। ଘଟଣାକୁ ନେଇ ଅଞ୍ଚଳରେ ୨୪ଘଣ୍ଟା ପାଇଁ ଚର୍ଚ୍ଚା ଓ ଉତ୍କଣ୍ଠାର ପରିବେଶ ସୃଷ୍ଟି ହୋଇଥିଲା। ତେବେ ମୃତ କୁକୁର ଉଦ୍ଧାର ହେବା ପରେ ପୁଲିସ ଓ ସ୍ଥାନୀୟ ଲୋକେ ଆଶ୍ୱସ୍ତ ହୋଇଥିଲେ।

# ନିଶାମୁକ୍ତ ଦାବି, ୩୮ ଦିନରେ ତ୍ରିରଙ୍ଗା ଯାତ୍ରା

ଭୁବନେଶ୍ୱର, ୧୯।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ନିଶାମୁକ୍ତ କରିବା ଲାଗି ଗତ ନିର୍ବାଚନ ବେଳେ ଦେଇଥିବା ଗ୍ୟାରେଣ୍ଟିକୁ ରାଜ୍ୟ ସରକାର ଶତପ୍ରତିଶତ କାର୍ଯ୍ୟକାରୀ କରିବା ଦାବିରେ ରାଜଧାନୀରେ ଚାଲିଥିବା ତ୍ରିରଙ୍ଗା ଯାତ୍ରା ଆଜି ୩୮ ଦିନରେ ପହଞ୍ଚିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ ଏହି ଯାତ୍ରା ପ୍ରତି ସମର୍ଥନ ଜଣାଇ ନିଶା ବିରୋଧୀ ଅଭିଯାନ ବ୍ୟାପକ ହେବାରେ ଲାଗିଛି।

ଏଠାରେ ଉଲ୍ଲେଖନୀୟ ଯେ ୨୦୨୪ ନିର୍ବାଚନ ବେଳେ ବିଜେପି ପକ୍ଷରୁ 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି' ନାମରେ ଏକ ସଙ୍କଳ୍ପପତ୍ର ଜାରି କରାଯାଇଥିଲା। ଏଥିରେ ଅନ୍ୟାନ୍ୟ ସଙ୍କଳ୍ପ ଭିତରେ ୨୦୨୯ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ଗ୍ୟାରେଣ୍ଟି ଦିଆଯାଇଥିଲା। ଇତିମଧ୍ୟରେ କେନ୍ଦ୍ର ସରକାର ଓଡ଼ିଶାର ୩୦ଟିଯାକ ଜିଲ୍ଲା ସମେତ ଦେଶର ବିଭିନ୍ନ ରାଜ୍ୟରେ ୨୦୦ରୁ ଅଧିକ ଦିନରେ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ଚଳାଇଛନ୍ତି। ଏଥିଲାଗି କେନ୍ଦ୍ରରୁ ପ୍ରଚୁର ଆର୍ଥିକ ସହାୟତା ମିଳୁଥିବା ବେଳେ ରାଜ୍ୟ ସରକାର କିନ୍ତୁ ମଦ ବନ୍ଦ କରିବା ପରିବର୍ତ୍ତେ ମଦ ପ୍ରସାରଣରେ ମାତିଛନ୍ତି ବୋଲି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ଅଭିଯୋଗ ହେଉଛି।

ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ପୂର୍ବରୁ ବହୁ ବ୍ୟକ୍ତିବିଶେଷ, ସଂସ୍ଥା, ମୋନା, ଓଡ଼ିଶା ମଦମୁକ୍ତି ଅଭିଯାନ ଆଦି ମଦ ଓ ଅନ୍ୟାନ୍ୟ ନିଶାକୁ ରାଜ୍ୟରେ ସମ୍ପୂର୍ଣ୍ଣ ନିଷିଦ୍ଧ କରି ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରିତ୍ୱ କାଳରେ ପାରିତ କରାଯାଇଥିବା ସମ୍ପୂର୍ଣ୍ଣ ନିଶା ନିବାରଣ ଆଇନ୍‌କୁ କଡ଼ାକଡ଼ି ଭାବେ ଲାଗୁ କରିବାକୁ ପରାମର୍ଶ ଦେଇଥିଲେ। ତେବେ ଗତ ବିଜେଡି ସରକାର ଭଳି ବର୍ତ୍ତମାନର ବିଜେପି ସରକାର ଅମଳରେ ଅବକାରୀ ରାଜସ୍ୱ ନାମରେ ନିଶା କାରବାର ବଢ଼ିଚାଲିଛି।

୪ ବର୍ଷ ଭିତରେ ଓଡ଼ିଶାର



ଲାଇସେନ୍ସପ୍ରାପ୍ତ ମଦ ଦୋକାନଗୁଡ଼ିକ ମାଧ୍ୟମରେ ମଦ ଯୋଗାଣ ୨୦ କୋଟି ଲିଟରରୁ ବଢ଼ି ବାର୍ଷିକ ୪୦ କୋଟି ଲିଟର ଟପିସାରିଲାଣି। ଏହାର ଢେର ଅଧିକ ଗୁଣ ଚୋରା ମଦ ଓ ଅନ୍ୟାନ୍ୟ ନିଶା ସାମଗ୍ରୀ କାରବାର ହେଉଛି। ଏମିତିକି ଗୁଟ୍‌ଖା ନିଷିଦ୍ଧ କରାଯାଇଥିଲେ ମଧ୍ୟ ଖୋଲାଖୋଲି ଭାବେ ଗୁଟ୍‌ଖା, ଗଞ୍ଜେଇ, ବ୍ରାଉନସୁଗର, ଚରସ, ହେରୋଇନ୍, ନିଶାଯୁକ୍ତ କଫସିରପ ଓ ଅନ୍ୟାନ୍ୟ ମାରାତ୍ମକ ମାଦକଦ୍ରବ୍ୟର ଖୋଲା କାରବାର ଚାଲୁଛି। ଗତ ୨୦୨୪ରେ ନୂଆ ସରକାର ଦାୟିତ୍ୱ ନେବା ପରେ ସଙ୍କଳ୍ପପତ୍ରରେ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପାଳନ ପାଇଁ ଘୋଷଣା କରିଥିଲେ। କିନ୍ତୁ ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବାର ୨ ବର୍ଷ ୨ ମାସ ପରେ ବି ନିଶା ନିବାରଣ ପରିବର୍ତ୍ତେ ପ୍ରସାରଣ ଚାଲିଛି। ଏମିତିକି ବନ୍ଦ ଥିବା ବହୁ ମଦ ଦୋକାନ ମଧ୍ୟ ଆପତ୍ତିଜନକ ସ୍ଥାନରେ ଖୋଲାଯାଉଛି। ଏହା ବିରୋଧରେ ବିଭିନ୍ନ ଅଞ୍ଚଳରେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଏହି ପରିପ୍ରେକ୍ଷୀରେ ଗତ ଜୁନ୍ ୨୩ରୁ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସମ୍ପୂର୍ଣ୍ଣ ମଦମୁକ୍ତ ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି କାର୍ଯ୍ୟକାରୀ କରିବା ଦାବିରେ ରାଜଧାନୀରେ ତ୍ରିରଙ୍ଗା ପଦଯାତ୍ରା ଚାଲିଛି। ବିଧାନସଭା ସମ୍ମୁଖରେ ଥିବା ନବକୃଷ୍ଣ ଚୌଧୁରୀଙ୍କ ପ୍ରତିମୂର୍ତ୍ତିଠାରୁ ସଚିବାଳୟ, ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀମାନଙ୍କ ବାସଭବନ ସମ୍ମୁଖ ରାସ୍ତା ଦେଇ ଏହି ତ୍ରିରଙ୍ଗା ଶୋଭାଯାତ୍ରା ରାଜଭବନ ଛକରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟକୁ ସବୁଦିନ ଅପରାହ୍ନରେ ଆସୁଛି। ଆଜିର ତ୍ରିରଙ୍ଗା ଶୋଭାଯାତ୍ରାରେ ବିଶିଷ୍ଟ ଗାନ୍ଧି ବିଚାର ଚିନ୍ତକ ପ୍ରହଲ୍ଲାଦ ସିଂହ, ଯୁବ ସମାଜସେବୀ ବିଭୁ ପ୍ରସାଦ ବକ୍ସି, ରାକେଶ ମହାପାତ୍ର ଓ ଉଲ୍ଲାସ ଚନ୍ଦ୍ର ମହାପାତ୍ର ଜାତୀୟ ପତାକା ଧରି ଚାଲିଥିଲେ। କୁଳମଣି ଶୁକ୍ଳ, ଦୁର୍ଗାପ୍ରସାଦ ଦାସ, ଖଗେଶ୍ୱର ବଳ, ଇନ୍ଦୁମତି ସାହୁ, ଇଞ୍ଜିନିୟର ବିଶ୍ୱଜିତ ମହାନ୍ତି, ସ୍ନେହାଂଶୁ ଜେନା, ସାବିତ୍ରୀ ଦେବୀ ପ୍ରମୁଖ ନିଶା ବିରୋଧୀ ନାରା ସହ ଦେଶାତ୍ମବୋଧକ ସଙ୍ଗୀତ ଗାନ କରି ତ୍ରିରଙ୍ଗା ଯାତ୍ରାକୁ ଆଗେଇ ନେଇଥିଲେ। (ତଥ୍ୟ)

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିବଦମାନ ପ୍ରସଙ୍ଗରେ...

କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାର ଆୟୋଜିତ ଏହି ବୈଠକରେ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ସମେତ ୪୦ଟି ରାଜନୈତିକ ଦଳର ୫୮ ଜଣ ନେତା ଉପସ୍ଥିତ ଥିଲେ। ସଂସଦର ପୂର୍ବ ଅଧିବେଶନଠାରୁ ଦଳୀୟ ବିଭାଜନର ଶିକାର ହୋଇଥିବା ଟିଏମ୍‌ସି, ଶିବସେନା (ୟୁବିଟି) ଓ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମେତ କଂଗ୍ରେସ, ସମାଜବାଦୀ, ବାମଦଳ, ଆରଜେଡି, ଡିଏମକେ ଓ ଜେଏମଏମ୍ ଆଦି ଦଳଗୁଡ଼ିକ ବୈଠକ ଆରମ୍ଭ ହେବା କ୍ଷଣି ପ୍ରତିବାଦ କରି ବାହାରକୁ ଚାଲିଯାଇଥିଲେ। ବିଦ୍ରୋହୀ ଟିଏମ୍‌ସି ଗୋଷ୍ଠୀକୁ ସର୍ବଦଳୀୟ ବୈଠକକୁ ଆମନ୍ତ୍ରଣ କରିବା ଅଗଣତାନ୍ତ୍ରିକ ବୋଲି ଦର୍ଶାଇ ସେମାନଙ୍କ ପ୍ରତିବାଦକୁ ପଞ୍ଜୀକୃତ କରି ପୁଣି କକ୍ଷକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସର୍ବଦଳୀୟ ବୈଠକ ଅବସରରେ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିଧାନସଭା କାର୍ଯ୍ୟସୂଚୀ ଉପସ୍ଥାପନ କରାଯାଇଛି। ଅପର ପକ୍ଷରେ ବିରୋଧୀମାନେ ସଂସଦର ଅଧିବେଶନ ଅବସରରେ ଶ୍ରୀରାମ ଜନ୍ମଭୂମି ଟ୍ରଷ୍ଟ ଦାନ ଦୁର୍ନୀତି, ନିଟ୍-ପ୍ରଶ୍ନପତ୍ର ପ୍ରଘଟ, ସୀମା ନିର୍ଦ୍ଧାରଣ ଓ ଲୋକସଭା ବାଚସ୍ପତିଙ୍କୁ ଭୂମିକା ସମେତ ଏକାଧିକ ବିବଦମାନ ପ୍ରସଙ୍ଗ ଉତ୍‌ଥାପନ କରିବେ ବୋଲି ସଂକେତ ଦେଇଛନ୍ତି। ସଂସଦର ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ଏହା ଅଗଷ୍ଟ ୧୩ ଯାଏ ଚାଲିବ। ସରକାର ଏହି ଅଧିବେଶନରେ ୮ଟି ବିଲ୍ ଉପରେ ଆଲୋଚନା ପାଇଁ ତାଲିକା ପ୍ରସ୍ତୁତ କରିଛନ୍ତି ବୋଲି ରିଜିଜୁ କହିଛନ୍ତି। ପୂର୍ବରୁ ସମର୍ଥନ ଅଭାବରୁ କାଟ୍ ଖାଇଥିବା ସୀମା ନିର୍ଦ୍ଧାରଣ ବିଲ୍ ସଂସଦରେ ପୁଣି ଆଲୋଚନା କରିବାକୁ ସରକାରଙ୍କ ଚାହୁଁଛନ୍ତି କି ବୋଲି ଏକ ପ୍ରଶ୍ନର ଉତ୍ତର ଦେଇ ରିଜିଜୁ କହିଛନ୍ତି ଯେ ଏହା ଉପରେ ବ୍ୟାବସାୟିକ ଉପଦେଷ୍ଟା କମିଟି ବୈଠକରେ ଆଲୋଚନା କରାଯିବ। ବୈଠକ ଶେଷରେ ସେ କହିଥିଲେ ଯେ ସଂସଦର ଅଧିବେଶନ ବିନା କୌଣସି ବିଶୃଙ୍ଖଳାରେ ସୁରୁଖୁରୁରେ ତଥା ଶାନ୍ତି ଶୃଙ୍ଖଳାର ସହିତ ଚାଲୁ ବୋଲି ଦେଶର ଲୋକମାନେ ଚାହାନ୍ତି। ସଂସଦରେ ଆଗତ ହେବାକୁ ଥିବା ବିଧେୟକଗୁଡ଼ିକର ଆଲୋଚନା ବେଳେ ସକାରାତ୍ମକ ଓ ଗଠନମୂଳକ ମତାମତ ଓ ପରାମର୍ଶ ସହି ଆଲୋଚନାରେ ଅଂଶଗ୍ରହଣ କରିବାକୁ ସେ ସମସ୍ତ ଦଳକୁ ଅନୁରୋଧ କରିଛନ୍ତି।

### ୧୧ ମୃତ, ଶତାଧିକ...

ବର୍ଷାକୁ ଦୃଷ୍ଟିରେ ରଖି ପ୍ରଶାସନ ଜନସାଧାରଣଙ୍କୁ ନଦୀ, ଝରଣା ଓ ସମ୍ବେଦନଶୀଳ ଅଞ୍ଚଳରୁ ଦୂରେଇ ରହିବାକୁ ନିବେଦନ କରିଛି। ନିଖୋଜ ହୋଇଥିବା ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଜିଲ୍ଲାର ଦାରହାଲି, ଖଣ୍ଡଲି, ସୁକତୋହ ଏବଂ ଜାମୋଲା ଆଦି ପ୍ରମୁଖ ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ନଦୀଗୁଡ଼ିକର ଜଳସ୍ତର ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ରାସ୍ତାଗୁଡ଼ିକ ଏକରକମ ନଦୀରେ ପରିଣତ ହୋଇଛି। ଶହ ଶହ ସ୍ଥାନୀୟ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଉଦ୍ଧାରକାରୀ ଦଳ ଏକ ଭଗ୍ନାବଶେଷ ଭିତରୁ ୫ ଜଣଙ୍କ ଶବକୁ ଉଦ୍ଧାର କରିଛନ୍ତି। ନିଖୋଜ ହୋଇଥିବା ଲୋକଙ୍କୁ ଓ ମୃତକଙ୍କୁ ଠାବ କରିବାକୁ ତଲାସୀ ଅଭିଯାନ ଜୋରଦାର ହୋଇଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ପାଣିପାଗ ବିଭାଗ ଆସନ୍ତାକାଲିଠାରୁ ୨୩ ତାରିଖ ମଧ୍ୟରେ ଜମ୍ମୁ ଓ କାଶ୍ମୀରର ଅନେକ ଜିଲ୍ଲାରେ ବର୍ଷା ହେବାର ପୂର୍ବାନୁମାନ କରିଛି। ବିଶେଷକରି ଜାମ୍ମୁ ଡିଭିଜନର ଜାମ୍ମୁ, କାଠୁଆ, ସାମ୍ବା, ରାଜୌରୀ, ଡୋଡା, ରାମବାନ ଓ କିସ୍ତୱାର ଜିଲ୍ଲାଗୁଡ଼ିକୁ ହାଇ ଆଲର୍ଟରେ ରଖାଯାଇଛି।

### ରାଜ୍ୟପାଳଙ୍କ ନିକଟରେ...

୨୦୧୨ରୁ ଡିଲିଂ ଆସିଷ୍ଟାଣ୍ଟଙ୍କ ବଦଳି ହେଉନି। ୨୦୨୪ରେ କିଛି ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରସାରଣ ପାଇଁ ୯ ମାସ ପାଇଁ ତାଙ୍କର ବଦଳି କରାଯାଇଥିଲା। ୯ ମାସ ପରେ ସେ ପୁଣି ନିଜ ଆସନକୁ ଫେରିଆସିଲେ। ଏହି ବ୍ଲାକମେଲିଂରେ ଏହି ଦୁଇ ବ୍ୟକ୍ତିଙ୍କ ସହ କିଛି ଘରୋଇ କ୍ଲିନିକ ମାଲିକ ସେମାନଙ୍କ ଏଜେଣ୍ଟ ସାଜିଥିବା ମଧ୍ୟ ଆବେଦନକାରୀ ଅଭିଯୋଗ କରିଛନ୍ତି। କଟକ ଡିସିଏମଓଙ୍କ କାର୍ଯ୍ୟାଳୟରେ ଚାଲିଥିବା ଏହି ଦୁର୍ନୀତି ଓ ବ୍ଲାକମେଲିଂର ଭିଜିଲାନ୍ସ ତଦନ୍ତ ପାଇଁ ସେ ଦାବି କରିଛନ୍ତି।

### ଟାଇଟଲ୍ ଜିତିବାରେ ...

ଚରଣ ମାଝୀ ଜବରଦସ୍ତ ସଫଳତା ସକାଶେ ସିନ୍ଧୁଙ୍କୁ ବଧେଇ ଜଣାଇଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ଶ୍ରୀ ମୋଦି ଉଲ୍ଲେଖ କରିଛନ୍ତି ଯେ ସମଗ୍ର ଟୁର୍ଣ୍ଣାମେଣ୍ଟରେ ସିନ୍ଧୁଙ୍କ ପ୍ରଦର୍ଶନ ଅନନ୍ୟ ରହିଥିଲା। ବିଶେଷକରି ଦେଶର ପ୍ରଥମ ଖେଳାଳି ଭାବେ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହେବା ସବୁଠାରୁ ସ୍ୱତନ୍ତ୍ର। ସିନ୍ଧୁଙ୍କ ଏହି ପ୍ରଦର୍ଶନ ଦେଶର ଯୁବ ଶଟଲରମାନଙ୍କୁ ବିଶେଷ ପ୍ରଭାବିତ କରିବ ବୋଲି ଶ୍ରୀ ମୋଦି କହିଛନ୍ତି। ସେହିପରି ଶ୍ରୀ ପ୍ରଧାନ ମଧ୍ୟ ସୋସିଆଲ୍ ମିଡିଆ 'ଏକ୍ସ'ରେ ଦର୍ଶାଇଛନ୍ତି ଯେ ଜାପାନ ଓପନ୍ ପରି ଏକ ପ୍ରତିଷ୍ଠିତ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ହେବା ସିନ୍ଧୁଙ୍କ ପକ୍ଷେ ଏକ ଅଭୂତପୂର୍ବ ସଫଳତା। ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ବିରୋଧୀ ଦଳ ନେତା ମଧ୍ୟ ସିନ୍ଧୁଙ୍କ ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି।

### ହୀରାକୁଦର ୪ ଗେଟ୍...

ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଆଜି ପୂର୍ବାହ୍ନ ସାଢ଼େ ୯ଟା ସୁଦ୍ଧା ଜଳଭଣ୍ଡାରରେ ଜଳସ୍ତର ୬୧୧.୫୦ ଫୁଟ୍‌ରେ ପହଞ୍ଚିଥିବା ବେଳେ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୫୭ ହଜାର ୪୪୨ ଘନଫୁଟ୍ ବନ୍ୟାଜଳ ଜଳଭଣ୍ଡାର ମଧ୍ୟକୁ ପ୍ରବେଶ କରୁଛି। ଅପରପକ୍ଷରେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡ୍‌ରେ ମୋଟ ୯୩ ହଜାର ୪୦୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସେଥିମଧ୍ୟରୁ ୪ଟି ସ୍ଲୁଇସ୍ ଗେଟ୍ ମାଧ୍ୟମରେ ୬୦ ହଜାର ୫୨ ଘନଫୁଟ୍ ଓ ବିଭିନ୍ନ କେନାଲ, ପାୱାର ଚ୍ୟାନେଲ୍ ଓ ଶିଳ୍ପ ପ୍ରତିଷ୍ଠାନର ବ୍ୟବହାର ପାଇଁ ୩୩ ହଜାର ୩୫୪ ଘନଫୁଟ୍ ଜଳ ନିଷ୍କାସନ କରାଯାଉଛି। ଆଜି ୪ଟି ସ୍ଲୁଇସ୍ ଗେଟ୍ ଖୋଲାଯିବା ପରେ ମହାନଦୀ ଶଯ୍ୟାରେ ଜଳସ୍ତର ହଠାତ୍ ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ସମ୍ବଲପୁର ଜିଲ୍ଲା ପ୍ରଶାସନ ସତର୍କ ସୂଚନା ଜାରି କରିଛି।

### ମହାପ୍ରଭୁଙ୍କ ଅଳଙ୍କାରର...

ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ଅଳଙ୍କାରର ସଠିକ୍ ଓଜନ, ଗଠନ, ଡିଜାଇନ୍ ଓ ପୁରାତନ ମୂଲ୍ୟକୁ ସାଇତି ରଖିବା ଉଦ୍ଦେଶ୍ୟରେ ଥ୍ରୀ-ଡି ସ୍କାନିଂ ବ୍ୟବସ୍ଥା ଆପଣାଯାଇଛି। ଏହି ଟେକ୍ନୋଲୋଜି ମାଧ୍ୟମରେ ପ୍ରତ୍ୟେକ ଅଳଙ୍କାରର ଡିଜିଟାଲ୍ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯିବ, ଯାହା ଭବିଷ୍ୟତରେ କୌଣସି ବିବାଦ କିମ୍ବା ସମସ୍ୟା ଉପୁଜିଲେ ଏକ ପ୍ରମାଣିକ ଦସ୍ତାବିଜ୍ ଭାବେ କାର୍ଯ୍ୟ କରିବ। ରତ୍ନଭଣ୍ଡାରର ଯାଞ୍ଚ ସମୟରେ ଯେପରି କୌଣସି ପ୍ରକାର ତ୍ରୁଟି ନ ହୁଏ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି।

### ସମ୍ବିଧାନ ସଂଶୋଧନ...

ସାଂସଦଙ୍କ ସମର୍ଥନ ପାଇଁ ଜୋରଦାର କସରତ ଚାଲିଛି। କଂଗ୍ରେସ ସହ ବିବାଦ ପାଇଁ ଡିଏମକେ ବିଜେପିକୁ ସମର୍ଥନ ଦେବାର ସମ୍ଭାବନା ରହିଛି। ଏହାଦ୍ୱାରା ଏନଡିଏର ଶକ୍ତି ୩୪୮ରେ ପହଞ୍ଚିବ। ତଥାପି ଆଉ ୧୨ ଜଣ ସାଂସଦଙ୍କ ସମର୍ଥନ ଆବଶ୍ୟକ ପଡୁଛି। ତେଣୁ ୱାଇଏସଆରସିପିର ୪, ଜେଏମଏମର ୩, ଭିସିକେର ୨, ଆରଏଲପିର ଜଣେ, ଅକାଳୀ ଦଳର ଜଣେ ଓ କିଛି ସ୍ୱାଧୀନ ସାଂସଦଙ୍କୁ ନିଜ ସପକ୍ଷରେ ଆଣିବାକୁ ଲବି ଚାଲିଛି। ସେହିଭଳି ରାଜ୍ୟସଭାରେ ବିଲ୍ ପାସ କରିବାକୁ ୧୬୪ ସାଂସଦଙ୍କ ସମର୍ଥନ ଦରକାର। ବର୍ତ୍ତମାନ ରାଜ୍ୟସଭାରେ ଏନଡିଏର ଶକ୍ତି ହେଉଛି ୧୫୦। ଏନସିପି, ଡିଏମକେ ଓ ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପଶ୍ଚିମବଙ୍ଗର ତିନି ରାଜ୍ୟସଭା ଆସନ ପାଇଁ ନିର୍ବାଚନ ପରେ ଏନଡିଏର ଶକ୍ତି ୧୬୨କୁ ବୃଦ୍ଧି ପାଇବ। ତଥାପି ଆଉ ଦୁଇଟି ଭୋଟ୍ ଆବଶ୍ୟକ।

### ନବୀନଙ୍କୁ ଝାଡ଼ିଦେଲେ..

କହିଛନ୍ତି। କିନ୍ତୁ ଆଜି ଏହି ବ୍ୟବସ୍ଥା ଉପରେ ଥିବା ବିଶ୍ୱାସ ଭାଙ୍ଗିଯାଇଛି। ଏହା ଶିକ୍ଷା ବ୍ୟବସ୍ଥାର ମୂଳଭିତ୍ତିକୁ ନଷ୍ଟ କରୁଛି। ଯେଉଁ ଦେଶ ତାହାର ପରୀକ୍ଷା ବ୍ୟବସ୍ଥା ସହ ସାଲିସ କରେ, ସେ ନିଜର ଭବିଷ୍ୟତ ସହ ସାଲିସ କରେ। ସଂସଦରେ ପୂର୍ଣ୍ଣାଙ୍ଗ ବିତର୍କ ଦ୍ୱାରା ପ୍ରଶ୍ନପତ୍ର ଲିକ, ତ୍ରୁଟିପୂର୍ଣ୍ଣ ମୂଲ୍ୟାଙ୍କନ ଏବଂ ବ୍ୟବସ୍ଥାଗତ ବିଫଳତା ପୁନରାବୃତ୍ତି ନ ହେବା ପାଇଁ ଠୋସ୍ ସୁଧାର ଅଣାଯିବା ଉଚିତ୍। ଏହି ବିଶ୍ୱାସ ଭଙ୍ଗ ପାଇଁ ଦାୟିତ୍ୱ ନିର୍ଦ୍ଧାରଣ ମଧ୍ୟ ଜରୁରୀ ବୋଲି ସେ କହିଛନ୍ତି। ନବୀନଙ୍କ ଏଭଳି ପୋଷ୍ଟର କଡ଼ା ଜବାବ ଦେଇଛନ୍ତି ବାବୁ। ବିଜେଡି ସରକାର ଅମଳରେ ଗତ ୨୪ ବର୍ଷ ମଧ୍ୟରେ ହୋଇଥିବା ଏକାଧିକ ଥର ପରୀକ୍ଷା ବିବାଦର ଲମ୍ବା ତାଲିକା ଦେଇ ନବୀନଙ୍କୁ ଆଗ ନିଜ ତ୍ରୁଟି ପାଇଁ ଉତ୍ତରଦାୟିତ୍ୱ ନେବାକୁ ସେ କହିଛନ୍ତି। ୨୦୧୫ରେ କନଷ୍ଟେବଳ ନିଯୁକ୍ତି ପରୀକ୍ଷାଠାରୁ ଆରମ୍ଭ କରି ୨୦୧୬, ୨୦୧୯ ଓ ୨୦୨୨ରେ ଓଟିଇଟି ପ୍ରଶ୍ନପତ୍ର ଲିକ ହୋଇଥିଲା। ୨୦୧୮ରେ ମାଟ୍ରିକ ପ୍ରଶ୍ନପତ୍ର ଲିକ ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ୨୦୧୯ରେ ମାଟ୍ରିକ ଓଡ଼ିଆ ପ୍ରଶ୍ନପତ୍ର ପରୀକ୍ଷା ପୂର୍ବରୁ ସୋସିଆଲ ମିଡିଆରେ ବୁଲିଲା। ଏପରିକି ଏଏସଓ ନିଯୁକ୍ତି ପ୍ରକ୍ରିୟାକୁ ନେଇ ମଧ୍ୟ ଅଭିଯୋଗ ଉଠିଥିଲା। ବାରମ୍ବାର ଷ୍ଟାଫ୍ ସିଲେକ୍ସନ ପରୀକ୍ଷା ପ୍ରଶ୍ନପତ୍ର ଲିକ, ପ୍ରଶାସନିକ ତ୍ରୁଟି ପାଇଁ ବାତିଲ ହୋଇଛି, ଯେଉଁଥିପାଇଁ ହଜାର ହଜାର ପରୀକ୍ଷାର୍ଥୀ ହତାଶ ହୋଇ ଆନ୍ଦୋଳନ କରିଛନ୍ତି। କୌଣସି ଗୋଟିଏ ଥର ତତ୍କାଳୀନ ବିଜେଡି ସରକାର ଆନ୍ଦୋଳନରତ ପରୀକ୍ଷାର୍ଥୀଙ୍କ ସହ ଆଲୋଚନା କରି ନ ଥିଲା। ଯେତେବେଳେ ବି ପରୀକ୍ଷାକୁ ନେଇ କୌଣସି ଅନିୟମିତତା ସାମ୍ନାକୁ ଆସିଛି, ତା'ର ସିବିଆଇ ତଦନ୍ତ କରାଯାଇଛି। ବିଜେଡି କେନ୍ଦ୍ରକୁ ଲେକ୍ଚର ଦେବା ପୂର୍ବରୁ ଓଡ଼ିଆ ପରୀକ୍ଷାଙ୍କୁ ଉତ୍ତର ଦେଉ ବୋଲି ସେ ଦାବି କରିଛନ୍ତି।

### ନୂଆ ଟିମ୍‌ରେ...

୨୦୨୯ର ନିର୍ବାଚନ ତାଙ୍କ ନେତୃତ୍ୱରେ ବିଜେଡି ଲଢ଼ିବ ବୋଲି ନିଜେ ନବୀନ ନିଜେ ସ୍ପଷ୍ଟ କରିଛନ୍ତି, ତେଣୁ ଏବେ ଟିମ୍ ଗଠନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ହେଲେ ଏହି ଟିମ୍‌ରୁ ଦଳର ଅନେକ କ୍ଷତି କରିଥିବା ପୁରୁଣା କାର୍ପେଟଦାରମାନେ ଯେଭଳି ପଶି ନ ଆସନ୍ତି, ତାହା ଉପରେ କର୍ମୀମାନେ ନଜର ରଖିଛନ୍ତି। ଏହାକୁ ନେଇ ବିଜେଡି ଭିତରେ ଛକାପଞ୍ଝା ଆରମ୍ଭ ହୋଇଥିବା ବେଳେ ଟିମ୍ ଗଠନ ପୂର୍ବରୁ ଦଳ ଏକାଧିକ ସୂତ୍ରରୁ ଖବର ସଂଗ୍ରହ କରୁଥିବାରୁ ଏବେ ସମସ୍ତଙ୍କ ନଜର ନୂଆ ଟିମ୍ ଉପରେ ରହିଛି।

## ଦଳିତ ଯୁବକଙ୍କୁ ହତ୍ୟା ଧମକ, ଜିଲ୍ଲାପାଳଙ୍କୁ ଅଭିଯୋଗ

କେନ୍ଦ୍ରାପଡ଼ା,୧୯।୭(ସଂଚାର ବ୍ୟୁରୋ):ଜଣେ ଦଳିତବର୍ଗର ଯୁବକଙ୍କୁ ଜାତିଆଣ ଆକ୍ଷେପ ସହ ହତ୍ୟା କରିବାକୁ ଧମକ ଦିଆଯାଇଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି।

ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ଥାନା ଅଧିନ ଦଶିପୁର ଗ୍ରାମର ଅମୁଲ୍ୟ କୁମାର ମଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ ତାଙ୍କ ଦଶିପୁର ଗ୍ରାମରେ ଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନିର୍ମାଣାଧିନ ମନ୍ଦିର ଭିତରେ ଗତ ଜୁନମାସ ୨୩ ତାରିଖରେ ବାଲିପୁରା ଯାଉଥିଲା । ଅମୁଲ୍ୟ ସେହି ବାଟଦେଇ ଯାଉଥିବା ବେଳେ ଗ୍ରାମର ବିବେକାନନ୍ଦ ଦାଶଙ୍କ ସହ ହଠାତ ଦେଖାହେବାରୁ ସେ କଥା ହୋଇଥିଲେ। ଠିକ ଏହି ସମୟରେ ସେହି ଗ୍ରାମର ଶାନ୍ତନୁ ଦାଶ ଓ ତାଙ୍କ ପତ୍ନୀ ପ୍ରିୟଦର୍ଶିନୀ ଦାଶ ହଠାତ ଆସି ବିବେକାନନ୍ଦଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାରଣାସ୍ତ୍ର ଧରି ମାରିଦେବାକୁ ଉଦ୍ୟମ କଲେ। ଏହି ଘଟଣାର ଫଟୋ ଉଠାଇବାକୁ ବିବେକାନନ୍ଦ ଅମୂଲ୍ୟଙ୍କୁ କହିବାରେ ସେ ତାଙ୍କ ମୋଇବାଲଇଟି ନେଇ ଫଟୋ ଉଠାଇଥିଲେ। ଫଳରେ ଉଭୟ ଶାନ୍ତନୁ ଓ ତାଙ୍କ ପତ୍ନୀ ପ୍ରିୟଦର୍ଶିନୀଙ୍କ ସମେତ ୪ଜଣ ତାଙ୍କୁ ଜାତିଆଣ ଆକ୍ଷେପ କରି ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିଲେ।

ଏସମ୍ପର୍କରେ ଅମୂଲ୍ୟ ଜୁଲାଇମାସ ୩ ତାରିଖରେ ରାଜକନିକା ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ । କିନ୍ତୁ ତାଙ୍କ ଅଭିଯୋଗ ଉପରେ ରାଜକନିକା ଥାନା ପକ୍ଷରୁ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ସେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ ଯେ ଅଭିଯୁକ୍ତମାନଙ୍କ ନାମରେ ରାଜକନିକା ଥାନାରେ ପୂର୍ବରୁ ବିଭିନ୍ନ ସଂଗୀନ ମାମଲା ରହିଛି । ତେଣୁ ଅପୂର୍ବଙ୍କ ଜୀବନପ୍ରତି ବିପଦ ଥିବାରୁ ତୁରନ୍ତ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି ।

# ବାଲିଆପାଳ ତହସିଲରେ କର୍ମଚାରୀ ଅଭାବ

### ସୁବିଧା ନପାଇ ଫେରୁଛନ୍ତି ଲୋକେ, ବଢୁଛି ଅସନ୍ତୋଷ

ବାଲିଆପାଳ,୧୯।୭ (ସଂଚାର ବ୍ୟୁରୋ): ଦୀର୍ଘ ଦିନ ଧରି ବାଲିଆପାଳ ବ୍ଲକର ତହସିଲ,ବ୍ଲକ, ହସ୍ପିଟାଲ, ଥାନା, ଫାଣ୍ଡି ପ୍ରମୁଖ ସରକାରୀ କାର୍ଯ୍ୟାଳୟର କର୍ମଚାରୀଙ୍କର ଘୋର ଅଭାବ ରହିଛି। ଯାହା ଫଳରେ ସାଧାରଣ ଲୋକ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ମାତ୍ର ଏବେ ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ଏହି ସମସ୍ୟା ଏତେ ବଢି ଯାଇଛି ଯେ ଆୟ ପ୍ରମାଣ ପତ୍ର, ଜାତିଗତ ପ୍ରମାଣ ପତ୍ର, ବାସିନ୍ଦା ପ୍ରମାଣପତ୍ର, ଜନ୍ମ ମୃତ୍ୟୁ ପ୍ରମାଣପତ୍ର, ଜମିଜାଗା ସମ୍ବନ୍ଧୀୟ କାର୍ଯ୍ୟ, ଜମି କିଣା ବିକା ପଟ୍ଟା ଓ ବିଭିନ୍ନ ରାଜସ୍ୱ ମାମଲାର ଫାଇଲ ଚାପି ହୋଇ ପଡିରହୁଛି। ଯାହା ଫଳରେ ସାଧାରଣ ଲୋକଙ୍କୁ ଖର୍ଚ୍ଚାନ୍ତ ହୋଇ ବାରମ୍ବାର କାର୍ଯ୍ୟାଳୟରୁ ନିରାଶ ହୋଇ ଫେରିବାକୁ ପଡୁଛି।



ସୂଚନାରୁ ପ୍ରକାଶ ବାଲିଆପାଳ ତହସିଲ କାର୍ଯ୍ୟାଳୟରେ ମୋଟ ୧୧ ଜଣ କର୍ମଚାରୀ ଆବଶ୍ୟକ। ସେଥିମଧ୍ୟରୁ ସିନିୟର୍ ରାଜସ୍ୱ ସହାୟକ ୨ ଜଣରୁ ଜଣେ ଓ ଜୁନିୟର ରାଜସ୍ୱ ସହାୟକ ୬ ଜଣରୁ ୨ ଜଣ ରହିଛନ୍ତି। ଏହି ୩ ଜଣ ସହାୟକଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ଚାଲିଛି। ଏହି ୩ ଜଣଙ୍କ ପାଖରେ ଏକାଧିକ ବିଭାଗ ଥିବାରୁ କୌଣସି ବିଭାଗର କାର୍ଯ୍ୟ ସୁଚାରୁ ରୂପେ ହୋଇପାରୁନାହିଁ। ଏହା ସହିତ ଆଗାମୀ ନିର୍ବାଚନ ପାଇଁ ସରକାରଙ୍କ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟର ଭାର ଏତେ ମାତ୍ରାରେ ବଢ଼ି ଯାଇଥିବାରୁ ଅଫିସରେ ବିଭିନ୍ନ କାର୍ଯ୍ୟ ଠପ୍ ହେବାକୁ ବସିଲାଣି। ରାତ୍ରୀ ଜଗୁଆଳୀ ଏବଂ ଆଦେଶ ଜାରିକାରେ ମଧ୍ୟ କର୍ମଚାରୀ ଅଭାବ ରହିଛନ୍ତି।

ବାଲିଆପାଳ ବ୍ଲକରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଆବଶ୍ୟକ କର୍ମଚାରୀ ନଥିବାରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେବା ସହିତ ସରକାରୀ ଯୋଜନା ସଠିକ ଭାବେ ଜନସାଧାରଣଙ୍କ ପାଖରେ ପହଞ୍ଚି ପାରୁନାହିଁ। ଏସବୁ କାର୍ଯ୍ୟାଳୟରେ କର୍ମଚାରୀ ନିଯୁକ୍ତି ପାଇଁ ସୁଚନା ଅଧିକାର ସଂଘ ପକ୍ଷରୁ ୨୦୨୫ ମସିହା ମେ ୩ ତାରିଖରେ ଡବ୍ଲୁ ପି (ସି) ୧୯୩୮/୨୦୨୫ ମୂଳେ ଏକ ଜନସ୍ୱାର୍ଥ ମାମଲା ହାଇକୋର୍ଟରେ ରୁଜୁ ହୋଇଛି। ସାଧାରଣ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଜୁନ ୩୦ ତାରିଖରେ ପୁର୍ନବାର ସଂଘ ପକ୍ଷରୁ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳଙ୍କୁ ତହସିଲଦାରଙ୍କ ଜରିଆରେ ତହସିଲ କାର୍ଯ୍ୟାଳୟରେ କର୍ମଚାରୀ ନିଯୁକ୍ତି ପାଇଁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବାଲିଆପାଳ ବ୍ଲକରେ କର୍ମଚାରୀ ନିଯୁକ୍ତି ସମ୍ପର୍କରେ ଜିଲ୍ଲାପାଳ ଗୁରୁତ୍ୱ ଦେଉନଥିବାରୁ ଜିଲ୍ଲାପାଳଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ସଂଗଠନ ସଭାପତି ଅନୁଜ ମହାପାତ୍ର କହିଛନ୍ତି।

### ନିର୍ଦ୍ୱନ୍ଦ୍ୱରେ ଜଳସମ୍ପଦ ବିଭାଗ

## ଚାଷ କାର୍ଯ୍ୟ ନେଇ ଚିନ୍ତାରେ ଚାଷୀ

ଡେରାବିଶ,୧୯।୭ (ସଂଚାର ବ୍ୟୁରୋ): ସରକାର କେନାଲ ବନ୍ଧ ବାଡର ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଚାଷ କାର୍ଯ୍ୟ ପାଇଁ କେନାଲର ଆବଶ୍ୟକତାକୁ ଅନୁଭବ କରାଯାଇ ଯଥେଷ୍ଟ ପୂର୍ବରୁ କେନାଲ ସଫା କରାଯିବାର ବିଧି ବ୍ୟବସ୍ଥା ରହିଛି। ମାତ୍ର ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ପଞ୍ଚାୟତରେ।



ଏହି ପଞ୍ଚାୟତ ଅନ୍ତର୍ଗତ ୧୧ (ଏ)୧୨ କେନାଲର ରକ୍ଷଣାବେକ୍ଷଣ ହେଉନଥିବାରୁ ଚାଷ ଜମି ସହ ମିଶି ଯିବାକୁ ବସିଲାଣି। ଧାନ ଚାଷ ପାଇଁ ତଳି ଘେରା ପ୍ରସ୍ତୁତ ହେଉଥିବା ବେଳେ ଖୁବଶୀଘ୍ର ରୁଆପୋତା କାମ ଆରମ୍ଭ ହେବ। ମାତ୍ର ଜଳସମ୍ପଦ ବିଭାଗ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁଁ ଏଯାଏଁ ଏହି କେନାଲ ପ୍ରତି ଦୃଷ୍ଟି ଦିଆଯାଇନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହି କେନାଲ ବହୁ ସ୍ଥାନରେ ଚାଷଜମି ସହ ମିଶି ଯାଇଥିବା ବେଳେ ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଫଳରେ ଏହି କେନାଲ ଦ୍ୱାରା ଜଳସେଚିତ ହୋଇଥିବା ଚାଷ ଜମି ଚଳିତ ବର୍ଷ ପଡିଆ ପଡ଼ିବା ଆଶଙ୍କା ସୃଷ୍ଟି ହୋଇଛି।

ଏହି କେନାଲ ଉପରେ ମୁକୁନ୍ଦପୁର, ଚାନ୍ଦୋଳ ଓ ପଲେଇ ପଞ୍ଚାୟତର ଶହ ଶହ ଏକର ଜମି ଜଳସେଚିତ ହୋଇଥାଏ। ଆଶ୍ଚର୍ଯ୍ୟର କଥା ଏହି କେନାଲ ଖୋଦ୍ ଜଳସମ୍ପଦ ବିଭାଗ ଚାନ୍ଦୋଳ ସେକ୍ସନ କାର୍ଯ୍ୟାଳୟ ଠାରୁ ବାହାରି ଥିଲେ ମଧ୍ୟ କିପରି ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡୁନାହିଁ ।

ଲୋକଙ୍କ କହିବା ଅନୁଯାଇ ବିଜୟ ମହାନ୍ତି ଅଫିସ ପ୍ରାୟ ଆଶୁ ନାହାନ୍ତି ବୋଲି ଅଞ୍ଚଳବାସୀ କହିଛନ୍ତି। ଦ୍ୱୀପ ତଳ ଅନ୍ଧାର ଭଳି ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ପଛପଟ କେନାଲର ଅବସ୍ଥା ଯଦି ଏଭଳି ହୁଏ ତେବେ ଚଳିତ ବର୍ଷ କିପରି କେନାଲ ମାଧ୍ୟମରେ ଚାଷୀ ପାଣି ପାଇପାରିବେ ବୋଲି ପ୍ରଶ୍ନ କରିଛନ୍ତି ଚାନ୍ଦୋଳ ପଞ୍ଚାୟତ ଲୋକେ । ତେବେ ଚାଷ କାର୍ଯ୍ୟ ଆରମ୍ଭ ପୂର୍ବରୁ ଯଦି କେନାଲ ମରାମତି ସହ ଠିକ୍ ଭାବେ ପାଣି ଯୋଗାଣ କରାନଯାଏ ତେବେ ଚାଷୀମାନେ ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚାଷୀ ଭାଇ ମାନେ କହିଛନ୍ତି।

## ଇଣ୍ଡିଆ ବୁକ୍ଅପ୍ ରେକର୍ଡରେ ସାହୁପଡ଼ାର କ୍ରିଷ୍ଣା ରାଉତ




ଆଳି,୧୯।୭(ସଂଚାର ବ୍ୟୁରୋ): ଯେଉଁ ବୟସରେ ଶିଶୁଟି ଖେଳବୁଲ କରିବା କଥା ସେହି ବୟସରେ ସେ ନିଜର ପ୍ରଖର ସ୍ମରଣ ଶକ୍ତିର ଉପଯୋଗ କରି ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ରେ ସାମିଲ ହୋଇ ପାରିଛନ୍ତି। ସଠିକ ଭାବେ ପାଟି ଫିଟିନଥିଲେ ମଧ୍ୟ ଗୋଟିକ ପରେ ଗୋଟିଏ ପ୍ରଶ୍ନର ପ୍ରାଞ୍ଜଳ ଭାବେ ଉତ୍ତର ରଖି ସେ ଏବେ ଏଭଳି ଏକ ପଦଓ୍ୱୀ ହାସଲ କରିଛନ୍ତି । ଏତେ କମ ବୟସରୁ ଏଭଳି ପ୍ରତିଭାବାନ ଶିଶୁଙ୍କ ପାଇଁ ପରିବାର ସମେତ। ଆଳି ବ୍ଲକ ବଡାମ୍ବିଳା ପଞ୍ଚାୟତ ସାହୁପଡା ଗ୍ରାମର ନୃସିଂହ ଚରଣ ରାଉତ ଓ ହରପ୍ରିୟା ରାଉତଙ୍କ ନାତି ତଥା ନିର୍ମଳ ରାଉତ ଓ ଜ୍ଞାନୁ ରାଉତଙ୍କ ଦୁଇ ବର୍ଷ ଆଠ ମାସର ପୁଅ କ୍ରିଷ୍ଣା ରାଉତ ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ମେଧା ଅନେଶ୍ୱଣ କାର୍ଯ୍ୟକ୍ରମରେ ଭାଗନେଇ ସଫଳତା ହାସଲ କରିବା ପରେ ପରିବାର ସମେତ ଗ୍ରାମରେ ଖୁସିର ଲହରୀ ଖେଳିଯାଇଛି।

ଇଣ୍ଡିଆ ବୁକ ଅପ ରେକର୍ଡ ୨୦୨୬ ର ନିଜସ୍ୱ ୱେବସାଇଟ ପକ୍ଷରୁ ଅନୁଷ୍ଠିତ ଏହି ମେଧା ଅନ୍ୱେସ୍ୱଣ କାର୍ଯ୍ୟକ୍ରମରେ କ୍ରିଷ୍ଣା ଭାଗନେଇ ନିରଓ୍ୱଚ୍ଛୀନ ଭାବେ ୩୦ ପ୍ରକାର ପଶୁର ନାମ, ୧୪ ପ୍ରକାର ପକ୍ଷୀ, ୧୭ ପ୍ରକାର ଗାଡି, ୧୯ ପ୍ରକାର ଫଳ, ୧୯ ପ୍ରକାର ପନିପରିବା,୫ ଟି ରଙ୍ଗ, ଶରୀରରେ ଥିବା ୨୩ ଟି ଅଙ୍ଗପ୍ରତ୍ୟେଙ୍ଗ, ୬ ପ୍ରକାର ପଶୁ ଶାବକଙ୍କ ନାମ ସହିତ ଦିନ, ବାର, ସପ୍ତାହ, ମାସ, ବର୍ଷ, ଋତୁ ଭଳି ସାଧାରଣ ଜ୍ଞାନର ଉତ୍ତର ପ୍ରାଞ୍ଜଳ ଭାବେ ଦେଇ ସଫଳତା ହାସଲ କରିଛନ୍ତି । ଏଭଳି ଜଣେ ପ୍ରତିଭାଙ୍କ ପାଇଁ ଆଳି ଅଞ୍ଚଳରେ ଖୁସିର ଲହରୀ ଖେଳି ଯାଇଛି ।

## ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁମାନଙ୍କ ମତ୍ସ୍ୟ-କୂର୍ମ ବେଶ



ବାରିପଦା, ୧୯।୭ (ସଂଚାର ବ୍ୟୁରୋ): ଆଜି ପାଖରୁ ଶୁକ୍ରବାର ପର୍ଯ୍ୟନ୍ତ ପ୍ରତ୍ୟେହ ସନ୍ଧ୍ୟାରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଶ୍ରୀ ଗୁଣ୍ଡିଚା ମିନ୍ଦିରର ଆଡ଼ପ ମଣ୍ଡପରେ ମହାପ୍ରଭୁମାନେ ବିଭିନ୍ନ ବେଶରେ ସଜିତ ହୋଇ ଭକ୍ତ ମାନଙ୍କୁ ଦର୍ଶନ ଦେବେ। ଆଜି ରବିବାର ପ୍ରଥମ ଦିନ ସନ୍ଧ୍ୟାରେ ଆଡ଼ପ ମଣ୍ଡପରେ ତିନି ଠାକୁର ମତ୍ସ୍ୟ- କୂର୍ମ ବେଶରେ ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆଜି ମହାପ୍ରଭୁମାନଙ୍କର ବେଶ ଦର୍ଶନ କରିବା ପାଇଁ ଭକ୍ତଙ୍କର ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଶୁକ୍ରବାର ଶେଷ ବେଶ ଦର୍ଶନ । ଦ୍ୱାରିକା (ସୁନା) ବେଶରେ ତିନି ଠାକୁର ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବାପରେ ବାହୁଡ଼ା ପହଣ୍ଡି ହୋଇ ରଥ ଉପରକୁ ବିଜେ କରିବେ । ସେହିପରି ବାରିପଦା ର ଅନ୍ୟତମ ସାନ ଜଗନ୍ନାଥ ମନ୍ଦିରର ମହାପ୍ରଭୁମାନଙ୍କର ଆଜି ସନ୍ଧ୍ୟାରେ ଭକ୍ତମାନେ ବେଶ ଦର୍ଶନ କରିଛନ୍ତି । ଏଠାରେ ମଧ୍ୟ ତିନି ଠାକୁର ବିଭିନ୍ନ ବେଶରେ ସଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେବେ।

## କୁରୁପାରା-ଯାନୀପାରା ରାସ୍ତା କାଦୁଅ ପଚପଚ

### ନିମ୍ନମାନର କାମ ଅଭିଯୋଗ



ରାଇଘର,୧୯।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ କଚରାପାରା ପଞ୍ଚାୟତ ଅଧୀନ କୁରୁପାରା- ଯାନୀପାରା ରାସ୍ତାରେ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସେମାନଙ୍କ କହିବା ଅନୁଯାୟୀ, ନୂଆ ରାସ୍ତା ନିର୍ମାଣ ବେଳେ ମୁରୁମ ପକାଇବା ପରିବର୍ତ୍ତେ କେବଳ ମାଟି ପକାଯାଇଥିବାରୁ ବର୍ଷାରେ ସମ୍ପୂର୍ଣ୍ଣ ରାସ୍ତା କାଦୁଅରେ ପରିଣତ ହୋଇଛି। ପଞ୍ଚାୟତ ସଦରଠାରୁ ମାତ୍ର ୨ କିଲୋମିଟର ଦୂରରେ ଥିବା ଯାନୀପାରା ଗ୍ରାମର ପ୍ରାୟ ୩୦ ପରିବାରର ୧୫୦ରୁ ଅଧିକ ଲୋକ ଏହି ରାସ୍ତା ଉପରେ ନିର୍ଭରଶୀଳ। କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଗର୍ଭବତୀ ମହିଳା, ରୋଗୀ ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ଯାତାୟାତ ବହୁତ କଷ୍ଟକର ହୋଇପଡ଼ିଛି। ଗ୍ରାମବାସୀ ରାସ୍ତା ନିର୍ମାଣର ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ତୁରନ୍ତ ମୁରୁମ ପକାଇ ରାସ୍ତାକୁ ଚଳାଚଳଯୋଗ୍ୟ କରିବାକୁ ଦାବି କରିଛନ୍ତି।

## ଭିନ୍ନକ୍ଷମଙ୍କୁ କେବେ ମିଳିବ ଭତ୍ତା ?

ନୀଳଗିରି,୧୯।୭ (ସଂଚାର ବ୍ୟୁରୋ): ଔପଦା ବ୍ଲକ ଶ୍ୟାମସୁନ୍ଦର ପୁର ପଂଚାୟତ ଜୁରିଆପାଟଣା ଗ୍ରାମର ସରସ୍ୱତୀ ମଲ୍ଲିକଙ୍କ ଝିଅ ମଞ୍ଜୁ ମଲ୍ଲିକ (୫୩) ତାଙ୍କର ଗୋଟେ ଆଖି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ବିକୃତ ମସ୍ତିଷ୍କ ବ୍ୟକ୍ତି ଅଟନ୍ତି।ସେ ଶତକଡା ୮୦ପ୍ରତିଶତଭିନ୍ନକ୍ଷମପ୍ରଣାମପତ୍ର ପାଇ ଥିଲେ ବି ଭିନ୍ନକ୍ଷମ ଭତ୍ତା ମିଳି ପାରୁ ନଥିବା ଅଭିଯୋଗ କରିଛନ୍ତି।



ସେ ୩ ମାସରୁ ଉର୍ଦ୍ଧ୍ୱ ସମୟ ହେବ ଆବେଦନ କରି ବାରମ୍ବାର ବ୍ଲକ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଲାଣି କିନ୍ତୁ ତାଙ୍କୁ ଏ ପର୍ଯ୍ୟନ୍ତ ଭିନ୍ନକ୍ଷମ ଭତ୍ତା ମିଳିନାହିଁ। ଏ ବାବଦରେ ବ୍ଲକ ବିଏସ ଏସଓଙ୍କୁ ପଚାରିବାରୁ ଭେରିଏନ୍ସ ଆସିଲେ ଦିଆଯିବ ବୋଲି କହିଛନ୍ତି।

ଏଠି ପ୍ରଶ୍ନବାଚୀ ନିହାତି ଅସହାୟ ଗରିବ ଯାହାଙ୍କ ପାଇଁ ଭତ୍ତା ଟଙ୍କା ଅତ୍ୟନ୍ତ ଜରୁରୀ ଅଟେ। ସେମାନେ ଭତ୍ତା ଟଙ୍କା ପାଇବା ପାଇଁ ମାସ ମାସ ବିତିଯାଉଛି। ଗୋଟେ ପଟେ ରାଜ୍ୟ ସରକାର ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା ପାଳନ କରି ଲକ୍ଷ ଟଙ୍କା ଖର୍ଚ୍ଚ କରି ଉତ୍ସବ ପାଳନ କରୁଛି, କିନ୍ତୁ ଭିନ୍ନକ୍ଷମଙ୍କୁ ଭତ୍ତା ମିଳିପାରୁ ନାହିଁ। ତୁରନ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଭତା ପ୍ରଦାନ କରିବାକୁ ସାଧାରଣରେ ଦାବି କରାଯାଇଛି।

## କାର ଧକ୍କାରେ ବାପା-ପୁଅ ଗୁରୁତର

ବାଲିଅନ୍ତା, ୧୯।୭ (ସଂଚାର ବ୍ୟୁରୋ): ସରଦେଇପୁର - ନିମାପଡା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାର ବାଳକାଟି ଫାଣ୍ଡି ଅଧୀନ ପଞ୍ଚାୟତ ରୋଡ ନିକଟରେ ଆଜି ସନ୍ଧ୍ୟା ସାଢେ ୭ଟା ସମୟରେ ଏକ ଦ୍ରୁତ ଗାମୀ କାର ଧକ୍କାରେ ବାପା ପୁଅ ଗୁରୁତର ଆହତ ହୋଇ ବାଳକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି । ଆହତ ବାପ ପୁଅ ଦ୍ୱୟ ହେଲେ ବାଲିପାଟଣା ଥାନା ଅନ୍ତର୍ଗତ ପୁରୋହିତପୁର ଗ୍ରାମର ସନ୍ତୋଷ କୁମାର ଭୋଇ ଏବଂ ତାଙ୍କ ପୁଅ ଆଦର୍ଶ ଭୋଇ । ଉଭୟ ସନ୍ତୋଷ ଏବଂ ଆଦର୍ଶ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇଛି । ସ୍ଥାନୀୟ ଲୋକ ଉଭୟ ସନ୍ତୋଷ ଏବଂ ଆଦର୍ଶଙ୍କୁ ହସ୍ପିଟାଲ ପଠାଇ ଥିଲେ । ସୂଚନା ଅନୁସାରେ ନବମ ଶ୍ରେଣୀରେ ପଢୁଥିବା ଆଦର୍ଶକୁ ସନ୍ତୋଷ ସ୍କୁଟିରେ ବୁଦ୍ଧିପଡାରୁ ଘରକୁ ନେଇ ଆସୁଥିବା ବେଳେ ପଛରୁ ଏକ କାର ଧକ୍କା ଦେଇ ପଳାଇଥିଲା ।



## ପେଟ୍ରୋଲ ପମ୍ପ୍‌ରେ ଅବ୍ୟବସ୍ଥା, ଗ୍ରାହକ ଅତିଷ୍ଠ

### ବାରିଗାଁ ପେଟ୍ରୋଲ ପମ୍ପରେ ଗ୍ରାହକଙ୍କୁ କର୍ମଚାରୀଙ୍କ ଦୁର୍ବ୍ୟବହାର

### କ୍ୟୁଆର୍ ପେମେଣ୍ଟରେ ବି ଅବ୍ୟବସ୍ଥା



ଆନନ୍ଦପୁର, ୧୯।୭ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର ବାରିଗାଁ ସ୍ଥିତ ଜାତୀୟ ରାଜପଥ କଡ଼ରେ ଥିବା ଏକ ଇଣ୍ଡିଆନ୍ ପେଟ୍ରୋଲ ପମ୍ପକୁ ନେଇ ବଢ଼ିଛି ଅସନ୍ତୋଷ। ଅନଲାଇନ୍ ପେମେଣ୍ଟ ବ୍ୟବସ୍ଥାରେ ଅବ୍ୟବସ୍ଥା, କର୍ମଚାରୀଙ୍କ ଦୁର୍ବ୍ୟବହାର ଏବଂ ପମ୍ପ ପ୍ରବେଶ ପଥରେ ବଡ଼ ଖାଲ ଯୋଗୁଁ ଗ୍ରାହକ ହଇରାଣ ହେଉଥିବା ଅଭିଯୋଗ ହୋଇଛି।

ଆଧୁନିକ ଯୁଗରେ ଡିଜିଟାଲ ପେମେଣ୍ଟକୁ ସରକାର ଗୁରୁତ୍ୱ ଦେଉଥିବା ବେଳେ, ବାରିଗାଁ ସ୍ଥିତ ଏହି ପେଟ୍ରୋଲ ପମ୍ପରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ଅଭିଯୋଗ ହେଉଛି, ପେଟ୍ରୋଲ ଭରିବା ସ୍ଥାନରେ ସ୍ଥାୟୀ ଭାବେ କୌଣସି କ୍ୟୁଆର୍ ସ୍କାନର ରଖାଯାଇନାହିଁ। କର୍ମଚାରୀଙ୍କ ବ୍ୟାଗ୍‌ରେ ରହୁଥିବା ସ୍କାନର କେବଳ ଚିହ୍ନା ପରିଚିତ କିମ୍ବା ଆତ୍ମୀୟଙ୍କ ପାଇଁ ବ୍ୟବହୃତ ହେଉଥିବା ବେଳେ, ସାଧାରଣ ଗ୍ରାହକଙ୍କୁ ଅଫିସ୍‌କୁ ଯାଇ ପେମେଣ୍ଟ କରି ଚିରୁଟ୍ ଆଣିବା ପରେ ମାତ୍ର ପେଟ୍ରୋଲ ଦିଆଯାଉଛି। ଏତିକିରେ ସରିନି ସମସ୍ୟା, ଏନେଇ ପ୍ରଶ୍ନ କରିଲେ କର୍ମଚାରୀମାନେ ଗ୍ରାହକ ମାନଙ୍କ ସହିତ ଯୁକ୍ତିତର୍କ କରିବା ସହ ଦୁର୍ବ୍ୟବହାର କରୁଥିବା ଅଭିଯୋଗ ଉଠିଛି। ଫଳରେ ଗ୍ରାହକମାନଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହୋଇଛି। ତେବେ ଗ୍ରାହକଙ୍କ ଏହି ଅଭିଯୋଗକୁ ଜିଲ୍ଲା ପ୍ରଶାସନ କେତେ ଗୁରୁତର ସହ ନେଇ ପମ୍ପ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉଛି, ତାହା ଦେଖିବାକୁ ବାକି ରହିଲା।

## ବ୍ୟାସନଗର ହାଇସ୍କୁଲରେ ମେଗା ସ୍ୱାସ୍ଥ୍ୟ ସେବା ଶିବିର

ଯାଜପୁର ରୋଡ଼, ୧୯।୭ (ସଂଚାର ବ୍ୟୁରୋ): ରଥଯାତ୍ରା ଉପଲକ୍ଷେ ବ୍ୟାସନଗର ପୌରାଅଂଚଳ ସହରର ବ୍ୟାଙ୍କ ଷ୍ଟ୍ରୀଟ ରାଜାରାଣୀ ଅଟୋ ପାର୍ଟସ ନିକଟରେ ଅବସ୍ଥିତ 'ଦ ଚିକିତ୍ସାଳୟ' ଆଡ଼ଭାଂଶ କ୍ଲିନିକ ଏବଂ ଡାଇଗ୍ନୋଷ୍ଟିକ କେନ୍ଦ୍ର ପକ୍ଷରୁ ବ୍ୟାସନଗର ହାଇସ୍କୁଲ ପରିସରରେ ବିଭିନ୍ନ ବିଭାଗର ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କୁ ନେଇ ଆଜି ଏକ ମେଗା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଅଛି।



ଏହି ଶିବିରରେ ମେଡ଼ିସିନର ଡ. ଦେବାଶିଷ ରାୟ , ସ୍ତ୍ରୀ ରୋଗ ବିଶେଷଜ୍ଞ, ଶିଶୁ ବିଭାଗ, ଅସ୍ଥିଶଲ୍ୟ ବିଭାଗ ଡ. ଏସ.କେ ସୋହେଲ, ସ୍ନାୟୁ ବିଭାଗ ଡ. ମନିଷା ମହାନ୍ତି, ଚର୍ମ ବିଭାଗ ଡ଼ଃ ମାନସ ପୁହାଣ, ଫୁସଫୁସ ବିଭାଗ ଡ. ରାକଭି, ବୃକକ ବିଭାଗ ଡ. ରାକଭି ଆର ଓ କ୍ରିଟିକାଲ କେୟାରର ଡ. ପ୍ରିତିଶ ପାରିଜାତ, ସର୍ଜରୀର ଡ. ପ୍ରତୀକ ଗୌତମ, ନେଫରୋଲୋଜିର ଡ. ରଞ୍ଜନ ସାହୁଙ୍କ ସମେତ ଅଭିଜ୍ଞ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ଚିକିତ୍ସା ସହିତ ଏଠାରେ ମାଗଣାରେ ଔଷଧ ପ୍ରଦାନ, ରକ୍ତ ପରୀକ୍ଷା, ଏକ୍ସରେ ଓ ଇସିଜି ମଧ୍ୟ କରାଯାଇଥିବା ନେଇ ଚିକିତ୍ସାଳୟର ଏମଡି ଡ. ପ୍ରତୀକ ଗୌତମ ସୂଚନା ଦେଇଥିଲେ। ଏହି ଶିବିରରେ ପାଖାପାଖି ୨୦୦ରୁ ଉର୍ଦ୍ଧ୍ୱ ଲୋକ ନିଜ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଡାକ୍ତରଙ୍କ ପରାମର୍ଶ ନେଇଥିଲେ ।

### ପେଟ୍ରୋଲରେ ଇଥାନଲ ମିଶ୍ରଣକୁ ନେଇ ଯୋଡ଼ାରେ ତୀବ୍ର ଅସନ୍ତୋଷ

## ରାସ୍ତା ମଝିରେ ଅଚଳ ହେଲା ଏକାଧିକ ଗାଡ଼ି

ଯୋଡ଼ା, ୧୯।୭ (ସଂଚାର ବ୍ୟୁରୋ): ଖଣି ଅଞ୍ଚଳର ବ୍ୟସ୍ତ ଜୀବନଧାରା ମଧ୍ୟରେ ହଠାତ୍ ଥମକି ଯାଇଥିଲା ଅନେକ ଗାଡ଼ିର ଚକ। ଯୋଡ଼ା ସହରର ମଙ୍ଗଳା ମନ୍ଦିର ନିକଟରେ ଏକାଧିକ ଦୁଇଚକିଆ ଓ ଚାରିଚକିଆ ଯାନ ହଠାତ୍ ଅଚଳ ହୋଇପଡ଼ିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗାଡ଼ି ମାଲିକମାନଙ୍କ ଅଭିଯୋଗ, ପେଟ୍ରୋଲରେ ଏଥାନଲ ମିଶ୍ରଣର ପରିମାଣ ବୃଦ୍ଧି ପାଇଥିବାରୁ ଇଞ୍ଜିନ ଓ ଫ୍ୟୁଏଲ ବ୍ୟବସ୍ଥାରେ ତ୍ରୁଟି ଦେଖାଦେଇ ଏଭଳି ପରିସ୍ଥିତି ଉପୁଜିଛି।

ସକାଳରୁ ହିଁ ଅନେକ ଯାନ ଚାଳକ ନିଜ ଗାଡ଼ିରେ ଷ୍ଟାର୍ଟିଂ ସମସ୍ୟା, ଇଞ୍ଜିନ ମିସଫାୟର ଓ ହଠାତ୍ ଗତିରୋଧ ଭଳି ଅସୁବିଧା ଅନୁଭବ କରିଥିଲେ। କିଛି ଗାଡ଼ି ରାସ୍ତା ମଝିରେ ଅଟକି ଯାଇଥିବାରୁ ଯାତାୟାତ ମଧ୍ୟ ପ୍ରଭାବିତ ହୋଇଥିଲା। ଗାଡ଼ି ମାଲିକମାନେ ଠେଲି ଠେଲି ଯାନକୁ ଗ୍ୟାରେଜକୁ ନେଇଥିବା ଦୃଶ୍ୟ ସାଧାରଣ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା।



ସ୍ଥାନୀୟ ଗ୍ୟାରେଜ ମାଲିକଙ୍କ କହିବା ଅନୁସାରେ, ଗତ କିଛି ଦିନ ହେଲା ଏଭଳି ସମସ୍ୟା ନେଇ ଗାଡ଼ି ଆସିବାର ସଂଖ୍ୟା ବଢ଼ିଛି। ବିଶେଷ କରି ଫ୍ୟୁଏଲ ପମ୍ପ, ଇଞ୍ଜେକ୍ଟର ଓ ଫ୍ୟୁଏଲ ଲାଇନରେ ତ୍ରୁଟି ଦେଖାଦେଉଥିବାରୁ ମରାମତି ବାବଦରେ ଗାଡ଼ି ମାଲିକମାନଙ୍କୁ ମୋଟା ଅଙ୍କର ଖର୍ଚ୍ଚ କରିବାକୁ ପଡୁଛି।

ଘଟଣାକୁ ନେଇ ଏବେ ଯୋଡ଼ା ଅଞ୍ଚଳରେ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। ଯାନବାହନ ମାଲିକମାନେ ପ୍ରଶ୍ନ ଉଠାଇଛନ୍ତି— ଯଦି ପେଟ୍ରୋଲର ଗୁଣବତ୍ତା ସଠିକ୍ ରହିଛି, ତେବେ ଏକାସାଙ୍ଗରେ ଏତେ ଗାଡ଼ି କାହିଁକି ସମାନ ସମସ୍ୟାର ସମ୍ମୁଖୀନ ହେଉଛି ? ଏହାର ନିରପେକ୍ଷ ତଦନ୍ତ କରାଯାଇ ପ୍ରକୃତ ସତ୍ୟ ସାମ୍ନାକୁ ଆଣିବାକୁ ସେମାନେ ଦାବି କରିଛନ୍ତି।

## ଓଡ଼ିଶା କୁବେର ସଂଘ ପକ୍ଷରୁ ଚାରାରୋପଣ




ଆଳି, ୧୯।୭ (ସଂଚାର ବ୍ୟୁରୋ): ଆଳି ବ୍ଲକ ଅନ୍ତର୍ଗତ ପତ୍ରପୁର ସ୍ଥିତ ସାମାଜିକ ଅନୁଷ୍ଠାନ ଓଡ଼ିଶା କୁବେର ସଂଘ,ଆଳି କାର୍ଯ୍ୟାଳୟ ପରିସରରେ କର୍ମକର୍ତ୍ତା ମାନଙ୍କ ଦ୍ୱାରା ପ୍ରାକୃତିକ ପରିବେଶ ସୁରକ୍ଷା ଓ ପର୍ଯ୍ୟାବରଣ ସନ୍ତୁଳନ ରକ୍ଷା ଦିଗରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁବେର ସଂଘର ସଭାପତି ଈଶ୍ୱର ଚନ୍ଦ୍ର ସାହୁ, ସମ୍ପାଦକ ଗୋଲେଖ ଚନ୍ଦ୍ର ସାହୁଙ୍କ ସମେତ ଅଭୟ ଚରଣ ସାହୁ, ରବିନ୍ଦ୍ର ସାହୁ, କେଶବ ଚରଣ ସାହୁ, ସାବିତ୍ରୀ ସାହୁ, ନିତ୍ୟାନନ୍ଦ ସାହୁ, ରବିନ୍ଦ୍ର କୁମାର ସାହୁ, ଅଭୟ କୁମାର ସାହୁ, ପରମେଶ୍ୱର ସାହୁ ଓ ମଧୁସୂଦନ ସାହୁ ବହୁ ସଦସ୍ୟ ଓ ଗ୍ରାମବାସୀ ଯୋଗଦେଇ ଗୁଆ,ଦେବଦାରୁ ପ୍ରଭୃତି ଚାରା ରୋପଣ କରିଥିଲେ।

### 'ମୋ ଗାଁ ମୋ ଗର୍ବ'ର ସବୁଜ ଉତ୍ସବ

## 'ମୁଁ ମୋ ପାଇଁ ଗୋଟିଏ ଗଛ ଲଗାଏ' ସଂକଳ୍ପ

କାକଟପୁର/ଅସ୍ତରଙ୍ଗ,୧୯।୭ (ସଂଚାର ବ୍ୟୁରୋ): ଗାଁ ମାଟିରେ ଯେତେବେଳେ ସ୍ୱପ୍ନ ବୁଣାଯାଏ, ସେତେବେଳେ ସେ କେବଳ ଗାଁ ରୁହେ ନାହିଁ, ଆଦର୍ଶ ପାଲଟେ। ରବିବାର ପ୍ରାତଃରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳସାହି ଅଂଚଳରେ ସେହି ଆଦର୍ଶର ନାମ ପାଇଲା। ଐତିହ୍ୟମୟ ଶ୍ରୀ ଶ୍ରୀ ଅଣାକାର ଗାଦିବ୍ରହ୍ମ ପୀଠ ଛୁଇଁ 'ମୋ ଗାଁ ମୋ ଗର୍ବ' ଅନୁଷ୍ଠାନ ପକ୍ଷରୁ ଆୟୋଜିତ ହେଲା ଏକ ବିରାଟ ସବୁଜ ଉତ୍ସବ। ମୁଖ୍ୟ ମନ୍ତ୍ର ଥିଲା ଗୋଟିଏ - "ମୁଁ ମୋ ପାଇଁ ଗୋଟିଏ ଗଛ ଲଗାଏ"।

ଆବାହକ ଇଂ.ଯୁକ୍ତ ଅରୁଣ କୁମାର ବିଶ୍ୱାଳଙ୍କ ନେତୃତ୍ୱରେ ଗାଁର ଶତାଧିକ ଲୋକ ଏକାଠି ହୋଇ ପାଖାପାଖି ଏକ ହଜାର ଗଛ ଚାରା ରୋପଣ କଲେ। ଏଥିରେ ଥିଲା ଜୀବନର ସହଯୋଗୀ ୯ପ୍ରଜାତି - ପିଜୁଳି, ସଜନା, ଜାମୁ, ବଉଳ, ଲେମ୍ବୁ, ଆକାଶୀ, ଭଣ୍ଡା, ଅଁଳା ଓ କୃଷ୍ଣ ଚୂଡା। ଏହି ଗଛ କେବଳ ଗଛ ନୁହେଁ। ଏହା ଆମର ଅମ୍ଳଜାନ, ଆମର ଔଷଧ, ଆମର ଭବିଷ୍ୟତର ନିଶ୍ୱାସ। ଯେଉଁ ଗଛ ଆମକୁ ଛାଇ ଦେବ, ଫଳ ଦେବ, ଆଉ ଆମ ପିଲାଙ୍କୁ ସ୍ୱଚ୍ଛ ବାୟୁ ଦେବ।' ମୋ ଗାଁ ମୋ




ଗର୍ବ' କେବଳ ଗଛ ଲଗାଉନି। ଏହି ଅନୁଷ୍ଠାନ ଗାଁରେ ୨୨ଟି ମାଗଣା ସାୟଂକାଳୀନ ଶିକ୍ଷା କେନ୍ଦ୍ର ଓ କମ୍ପ୍ୟୁଟର ଶିକ୍ଷା କେନ୍ଦ୍ର ଚଳାଉଛି। ଯେଉଁଠି ହଜାର ହଜାର ଗରିବ ପିଲା ବିନା ଖର୍ଚ୍ଚରେ ପାଠ ପଢୁଛନ୍ତି। ସହିତ ନିୟମିତ ସ୍ୱାସ୍ଥ୍ୟ ଶିବିର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ହେଉଛି। ଅର୍ଥାତ ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ପରିବେଶ - ଚାରିଟି ସ୍ତମ୍ଭ ଉପରେ ଠିଆ ହୋଇଛି ଏହି ଗାଁ। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ଚରଣ ମଲ୍ଲିକ, ଶିଖର ବାରିକ, ଆଶିଷ ଲେଙ୍କା, ଭୋଲାନାଥ ବେହେରା, ପ୍ରଭାତ ଲେଙ୍କା, ଦେବବ୍ରତ, କାଳୁ ପ୍ରମୁଖ ଉପସ୍ଥିତ ଥିଲେ।

ଆବାହକ ଅରୁଣ କୁମାର ବିଶ୍ୱାଳଙ୍କ ହୃଦୟର ବାର୍ତ୍ତାରେ କହିଛନ୍ତି "ଆଜି ଆମେ ଯେଉଁ ଗଛ ଲଗାଉଛୁ ତାହା ଆମ ପାଇଁ ନୁହେଁ। ଏହା ଆମ ନାତି-ନାତୁଣୀଙ୍କ ପାଇଁ। ଯେତେବେଳେ ତାତି ୫୦ଡିଗ୍ରୀ ଛୁଏଁ, ବର୍ଷା ଠିକ୍ ସମୟରେ ହୁଏ ନାହିଁ, ସେତେବେଳେ ଗଛ ହିଁ ଆମର ରକ୍ଷାକର୍ତ୍ତା। 'ମୁଁ ମୋ ପାଇଁ ଗୋଟିଏ ଗଛ ଲଗାଏ' - ଏହା ଆମର ବଞ୍ଚିବାର ମନ୍ତ୍ର।

ସ୍ଥାନୀୟ ବାସିନ୍ଦା ଶିଖର ବାରିକ କହିଥିଲେ "ଆଜିର ଏହି ହଜାର ଗଛ ଆସନ୍ତା ଦିନରେ ଆମକୁ ଲକ୍ଷ ଟନ୍ ଅମ୍ଳଜାନ ଦେବ। ଏହା ହେଲା ଆମର ପ୍ରକୃତ ସମ୍ପଦ। ଏହା ଆମ ଗାଁର ଗର୍ବ"।

## ପୁଲିସ ଗାଡ଼ି ଧକ୍କାରେ ୩ ବାଇକ ଆରୋହୀ ଗୁରୁତର

ସୁନ୍ଦରଗଡ଼, ୧୯।୭ (ସଂଚାର ବ୍ୟୁରୋ): ଆଜି ଛଟେନ ପାଲି ନିକଟରେ ପୁଲିସ ଗାଡି ଧକ୍କାରେ ୩ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ଏହି ଅଭାବନୀୟ ଓ ସମ୍ବେଦନଶୀଳ ଘଟଣା ଘଟିଛି ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଛଟେନ ପାଲି ନିକଟରେ। ଲେଫ୍ରିପଡ଼ା ଥାନାରେ କାର୍ଯ୍ୟରତ ଥିବା ଓଆର୍-୦୫ଏଭି-୫୩୩୮ ନମ୍ବର ବିଶିଷ୍ଟ ଗାଡ଼ି ଧକ୍କା ଦେଇଛି ବାଇକ ଆରୋହୀଙ୍କୁ। ତେବେ ଏ ନେଇ ଥାନା ଅଧିକାରୀ କିମ୍ବା ତାଙ୍କ ଅଧସ୍ତନ ଅଧିକାରୀ ମାନେ କେହି ଫୋନର ଉତ୍ତର ଦେଉ ନାହାଁନ୍ତି। ତେବେ ସମସ୍ତ ଗୁରୁତରଙ୍କୁ ପୁଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ସ୍ଥାନାନ୍ତରିତ କରିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଘଟଣାସ୍ଥଳରେ କେତେ ଜଣ ପୁଲିସ ଠିଆ ହୋଇଥିବା ଦୃଶ୍ୟ ମଧ୍ୟ ଗଣମାଧ୍ୟମ ନିକଟରେ ପହଞ୍ଚିଛି। ପୁଲିସ ଗାଡି ଚଳାଉଥିବା ଚାଳକ ପ୍ରକୃତରେ ଅଭିଜ୍ଞ ଚାଳକ କି ନୁହେଁ ତାହା ଏବେ ସବୁରି ମୁହଁରେ ପ୍ରଶ୍ନ ଆଙ୍କିଛି।



ଅପରପକ୍ଷେ ବାଇକ ଆରୋହୀ ମାନଙ୍କ ଘର କୁଆଁର ବଗା ବୋଲି ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ସବୁଠୁ ରୋଚକ ବିଷୟ ହେଉଛି ଦୁର୍ଘଟଣା ଘଟିବା ପରେ ପୁଲିସ ବାବୁମାନେ ଲୋକଙ୍କ ଆକ୍ରୋଶର ଭୟଙ୍କର ଶିକାର ନ ହେବା ପାଇଁ ଗାଡ଼ିରେ ଲାଗିଥିବା ପୁଲିସ ବତୀ ଉତାରି ଦେଇଛନ୍ତି ।

## ସିଟି salad

### ହାଜର ହେଲେ ଗୁମାସ୍ତା

ବିଜେଡି ନେତା ସୁଜାତା ରାଉତ ତାଙ୍କର ପ୍ରଥମ ପୁରୀ ଗସ୍ତ ସମୟରେ ଅନେକ ବିଜେଡି ନେତା ତାଙ୍କ ସହିତ ଥିଲେ। ଶ୍ରୀମନ୍ଦିର ସମ୍ମୁଖରେ ସମସ୍ତେ ଏକତ୍ର ହୋଇ ଫଟୋ ଉଠାଇଥିଲେ। ହେଲେ ଦେଖାନଥିଲେ ପୁରୀର ବିଜେଡି ବିଧାୟକ। ଯେତେବେଳେ ବିଧାୟକଙ୍କୁ ଏ ସଂକ୍ରାନ୍ତରେ ପଚରାଗଲା ସେତେବେଳେ କହିଲେ ମନ୍ଦିରରେ ଦିଅଁ ଦର୍ଶନ କରାଇବା କାମ ହେଉଛି ଗୁମାସ୍ତାଙ୍କର। ତାଙ୍କୁ କେହି ଡାକିନଥିଲେ। ତେଣୁ ସିଏ ଗଲେ ନାହିଁ। ବିଧାୟକ ସୁନୀଲଙ୍କର ଏଇ କେଇପଦ କଥା ବିଜେଡିରେ ହଟଚମଟ ସୃଷ୍ଟି



କରିଦେଲା। ହେଲେ ଦିନ କେଇଟା ପରେ ରଥଯାତ୍ରା ସମୟରେ ପୁଣିଥରେ ସୁଜାତା ପୁରୀ ଗସ୍ତ କରିବାବେଳେ ତାଙ୍କ ପାଖ ଛାଡି ନାହାନ୍ତି ସୁନୀଲ। ସୋସିଆଲ ମିଡିଆରେ ଯେତେ ଫଟୋ ଆସିଛି ସବୁଥରେ ସୁଜାତାଙ୍କ ପାଖେ ପାଖେ ଦଳବଳ ସହିତ ସୁନୀଲ ଛିଡା ହୋଇଥିବାର ଦୃଶ୍ୟ। ଏହି ଫଟୋକୁ ଦେଖିଲା ପରେ ବିଜେଡି କର୍ମୀମାନେ କହୁଛନ୍ତି ଗୁମାସ୍ତା ଏବେ ହାଜର ହୋଇଗଲେ। ଦିନ କେଇଟା ତଳେ ଦେଇଥିବା ମନ୍ତବ୍ୟକୁ ଭୁଲି ଯାଇଛନ୍ତି ବିଧାୟକ। ଏବେ ଆଉ କେହି ତାଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିବେ ନାହିଁ। ତେବେ କିଛି ବିଜେଡି କର୍ମୀଙ୍କ କହିବାକଥା ଯେ ସୁନୀଲ ସିନା ଶ୍ୱଶୁରଙ୍କ ଖୁସି ପାଇଁ ଏଭଳି କହିଦେଇଥିଲେ, ହେଲେ ଯେତେବେଳେ ବାସ୍ତବତାଟି ବୁଝିଲେ ସେତେବେଳେ ବର୍ଷାକୁ ଖାତିର ନକରି ହାଜର ହୋଇଗଲେ।

### ଭାଇ-ଭାଇ ପିଟାପିଟି

ରାଜ୍ୟ ରାଜଧାନୀରେ ଏବେ ଭାଇ ଭାଇ ପିଟାପିଟି। କେହି କାହାରିକୁ ଇଞ୍ଚେ ଛାଡିବାକୁ ନାରାଜ। ତାହା ପୁଣି ସରକାରୀ କଲେଜରେ। ନିକଟରେ ରାଜଧାନୀ କଲେଜରେ ଏବିଭିପି ଓ ଛାତ୍ର ବିଜେପିର ପିଲାମାନେ ପିଟାପିଟି ହୋଇ ଡାକ୍ତରଖାନାରେ ପଡିବାପରେ ଅନ୍ୟ ଛାତ୍ରମାନେ ଏଭଳି ମତ ଦେଉଛନ୍ତି। କଲେଜରେ ନିଜର ସଂଗଠନବୃଦ୍ଧି ପାଇଁ ଏବିଭିପିର ପିଲାମାନେ ଲାଗି ପଡିଥିଲେ। ହେଲେ ବିଧାୟକଙ୍କ



ଚେଲାମାନଙ୍କ ମନକୁ ଏହା ପାଇଲା ନାହିଁ। ସେମାନେ ଭାବିଲେ ତାଙ୍କ କ୍ଷମତା ହାଇଜାକ୍ ହେବାରେ ଲାଗିଛି। ତେଣୁ ବିରୋଧ ଆରମ୍ଭ କରିଦେଲେ। ଗୋଟିଏ ଭାଡିର ଦୁଇ ପାରା ଲଢିଲେ। ଲଢେଇ ହେଲା ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ। ଚେୟାର ଉଡିଲା। ଦୁଇ ଦଳର ଆହତ ଛାତ୍ରମାନେ କେହି କାହାରିକୁ ଛାଡିବାକୁ ନାରାଜ। ବିଚରା ଅଧ୍ୟକ୍ଷ ଶେଷରେ ପୁଲିସ୍ ଡକାଇଲେ। ଆହତ ଛାତ୍ର ଡାକ୍ତରଖାନା ଯିବା ପୂର୍ବରୁ ଥାନାକୁ ଯାଇ ଦୁଇ ଗୋଷ୍ଠି ପରସ୍ପର ବିରୁଦ୍ଧରେ ଥାନାରେ ମାମଲା ରୁଜୁ କରିଛନ୍ତି। ଆଗକୁ ଏହା କି ରୂପ ନେବ ତାହା ଉପରେ ଛାତ୍ରଛାତ୍ରୀ ଓ କଲେଜ କର୍ତ୍ତୃପକ୍ଷଙ୍କ ନଜର। ବର୍ଷକ ତଳେ ଏମିତିଆ ଭାଇ ଭାଇ ପିଟାପିଟି ବାଣୀବିହାରରେ ହୋଇଥିଲା। ଛାତ୍ର ସଂସଦ ନିର୍ବାଚନବେଳକୁ ଏମିତି ଭାଇ ଭାଇ ପିଟାପିଟି ହେଲେ ଏଥିରୁ ଅନ୍ୟମାନେ ଫାଇଦା ନେବା ନିଶ୍ଚିତ।

### ମାଙ୍କଡ଼ ଖାଇଛି କାଙ୍କଡ଼ ଝୋଳ



ସରକାର ପ୍ରସ୍ତୁତ କରିଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକରେ ଯେତେସବୁ କିମ୍ଭୁତ କିମ୍ଭାକାର ତ୍ରୁଟି ରହିଛି ସେଥିରେ ମଧ୍ୟରେ ଦ୍ୱିତୀୟଶ୍ରେଣୀ ପିଲାଙ୍କ ବହିରେ ରହିଛି ମାଙ୍କଡର କାଙ୍କଡ ଉପାଖ୍ୟାନ। ଲେଖା ଅଛି ମାଙ୍କଡ ଖାଏ କାଙ୍କଡ ଝୋଳ। ମାଙ୍କଡ କିଭଳି କାଙ୍କଡ ଝୋଳ ଖାଇବାପାଇଁ ତା ବାପାଙ୍କୁ କହୁଛି ତାହା ପଦ୍ୟ ଆକାରରେ ଉଲ୍ଲେଖ ଅଛି। ମାଙ୍କଡ ବି ଧୋତି କୁର୍ତ୍ତା ପିନ୍ଧି ଫଟୋରେ ବସିଥିବାବେଳେ ତା ପିଲାମାନେ ପ୍ୟାଣ୍ଟସାର୍ଟ ପିନ୍ଧିଛନ୍ତି। ଶିକ୍ଷା ବିଭାଗ ଏଭଳି ମାଙ୍କଡାମୀ ଏବେ କେବଳ ପିଲାଙ୍କୁ ଅକଳରେ ପକାଇନାହିଁ, ଗୁରୁମାନେ ବି ଅକଳରେ ପଡିଛନ୍ତି। ଦୀର୍ଘଦିନରୁ ମାଙ୍କଡ ଖାଏ କାଙ୍କଡ କଷି ପଢାଇ ଆସୁଥିବା ଶିକ୍ଷକମାନେ କିଭଳି ମାଙ୍କଡର କାଙ୍କଡ ଝୋଳ ଖାଇବାର ବର୍ଣ୍ଣନା କରିବେ ତାହା ଜାଣିପାରୁ ନାହାନ୍ତି। ପୂର୍ବରୁ ପାଠ୍ୟପୁସ୍ତକରେ ନିମ୍ଭୁଡା ଗୀତ ସହିତ ଇଂରାଜୀ ବହିରେ ରଜଦୋଳି ଗୀତ ହଇଚଇ ସୃଷ୍ଟି କରିଥିବାବେଳେ ଏବେ ମାଙ୍କଡ ନାଁରେ ବହିରେ ଥିବା ମାଙ୍କଡାମୀ ପଦାକୁ ଆସିଛି। କେଉଁ ଲେଖକଙ୍କର ଏହି ମାଙ୍କଡାମୀ ତାହା ଜାଣିବାପାଇଁ ବହୁ ଶିକ୍ଷାବିତ୍ ଆଗ୍ରହ ପ୍ରକାଶ କରିଥିବାବେଳେ ଏ ସଂକ୍ରାନ୍ତରେ ସତ୍ୟ କେବେ ପଦାକୁ ଆସିବ ତାହାକୁ ସମସ୍ତଙ୍କ ଅପେକ୍ଷା।

### ଟାହିଆ କରିଛି ବାଇଆ





ଚଳିତବର୍ଷ ଶ୍ରୀଗୁଣ୍ଡିଚାରେ ଶ୍ରୀଜଗନ୍ନାଥ ବିନା ଟାହିଆରେ ଶ୍ରୀମନ୍ଦିରୁ ପହଣ୍ଡିହୋଇ ଆସିଲେ। ଯେତବେଳେ ଭକ୍ତମାନେ ଭଗବାନଙ୍କୁ ଏଭଳି ଅବସ୍ଥାରେ ଦେଖିଲେ ସେତେବେଳେ ଟାହିଆକୁ ନେଇ ପ୍ରଶ୍ନ ଉଠାଇଲେ। ଏହାକୁ ନେଇ ରାଜନୀତି ବି ଜୋର ଧରିଲା। ହେଲେ ଟାହିଆକୁ ନେଇ ଯେଉଁସବୁ ସଫେଇ ଆସିଲା ତାହା ଅନେକଙ୍କୁ ଏକ ପ୍ରକାର ବାଇଆ କରିଦେଇଛି। କିଏ କହୁଛି ଟାହିଆ ବର୍ଷାରେ ବର୍ଷାରେ ଓଦାହୋଇ ଗଳିପଡିଲା ତ ଆଉ କିଏ କହୁଛି ଟାହିଆରୁ ସୋଲ ଛାଡିଯିବାରୁ ତାକୁ ଖୋଲି ରଖିଦେଲୁ। କିଏ କହୁଛି ଟାହିଆ ମୂଳରୁ ହିଁ ଓଜନିଆ ଥିଲା। ବର୍ଷପାଣି ପଡିବା ପରେ ଆହୁରି ଓଜନିଆ ହୋଇ ଗଳିପଡିଲା। ତେବେ ଓଜନିଆ ଟାହିଆଟି କୁଆଡେ ଗଲା ତାହା କେହି କହୁନାହାନ୍ତି। ସବୁଠାରୁ ବଡକଥା ହେଲା ଯେତେବେଳେ ବଡଠାକୁର ବଳଭଦ୍ର ଓ ଦେବୀ ସୁଭଦ୍ରା ପହଣ୍ଡିରେ ଆସିଲେ ସେତେବେଳେ ବର୍ଷା ହେଉଥିଲା ଓ ସେମାନଙ୍କ ମୁଣ୍ଡରେ ଟାହିଆ ବେଶ୍ ସୁନ୍ଦର ଭାବେ ଥିଲା। ହେଲେ ଜଗନ୍ନାଥଙ୍କ ବେଳକୁ ଏମିତିକ କେମିତି ହେଲା। ଏକାଧିକ ଲୋକଙ୍କ ଭିନ୍ନ ଭିନ୍ନ କଥା ଦ୍ୱନ୍ଦ ସୃଷ୍ଟିବାରେ ଲାଗିଛି। ଅନେକ ସବୁ ସେହି କାଳିଆର ଇଚ୍ଛା କହି କଥାଟାକୁ ହାଲୁକା କରୁଥିବାବେଳେ ଟାହିଆ ପ୍ରସଙ୍ଗ ଯେ ଚଳିତ ରଥଯାତ୍ରାରେ ଅନେକଙ୍କୁ ଅନେକଙ୍କୁ ବାଇଆ କରିଛି ତାହା ଜଳ ଜଳ ହୋଇ ଦିଶୁଛି।

### ଓଜନିଆ ହେଉଛି କଟକ ବିଜେପି ଡଙ୍ଗା



କଟକର ବିଜେପି ଡଙ୍ଗା ଏବେ ଓଜନିଆ ହେବାରେ ଲାଗିଛି। ଦିନକୁ ଦିନ ଅବସ୍ଥା ଯେଭଳି ହେଉଛି ଡଙ୍ଗାଟି କେତେବେଳେ କେଉଁ ମୋଡ ନେବ ତାହାକୁ ନେଇ ଚାଲିଛି ଆଲୋଚନା। କଟକର ବିଜେପି ଡଙ୍ଗାରେ ପ୍ରଥମେ ବିଜେଡି ନେତା ଭର୍ତ୍ତୃହରି ମହତାବ ବସିଥିଲେ। ସିଏ ଏବେ କଟକର ଲୋକସଭା ସାଂସଦ। ଏହାପରେ ବସିଲେ ବିଜେଡିର ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ଦଳ ବଦଳ କରି ସିଏ ଏବେ ବିଜେପିର ରାଜ୍ୟସଭା ସାଂସଦ। ନିକଟରେ ବସିଛନ୍ତି ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ। ପୁଅ ସୌଭିକ ଡଙ୍ଗାରେ ବସିଥିଲେ ବି ଆଇନ୍ ଦୃଷ୍ଟିରୁ ଦୃଶ୍ୟମାନ ହେଉନାହାନ୍ତି। ଏମାନଙ୍କ ବ୍ୟତିତ ଦଳର ପୁରୁଣା ନେତା ନୟନ ମହାନ୍ତି, ପୂର୍ବତନ ସାଂସଦ ପ୍ରାର୍ଥୀ ପ୍ରକାଶ ମିଶ୍ର, ବରିଷ୍ଠ ଡାକ୍ତର ପୂର୍ଣ୍ଣଚନ୍ଦ୍ର ମହାପାତ୍ର ବି ଏହି ଡଙ୍ଗାରେ ଯାତ୍ରୀ ବସିଛନ୍ତି। ଏମାନଙ୍କ ବ୍ୟତିତ କଟକ ସଦର ବିଧାୟକ ପ୍ରକାଶ ସେଠୀ, ମାହାଙ୍ଗାର ବିଜେପି ସମର୍ଥିତ ସ୍ୱାଧୀନ ବିଧାୟକ ସାରଦା ପ୍ରଧାନ ପ୍ରମୁଖ କଟକ ବିଜେପି ଡଙ୍ଗାର ଜଣେ ଜଣେ ଯାତ୍ରୀ। ବିଜେଡି ହାତ ଛାଡିଥିବା ଆଉ କିଛି ନେତା ବି ଡଙ୍ଗାରେ ବସିବାପାଇଁ ମାହେନ୍ଦ୍ର ବେଳା ଖୋଜୁଛନ୍ତି। ଦିନକୁ ଦିନ ସଂଖ୍ୟା ବଢିବାରେ ଲାଗିଛି। ବିଜେପିର କର୍ମୀମାନେ ଏବେ କହିଲେଣି ଯେ ଡଙ୍ଗା ଯାହା ଯେମିତି ଚାଲୁ ଥିବାବେଳେ ପ୍ରଭାତଙ୍କ ଦଳ ବଳ ତାକୁ ଅଧିକ ଓଜନିଆ କରିଦେଇଛନ୍ତି। ଖୁନ୍ଦାଖୁନ୍ଦି ଅବସ୍ଥା ହେଲାଣି। ଆଗକୁ ଆଉ କିଏ କିଏ କଟକ ବିଜେପି ଡଙ୍ଗାରେ ବସି ମହାନଦୀ ଭ୍ରମଣ କରିବେ ତାହାକୁ ଖାଲି ଅପେକ୍ଷା।

# ଜନ୍ମବେଦୀରୁ ବାହାରିଲା ଆଡ଼ପ ଅବଢ଼ା

**ଧାଡ଼ିରେ ଚତୁର୍ଦ୍ଧାମୂରତୀଙ୍କୁ ଦର୍ଶନ କରୁଛନ୍ତି ଭକ୍ତ**



ପୁରୀ,୧୯।୭(ସଂଚାର ବ୍ୟୁରୋ): ବିଶ୍ୱପ୍ରସିଦ୍ଧ ରଥଯାତ୍ରାର ଆଜି ଚତୁର୍ଥ ଦିବସ। ରବିବାରଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ଜନ୍ମବେଦୀ ଗୁଣ୍ଡିଚା ମନ୍ଦିରରେ ଆଡ଼ପ ଦର୍ଶନ। ଏଥିସହ ଆଡ଼ପ ମଣ୍ଡପରେ ବାହାରିଲା ପ୍ରଥମ ଆଡ଼ପ ଅବଢ଼ା। ସକାଳ ଧୂପରେ ଆଡ଼ପ ଅବଢ଼ା ବାହାରିଥିବା ବେଳେ ଅବଢା ପାଇ ଭକ୍ତମାନେ ବେଶ୍ ଆନନ୍ଦିତ। ଶ୍ରଦ୍ଧାଳୁ ଆଡ଼ପ ମଣ୍ଡପରେ ମହାପ୍ରଭୁଙ୍କ ଦର୍ଶନ ସହ ଆଡ଼ପ ଅବଢ଼ା ପାଇ ଫେରିବା ଆରମ୍ଭ କରିଛନ୍ତି।

ରବିବାର ପ୍ରଥମ ଦିନ ହୋଇଥିବାରୁ ଭକ୍ତଙ୍କ ଅସମ୍ଭବ ଭିଡ଼ ହୋଇଥିଲା। ଲମ୍ବା ବ୍ୟାରିକେଡ଼ରେ ଭକ୍ତ ଶ୍ରଦ୍ଧାଳୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ କରୁଛନ୍ତି। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରି ଦର୍ଶନ କରିବା ପରେ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରୁଛନ୍ତି ଭକ୍ତ। ରବିବାର ମହାପ୍ରଭୁଙ୍କ ଦ୍ୱିତୀୟ ଭୋଗ ପରେ ବନକଲାଗି ନୀତି ଅନୁଷ୍ଠିତ ହୋଇଥିଲା। ତେଣୁ ଏହି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ପ୍ରବଳ ଖରା ଓ ଗୁଳୁଗୁଳି ଯୋଗୁଁ ଦୀର୍ଘ ସମୟ ଲମ୍ବା ଧାଡ଼ିରେ ଠିଆ ହୋଇ ଅଧିକାଂଶ ଭକ୍ତ ଅଣନିଃଶ୍ୱାସୀ ହୋଇ ଚେତାଶୂନ୍ୟ ହୋଇପଡ଼ିଥିବା ଦେଖିବାକୁ ମିଳିଛି, ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଗତକାଲି ଗୋଟି ପହଣ୍ଡିରେ ଚତୁର୍ଦ୍ଧା ବିଗ୍ରହ ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରିବା ପରେ ସମସ୍ତ ନୀତିକାନ୍ତି ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କର ଅନେକଗୁଡ଼ିଏ ନୀତିକାନ୍ତି ଥିବାରୁ ପହୁଡ଼ କରାଯାଇ ନ ଥିଲା । ଆଜି ସକାଳ ୯ଟା ୫୫ ମିନିଟ୍‌ରେ ମଙ୍ଗଳ ଆଳତି ପରେ ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇଥିଲା। ପ୍ରଶାସନ ପକ୍ଷରୁ ନିର୍ମାଣ କରାଯାଇଥିବା ବ୍ୟାରିକେଡ୍‌ରେ ଦୀର୍ଘ ସମୟ ଅପେକ୍ଷା କରି ଭକ୍ତ ଶ୍ରଦ୍ଧାଳୁ ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ କରିବା ସହ ନାକଚଣା ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ସୁଆର ମହାସୁଆର ନିଯୋଗ ପକ୍ଷରୁ ୫୦ ହଜାରରୁ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ଧୂପରେ ଆଡ଼ପ ଅବଢ଼ା ପ୍ରସ୍ତୁତ ହୋଇଥିବା କହିଛନ୍ତି ସେବାୟତ।

## ଉଧାର ଟଙ୍କା ମାଗିବାରୁ ଆକ୍ରମଣ, ଘରେ ପଶି ହାଣିଲେ



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଉଧାର ଟଙ୍କା ମାଗିବାରୁ ମା'-ପୁଅଙ୍କୁ ଘରେ ପଶି ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ବାଲିପାଟଣା ଥାନାଞ୍ଚଳରେ ଏହି ଅଭାବନୀୟ ଘଟଣା ଘଟିଛି। ଉଭୟ ମା'-ପୁଅଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଥାନାରେ ଅଭିଯୋଗ ପରେ ତଦନ୍ତ ପୁଲିସ୍ ମାମଲାର ତଦନ୍ତ ଚଳାଇଛି। ମିଳିଥିବା ସୂଚନାନୁସାରେ, ଉଧାର ଦେଇଥିବା ଟଙ୍କା ଫେରସ୍ତ ମାଗିବାକୁ ନେଇ ଉଭୟ ପକ୍ଷ ମଧ୍ୟରେ ପୂର୍ବରୁ ବିବାଦ ରହିଥିଲା। ଏହି ଟଙ୍କାକୁ ନେଇ କଥା କଟାକଟି ହେବା ପରେ ଘଟଣା ଉଗ୍ର ରୂପ ନେଇଥିବା ଅଭିଯୋଗ ହୋଇଛି। ହଠାତ୍ କେତେକ ଦୁର୍ବୃତ୍ତ ମା'-ପୁଅଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବାରୁ ଉଭୟ ମା'-ପୁଅ ଗୁରୁତର ଭାବେ ଆହତ ହୋଇଥିଲେ। ପରିବାର ଲୋକ ଓ ସ୍ଥାନୀୟ ଲୋକେ ଆହତ ମା'-ପୁଅଙ୍କୁ ତୁରନ୍ତ ଉଦ୍ଧାର କରି ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିବା ବେଳେ ସେମାନଙ୍କର ଏବେ ଚିକିତ୍ସା ଚାଲିଛି।

## ବଳ ହରାଉଛି ଲଘୁଚାପ, ହେଲେ ବର୍ଷାରେ ଭିଜିବ ୭ ଜିଲ୍ଲା

**୨୪ରେ ଘୂର୍ଣ୍ଣିବଳୟ!**



ଭୁବନେଶ୍ୱର,୧୯।୭(ସଂଚାର ବ୍ୟୁରୋ): ଗତ କିଛି ଦିନ ହେଲା ବଙ୍ଗୋପ ସାଗରରେ ସୃଷ୍ଟି ହୋଇଥିଲା ଲଘୁଚାପ। ତେବେ ଏହି ଲଘୁଚାପ ଧୀରେ ଧୀରେ ତା'ର ବଳ ହରାଉଛି। କିନ୍ତୁ ଏହି ଲଘୁଚାପର ପ୍ରଭାବରେ ଓଡ଼ିଶାର କେତେକ ଜିଲ୍ଲାରେ ବର୍ଷା ଜାରି ରହିବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ପୂର୍ବାନୁମାନ ଅନୁସାରେ ବର୍ଷାରେ ରାଜ୍ୟର ୭ଟି ଜିଲ୍ଲାବାସୀ ଭିଜିବେ। ଏହି ଜିଲ୍ଲାଗୁଡ଼ିକ ହେଲା ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଓ ନୂଆପଡ଼ା। ସେହିପରି ଆସନ୍ତାକାଲି ଉତ୍ତର ଓଡ଼ିଶାର ଅଳ୍ପ କେତେକ ସ୍ଥାନରେ ଭୀଷଣ ବର୍ଷା ହେବାର ସମ୍ଭାବନା ରହିଛି। କିନ୍ତୁ ଅନ୍ୟ କୌଣସି ସ୍ଥାନରେ ଅଧିକ ବର୍ଷା ହେବାର ସମ୍ଭାବନା ନାହିଁ। ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାର ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଥିବାରୁ ହାଲୁକାରୁ ମଧ୍ୟମ ଧରଣର ବର୍ଷାର ସମ୍ଭାବନା ରହିଛି। ସେପଟେ ଆସନ୍ତା ୨୪ ତାରିଖରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି।

## ପୁଲିସ୍‌କୁ ଗଞ୍ଜେଇ ମାଫିଆଙ୍କ ମାଡ଼,୨ ଗୁରୁତରଃ ୨୦ ଅଟକ

ବୌଦ୍ଧ,୧୯।୭(ସଂଚାର ବ୍ୟୁରୋ): ପୁଲିସ୍ ଉପରକୁ ଆକ୍ରମଣ କରିଛନ୍ତି ଗଞ୍ଜେଇ ମାଫିଆ। ସେମାନଙ୍କ ସଂଘବଦ୍ଧ ଆକ୍ରମଣରେ ଦୁଇ ଜଣ ପୁଲିସ କର୍ମଚାରୀ ଗୁରୁତର ଭାବେ ଆହତ ହୋଇଛନ୍ତି। ଏପରିକି ମାଫିଆମାନେ ଟାଙ୍ଗିଆରେ ଆକ୍ରମଣ କରିବା ଫଳରେ ଦୁଇ ପୁଲିସ୍ କର୍ମଚାରୀଙ୍କ ମଧ୍ୟରୁ ଜଣଙ୍କର ଅବସ୍ଥା ସଙ୍କଟାପନ୍ନ ରହିଛି। ବୌଦ୍ଧ ଥାନା ହାଟଗାଁରେ ଗତକାଲି ବିଳମ୍ବିତ ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଗୁରୁତର ଦୁଇ ପୁଲିସ କର୍ମଚାରୀଙ୍କୁ ଉଦ୍ଧାର କରାଯାଇ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ହାଟଗାଁରେ ବେଆଇନ ଗଞ୍ଜେଇ କାରବାର ଚାଲିଥିବା ନେଇ ବିଶେଷ ସୂତ୍ରରୁ ପୁଲିସ୍ ଖବର ପାଇଥିଲା। ବୌଦ୍ଧ ଥାନାର ଏକ ୫ ଜଣିଆ ଟିମ୍ ସେଠାରେ ଚଢ଼ାଉ କରିବା ସକାଶେ ଯାଇଥିଲା। ତେବେ ଏହି ସମୟରେ ଗଞ୍ଜେଇ ମାଫିଆମାନେ ପୁଲିସକୁ ଠେଙ୍ଗା ବାଡ଼ି ଓ ଟାଙ୍ଗିଆରେ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ମାଫିଆମାନେ ଘଟଣାସ୍ଥଳରୁ ଫେରାର ହୋଇଯିବାରେ ମଧ୍ୟ ସକ୍ଷମ ହୋଇଛନ୍ତି। ଏହି ଘଟଣାରେ ପୁଲିସ୍ ହାଟଗାଁର ପ୍ରାୟ ୨୫ ଜଣ ଲୋକଙ୍କୁ ଉଠାଇ ନେଇ ଥାନାରେ ଅଟକ ରଖି ପଚରାଉଚରା କରୁଛି। ବେଆଇନ ଗଞ୍ଜେଇ କାରବାର ପଛରେ କାହାର ହାତ ରହିଛି, କେବେଠାରୁ ଏହା ଚାଲିଥିଲା, ସେନେଇ ବୌଦ୍ଧ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ଜମି ଓ ଚାକିରି ଦେବା ନାଁରେ କୋଟି କୋଟି ଟଙ୍କା ଠକେଇ, ୧ ଗିରଫ



କଟକ,୧୯।୭(ସଂଚାର ବ୍ୟୁରୋ): କାହାକୁ ଜମି କରାଇ ଦେବାକୁ କହି ତ ଆଉ କାହାକୁ ପୁଣି ଚାକିରି ଲୋଭ ଦେଖାଇ ଠକିଥିଲା କୋଟି କୋଟି ଟଙ୍କା। ଆଜି ଏଭଳି ଜଣେ ଠକକୁ ପୁଲିସ୍ ଗିରଫ କରିଛି। ଦୀର୍ଘ ଦିନ ଧରି ଫେରାର ଥିବା ଏହି ପେସାଦାର ଠକ ଜଣକ ଶଶଧର ପଣ୍ଡା ବୋଲି ଜଣାପଡ଼ିଛି। ତାକୁ ଆଜି ସ୍ଥାନୀୟ ମଙ୍ଗଳାବାଗ ପୁଲିସ୍ ଗିରଫ କରିଛି। ଜମି ରେଜିଷ୍ଟ୍ରି କରିଦେବାର ପ୍ରଲୋଭନ ଦେଖାଇ ଜଣେ ମହିଳାଙ୍କଠାରୁ ଶଶଧର ୨୦ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗ ଭିତ୍ତିରେ ତାକୁ ଗିରଫ କରାଯାଇଛି। କଟକ, ଭୁବନେଶ୍ୱର, ପୁରୀ ଓ ଭଦ୍ରକର ବିଭିନ୍ନ ଥାନାରେ ଶଶଧର ନାଁରେ ଏକାଧିକ ଠକେଇ ମାମଲା ରହିଛି। କେବଳ ମଙ୍ଗଳାବାଗ ଥାନାରେ ତା' ବିରୋଧରେ ୧୦ଟି ମାମଲା ରୁଜୁ ହୋଇଛି। କେବଳ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ)ରେ ସାଢ଼େ ୩ କୋଟି ଟଙ୍କାର ଠକେଇ ଅଭିଯୋଗ ରହିଛି। ମୋଟ ୧୦ କୋଟି ଟଙ୍କାରୁ ଅଧିକ ଠକେଇ ଅଭିଯୋଗ ତା' ବିରୋଧରେ ଥିବା କଟକ ଡିସିପି ସୂଚନା ଦେଇଛନ୍ତି। ଏପରିକି ସେ ପାଖାପାଖି ୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଠକେଇ କରିଥିବା ଅଭିଯୋଗ ହୋଇଛି।

କଟକର ଫ୍ରେଣ୍ଡସ କଲୋନୀର ବାସିନ୍ଦା ଦୀପାରାଣୀ ପଟ୍ଟନାୟକଙ୍କୁ ଶଶଧର ନିଜକୁ ଅବସରପ୍ରାପ୍ତ ବ୍ଲକ ଶିକ୍ଷା ଅଧିକାରୀ ବୋଲି ପରିଚୟ ଦେଇ ତାଙ୍କ ପରିବାର ସହ ସମ୍ପର୍କ ବଢ଼ାଇଥିଲା। ତା' ପୁଅର ଉଚ୍ଚଶିକ୍ଷା ପାଇଁ ୨୦ ଲକ୍ଷ ଟଙ୍କା ଜରୁରୀ ବୋଲି କହିବା ସହ ବଦଳରେ ସିଡିଏରେ ଏକ ପ୍ଲଟ ଶ୍ରୀମତୀ ପଟ୍ଟନାୟକଙ୍କ ନାଁରେ ରେଜିଷ୍ଟ୍ରି କରିଦେବାର ପ୍ରତିଶ୍ରୁତି ଦେଇ ଶଶଧର ଠକେଇ କରିଥିଲା। ସେହିପରି ତଦନ୍ତ ସମୟରେ ପୁଲିସ୍ ଜାଣିବାକୁ ପାଇଛି ଯେ ଠକେଇ କରିଥିବା ଟଙ୍କାରେ ଶଶଧର ବିଭିନ୍ନ ସ୍ଥାନରେ ଜମି କିଣିବା ସହ ଘର ମଧ୍ୟ ନିର୍ମାଣ କରିଛି। ବର୍ତ୍ତମାନ ପୁଲିସ ଠକେଇ ମାମଲାର ଖୋଳତାଡ଼ ଜାରି ରଖିଛି। ଶଶଧର ଗିରଫ ହୋଇଥିବା ଖବର ପ୍ରଚାର ପରେ କଟକ ମଙ୍ଗଳାବାଗ ଥାନାରେ ଅଭିଯୋଗକାରୀଙ୍କ ଲମ୍ବା ଲାଇନ ଲାଗିଛି। ୩ ବର୍ଷ ପୂର୍ବରୁ ସେ ରାଉରକେଲା ବନ୍ଧମୁଣ୍ଡା ପୁଲିସ ଦ୍ୱାରା ଠକେଇ ମାମଲାରେ ଗିରଫ ହୋଇଥିଲା।

## ବନ୍ଧାହେଲେ ୩ ୱାରେଣ୍ଟି

**ଜାରି ହୋଇଥିଲା ଏନ୍‌ବିଡବ୍ଲ୍ୟୁ**

ଦିଗପହଣ୍ଡି,୧୯।୭(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ଧର୍ମରାୟପୁର ଗ୍ରାମର ରମେଶ ଚନ୍ଦ୍ର ଜେନାଙ୍କୁ ପାଟପୁର ପୁଲିସ କୋର୍ଟଙ୍କ ଜାରି କରାଯାଇଥିବା ୱାରେଣ୍ଟ ବଳରେ ଗିରଫ କରିବା ସହ ସାନଖେମୁଣ୍ଡି ଗ୍ରାମ୍ୟ ନ୍ୟାୟାଳୟରେ ହାଜର କରାଇଛି।ମିଳିଥିବା ସୂଚନାନୁଯାୟୀ, ଅଭିଯୁକ୍ତ ରମେଶ ମାଜିଷ୍ଟ୍ରେଟଙ୍କ ଆଦେଶ ସତ୍ତ୍ୱେ କୋର୍ଟରେ ହାଜର ହୋଇ ନ ଥିବାରୁ ମାମଲା ନଂ- ୨(ସି)(ସି)-୪/୨୦, ଦଫା- ପରିବେଶ ସୁରକ୍ଷା ଆଇନ, ୧୯୮୬ ଅନୁଯାୟୀ ତାଙ୍କ ବିରୋଧରେ ଜାମିନବିହୀନ ଗିରଫ ପରୱାନା (ଏନ୍‌ବିଡବ୍ଲ୍ୟୁ) ଜାରି କରାଯାଇଥିଲା। ଏନେଇ ପାଟପୁର ଥାନା ଆଇଆଇସି ଦୀପ୍ତି ରଞ୍ଜନ ବେହେରା ସୂଚନା ଦେଇଛନ୍ତି। କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ପାଟପୁର ଥାନା ଏସ୍‌ଆଇ ସୋଲେମାନ ଭୂୟାଁ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସେହିପରି ପି. ରାମଚନ୍ଦ୍ରପୁର ଗ୍ରାମର ପ୍ରମୋଦ ନାୟକଙ୍କୁ ମାମଲା ନଂ- ଜିଆର- ୧୪୯/୧୯, ଦଫା- ୩୪୧/୨୯୪/ ୩୨୩/ ୫୦୬/ ୩୫୪/ ୩୪ ଅନୁଯାୟୀ କୋର୍ଟ ପକ୍ଷରୁ ଜାରି ହୋଇଥିବା ଏନ୍‌ବିଡବ୍ଲ୍ୟୁ ବଳରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ରାସ୍ତା ଉପରେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ



ଯୋଡ଼ା,୧୯।୭(ସଂଚାର ବ୍ୟୁରୋ): ଯୋଡ଼ା ଥାନା ଅନ୍ତର୍ଗତ ୯ ନମ୍ବର ୱାର୍ଡ ପାତ୍ର ସାହିରେ ଗତକାଲି ରାତିରେ ଜଣେ ଯୁବକଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ଆହତ ଯୁବକ ଜଣଙ୍କ ହେଲେ ହୁଡ଼ିସାହି ନିକଟସ୍ଥ ଭୋଲାସାହିର ବିଷ୍ଣୁ ନାଗ (୩୬)। ମିଳିଥିବା ସୂଚନାନୁଯାୟୀ, ବିଷ୍ଣୁ ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଯୋଡ଼ାସ୍ଥିତ ଟାଟା ଷ୍ଟିଲ ମେନ୍ ହସ୍ପିଟାଲକୁ ନେଇଥିଲେ। ତାଙ୍କ ପିଠି, ଛାତି, କାନ୍ଧ, ହାତ ଓ ଗୋଡ଼ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିବା ଜଣାପଡ଼ିଛି। ତେବେ ଟାଟା ଷ୍ଟିଲ୍ ମେନ୍ ହସ୍ପିଟାଲ୍‌ରେ ତାଙ୍କର ପ୍ରାଥମିକ ଚିକିତ୍ସା କରାଯିବା ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ରାତି ପ୍ରାୟ ସାଢ଼େ ୧୨ଟା ସମୟରେ ଯୋଡ଼ା ପୁଲିସ ଓ ସାଇଣ୍ଟିଫିକ ଟିମ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବିଭିନ୍ନ ନମୁନା ଓ ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି। ଆକ୍ରମଣର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି।

# କଟକ ଜଳବନ୍ଦୀ ପାଇଁ ମେଟ୍ରୋ ବିଲ୍ଡର୍ସ ଦାୟୀ

- ବେଆଇନ ଭାବେ ପୋତାଯାଇଛି ଶହ ଶହ ପୋଖରୀ
- କେଏମସି ମେୟରଙ୍କ ବଡ଼ ଅଭିଯୋଗ
- ଜବାବ ଦେଲେ ମହମ୍ମଦ ମୋକିମ୍



କଟକ,୧୯।୭(ସଂଚାର ବ୍ୟୁରୋ): କଟକ ସହରରେ ଜଳବନ୍ଦୀ ସମସ୍ୟା ପାଇଁ ଦାୟୀ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଓ ତାଙ୍କ ପରିଚାଳନାଧୀନ ମେଟ୍ରୋ ବିଲ୍ଡର୍ସ। କଟକ ସହର ମହାନଦୀ ଓ କାଠଯୋଡ଼ିର ଡେଲ୍ଟା ମଧ୍ୟରେ ଅବସ୍ଥିତ। ସହରଠାରୁ ଉପରେ ରହିଛି ଏହି ଦୁଇ ନଦୀ। ତେଣୁ ବର୍ଷା ଦିନେ କଟକ ସହରର ଜଳକୁ ଶୋଷୁଥିଲା ପୋଖରୀ। ଏବେ କିନ୍ତୁ ପୋଖରୀ ପୋତାଯାଇ ଛିଡ଼ା ହୋଇଛି ଆପାର୍ଟମେଣ୍ଟ। ତେଣୁ ବର୍ଷା ହେଲେ ଦିନକୁ ଦିନ ଜଟିଳ ହେଉଛି ଜଳବନ୍ଦୀ ସମସ୍ୟା। ଆଜି ଏଭଳି ଅଭିଯୋଗ କରିଛନ୍ତି କେଏମସି ମେୟର ସୁବାଷ ସିଂ। ସେ କହିଛନ୍ତି ଯେ ୧୯୫୦ ମସିହା ବେଳକୁ ସରକାରୀ ହିସାବ ଅନୁଯାୟୀ ସରକାରୀ ଓ ଘରୋଇ ଭାବେ ୧୮୬୦ଟି ପୋଖରୀ ଥିଲା। ଏବେ କଟକରେ ରହିଛି ମାତ୍ର ୧୫୦ଟି ପୋଖରୀ। ପୂର୍ବରୁ ମଧ୍ୟ ବର୍ଷା ହେଲେ କଟକରେ ପାଣି ଜମୁଥିଲା, କିନ୍ତୁ ପୂର୍ବରୁ ବହୁ ସଂଖ୍ୟାରେ ପୋଖରୀ ଥିବାରୁ ପାଣିଗୁଡ଼ିକ ସଙ୍ଗେ ସଙ୍ଗେ ଖଲାସ ହୋଇଯାଉଥିଲା। ଏବେ କିନ୍ତୁ ବେଆଇନ ଭାବେ ପୋଖରୀ ପୋତି ଆପାର୍ଟମେଣ୍ଟ ଛିଡା କରିଛନ୍ତି ପୂର୍ବତନ ବିଧାୟକ ମହମ୍ମଦ ମୋକିମ। ତାଙ୍କର ବିଲ୍ଡର୍ସ କମ୍ପାନୀ ସେଥିମଧ୍ୟରୁ ସିଂହଭାଗ ପୋଖରୀକୁ ବେଆଇନ ଭାବେ ପୋତିଥିବା ଶ୍ରୀ ସିଂ ଅଭିଯୋଗ କରିଛନ୍ତି। ନିୟମ ଅନୁଯାୟୀ ନକ୍ସାରେ ଜଳାଶୟ ଭାବେ ଚିହ୍ନିତ ଅଞ୍ଚଳ ଅର୍ଥାତ ସରକାରୀ ବା ଘରୋଇ ପୋଖରୀକୁ ପୋତାଯାଇପାରିବ ନାହିଁ, କିମ୍ବା ତା'ର କିସମ ପରିବର୍ତ୍ତନ ହୋଇପାରିବ ନାହିଁ। କିନ୍ତୁ ମୋକିମ ନିଜ ପ୍ରଭାବର ଦୁରୁପଯୋଗ କରି ବେଆଇନ ଭାବେ ପୋଖରୀ ପୋତି ଆପାର୍ଟମେଣ୍ଟ କରିଛନ୍ତି। ବହୁ ସ୍ଥାନରେ ପୋତାଯାଇଥିବା ପୋଖରୀ ଜମିର କିସମ ମଧ୍ୟ ପରିବର୍ତ୍ତନ ହୋଇପାରୁନି ବୋଲି ମେୟର ଶ୍ରୀ ସିଂ କହିଛନ୍ତି। ମୋକିମଙ୍କୁ ଏଭଳି ବେଆଇନ କାମରେ ଏବଂ ତାଙ୍କୁ ଓ ତାଙ୍କ ଝିଅଙ୍କୁ ବିଧାୟକ କରିବାରେ ଅନ୍ତର୍ଘାତୀ କାମ କରିଥିଲେ ପୂର୍ବତନ ବିଧାୟକ ତଥା ସାଂସଦ ଦେବାଶିଷ ସାମନ୍ତରାୟ। ସ୍ୱାର୍ଥ ପାଇଁ ୨୦୧୯ରେ ବିଜେଡି ଭୋଟକୁ ସେ ମୋକିମଙ୍କୁ ବିକି ଦେଇ ନିଜେ ହାରିଗଲେ। ୨୦୨୪ରେ ମଧ୍ୟ ସେ ସାଲେପୁରରୁ ଜଣେ ନେତାଙ୍କୁ ଆଣି କଟକରେ ଛିଡ଼ା କରାଇଲେ, ଆଉ ବିଜେଡି ହାରିଲା। ସେ ଯାହାକୁ କଟକ ବାରବାଟିରୁ ପ୍ରାର୍ଥୀ କଲେ ସେ ନିର୍ବାଚନ ସରୁ ସରୁ ବିଜେଡି ଛାଡ଼ିଦେଲେ। ଦେବାଶିଷଙ୍କ ଏଭଳି କାରସାଦି ଜାଣିବା ପରେ ନବୀନ ପଟ୍ଟନାୟକ ତାଙ୍କୁ ଭେଟୁ ନ ଥିଲେ। ତେଣୁ କଟକର ଜଳବନ୍ଦୀ ସମସ୍ୟା ପାଇଁ ମୋକିମ ସହ ଦେବାଶିଷଙ୍କର ମଧ୍ୟ ଏକ ବଡ଼ ହାତ ରହିଛି ବୋଲି ମେୟର ଅଭିଯୋଗ କରିଛନ୍ତି। ସେପଟେ ମେୟରଙ୍କ ଅଭିଯୋଗର ଜବାବ ଦେଇଛନ୍ତି ଶ୍ରୀ ମୋକିମ। ବିଜେଡି କ୍ଷମତାରେ ଥିବା ବେଳେ ପ୍ରଶାସନିକ ଅନୁମତି ନେଇ ନିର୍ମାଣ କରାଯାଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି।

ପ୍ରତିଷ୍ଠାତାଃ ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକଃ ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକଃ ଅଜିତ କୁମାର ଦାଶ

# ରାମେଶ୍ୱର-ପାରାଦୀପ କରିଡର: ପର୍ଯ୍ୟଟନ, ବାଣିଜ୍ୟ ବଢ଼ାଇବ

**ଦୈର୍ଘ୍ୟ ୧୬୦.୧୮ କିମି**

**ନିବେଶ ୮୩୦୦.୭୯ କୋଟି**

**ରାମେଶ୍ୱରରୁ କୋଣାର୍କ ୪ଥାକିଆ**

**କୋଣାର୍କରୁ ପାରାଦୀପ ୨ଥାକିଆ**



ନୂଆଦିଲ୍ଲୀ,୧୯।୭: କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଓଡ଼ିଶାର ରାମେଶ୍ୱରରୁ ପାରାଦୀପ ପର୍ଯ୍ୟନ୍ତ ଉପକୂଳ ରାଜପଥ କରିଡର୍ ନିର୍ମାଣ କରାଯିବ। ଏହି ପ୍ରକଳ୍ପରେ ୮୩୦୦.୭୯ କୋଟି ଟଙ୍କା ନିବେଶ ହେବ। ଉକ୍ତ ପ୍ରକଳ୍ପ ଦ୍ୱାରା ଓଡ଼ିଶାର ଉପକୂଳ ପର୍ଯ୍ୟଟନ ଓ ବାଣିଜ୍ୟରେ ବ୍ୟାପକ ଉନ୍ନତି ହେବ ବୋଲି କେନ୍ଦ୍ର ସରକାର ଜଣାଇଛନ୍ତି। ପ୍ରକଳ୍ପ ସମ୍ପର୍କରେ ଅଧିକ ସୂଚନା ଦେଇ ସରକାର ଜଣାଇଛନ୍ତି ଯେ ଏଥିରେ ରାମେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ଚାରି ଥାକିଆ ରାସ୍ତା ଓ କୋଣାର୍କରୁ ପାରାଦୀପ ପର୍ଯ୍ୟନ୍ତ ଦୁଇ ଥାକିଆ ରାସ୍ତାରହିବ। ଘଣ୍ଟା ପ୍ରତି ୧୦୦ କିମି ପର୍ଯ୍ୟନ୍ତ ବେଗରେ ଏହି ରାଜପଥରେ ଯାତ୍ରା କରିହେବ, ଫଳରେ ଏହି ୧୬୦.୧୮ କିମି ବିଶିଷ୍ଟ ରାସ୍ତାରେ ଯାତ୍ରା ସମୟ ଅଢ଼େଇ ଘଣ୍ଟା ହ୍ରାସ ପାଇବ। ଉଭୟ ଯାତ୍ରୀବାହୀ ଓ ମାଲବାହୀ ଯାନଗୁଡ଼ିକ ଦ୍ରୁତ ଗତିରେ ଯାତ୍ରା କରିପାରିବ। ପ୍ରସ୍ତାବିତ ରାଜପଥ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଦେଇ ଗତି କରିବ। ତାହା ଏହି ଅଞ୍ଚଳରେ ସାଂସ୍କୃତିକ, ଧାର୍ମିକ ଓ ଅର୍ଥନୈତିକ ପ୍ରଗତିରେ ସହାୟକ ହେବ। ପୁରୀର ପ୍ରଭୁ ଜଗନ୍ନାଥଙ୍କ ମନ୍ଦିର, କୋଣାର୍କ ମନ୍ଦିର ଓ ରାମଚଣ୍ଡି ମନ୍ଦିର ମଧ୍ୟରେ ଯୋଗାଯୋଗ ସୁଦୃଢ଼ ହେବ। ସଡ଼କ ପରିବହନ ମନ୍ତ୍ରଣାଳୟ କହିଛି ଯେ ପୁରୀରେ ପ୍ରସ୍ତାବିତ ବିମାନବନ୍ଦର ସହ ଏହି ପ୍ରକଳ୍ପ ଦେଶର ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ସ୍ଥିତିକୁ ଆହୁରି ମଜଭୁତ କରିବ।

ପୁରୀ-କୋଣାର୍କ-ପାରାଦୀପ ଏକ ପ୍ରମୁଖ ପର୍ଯ୍ୟଟନ ହବ୍ ଭାବେ ଉଭା ହେବ। ଏହି ଅଞ୍ଚଳରେ ବେଳାଭୂମି ପର୍ଯ୍ୟଟନ, ଇକୋ ଟୁରିଜିମ ଓ ପ୍ରକୃତି ଆଧାରିତ ଭ୍ରମଣ ବଢ଼ିବ। ଗହୀରମଥା କଇଁଛ ପ୍ରଜନନ କ୍ଷେତ୍ରକୁ ଲୋକମାନେ ଦେଖିପାରିବେ। ଉଭୟ ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବଢ଼ିବ। ହୋଟେଲ, ହୋମଷ୍ଟେ, ରେସ୍ତୋରାଁ, ହସ୍ତକଳା ଓ ପର୍ଯ୍ୟଟନ ସମ୍ପର୍କିତ ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟାପକ ବ୍ୟବସାୟ ସୁଯୋ ସୃଷ୍ଟି ହେବ।

# ଟାଲେଣ୍ଟ ଲୁଟୁଛି ଆମେରିକା

ନୂଆଦିଲ୍ଲୀ,୧୯।୭: ଯେତେବେଳେ ରାଜା ଶାସନ ଥିଲା ସେତେବେଳେ ରାଜାମାନେ ଦୁନିଆରୁ ସବୁ ଜ୍ଞାନୀଗୁଣି ଲୋକଙ୍କୁ ଧନ ସମ୍ପତ୍ତି ଲୋଭ ଦେଖାଇ ନିଜ ରାଜ୍ୟରେ ରହିବାକୁ କହୁଥିଲେ। ସେମାନଙ୍କ ମତରେ ରାଜ୍ୟରେ ଯେତେ ଦକ୍ଷ ଓ ଜ୍ଞାନୀ ଲୋକ ରହିବେ ସେମାନଙ୍କ ଜ୍ଞାନକୁ ବ୍ୟବହାର କରି ରାଜ୍ୟକୁ ସେତେ ସମୃଦ୍ଧ କରି ଗଢ଼ି ତୋଳି ହେବ। ଏଥିପାଇ ପୂର୍ବକାଳରେ ଜ୍ଞାନୀ ଲୋକମାନଙ୍କର ସ୍ଥାନାନ୍ତରଣ ନେଇ ଅନେକ ଉଦାହରଣ ରହିଛି। ହେଲେ ଏବେ ଆଉ ସେ ରାଜତନ୍ତ୍ର ନାହିଁ, କି ରାଜା ନାହାନ୍ତି। କିନ୍ତୁ ତଥାପି ଜ୍ଞାନୀ ଗୁଣି ଲୋକଙ୍କର ପଳାୟନ ଜାରି ରହିଛି। ସେତେବେଳେ ରାଜା ଧନ ସମ୍ପତ୍ତି ଲୋଭ ଦେଖାଇ ଜ୍ଞାନୀ ଲୋକଙ୍କୁ ନେଇ ଯାଉଥିଲେ, ହେଲେ ଆଜି ବଡ଼ ବଡ଼ ଶକ୍ତିଶାଳୀ ଦେଶ ନିଜ ଦେଶର ବ୍ୟବସ୍ଥା, ପରିବେଶକୁ ଏମିତି ଆକର୍ଷଣୀୟ କରି ଗଢ଼ି ତୋଳୁଛନ୍ତି, ଯେଉଁଥିରେ ଲୋକେ ଆପେ ଆପେ ଆକର୍ଷିତ ହୋଇ ସେହି ଦେଶକୁ ଚାଲିଯାଉଛନ୍ତି। ସେଠାରେ ନିଜର ସବୁ ପ୍ରତିଭାରେ ବିନିଯୋଗ କରି ସେହି ଦେଶକୁ ସମୃଦ୍ଧ କରୁଛନ୍ତି। ଏ କ୍ଷେତ୍ରରେ ଦେଖିଲେ ଏଠି ରାଜା ସାଜିଛି ଆମେରିକା, ଆଉ ଦକ୍ଷତାର ପଳାୟନର ଶିକାର ହେଉଛି ଭାରତ। ଏକଥା ଆମେ କହୁନୁ ଫୋର୍ବ୍ସ ଇଣ୍ଡିଆର ଏକ ରିପୋର୍ଟରେ କିଛି ଏଭଳି ତଥ୍ୟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁସାରେ, ଭାରତର ଦକ୍ଷ ଏଆଇ ପ୍ରତିଭା ନିଜ ଦେଶରେ କାମ କରିବା ବଦଳରେ ଆମେରିକା ଯାଇ କାମ କରିବାକୁ ପସନ୍ଦ କରୁଛନ୍ତି। ଯେଉଁମାନେ ଦେଶ ଛାଡ଼ି ଚାଲିଯାଉଛନ୍ତି ସେମାନେ ଆଉ ଫେରିବାକୁ ଚାହୁଁ ନାହାନ୍ତି। ବହୁତ କମ ଲୋକ ଫେରୁଛନ୍ତି। ଫୋର୍ବ୍ସ ଇଣ୍ଡିଆର ରିପୋର୍ଟ ଅନୁସାରେ ଆମେରିକାର ଅଧିକ ଦରମା, ଆଡଭାନ୍ସ ଏଆଇ ପ୍ରୋଜେକ୍ଟ ଉପରେ କାମ କରିବା ନେଇ ଦିଆଯାଉଥିବା ମଉକା ଯୁବ ପ୍ରତିଭାଙ୍କୁ ଆକର୍ଷିତ କରୁଛି। ଆମେରିକାର ସିଲିକନ୍ ଭ୍ୟାଲି ବୈଠକରେ, ଭାରତୀୟ ରିସର୍ଚ୍ଚରମାନେ ସ୍ପଷ୍ଟ କହୁଛନ୍ତି ଯେ ସେମାନେ ଭାରତ ଫେରିବାର କୌଣସି ଦୃଢ଼ କାରଣ ଦେଖାଯାଉ ନାହିଁ। ଫଳରେ ଅନେକ ଭାରତୀୟ ପ୍ରତିଷ୍ଠାତା ଭାରତ ବଦଳରେ ଆମେରିକାରେ ସେମାନଙ୍କର ନୂଆ AI ଷ୍ଟାର୍ଟଅପ୍ ଆରମ୍ଭ କରୁଛନ୍ତି। ଯାହାର ପରିଣାମସ୍ୱରୂପ ଭାରତ ବିଶ୍ୱ ଏଆଇ ଦୌଡ଼ରେ ପଛରେ ପଡ଼ିଯାଉଛି। ଏଣ୍ଟରପ୍ରାଇଜ୍ AI ଟାଲେଣ୍ଟରେ ଭାରତ ବିଶ୍ୱର ଦ୍ୱିତୀୟ ବୃହତ୍ତମ କେନ୍ଦ୍ର ବୋଲି କିଛି ବିଶେଷଜ୍ଞ ମାନୁଥିବା ବେଳେ, ଭାରତରୁ କିନ୍ତୁ ଶ୍ରେଷ୍ଠ ପ୍ରତିଭାଙ୍କର ନିୟମିତ ପଳାୟନ ଜାରି ରହିଛି।




# ଜିଡିପି ଅଭିବୃଦ୍ଧି ୬.୮% ଭିତରେ ରହିବ

ନୂଆଦିଲ୍ଲୀ,୧୯।୭:ଭାରତର ଜିଡିପି ଅଭିବୃଦ୍ଧି ଚଳିତ ଆର୍ଥିକବର୍ଷରେ ୬.୫ ପ୍ରତିଶତରୁ ୬.୮ ପ୍ରତିଶତ ମଧ୍ୟରେ ରହିବ। ଡେଲଏଟ୍ ଇଣ୍ଡିଆ ପକ୍ଷରୁ ରବିବାର ଏହି ଆକଳନ କରାଯାଇଛି। ଆର୍ଥିକବର୍ଷର ଦ୍ୱିତୀୟାର୍ଦ୍ଧରେ ଦେଶର ଅଭିବୃଦ୍ଧି ଭଲ ରହିବା ନେଇ ଆଶା ରହିଛି। ପାର୍ବଣ ଚାହିଦା, କୋହଳ ମୁଦ୍ରାନୀତି ଏବଂ ବିଶ୍ୱ ସ୍ଥିତି ସ୍ୱାଭାବିକ ହେବା ଆଦି କାରଣରୁ ଏହା ହେବ ବୋଲି କୁହାଯାଇଛି। ଡେଲଏଟ୍ ଏହାର ସଦ୍ୟତମ ଅର୍ଥନୈତିକ ଦୃଶ୍ୟପଟ ରିପୋର୍ଟରେ କହିଛି ୨୦୨୬ରେ ଭାରତର ଅର୍ଥନୀତି ଗୋଲ୍ଡିଲକ୍ସ ପର୍ଯ୍ୟାୟରେ ପ୍ରବେଶ କରିଛି। ମାକ୍ରୋ ଅର୍ଥନୀତିର ଭିତ୍ତିଭୂମିଗୁଡ଼ିକ ଭଲ ଭାବେ ସନ୍ତୁଳିତ ରହିଛି। କିନ୍ତୁ ମଧ୍ୟପ୍ରାଚ୍ୟରେ ଲାଗି ରହିଥିବା ଉତ୍ତେଜନା ପାଇଁ ଗୁରୁତ୍ୱପୂର୍ଣ୍ଣ ଜାହାଜ ଚଳାଚଳ ମାର୍ଗରେ ବ୍ୟାଘାତ ସୃଷ୍ଟି ହୋଇଛି। ଏଥିଯୋଗୁ ବିଭନ୍ନ ସାମଗ୍ରୀର ଦରରେ ଅସ୍ଥିରତା ଲାଗି ରହିଛି ଏବଂ ନିବେଶକମାନଙ୍କ ବିଶ୍ୱାସ ଦୁର୍ବଳ ହୋଇଛି। ବାଣିଜ୍ୟ ନିଅଣ୍ଟ ବଢ଼ିଛି, ବିଦେଶୀ ନିବେଶକମାନେ ନିରନ୍ତରଭାବେ ପୁଞ୍ଜି ପ୍ରତ୍ୟାହାର କରି ନେଉଛନ୍ତି ଏବଂ ଡଲାର ତୁଳନାରେ ଟଙ୍କା ମୂଲ୍ୟ ଦୁର୍ବଳ ହୋଇଛି। ଏଭଳି ପୃଷ୍ଠଭୂମିରେ ରିଜର୍ଭ ବ୍ୟାଙ୍କ ଗତ ସପ୍ତାହରେ ଦେଶର ଜିଡିପି ଆକଳନକୁ ପୂର୍ବର ୬.୯ ପ୍ରତିଶତରୁ ୬.୬ ପ୍ରତିଶତକୁ କମାଇ ଦେଇଛି। ୨୦୨୫-୨୬ରେ ଦେଶର ଜିଡିପି ଅଭିବୃଦ୍ଧି ୭.୭ ପ୍ରତିଶତ ରହିଥିଲା।




# ପ୍ରଥମ ବର୍ଷ ୪୫୦ କାର୍ ବିକିଲା ଟେସ୍‌ଲା

ନୂଆଦିଲ୍ଲୀ,୧୯।୭: ଆମେରିକାର ବିଦ୍ୟୁତ୍ କାର୍ କମ୍ପାନି ଟେସ୍‌ଲା ଇତିମଧ୍ୟରେ ଭାରତରେ ସୋରୁମ୍ ଖୋଲିବା ୧ ବର୍ଷ ବିତିଯାଇଛି। ଗତବର୍ଷ ଜୁଲାଇ ୧୫ ତାରିଖରେ କମ୍ପାନି ମୁମ୍ବାଇରେ ଏହାର ପ୍ରଥମ ସୋରୁମ୍ ଖୋଲିଥିଲା। ଗତ ଜୁନ୍ ଶେଷ ସୁଦ୍ଧା କମ୍ପାନି ଭାରତରେ ୪୫୦ଟି କାର୍ ବିକ୍ରି କରିଛି। ଭାରତରେ କମ୍ପାନି ଯଦିଓ ୨୦୨୫ ଜୁଲାଇ ୧୫ରେ ପ୍ରଥମ ସୋରୁମ୍ ଖୋଲିଥିଲା ତଥାପି ସେପ୍ଟେମ୍ବର ମାସରେ ମଡେଲ ୱାଇର ପ୍ରଥମ ଡେଲିଭରି ଦେଇଥିଲା। ତେବେ ଟେସ୍‌ଲା ସହିତ କଡ଼ା ପ୍ରତିଯୋଗିତା କରୁଥିବା ଚୀନ କମ୍ପାନି ବିୱାଇଡି ଭାରତରେ ବହୁ ଅଧିକ ସଂଖ୍ୟକ କାର୍ ବିକ୍ରି କରିଛି ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିୱାଇଡି ନିକଟରେ ବିଭିନ୍ନ ମୂଲ୍ୟର ଏକାଧିକ ମଡେଲ ଥିବାରୁ କମ୍ପାନି ଏହି ସଫଳତା ହାସଲ କରିଛି। ବର୍ଷକ ମଧ୍ୟରେ ଭାରତରେ ଟେସ୍‌ଲାର ଷ୍ଟୋର୍ ସଂଖ୍ୟା ୫ରେ ପହଞ୍ଚି ସାରିଛି। ମୁମ୍ବାଇ ସମେତ ନୂଆଦିଲ୍ଲୀ, ଗୁରୁଗ୍ରାମ, ବେଙ୍ଗାଲୁରୁ ଏବଂ ହାଇଦ୍ରାବାଦରେ ଏହାର ଷ୍ଟୋର ଖୋଲିଛି।




# ବିପିସିଏଲ୍‌ର ନୂଆ ପ୍ରିମିୟମ୍ ଏଲ୍‌ପିଜି ସେବା ଆରମ୍ଭ

ମୁମ୍ବାଇ,୧୯।୭:ରାଷ୍ଟ୍ରାୟତ୍ତ ତୈଳ କମ୍ପାନି ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ (ବିପିସିଏଲ୍) ଗ୍ରାହକଙ୍କ ପାଇଁ ନୂଆ ପ୍ରିମିୟମ୍ ଏଲ୍‌ପିଜି ସେବା 'ଭାରତଗ୍ୟାସ ଲାଇଟ୍ ଜିପ୍' ଶୁଭାରମ୍ଭ କରିଛି। ଏହା ଅଧୀନରେ ଗ୍ରାହକଙ୍କୁ ତୁରନ୍ତ ନୂଆ ସଂଯୋଗ ସହିତ ଏକ୍ସପ୍ରେସ ଡେଲିଭରି ସୁବିଧା ମିଳିବ। ସଂପ୍ରତି କମ୍ପାନିର ଏହି ସେବା ମୁମ୍ବାଇରେ ଉପଲବ୍ଧ ରହିଛି। ଆସନ୍ତା ଅଗଷ୍ଟ ୧୫ ସୁଦ୍ଧା ଦେଶର ୨୪ଟି ରାଜ୍ୟର ୧୦୦ରୁ ଅଧିକ ସହରରେ ଉକ୍ତ ସେବା ଆରମ୍ଭ କରିବା ଯୋଜନା ରହିଛି।

ଲୋକଙ୍କ ସାଂପ୍ରତିକ ଜୀବନଶୈଳୀକୁ ଦୃଷ୍ଟିରେ ରଖି କମ୍ପାନି ଏହି ସେବା ଆରମ୍ଭ କରିଛି। ଏହାର ଲକ୍ଷ୍ୟ ହେଉଛି ଗ୍ରାହକ ସହଜ ଓ ସୁରକ୍ଷିତ ଭାବେ ଯେଭଳି ଦ୍ରୁତଗତିରେ ଏଲ୍‌ପିଜି ସେବା ପାଇପାରିବ। ଏହାର ସ୍ୱତନ୍ତ୍ରତା ହେଉଛି ଭାରତଗ୍ୟାସର ଲାଇଟ୍ କମ୍ପୋଜିଟ୍ ସିଲିଣ୍ଡର। ପାରମ୍ପରିକ ସିଲିଣ୍ଡର ତୁଳନାରେ ଏହା ଯଥେଷ୍ଟ ହାଲ୍‌କା। ଏହାକୁ ଉଠାଇବା ଏବଂ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନେବା ସହଜ। ଏହା ସହିତ ଉକ୍ତ ସିଲିଣ୍ଡରରେ କଳଙ୍କି ଲାଗିବା ସମସ୍ୟା ନାହିଁ। ଏଥିରେ ଦୃଶ୍ୟମାନ ଗ୍ୟାସ ଲେବଲ ଇଣ୍ଡିକେଟର ରହିଛି। ଅର୍ଥାତ ଟାଙ୍କିରେ କେତେ ଗ୍ୟାସ ରହିଛି ତାହା ସହଜରେ ଜାଣିହେବ। ଏଥିସହିତ ଏଥିରେ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ରହିଛି ବୋଲି କମ୍ପାନି କହିଛି। ଏଥିପାଇଁ ପ୍ରିମିୟମ ଗ୍ରାହକଙ୍କର ଏହା ପସନ୍ଦ ପାଲଟିବ ବୋଲି କୁହାଯାଉଛି।

ପ୍ରିମିୟମ୍ ଏଲ୍‌ପିଜି ବର୍ଗରେ ବିପିସିଏଲ୍ ପ୍ରବେଶ କରିବାର କିଛି ଦିନ ପୂର୍ବରୁ ଏଚ୍‌ପିସିଏଲ୍ ସ୍ୱିଗି ଇନଷ୍ଟାମାର୍ଟ ସହ ମିଶି କ୍ୱିକ୍ କମର୍ସ ପ୍ଲାଟଫର୍ମ ଜରିଆରେ ଅନ୍-ଡିମାଣ୍ଡ୍ ଏଲ୍‌ପିଜି ଡେଲିଭରି ସେବା ଆରମ୍ଭ କରିଛି। ଉକ୍ତ ସେବା ବେଙ୍ଗାଲୁରୁରୁ ଆରମ୍ଭ ହୋଇଛି ଯେଉଁଠାରେ ଗ୍ରାହକଙ୍କ ପାଇଁ ୧୦ କିଗ୍ରା ବିଶିଷ୍ଟ କମ୍ପୋଜିଟ୍ ସିଲିଣ୍ଡର 'ଏଚ୍‌ପି ନବ୍ୟା' ଉପଲବ୍ଧ କରାଯାଉଛି। ଏଚ୍‌ପିସିଏଲ୍ କମ୍ପାନିର ଏହି ଯୋଜନାରେ ଗ୍ରାହକ କୌଣସି ଘରୋଇ ଗ୍ୟାସ ସଂଯୋଗ ନେଇ ନଥିଲେ ମଧ୍ୟ ନୂଆ ସିଲିଣ୍ଡର ଅର୍ଡର ଦେଇପାରିବ।






## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୨,୫୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୦,୬୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୨,୫୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୦,୬୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୨,୫୩୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୨,୬୮୦ ଟଙ୍କା ଓ ୨୨ କ୍ୟାରଟେ ୧,୩୦,୮୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୨,୯୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୧,୦୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୨,୫୩୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୩୦,୬୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୩୦,୦୦୦ ଟଙ୍କା ହୋଇଛି ।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦାମ ହ୍ରାସ ପାଇଛି । ଲଗାତାର କିଛିଦିନ ହେଲାଣି ସ୍ଥିର ରହିଛି ପେଟ୍ରୋଲ କିମ୍ବା ଡିଜେଲ ଦର । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା୬୫ ପଇସା ରହିଛି ।

## ନଇଗୁଆଁ ଦାଉଦପୁର ଉଚ୍ଚ ବିଦ୍ୟାଳୟ

# ଶିକ୍ଷକ ଅଭାବରୁ ଶିକ୍ଷାଦାନ ବିପର୍ଯ୍ୟସ୍ତ



### ପ୍ରଶାସନ ଓ ମାହାଙ୍ଗା ବିଧାୟକ ଦୃଷ୍ଟି ଦେବାକୁ ଦାବି

ନିଶ୍ଚିନ୍ତକୋଇଲି,୧୯।୭ (ସଂଚାର ବ୍ୟୁରୋ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ନଇଗୁଆଁ ଦାଉଦପୁର ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ହେତୁ ଶିକ୍ଷାଦାନ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବାରମ୍ବାର ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମହଲରେ ଦାବି ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଶିକ୍ଷାବିଭାଗ ପକ୍ଷରୁ ନିଆଯାଉନଥିବାରୁ ସ୍ଥାନୀୟ ଅଭିଭାବକଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ତୁଳନାରେ ଶିକ୍ଷକଙ୍କର ବହୁ ଅଭାବ ରହିଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେବାରେ ଲାଗିଛି।

ସରକାର ଛାତ୍ର ଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପାଇଁ ପ୍ରାଧାନ୍ୟ ଦେଇ ଆସୁଥିବା ବେଳେ ଏଠାରେ କିନ୍ତୁ ତାହାର ବ୍ୟତିକ୍ରମ ଦେଖାଯାଇଛି। ଉକ୍ତ ବିଦ୍ୟାଳୟରେ ଚଳିତବର୍ଷ ଅଷ୍ଟମ ଶ୍ରେଣୀରେ ୨୦ଜଣ, ନବମ ଶ୍ରେଣୀରେ ୪୯ଜଣ ଏବଂ ଦଶମ ଶ୍ରେଣୀରେ ୫୦ଜଣ ମୋଟ୍ ୧୧୯ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଛାତ୍ର ଛାତ୍ରୀ ଅନୁପାତ ଅନୁଯାୟୀ ଶିକ୍ଷକ ନିୟମରେ ୪ଜଣ ଶିକ୍ଷକ ରହିବା କଥା। କିନ୍ତୁ ବର୍ତ୍ତମାନ କେବଳ ୨ଜଣ କଳା ଶିକ୍ଷକଙ୍କୁ ନେଇ ଶିକ୍ଷାଦାନ ଚାଲିଛି। ଏହାଛଡ଼ା ଏହି ବିଦ୍ୟାଳୟରେ କାର୍ଯ୍ୟାଳୟ ସହକାରୀ (କିରାଣୀ)ପଦବୀ ଖାଲି ରହିଥିବାରୁ ବିଦ୍ୟାଳୟର ବିଭିନ୍ନ କାଗଜପତ୍ର କାର୍ଯ୍ୟ ମଧ୍ୟ ଏହି ଦୁଇ ଜଣ ଶିକ୍ଷକଙ୍କୁ କରିବାକୁ ପଡୁଛି। ଯାହାଫଳରେ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ଏକରକମ ପ୍ରହସନରେ ପରିଣତ ହେବାକୁ ବସିଲାଣି ବୋଲି ଅଭିଯୋଗ ହୋଇଛି।

ଏହି ବିଦ୍ୟାଳୟରେ ମୁଖ୍ୟତଃ ଗୋଟିଏ ତାଲିମପ୍ରାପ୍ତ ବିଜ୍ଞାନ ଶିକ୍ଷକ (ସିବିଜେଡ୍) ପଦବୀ ଖାଲି ରହିଥିବାବେଳେ ହିନ୍ଦୀ, ସଂସ୍କୃତ ଶିକ୍ଷକ ପଦବୀ ମଧ୍ୟ ଖାଲି ରହିଛି। ଯାହାକୁ ନେଇ ଦିନକୁ ଦିନ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତେବେ ଉକ୍ତ ବିଦ୍ୟାଳୟର ଶିକ୍ଷକ ଅଭାବ ସମସ୍ୟାକୁ ଦୂର କରିବା ପାଇଁ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ, କଟକ ଜିଲ୍ଲାପାଳ ଏବଂ ମାହାଙ୍ଗା ବିଧାୟକ ଦୃଷ୍ଟି ଦେଇ ଯଥାଶୀଘ୍ର ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷକ ଯୋଗାଇଦେବା ନିମନ୍ତେ ସ୍ଥାନୀୟ ଅଞ୍ଚଳର ଅଭିଭାବକମାନେ ଦୃଢ଼ ଦାବି କରିଛନ୍ତି।

## ବର୍ଷାରେ ରାସ୍ତା ମରାମତି ନାଁରେ ପକାଯାଉଛି ମାଟି

### ନାହିଁ ସୂଚନା ଫଳକ

### ଦୁର୍ଦ୍ଦଶାରେ ଯାତ୍ରୀ ଓ ଛାତ୍ରଛାତ୍ରୀ



ରାଇଘର,୧୯।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ସଦର ମହକୁମାକୁ ଲାଗି ରହିଥିବା କୋଦଭାଟାରେ ବର୍ଷା ଋତୁରେ ରାସ୍ତା ମରାମତି କାମକୁ ନେଇ ଉଠିଛି ପ୍ରଶ୍ନ। ରାସ୍ତାରେ ମୁରୁମ ପକାଇବା କଥା ଥିବା ବେଳେ, ମୁରୁମ ବଦଳରେ ମାଟି ପକାଯାଉଥିବା ଅଭିଯୋଗ ହୋଇଛି। ବର୍ଷା ହେଲେ ଏହି ମାଟି କାଦୁଅରେ ପରିଣତ ହେଉଥିବାରୁ ଗାଡ଼ି ଚଳାଚଳ କରିବା କଷ୍ଟକର ହୋଇପଡୁଛି। ଏଥିସହ ପଥଚାରୀମାନେ ମଧ୍ୟ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ବିଶେଷକରି ଗୁରୁକଚାନ୍ଦ ବିଦ୍ୟାମନ୍ଦିର ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଏହି ରାସ୍ତା ଯୋଗୁଁ ଅସୁବିଧା ଭୋଗୁଛନ୍ତି। କାଦୁଅ ରାସ୍ତାରେ କୁନିକୁନି ପିଲାମାନଙ୍କ ଯାତାୟାତ ମଧ୍ୟ ବିପଦସଙ୍କୁଳ ହୋଇପଡ଼ିଛି।ତେଣୁ ରାସ୍ତା ମରାମତି କାମରେ ନିୟମ ଅନୁଯାୟୀ ଉପଯୁକ୍ତ ମୁରୁମ ବ୍ୟବହାର କରିବା ସହ ଶୀଘ୍ର ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଜଗନ୍ନାଥଙ୍କ ବାମନ ଓ ପର୍ଶୁରାମ ବେଶ, ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼



ସୁବର୍ଣ୍ଣପୁର,୧୯।୭ (ସଂଚାର ବ୍ୟୁରୋ): ପବିତ୍ର ଦେବଭୂମି ତଥା ଦ୍ୱିତୀୟ ବାରାଣସୀ ଭାବେ ପରିଚିତ ସୁବର୍ଣ୍ଣପୁରରେ ରଥଯାତ୍ରା ଅବସରରେ ବିଭିନ୍ନ ଆଡ଼ପ ମଣ୍ଡପରେ ପ୍ରଭୁଙ୍କ ଦିବ୍ୟ ଅବତାର ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ବ୍ୟାପକ ସମାଗମ ଦେଖିବାକୁ ମିଳୁଛି। ଗୁଣ୍ଡିଚା ମନ୍ଦିର ଆଡ଼ପ ମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତି ବାମନ- ପର୍ଶୁରାମ ବେଶରେ, ମଝିପଡ଼ା ରାମଧୁନ ଆଡ଼ପ ମଣ୍ଡପରେ ପ୍ରଭୁ ଦଧିବାମନ ବାମନ- ପର୍ଶୁରାମ ବେଶରେ, ଥନାପତିପଡ଼ା ଆଡ଼ପ ମଣ୍ଡପରେ ପ୍ରଭୁ ରାମ- ବଳରାମ ବେଶରେ ଏବଂ ଶ୍ରୀଶ୍ରୀ ବୃନ୍ଦାବନ ବିହାରୀ ଆଡ଼ପ ମଣ୍ଡପରେ ପ୍ରଭୁ ବାମନ ଅବତାର ବେଶରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଉଛନ୍ତି।

ଜନ୍ମବେଦୀରେ ପ୍ରଭୁଙ୍କ ଦର୍ଶନ କଲେ ପୁଣ୍ୟଫଳ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଥିବାରୁ ପ୍ରତିଦିନ ଶତାଧିକ ଭକ୍ତ ବିଭିନ୍ନ ମନ୍ଦିରକୁ ଆସୁଛନ୍ତି। ସନ୍ଧ୍ୟାରୁ ରାତ୍ରି ପର୍ଯ୍ୟନ୍ତ ଭଜନ, କୀର୍ତ୍ତନ ଓ ହରିନାମ ସଂକୀର୍ତ୍ତନରେ ସମଗ୍ର ପରିବେଶ ଭକ୍ତିମୟ ହୋଇଉଠୁଥିବା ବେଳେ "ଜୟ ଜଗନ୍ନାଥ" ଧ୍ୱନିରେ ମନ୍ଦିର ପରିସର ଓ ସହର ପ୍ରକମ୍ପିତ ହେଉଛି।

## ବିଜେଡି ଛାଡ଼ିଲେ ଦୁଇ ନିର୍ବାଚିତ କାଉନସିଲର





ଉମରକୋଟ,୧୯।୭ (ସଂଚାର ବ୍ୟୁରୋ):ପୌରାଞ୍ଚଳର ଦୁଇଜଣ କାଉନସିଲର ବିଜୁ ଜନତା ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଏବଂ ଇସ୍ତଫା ପତ୍ର ଦଳର ରାଜ୍ୟ ସଭାପତି ଓ ଜିଲା ସଭାପତି ଙ୍କୁ ପ୍ରେରିତ କରିଛନ୍ତି। ଦଳରେ ସମ୍ମାନ ମିଳୁନଥିବା ଅଭିଯୋଗ ଆଣି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ୭ ନମ୍ବର ୱାର୍ଡର କାଉନସିଲର ନେତ୍ର ହରିଜନ ଓ ୮ ନମ୍ବର ୱାର୍ଡର କାଉନସିଲର ସରୋଜିନୀ ସବର। ହେଲେ ଆଗକୁ ସେମାନଙ୍କର ରାଜନୈତିକ ପଦକ୍ଷେପ କ'ଣ ହେବ, ତାକୁ ନେଇ ସ୍ପଷ୍ଟ ସୂଚନା ଦେଇନାହାନ୍ତି।

ଉମରକୋଟ ପୌର ରାଜନୀତିରେ ଏହି ଇସ୍ତଫାକୁ ନେଇ ଜୋରଦାର ଚର୍ଚ୍ଚା। କାଉନସିଲର ନେତ୍ର ହରିଜନ ଏବଂ ସରୋଜିନୀ ସବର ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି ଯେ, ଦଳ ମଧ୍ୟରେ ନିର୍ବାଚିତ ଜନ ପ୍ରତିନିଧିଙ୍କ ସ୍ୱର ଓ ମତାମତକୁ ଯଥୋଚିତ ଗୁରୁତ୍ୱ ଓ ସମ୍ମାନ ମିଳୁନାହିଁ। ଏପରି ପରିସ୍ଥିତିରେ ଦଳ ସହ ଜଡ଼ିତ ରହିବା ରାଜନୈତିକ ବିବେକ ବିରୋଧୀ ବୋଲି ଦର୍ଶାଇବା ସହ ଦଳ ମଧ୍ୟରେ ଅର୍ଥପୂର୍ଣ୍ଣ ଆଲୋଚନା, ଆଭ୍ୟନ୍ତରୀଣ ସମନ୍ୱୟ ଏବଂ ତୃଣମୂଳ ନେତୃତ୍ୱକୁ ଯଥୋଚିତ ସମ୍ମାନ ଦେବାର ପରମ୍ପରା କ୍ରମଶଃ ଦୁର୍ବଳ ହୋଇପଡ଼ିଛି ବୋଲି ସେମାନେ ଦଳ ସହ ସମସ୍ତ ରାଜନୈତିକ ସମ୍ପର୍କ ଛିନ୍ନ କରିଥିବା କହିଛନ୍ତି। ତେବେ ଏହି ଇସ୍ତଫା ପଛରେ ଆଉ କିଛି ରାଜନୈତିକ ସମୀକରଣ ରହିଛି କି, ନା ଏହା କେବଳ ଅସନ୍ତୋଷର ପ୍ରତିଫଳନ ତାହାକୁ ନେଇ ଚର୍ଚ୍ଚା ଚାଲିଛି । ଅନ୍ୟପଟେ ଆଗାମୀ ଦିନରେ ସେମାନେ କେଉଁ ଦଳରେ ଯୋଗ ଦେବେ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ।

## ବୁଢ଼ାଗୁଡ଼ା ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ପାଳିତ



ଫୁଲବାଣୀ,୧୯।୭ (ସଂଚାର ବ୍ୟୁରୋ): ଓଡ଼ିଶା ବନ ବିଭାଗ ତଥା ଓଡ଼ିଶା ପରିବେଶ ସମିତି ଓ କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ବୁଢ଼ାଗୁଡା ପଞ୍ଚାୟତ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମାସୁନ୍ଦର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦାରିଙ୍ଗବାଡି ରେଞ୍ଜ ବନପାଳ ମନ୍ମଥ ପରିଛା ମୁଖ୍ୟ ଅତିଥି ଭାବେ ଏବଂ ଗିରିଜନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପରିବେଶ ସୁରକ୍ଷା, ପ୍ରାକୃତିକ ସନ୍ତୁଳନ ଓ ଭବିଷ୍ୟତ ପିଢ଼ି ପାଇଁ ସବୁଜ ଭାରତ ଗଠନରେ ବନ ମହୋତ୍ସବର ଉପାଦେୟତା ବିଷୟରେ ଆଲୋକପାତ କରିଥିବା ବେଳେ ବନ ମହୋତ୍ସବ ଆମକୁ ସ୍ମରଣ କରାଏ - ପ୍ରତ୍ୟେକ ଗଛ ହେଉଛି ଆମର ଜୀବନର ରକ୍ଷକ। ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ ଓ ପ୍ରାକୃତିକ ବିପଦକୁ ରୋକିବା ପାଇଁ ବୃକ୍ଷରୋପଣ ହେଉଛି ସର୍ବୋତ୍ତମ ଉପାୟ ବୋଲି ପ୍ରଧାନ ଶିକ୍ଷକ ଶ୍ୟାମାସୁନ୍ଦର ସାହୁ ନିଜ ବକ୍ତବ୍ୟ ରେ ପ୍ରକାଶ କରିଥିଲେ ।

ଏହି ଅବସରରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସ୍ଥାନୀୟ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ ତଥା ଛାତ୍ରଛାତ୍ରୀ ଙ୍କ ଦ୍ୱାରା ବିଦ୍ୟାଳୟ ପ୍ରାଙ୍ଗଣରେ ପଚାଶଟି ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା । ଏଥିରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷିକା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

## ନାହିଁ ନାହିଁରେ ଚାଲିଛି ଧୋତ୍ରାପାରା ଅଙ୍ଗନବାଡି କେନ୍ଦ୍ର

# ବର୍ଷ ବର୍ଷ ଧରି କର୍ମୀ ଅନୁପସ୍ଥିତ ରହୁଥିବା ଅଭିଯୋଗ



ରାଇଘର,୧୯।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ପାରଚିପାରା ପଂଚାୟତ ଅଧୀନରେ ଥିବା ଧୋତ୍ରାପାରା ଅଙ୍ଗନବାଡି କେନ୍ଦ୍ରରେ ଦୀର୍ଘ ବର୍ଷ ହେବ ଅଙ୍ଗନବାଡି କର୍ମୀ ଅନୁପସ୍ଥିତ ରହିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅଙ୍ଗନବାଡି କେନ୍ଦ୍ରରେ ଅନୁପସ୍ଥିତ ରହିବା ଯୋଗୁଁ କେନ୍ଦ୍ରର ପ୍ରିସ୍କୁଲ ପିଲା, କିଶୋରୀ ବାଳିକା, ଗର୍ଭବତୀ ଓ ପ୍ରସୂତି ମାମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କରିଥିବା ଅଭିଯୋଗକୁ ଅନ୍ୟପଟେ ଅଙ୍ଗନବାଡି କର୍ମୀ ଗାୟତ୍ରୀ ନାୟକ ଖଣ୍ଡନ କରିଛନ୍ତି |

ଅଙ୍ଗନବାଡି କର୍ମୀଙ୍କ କହିବା ପ୍ରକାରେ ଦୀର୍ଘ ବର୍ଷ ତଳେ ତାଙ୍କ ସ୍ୱାମୀଙ୍କ ସହିତ ତାଙ୍କର ବିଚ୍ଛେଦ ହୋଇଥିଲା, ତେବେଠାରୁ ଅଙ୍ଗନବାଡି ଦିଦି ନିଜ ଗୋଟେ ବୋଲି ପୁଅ ସହିତ ଦୁର୍ଦ୍ଦଶା ଭୋଗୀ ଆସୁଛନ୍ତି | ସ୍ୱାମୀ ଛାଡିଦେବା ପରେ ମଧ୍ୟ ସେ କେନ୍ଦ୍ରକୁ ଯାଉଥିଲେ, ହେଲେ କୌଣସି କାରଣ ନଥାଇ ଗ୍ରାମବାସୀ ଅତର୍କିତ ଭାବେ ଟେକା ପଥର ମାରି ତାଙ୍କୁ ଆକ୍ରମଣ କରିଥିଲେ | ଭୟ ପାଇ ଦିଦି ଜଣକ ପ୍ରାଣରକ୍ଷା ପାଇଁ ସ୍ଥାନୀୟ ପୁଲିସକୁ ଫୋନ କରିଥିଲେ ଓ ପୁଲିସ ସହାୟତାରେ ସେଠାରୁ ସୁରକ୍ଷିତ ଭାବେ ନିଜ ଘରେ ପହଂଚି ପାରିଥିଲେ। ସେ ଅନେକ ଥର କେନ୍ଦ୍ରକୁ ଯିବା ପାଇଁ ଚେଷ୍ଟା କରିଥିଲେ ହେଁ ପ୍ରତିଥର ଆକ୍ରମଣର ଶିକାର ହୋଇଛନ୍ତି। ତେଣୁ ପ୍ରାଣ ଭୟରେ କେଇଟା ବର୍ଷ ହେବ କେନ୍ଦ୍ରକୁ ପାଦ ମାଡି ପାରିନାହାନ୍ତି। ତଥାପି ଅଙ୍ଗନବାଡି ସହାୟିକା କେନ୍ଦ୍ରରେ ମଧ୍ୟାହ୍ନ ଭୋଜନ ରୋଷେଇ କରିବା ସହିତ ଶୁଖିଲା ଖାଦ୍ୟ ବଣ୍ଟନ କରି ଆସୁଛନ୍ତି।

ଏ ସମ୍ପର୍କରେ ସେ ଉପ ଜିଲ୍ଲାପାଳଙ୍କୁ ମଧ୍ୟ ସାକ୍ଷାତ କରି ଲିଖିତ ଭାବେ ଅବଗତ କରିଥିବା ଦିଦି ଜଣକ କହିଛନ୍ତି | ତେବେ ଏଯାଏ ଜିଲ୍ଲା ପ୍ରଶାସନ ମଧ୍ୟ ଏହାର କୌଣସି ନିଷ୍କର୍ଷ ବାହାର କରିନାହାନ୍ତି ବୋଲି ଦିଦି ଜଣକ ନିଜ ପ୍ରତିକ୍ରିୟାରେ କରିଛନ୍ତି।

## ଡେଙ୍ଗୁ ଓ ମ୍ୟାଲେରିଆ ନିରାକରଣ ପାଇଁ ବୈଠକ




ଢେଙ୍କାନାଳ,୧୯।୭(ସଂଚାର ବ୍ୟୁରୋ): ଢେଙ୍କାନାଳ ଜିଲ୍ଲାରେ ଡେଙ୍ଗୁ ଓ ମ୍ୟାଲେରିଆର ମୁକାବିଲା କରିବା ପାଇଁ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ଶ୍ରୀ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା।

ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ସଂଜୟ ମହାପାତ୍ର ଡେଙ୍ଗୁ ଓ ମ୍ୟାଲେରିଆର ନିରାକରଣ ପାଇଁ ପରାମର୍ଶ ଦେଇ, ପ୍ରତ୍ୟେକ ସାତ ଦିନରେ ପାଣି ରହୁ ଥିବା ସ୍ଥାନକୁ ଅନୁଧ୍ୟାନ କରି ପାଣିକୁ ପରିବର୍ତ୍ତନ କରିବା, ନିଜ ପରିବେଶ ସଫା ରଖିବା, ପ୍ଲାଷ୍ଟିକ ଜିନିଷକୁ ବାହାରେ ନରଖି ଠିକ୍ ଭାବରେ ଘୋଡାଇ ରଖିବା, ବର୍ଜ୍ୟବସ୍ତୁ ଠିକ୍ ଭାବରେ ରଖିବା ଇତ୍ୟାଦିକୁ ଧ୍ୟାନ ଦେଲେ ଡେଙ୍ଗୁରୁ ରକ୍ଷା ପାଇପାରିବା ବୋଲି କହିଥିଲେ। ଡେଙ୍ଗୁ ଜର ହେଲେ ମୁଖ୍ୟ ଚିକିତ୍ସାଳୟରେ ରକ୍ତ ପରୀକ୍ଷା କରାନ୍ତୁ । ଏହା ସମ୍ପୂର୍ଣ୍ଣ ମାଗଣା। ଜ୍ୱର ହେଲେ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖାଇବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କହିଥିଲେ । ଏହି ବର୍ଷ ୧୧୫୬ ଜଣଙ୍କର ରକ୍ତ ପରୀକ୍ଷା କରାଯାଇଥିଲା, ସେଥିରୁ ୮ ଜଣ ମଧ୍ୟରେ ଡେଙ୍ଗୁ ଭୁତାଣୁ ଚିହ୍ନଟ କରାଯାଇଛି ।

ସେହିଭଳି ମ୍ୟାଲେରିଆକୁ ରୋକିବା ପାଇଁ ମ୍ୟାଲେରିଆ ପ୍ରବଣ ଗ୍ରାମକୁ ମେ ମାସରେ ସର୍ଭେ କରାଯାଇ ବିହିତ ପଦକ୍ଷେପ ନିଆଯାଇଛି । ଆଶ୍ରମ ସ୍କୁଲରେ ମ୍ୟାଲେରିଆ ପରୀକ୍ଷା କରାଯାଇ ଔଷଧ ଦିଆଯାଉଛି । ପ୍ରତ୍ୟେକ ଆଶା ଦିଦିଙ୍କ ପାଖରେ ମ୍ୟାଲେରିଆ ଟେଷ୍ଟ କିଟ୍ ମହଜୁଦ ଅଛି । ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ମ୍ୟାଲେରିଆ ଔଷଧ ମିଳୁଛି ସେ କହିଛନ୍ତି ।

## ଉଦାସ ଆଶ୍ରମ ମହାରାଜାଙ୍କ ଜନ୍ମୋତ୍ସବରେ ଯୋଗଦେଲେ ବିଜେପି ଉପସଭାପତି



ଯାଜପୁର ରୋଡ଼,୧୯।୭(ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ଛତିଆର ସୋଲର ଠାରେ ଥିବା ଉଦାସ ଆଶ୍ରମର ପରମ ପୂଜ୍ୟ ଗୁରୁଦେବ ସ୍ୱାମୀ ଯଜ୍ଞେ ଶ୍ୱରାନନ୍ଦ ମହାରାଜାଙ୍କ ଜନ୍ମୋତ୍ସବ ଅବସରରେ ଆୟୋଜିତ ପବିତ୍ର କାର୍ଯ୍ୟକ୍ରମରେ ସଭିଙ୍କ ପ୍ରିୟ ରାଜ୍ୟ ବିଜେପିର ବରିଷ୍ଠ ନେତା ତଥା ରାଜ୍ୟ ବିଜେପି ଉପସଭାପତି ଶ୍ରୀ ଗୋଲକ ମହାପାତ୍ର ଯୋଗଦେଇ ଗୁରୁଦେବଙ୍କ ଶ୍ରୀଚରଣରେ ପ୍ରଣାମ ଜଣାଇଛନ୍ତି । ଗୁରୁଦେବଙ୍କ ଆଦର୍ଶ, ଆଧ୍ୟାତ୍ମିକ ଚିନ୍ତାଧାରା ଏବଂ ମାନବ ସେବାର ବାର୍ତ୍ତା ସମାଜକୁ ସଦା ସତପ୍ରଥରେ ଆଗେଇ ନେଉ ବୋଲି ଶ୍ରୀ ଗୋଲକ ମହାପାତ୍ର ଆଶା ପ୍ରକଟ କରିଛନ୍ତି । ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧିର ମଙ୍ଗଳ କାମନା କରିଛନ୍ତି ଶ୍ରୀ ମହାପାତ୍ର । ଆଶ୍ରମ କୁ ବୁଲି ଦେଖିବା ସହ ଆଶ୍ରମରେ ଥିବା ସାପଙ୍କ ସଂରକ୍ଷଣ ଗୁମ୍ଫାକୁ ଦେଖି ବିମୋହିତ ହୋଇଥିଲେ। ବିଶେଷ କରି ଆଶ୍ରମର ଶାନ୍ତ ଓ ପବିତ୍ର ପରିବେଶ ତାଙ୍କୁ ବହୁସମୟ ବାନ୍ଧି ରଖିଥିଲା। ଆଶ୍ରମର ଉନ୍ନତି ନିମନ୍ତେ ସରାକରଙ୍କ ଦୃଷ୍ଟିଗୋଚରକୁ ନେବାପାଇଁ କର୍ତ୍ତୃପକ୍ଷଙ୍କୁ ଆଶ୍ୱାସନା ଦେଇଛନ୍ତି।

## ବିଦେଶୀ ମଦରେ ପ୍ରତି ବୋତଲକୁ ୫୦ ଟଙ୍କା ଅଧିକ ଆଦାୟ ଅଭିଯୋଗ




ରାଇଘର,୧୯।୭ (ସଂଚାର ବ୍ୟୁରୋ): ନବରଙ୍ଗପୁର ଜିଲ୍ଲାର ଛତିଶଗଡ଼ ସୀମାବର୍ତ୍ତୀ ରାଇଘର ଅଞ୍ଚଳରେ ବିଦେଶୀ ମଦ ବିକ୍ରିକୁ ନେଇ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଗ୍ରାହକଙ୍କ ଅଭିଯୋଗ ଅନୁଯାୟୀ, ସରକାରୀ ନିର୍ଦ୍ଧାରିତ ଦର ବଦଳରେ ପ୍ରତ୍ୟେକ ବୋତଲ ଉପରେ ପ୍ରାୟ ୫୦ ଟଙ୍କା ଅଧିକ ଆଦାୟ କରାଯାଉଛି। ସୀମାବର୍ତ୍ତୀ ଅଞ୍ଚଳର ସୁଯୋଗ ନେଇ ଗ୍ରାହକଙ୍କୁ ଅଧିକ ଦରରେ ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି।

ଏହା ସହ ରାଇଘର ଅଞ୍ଚଳର ବିଭିନ୍ନ ଗାଁର ଛୋଟ ଦୋକାନରେ ମଧ୍ୟ ବିଦେଶୀ ମଦ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଲୋକ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହି ଅଭିଯୋଗ ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଅବକାରୀ ଆଇନର ଉଲ୍ଲଂଘନ ବୋଲି ବିବେଚନା କରାଯାଇପାରେ।

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଏପରି ଅଭିଯୋଗ ଦୀର୍ଘଦିନ ଧରି ରହିଥିଲେ ମଧ୍ୟ ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଫଳରେ ବେଆଇନ ମଦ ବିକ୍ରି ଓ ଅଧିକ ଦର ଆଦାୟ ଅବାଧରେ ଚାଲିଥିବା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ଅସୀମା ସାରସ୍ୱତ ସମ୍ମାନ ଉତ୍ସବ



ବାଲିଅନ୍ତା,୧୯।୭ (ସଂଚାର ବ୍ୟୁରୋ): ପ୍ରଥମ ବର୍ଷ ପୂର୍ତ୍ତି ଅବସରରେ ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟା ଉନ୍ମୋଚନରେ 'ଅସୀମା ପ୍ରକାଶନ' ତରଫରୁ ଲେଖକ/ଲେଖିକା ପୃଷ୍ଠପୋଷକ ଓ ଶୁଭେଚ୍ଛୁ ମାନଙ୍କର ବନ୍ଧୁମିଳନ ଆୟୋଜନ କରାଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ଓ ପ୍ରାବନ୍ଧିକ ଡକ୍ଟର ଧରଣୀଧର ନାଥ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ଓ ପ୍ରାବନ୍ଧିକ ବୈଷ୍ଣବ ଚରଣ ମହାନ୍ତି, ସମ୍ମାନନୀୟ ଅତିଥି ଭାବେ ବିଶିଷ୍ଟ ଶିଶୁ ସାହିତ୍ୟିକ ଓ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ ଏବଂ ସଭା ମୁଖ୍ୟ ଭାବେ ବିଶିଷ୍ଟ ସାହିତ୍ୟିକ ଓ ମୁଖ୍ୟ ସଂପାଦକ 'ଆଶାର ଅସୀମା' ଡକ୍ଟର ତ୍ରିନାଥ ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ଆମ ଭାଷାର ସୁଦୀର୍ଘ ପରମ୍ପରା, ସାରସ୍ୱତ ଐତିହ୍ୟକୁ ଅଧିକ ବ୍ୟାପକ କରିବା ସହିତ ବର୍ତ୍ତମାନର ସାହିତ୍ୟିକ ପରିମଣ୍ଡଳକୁ ସୁସମୃଦ୍ଧ କରି ଗଢ଼ିତୋଳିବ ବୋଲି ଆଶାବ୍ୟକ୍ତ କରିଥିଲେ ।

ଏହା ସହିତ ବରେଣ୍ୟ ଓ ପ୍ରବୀଣ ସାହିତ୍ୟିକମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ ସହ ନବୀନ ତଥା ତରୁଣ ସ୍ରଷ୍ଟାମାନଙ୍କୁ ପର୍ଯ୍ୟାପ୍ତ ପ୍ରୋତ୍ସାହନ ଦେବା ଏହି ପତ୍ରିକାର ଆଭିମୁଖ୍ୟ ହେବ ବୋଲି ମତବ୍ୟକ୍ତ କରିଥିଲେ ।

ଏହି ସଭାରେ ଡ. ଅସୀମା ଶୁଭଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଡ. ଲୋକନାଥ ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ।

## ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠର ପରିଚାଳନା ପରିଷଦ ଗଠିତ



ନିଶ୍ଚିନ୍ତକୋଇଲି,୧୯।୭ (ସଂଚାର ବ୍ୟୁରୋ): ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାପୀଠର ବିଦ୍ୟାଳୟ ପରିଚାଳନା ପରିଷଦ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ବେହେରା, ପ୍ରଧାନଶିକ୍ଷକ ଶୁକଦେବ ସାହୁ, ଶିକ୍ଷକ ସମୀର ବେହେରାଙ୍କ ଉପସ୍ଥିତିରେ ୧୫ଜଣ ଛାତ୍ର ଅଭିଭାବକ ଅଭିଭାବିକାଙ୍କୁ ନେଇ ପ୍ରଥମେ ୧୫ଜଣ ସଦସ୍ୟ ସଦସ୍ୟା ଚୟନ ହେବା ପରେ ସଭାପତି ଓ ସମ୍ପାଦକ ପଦ ପାଇଁ ନିର୍ବାଚନ ହୋଇଥିଲା। ସଭାପତି ଭାବେ ଶ୍ରୀଯୁକ୍ତ ସୁବାଷଚନ୍ଦ୍ର ପାତ୍ର ନିଦ୍ୱନ୍ଦରେ ନିର୍ବାଚନରେ ହୋଇଥିବା ବେଳେ ସମ୍ପାଦିକା ଭାବେ ସସ୍ମିତା ସାହୁ ୧୫ଖଣ୍ଡରୁ ୧୨ଖଣ୍ଡ ଭୋଟ ପାଇଁ ନିର୍ବାଚିତ ହୋଇଛନ୍ତି। ବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ରଘୁନାଥ ସେଠୀ, ଭୈରବ କାସ୍ତ, ନିରଞ୍ଜନ ବେହେରା, ଗଗନ ମଳିକ, ଶ୍ରୀକାନ୍ତ ବାରିକ, ସଦସ୍ୟା ଭାବେ ସରିତା ମହାପାତ୍ର, ଜୟଶ୍ରୀ ବେହେରା, ଅଞ୍ଜଳୀ ଗୋଚ୍ଛାୟତ, ଆରତୀ ସାହୁ, ନରସିମା ବେଗମ୍ ପ୍ରମୁଖଙ୍କ ସମେତ ଅନ୍ୟ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ।

## ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ



ବଲାଙ୍ଗିର,୧୯।୭ (ସଂଚାର ବ୍ୟୁରୋ): ରେଳ ଉପଭୋକ୍ତା ସଂଘର ସାଧାରଣ ବୈଠକ ସ୍ଥାନୀୟ ଆର୍ଯ୍ୟସମାଜ ମନ୍ଦିର ଠାରେ ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ବିମଲ ଚକ୍ରବର୍ତ୍ତି ବିବରଣୀ ପାଠ କଲାପରେ କୋଷାଧ୍ୟକ୍ଷ ଅଶୋକ ଚାନ୍ଦ ଆୟବ୍ୟୟର ବିବରଣୀ ପାଠ କରିଥିଲେ। ଇସ୍ପାତ ଟ୍ରେନର ବିଳମ୍ବକୁ ନେଇ ବିଭିନ୍ନ ଅନୁଷ୍ଠାନ ଦେଇଥିବା ଦାବୀପତ୍ର କୁ ନେଇ ସମ୍ପାଦକ କଲିକତା ଯାଇଥିଲେ ଏବଂ ସେଠାରୁ ଉଚିତ ଉତ୍ତର ନ ପାଇବା କଥା ପ୍ରକାଶ କରିଥିଲେ। ଇସ୍ପାତ ଟ୍ରେନ ସହ ବିଭିନ୍ନ ଟ୍ରେନ ର ବିଳମ୍ବ, ରୋଗୀ ନେଇଯାଉଥିବା ପରିବାରର ଜଣେ ବ୍ୟକ୍ତି ରୋଗୀକୁ ତିନି ନମ୍ବର ପ୍ଲାଟଫର୍ମରେ ଚଢାଇ ପୁଣି ହେଣ୍ଡିକେପ୍ ଟ୍ରାଇସାଇକଲଟି ଫେରାଇ ନିଜର ଆଧାର କାର୍ଡ ନେଇକରି ଯିବାରେ ବହୁତ ଅସୁବିଧା ସମ୍ମୁଖିନ ହେଉଥିବାରୁ ରେଳବାଇ ବିଭାଗରୁ ଜଣେ ସାହାଯ୍ୟକାରି ରହିବା ଉଚିତ ବୋଲି ସଭ୍ୟମାନେ ପ୍ରକାଶ କରିଥିଲେ। ବିଭିନ୍ନ ଜିଲ୍ଲାର ରେଳ ଉପଭୋକ୍ତା ଙ୍କୁ ଏକତ୍ରିତ କରିବା ପାଇଁ ମତ ପ୍ରକାଶ ପାଇଥିଲା। ଆଲୋଚନାରେ ପ୍ରଭାକର ମିଶ୍ର, ଦିବାକର ହୋତା, କିଶୋର ମିଶ୍ର, ପର୍ଶୁରାମ ନାୟକ, ପ୍ରକାଶ କେଜ୍ରିୱାଲ, ପିତବାସ ପଣ୍ଡା, ଗୋପବନ୍ଧୁ ପୁରୋହିତ, ଶତ୍ରୁଘନ ସିଂହ, ବିନୋଦ ପାଣିଗ୍ରାହୀ, ମନରଞ୍ଜନ ପୁରୋହିତ ପ୍ରମୁଖ ଭାଗ ନେଇଥିଲେ। ଆଜିବନ ସଭ୍ୟ ସୁବ୍ରତ ବହିଦାର, ପ୍ରଦୀପ ନେପାକ, ବିନୟ କୁମାର ମିଶ୍ର, ମଦନଲାଲ ବର୍ମା, ବିଶ୍ୱନାଥ ତ୍ରିପାଠି ପ୍ରମୁଖ ଉପସ୍ଥିତ ଥିଲେ।

## ଦେବୀରେ ଜଳସ୍ତର ବୃଦ୍ଧିରୁ ହେକ୍ଟର ହେକ୍ଟର ଏକର ଜମି ଜଳମଗ୍ନ

# ବର୍ଷାରେ ବୁଡ଼ିଲା ଚାଷୀଙ୍କ ସ୍ୱପ୍ନ: ତଳି ଗଜା ହେବ ତ !



କାକଟପୁର/ଅସ୍ତରଙ୍ଗ,୧୯।୭ (ସଂଚାର ବ୍ୟୁରୋ): ଲଗାଣ ବର୍ଷା ସହ ଦ୍ୱିତୀୟ ଲଘୁଚାପର ପ୍ରଭାବରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଞ୍ଚଳର ଚାଷ ଜମି ଜଳମଗ୍ନ ହୋଇଯାଇଛି। ଠିକ୍ ତଳି ରୁଆ ସମୟରେ ଏଭଳି ବର୍ଷା ଯୋଗୁଁ ହଜାର ହଜାର ଚାଷୀଙ୍କ ମୁଣ୍ଡରେ ହାତ।କାକଟପୁର ନିର୍ବାଚନ ମଣ୍ଡଳୀ ଅଧୀନ କନ୍ତିମଳା ସେତୁ ଦେଇ ପ୍ରବାହିତ ଜଳ କଜଳପାଡିଆ, ସନ୍ତରସ, ସମା, କୋଟାଙ୍ଗ ସହ ବଙ୍କୁରୀ ଅଞ୍ଚଳରେ ବ୍ୟାପକ ପ୍ରଭାବ ପକାଇଛି। ସେହିପରି ଅସ୍ତରଙ୍ଗ ବ୍ଲକ ଅଧୀନ ଦେବୀ ନଦୀର ଜଳସ୍ତର ବୃଦ୍ଧି ସହ ବର୍ଷା ଜଳ ଯୋଗୁଁ ଭଉଁରୀଆ ନିକଟ ବରାଙ୍ଗ, ଝାଡଲିଙ୍ଗ, ଅସ୍ତରଙ୍ଗ, ଆଳଙ୍ଗପୁର ପ୍ରମୁଖ ଅଞ୍ଚଳର ବିଭିନ୍ନ ଚାଷ ଜମିରେ ତଳି ବୁଡିକି ରହିଛି। ଚାଷୀ ବଳରାମ ବିଶ୍ୱାଳ ଅଭିଯୋଗ କରିଛନ୍ତି

"କିଛି ଦିନ ହେବ ଆମେ ଧାନ ତଳି ପକାଇଥିଲୁ। ଲଘୁଚାପ ଜନିତ ବର୍ଷା ଯୋଗୁଁ ତଳିଘେରାରେ ପାଣି ଜମିରହିଛି। ତଳି ଗଜା ହେବ କି ନାହିଁ ସେ ନେଇ ଆମେ ଆଶଙ୍କାରେ ଅଛୁ।"

ଯେଉଁ ଚାଷୀମାନେ ପ୍ରଥମ ଲଘୁଚାପ ପୂର୍ବରୁ ତଳି ପକାଇଥିଲେ, ସେମାନଙ୍କର ଗଛ ହୋଇଥିଲେ ମଧ୍ୟ ତାହା ଏବେ ପାଣି ଭିତରେ ରହିଛି। ଅଧିକ ଦିନ ପାଣିରେ ରହିଲେ ତଳି ହଳଦିଆ ହୋଇ ନଷ୍ଟ ହୋଇଯିବ।ଆଉ ଯେଉଁ ମାନେ ବର୍ଷା ସମୟରେ ପରେ ଧାନ ଗଜା କରି ତଳି ପକାଇଥିଲେ, ସେମାନେ ସମ୍ପୂର୍ଣ୍ଣ ନିରାଶ।

ଦ୍ୱିତୀୟ ଲଘୁଚାପ ବର୍ଷାରେ ତଳି ଘେରା ବୁଡିଯାଇଥିବାରୁ ସମସ୍ତ ଗଜା ଧାନ ନଷ୍ଟ ହୋଇଯିବ ବୋଲି ସେମାନେ ଆଶଙ୍କା କରୁଛନ୍ତି। ଚାଷୀମାନେ ବାହାର ବଜାରରୁ ଚଢ଼ା ଦରରେ ଅଧିକ ଅମଳକ୍ଷମ ବିହନ କିଣି ତଳି ପକାଇଥିଲେ। ବର୍ତ୍ତମାନ ଧାନ ବିହନ ଗଜା ନ ହେଲେ ପୁଣି କେଉଁଠୁ ବିହନ ଯୋଗାଡ଼ କରି ତଳି ପକାଇବା ସମ୍ଭବ ନୁହେଁ ବୋଲି ଅନେକ ଚାଷୀ ପ୍ରକାଶ କରିଛନ୍ତି। କାରଣ ଋତୁ ହାତରୁ ବାହାରି ସାରିଛି।

ଚାଷୀମାନେ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ଯୋଗୁଁ କେତେବେଳେ ପ୍ରବଳ ବର୍ଷା ତ କେତେବେଳେ ପ୍ରବଳ ଖରା ହେବା ଯୋଗୁଁ ଚାଷ କରିବାକୁ ବହୁ ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଠିକ୍ ସମୟରେ ବର୍ଷା ନ ହେବା ଏବଂ ହଠାତ୍ ଲଗାଣ ବର୍ଷା ହେବା ଯୋଗୁଁ ତଳି ପର୍ଯ୍ୟାୟ ସମ୍ପୂର୍ଣ୍ଣ ବିଫଳ ହେଉଛି। କ୍ଷତିଗ୍ରସ୍ତ ଚାଷୀମାନେ ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗ ନିକଟରେ ତୁରନ୍ତ କ୍ଷୟକ୍ଷତି ଆକଳନ କରି ସହାୟତା ପ୍ରଦାନ କରିବାକୁ ଦାବି କରିଛନ୍ତି। ମାଗଣାରେ ବିହନ ଓ ଋଣ ସୁବିଧା ଯୋଗାଇ ଦେଲେ ହିଁ ସେମାନେ ପୁଣି ଥରେ ତଳି ପକାଇପାରିବେ। ସ୍ଥାନୀୟ କୃଷି ଅଧିକାରୀଙ୍କ ସୂଚନା ଅନୁସାରେ, ପାଣି ଶୁଖିବା ପରେ ମାଟି ପରୀକ୍ଷା କରି ଚାଷୀଙ୍କୁ ପରାମର୍ଶ ଦିଆଯିବ। ତେବେ ସେ ପର୍ଯ୍ୟନ୍ତ ଚାଷୀଙ୍କ ଆଖିରେ ଲୁହ ଶୁଖୁନି।

ଆଜି ଅସ୍ତରଙ୍ଗ-କାକଟପୁର ପ୍ରମାଣ କଲା - ପ୍ରକୃତିର ମାଡ଼ ଆଗରେ ଚାଷୀ କେତେ ଅସହାୟ।




# କେଶ ଏବଂ ସୁସ୍ଥ ଶରୀର ପାଇଁ ଲାଭକାରୀ କଞ୍ଚା ପିଆଜ



ଆମେ ନିତିଦିନିଆ ଜୀବନରେ ଅନେକ କିଛି ଜିନିଷ ଆମେ ବ୍ୟବହାର କରିଥାଉ। ଯାହା ଆମ ସୁସ୍ଥ ଶରୀର ପାଇଁ ବେଶ୍ ଉପଯୋଗୀ। ଏମିତିରେ ବି ଅନେକ ଲୋକ ଅନେକ କିଛି ଦୈନନ୍ଦିନ ଜୀବନରେ ବ୍ୟବହାର କରନ୍ତି। କିନ୍ତୁ ସେସବୁ ସମ୍ପର୍କରେ ଫାଇଦା ଜାଣି ନଥାନ୍ତି। ସେଥି ମଧ୍ୟରୁ କଞ୍ଚା ପିଆଜ ହେଉଛି ଅନ୍ୟତମ। ଆସନ୍ତୁ କଞ୍ଚା ପିଆଜର ଉପକାରିତା ସମ୍ପର୍କରେ ଜାଣିବା। ରୋଷେଇରେ ସାଧାରଣତଃ ପିଆଜ ବ୍ୟବହାର କରିଥାଉ। କିନ୍ତୁ କଞ୍ଚା ପିଆଜ ଖାଇବାକୁ ଖୁବ୍ କମ୍ ଲୋକ ପସନ୍ଦ କରନ୍ତି। ସ୍ୱାଦ ପାଇଁ ସାଲାଡରେ କଞ୍ଚା ପିଆଜ ଖାଇଥାନ୍ତି। ଯାହା ଶରୀରରେ ଏକ ପ୍ରକାର ଔଷଧ ଭଳି କାମ କରିଥାଏ। ଏହା ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟି-ଷ୍ଟ୍ରେସ୍ ଏବଂ ଯନ୍ତ୍ରଣାରୁ ମୁକ୍ତି, ଆଣ୍ଟି-ଇନ୍‌ଫ୍ଲାମେଟୋରୀ, ଆଣ୍ଟି-ଡାଇବେଟିସ୍, ଷ୍ଟୋନ -ପ୍ରତିରୋଧକ ଏବଂ ଆଣ୍ଟି-ଆର୍ଥ୍ରିକ୍ ଅଟେ। ପିଆଜରେ ଆଣ୍ଟି-ଅକ୍ସିଡାଣ୍ଟ ଉପାଦାନ ଥାଏ ଯାହା ଶରୀରକୁ ଖରାରେ ଲଢ଼ିବା ପାଇଁ ଶକ୍ତି ଦେଇଥାଏ। ପିଆଜରୁ ପ୍ରଚୁର ମାତ୍ରାରେ ଭିଟାମିନ୍ ଏ, ବି ୬, ବି-କମ୍ପ୍ଲେକ୍ସ ଏବଂ ସି ମିଳିଥାଏ।

କଞ୍ଚା ପିଆଜରେ ଭିଟାମିନ୍-ସି ଭରପୁର ମାତ୍ରାରେ ରହିଛି। ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ବିଶେଷ ସାହାଯ୍ୟ କରିଥାଏ। ଶରୀରରେ ଶ୍ୱେତ ରକ୍ତ କଣିକା ସୃଷ୍ଟି କରିବାରେ ଏହା ସହାୟକ ହୁଏ। ଯାହା ଥଣ୍ଡା, ଜ୍ୱର ଏବଂ ଫ୍ଲୁ ଭଳି ସାଧାରଣ ସଂକ୍ରମଣରୁ ରକ୍ଷା କରିଥାଏ। ପିଆଜରେ କ୍ୱେରେସିଟିନ୍ ନାମକ ଆଣ୍ଟିଅକ୍ସିଡାଣ୍ଟ ଗୁଣ ରହିଛି। ଯାହା ଶରୀରର ଖରାପ କୋଲେଷ୍ଟ୍ରଲ୍ ସ୍ତରକୁ ହ୍ରାସ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। କଞ୍ଚା ପିଆଜ ଖାଇବା ଦ୍ୱାରା ରକ୍ତ ସଞ୍ଚାଳନ ସ୍ୱାଭାବିକ ରହିବା ସହିତ ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ। ଏଥି ସହ ହୃଦରୋଗର ଆଶଙ୍କା ଯଥେଷ୍ଟ କମ୍ ହୋଇଥାଏ। ପେଟ ସମସ୍ୟା ଦୂର କରିବାରେ କଞ୍ଚା ପିଆଜ ବେଶ୍ ଉପଯୋଗୀ। ଏଥିରେ ଥିବା ଡାଏଟାରୀ ଫାଇବର ହଜମ ପ୍ରକ୍ରିୟାକୁ ସକ୍ରିୟ କରିଥାଏ। ନିୟମିତ ଏହାକୁ ଖାଇଲେ ଶରୀରରୁ ବର୍ଜ୍ୟବସ୍ତୁ ସହଜରେ ନିଷ୍କାସିତ ହୁଏ ଏବଂ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ମିଳିଥାଏ। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପିଆଜ ହାଡ଼ ପାଇଁ ମଧ୍ୟ ବହୁତ ଉପକାରୀ। ଏଥିରେ ପ୍ରଚୁର ମାତ୍ରାରେ ସଲଫର୍ ଯୌଗିକ ରହିଥାଏ। ଏହି ଉପାଦାନ କ୍ୟାଲସିୟମ୍ ଅବଶୋଷଣକୁ ବୃଦ୍ଧି କରିବା ସହ ଅଷ୍ଟିଓପୋରୋସିସ୍ ଭଳି ହାଡ଼ ଜନିତ ସମସ୍ୟାରୁ ରକ୍ଷା କରେ। ଡାଇବେଟିସ୍ ରୋଗୀଙ୍କ ପାଇଁ କଞ୍ଚା ପିଆଜ ଏକ ରାମବାଣ ସଦୃଶ। ଏଥିରେ ଥିବା କ୍ରୋମିୟମ୍ ଇନସୁଲିନ୍ କ୍ଷମତାକୁ ବୃଦ୍ଧି କରିଥାଏ। ଫଳରେ ରକ୍ତରେ ଶର୍କରା ସ୍ତର ସ୍ୱାଭାବିକ ରହେ ଏବଂ ମଧୁମେହ ହେବାର ଆଶଙ୍କା କମିଯାଏ।

# ପିସ୍ତା ଖାଇଲେ ଦୂର ହେବ ଡାଇବେଟିସର ଟେନସନ୍



ବର୍ତ୍ତମାନ ସମୟରେ ଅଧିକାଂଶ ଲୋକେ ନିଜ ସ୍ୱାସ୍ଥ୍ୟକୁ ନେଇ ଖୁବ୍ ସଚେତନ ରହି ଥାଆନ୍ତି। ଏବେ ଯୁବପିଢ଼ିମାନେ ସେମାନଙ୍କ ଡାଏଟ୍ ପ୍ଲାନରେ ସକାଳେ ଡ୍ରାଏଫ୍ରୁଟ୍ସକୁ ସାମିଲ କରୁଛନ୍ତି। ଯାହା ଆମକୁ ଅନେକ ଶକ୍ତି ଯୋଗାଇବା ସହ ବିଭିନ୍ନ ରୋଗରୁ ମୁକ୍ତି ଦେଇଥାଏ। ତେଣୁ ଶରୀରକୁ ସୁସ୍ଥ ରଖିବା ପାଇଁ ପ୍ରତିଦିନ କିଛି ଡ୍ରାଏ ଫ୍ରୁଟ୍ସ ଖାଇବା ଉଚିତ। ପିସ୍ତାବାଦାମ ଏକ ଏପରି ଡ୍ରାଏ ଫ୍ରୁଟ ଯାହା ଖାଇବା ପାଇଁ ସ୍ୱାଦିଷ୍ଟ ହେବା ସହ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ପିସ୍ତାବାଦାମରେ ଭରପୂର ମାତ୍ରାରେ ପୋଷକତତ୍ତ୍ୱ ରହିଥାଏ। ଯାହା ଆମ ଶରୀରର ଅନେକ ରୋଗକୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଏଥିରେ ଆଇରନ୍, ଫାଇବର, କାର୍ବୋହାଇଡ୍ରେଟ୍, ପ୍ରୋଟିନ୍, ଫସଫରସ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଥିଆମାଇନ, ପୋଟାସିୟମ୍, ଭିଟାମିନ୍ ବି ୬, କପର, ଲିନୋଲିକ୍ ଏସିଡ୍, ମୋନୋସାଚୁରେଟେଡ୍ ଫ୍ୟାଟି ଏସିଡ୍ ଇତ୍ୟାଦି ଭରପୂର ମାତ୍ରାରେ ଥାଏ। ଏଥିରେ ଅନେକ ପୋଷକ ତତ୍ତ୍ୱ ଥିବାରୁ ଏହା ଆମ ଆଖି ପାଇଁ ଖୁବ ଲଭଦାୟୀ ହୋଇଥାଏ। କେବଳ ସେତିକି ନୁହେଁ ଏହା ବ୍ଲଡ ପ୍ରେସର, କୋଲେଷ୍ଟ୍ରଲ ଏବଂ ମୋଟାପା ନିୟନ୍ତ୍ରଣ କରିବାରେ ମଧ୍ୟ ସାହାଯ୍ୟ କରିଥାଏ। ତେବେ ଆସନ୍ତୁ ଜାଣିବା ପିସ୍ତାବାଦାମ ଖାଇବାର ଲାଭ ସମ୍ପର୍କରେ ଜାଣିବା।

ଡାଇବେଟିସ୍ ପାଇଁ ଲାଭଦାୟକ : ଡାଇବେଟିସ୍ ରୋଗୀଙ୍କୁ ଅନେକ ଜିନିଷ ଖାଇବାକୁ ବାରଣ କରାଯାଇଥାଏ। କିନ୍ତୁ ଡ୍ରାଏ ଫ୍ରୁଟ୍ସ ମଧ୍ୟରେ ପିସ୍ତା ଡାଇବେଟିସ୍ ରୋଗୀଙ୍କ ପାଇଁ ଲାଭଦାୟକ ହୋଇଥାଏ। ନିୟମିତ ଭାବରେ ପିସ୍ତାବାଦାମ ଖାଇବା ଦ୍ୱାରା ଡାଇବେଟିସ ହେବାର ଆଶଙ୍କା ବହୁତ ମାତ୍ରାରେ କମିଯାଏ। ଏଥିରେ ଲୋ-ଗ୍ଲାଇସେମିକ ଇଣ୍ଡେକ୍ସ ରହିଛି ଯାହା ଡାଇବେଟିସକୁ କଣ୍ଟ୍ରୋଲରେ ରଖିଥାଏ। ଏହା ବ୍ଲଡ ର ସୁଗାର ଲେବଲକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ। ଆଖି ପାଇଁ ଲାଭଦାୟକ : ପିସ୍ତାବାଦାମ ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ମଧ୍ୟ ବଢ଼ିଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଲ୍ୟୁଟିନ୍ ଥାଏ। ଯାହା ଆଖି ପାଇଁ ଖୁବ୍ ପ୍ରଭାବଶାଳୀ ହୋଇଥାଏ। ପିସ୍ତା ଖାଇବା ଦ୍ୱାରା ଦୃଷ୍ଟି ଶକ୍ତି ବଢ଼ିବା ସହ ମୋତିଆ ବିନ୍ଦୁ ହେବାର ଆଶଙ୍କାକୁ ମଧ୍ୟ କମ୍ କରିଥାଏ।

ବର୍ତ୍ତମାନ ସମୟରେ ଅଧିକାଂଶ ଲୋକଙ୍କ ପାଖରେ ହାର୍ଟ ରୋଗର ସମସ୍ୟା ଦେଖିବାକୁ ମିଳୁଛି। ତେଣୁ ସେମାନେ ନିୟମିତ ପିସ୍ତା ବାଦାମ ଖାଇବା ଆବଶ୍ୟକ। କାହିଁକିନା ଏଥିରେ ବହୁ ପରିମାଣର ପୋଟାସିୟମ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରହିଛି।ଯାହା ଦ୍ୱାରା ହାର୍ଟକୁ ସୁସ୍ଥ ରଖିବା ସହିତ ହୃଦ୍ ରୋଗର ଆଶଙ୍କାକୁ କମାଇଥାଏ। ପିସ୍ତାବାଦାମରେ ଫାଇବର ଏବଂ ମିନେରାଲ୍ସ ଥାଏ। ଯାହା କୋଲେଷ୍ଟ୍ରାଲ ସ୍ତରକୁ ନିୟନ୍ତ୍ରଣରେ ରଖିବାରେ ସାହାଯ୍ୟ କରେ। ପିସ୍ତା ଖାଇବା ଦ୍ୱାରା ପେଟ ଭରି ରହିଲା ଭଳି ଅନୁଭବ ହୋଇଥାଏ। ଫଳରେ ଆମକୁ ଭୋକ କମ୍ ହୋଇଥାଏ। ଯାହା ସହଜରେ ଓଜନ ହ୍ରାସ କରିବାରେ ସହାୟକ କରିଥାଏ। ପିସ୍ତାରେ ଭରପୂର ମାତ୍ରାରେ ପ୍ରୋଟିନ୍, ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ଥାଏ। ଯାହା ଖାଇବା ଦ୍ୱାରା ହାଡ଼ ମଧ୍ୟ ମଜବୁତ ହୋଇଥାଏ। ଏଥିରେ ଥିବା କୋଲୋନ୍ କ୍ୟାନ୍ସର ହେବାର ଆଶଙ୍କା ମଧ୍ୟ କମ୍ କରିଥାଏ। ଏଥିସହିତ ପିସ୍ତା ବାଦାମରେ ଫାଇବର ପ୍ରଚୁର ମାତ୍ରାରେ ଥିବାରୁ କୋଷ୍ଠକାଠିନ୍ୟ ଭଳି ସମସ୍ୟାକୁ ମଧ୍ୟ ଦୂର କରିଥାଏ। ପିସ୍ତା ସମସ୍ତ ପାୱାରଫୁଲ ଡ୍ରାଏଫ୍ରୁଟ୍ସ ମଧ୍ୟରୁ ଅନ୍ୟତମ। ଏଥିରୁ ଡାଇଟରୀ ଫାଇବର ଏବଂ ଅନସାଚ୍ୟୁରେଟେଡ୍ ଫ୍ୟାଟି ଏସିଡ୍ ଭରପୂର ମାତ୍ରାର ମିଳିଥାଏ। ଏହା କେବଳ ସ୍ୱାଦିଷ୍ଟ ଲାଗି ନଥାଏ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ୍ ପ୍ରଭାବଶାଳୀ ହୋଇଥାଏ। ତେଣୁ ଏହି ସବୁ ସମସ୍ୟା ଥିଲେ ଆପଣଙ୍କ ଡାଏଟ୍ ଲିଷ୍ଟରେ ପିସ୍ତାକୁ ସାମିଲ କରିପାରିବେ।

# ପିରିୟଡ୍ ସମୟରେ କୋଲ୍ଡ ଡ୍ରିଙ୍କ୍ସ ପିଉଛନ୍ତି କି ?



ମାସିକ ଋତୁସ୍ରାବ ବା ପିରିୟଡ୍ ସମୟରେ ଅନେକ ମହିଳାଙ୍କର ପେଟ ଯନ୍ତ୍ରଣା, କମର ଯନ୍ତ୍ରଣା, ଥକ୍କା, ମନ ଖରାପ ହେବା ଭଳି ସମସ୍ୟା ଦେଖାଯାଏ। ଏହି ସମୟରେ ଖାଦ୍ୟ ଓ ପାନୀୟ ଉପରେ ବିଶେଷ ଧ୍ୟାନ ଦେବା ଦରକାର। ବିଶେଷକରି ଅଧିକ ଥଣ୍ଡା ପାନୀୟ ବା କୋଲ୍ଡ ଡ୍ରିଙ୍କ୍ସ ପିଇବା ଅଭ୍ୟାସ ଥିଲେ ସାବଧାନ ହେବା ଆବଶ୍ୟକ। କୋଲ୍ଡ ଡ୍ରିଙ୍କ୍ସରେ ଅଧିକ ପରିମାଣରେ ଚିନି, କାର୍ବୋନେଟେଡ୍ ଗ୍ୟାସ୍ ଓ କ୍ୟାଫେନ୍ ଥାଏ। ଏହା ଶରୀରରେ କିଛି ପ୍ରଭାବ ପକାଇପାରେ। ମାସିକ ଋତୁସ୍ରାବ ସମୟରେ ଯଦି ଅଧିକ କୋଲ୍ଡ ଡ୍ରିଙ୍କ୍ସ ପିଉଛନ୍ତି, ତେବେ ସାବଧାନ ହୋଇଯାଆନ୍ତୁ ନଚେତ୍ ପେଟ ଫୁଲିବା, ଗ୍ୟାସ୍ ହେବା ଓ ଅନେକ ଅସୁବିଧାରେ ପଡ଼ିପାରନ୍ତି।ପିରିୟଡ୍ ସମୟରେ ଗର୍ଭାଶୟରେ ସଂକୋଚନ ହେବା କାରଣରୁ ପେଟ ଯନ୍ତ୍ରଣା ହୋଇଥାଏ। ଥଣ୍ଡା ପାନୀୟ ପିଇଲେ ଏହି ଯନ୍ତ୍ରଣା ସିଧାସଳଖ ବଢ଼ିଯାଏ ବୋଲି ପ୍ରମାଣିତ ନୁହେଁ, କିନ୍ତୁ କୋଲ୍ଡ ଡ୍ରିଙ୍କ୍ସରେ ଥିବା ଚିନି ଓ କ୍ୟାଫେନ୍ କେତେକ ଲୋକଙ୍କ ଶରୀରରେ ଅସୁବିଧା ବଢ଼ାଇପାରେ। ତେଣୁ ଏହି ସମୟରେ ଏହାକୁ ସୀମିତ ପରିମାଣରେ ପିଇବା ଭଲ। ମାସିକ ଋତୁସ୍ରାବ ସମୟରେ ଶରୀରକୁ ଅଧିକ ପାଣି ଓ ପୋଷକ ତତ୍ତ୍ୱର ଆବଶ୍ୟକତା ଥାଏ। କୋଲ୍ଡ ଡ୍ରିଙ୍କ୍ସ ବଦଳରେ ଗରମ ପାଣି, ହର୍ବାଲ୍ ଚା, ନଡ଼ିଆ ପାଣି କିମ୍ବା ତାଜା ଫଳର ରସ ପିଇପାରିବେ। ଏହା ଶରୀରକୁ ହାଇଡ୍ରେଟ୍ ରଖିବା ସହ ଥକାଣ କମାଇବାରେ ସାହାଯ୍ୟ କରେ। ଏହି ସମୟରେ ଅଧିକ ତେଲିଆ, ଜଙ୍କ ଫୁଡ୍ ଓ ଅଧିକ ଚିନି ଥିବା ଖାଦ୍ୟରୁ ମଧ୍ୟ ଦୂରେ ରହିବା ଭଲ। ଏହା ଖାଇବା ବଦଳରେ ଫଳ, ସବୁଜ ପନିପରିବା, ଡ୍ରାଏଫ୍ରୁଟ୍ସ, ଲୋହ ଓ କ୍ୟାଲସିୟମ୍ ଥିବା ଖାଦ୍ୟ ଖାଇବା ଉପକାରୀ। ଯଦି ପିରିୟଡ୍ ସମୟରେ ଅତ୍ୟଧିକ ପେଟ ଯନ୍ତ୍ରଣା, ଅଧିକ ରକ୍ତସ୍ରାବ କିମ୍ବା ଅସହ୍ୟ ଅସୁବିଧା ହୁଏ, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ। ମାସିକ ଋତୁସ୍ରାବ ସମୟରେ କୋଲ୍ଡ ଡ୍ରିଙ୍କ୍ସ ନ ପିଇ ସୁସ୍ଥ ଖାଦ୍ୟ ଓ ପର୍ଯ୍ୟାପ୍ତ ପାଣି ପିଇଲେ ଶରୀରକୁ ଭଲ ରଖିପାରିବ ଏବଂ ଆପଣଙ୍କୁ ମଧ୍ୟ ରିଲାକ୍ସ ଫିଲ୍ ହେବ।

# କେକ୍ ଖାଉଛନ୍ତି କି ?



କେକ୍ ହେଉଛି ଏକ ସ୍ୱାଦିଷ୍ଟ ଖାଦ୍ୟ, ଯାହାକୁ ଜନ୍ମଦିନ, ବିବାହ, ପର୍ବପର୍ବାଣୀ ଓ ବିଶେଷ ଅବସରରେ ଅଧିକ ଖିଆଯାଏ। ଏହାର ମିଠା ସ୍ୱାଦ ଓ ଆକର୍ଷଣୀୟ ଦେଖା ପାଇଁ ଛୋଟଠାରୁ ବଡ଼ ସମସ୍ତଙ୍କୁ ପସନ୍ଦ ଆସେ। ଏପରି କୌଣସି ବ୍ୟକ୍ତିବିଶେଷ ନାହାନ୍ତି ଯାହାଙ୍କୁ କେକ୍ ଖାଇବାକୁ ଭଲ ନ ଲାଗେ। ଆଜିକାଲି ବଜାରରେ ଅନେକ ଭେରାଇଟିର କେକ୍ ମିଳୁଛି ଯେମିତିକି ରଙ୍ଗୀନ କେକ୍, ଆଇସ୍ କେକ୍ ଏବଂ କଷ୍ଟମାଇଜ୍ କେକ୍। ନିଜ ପସନ୍ଦ ଅନୁସାରେ ଗ୍ରାହକ ଏହି କେକ୍ ସବୁକୁ କିଣି ନିଅନ୍ତି। କିନ୍ତୁ କେକ୍ ଖାଇବାର କିଛି ଭଲ ଗୁଣ ସହିତ କିଛି କ୍ଷତିକାରକ ପ୍ରଭାବ ମଧ୍ୟ ରହିଛି। ଯଦି ଆପଣ ଜାଣିନାହାଁନ୍ତି, ତେବେ ଆସନ୍ତୁ ଏହା ବିଷୟରେ ଅଧିକ ଜାଣିବା। କେକରେ ଥିବା ଚିନି ଶରୀରକୁ ତୁରନ୍ତ ଶକ୍ତି ଦେଇଥାଏ। ଥକାପଣ ଅନୁଭବ କରୁଥିବା ସମୟରେ ଅଳ୍ପ ପରିମାଣରେ କେକ୍ ଖାଇଲେ ମନ ଭଲ ଲାଗିପାରେ। କେକ୍ ଭଳି ମିଠା ଖାଦ୍ୟ ଖାଇଲେ ମସ୍ତିଷ୍କରେ ଖୁସି ସହିତ ଜଡ଼ିତ କିଛି ରାସାୟନିକ ପଦାର୍ଥ ବଢ଼ିଥାଏ, ଯାହା ମନକୁ ଖୁସି କରିପାରେ। ଘରେ ତିଆରି କେକ୍ରେ ଭଲ ଗୁଣବତ୍ତାର ସାମଗ୍ରୀ ବ୍ୟବହାର କଲେ ଏହାର ପୋଷକ ମୂଲ୍ୟ କିଛି ମାତ୍ରାରେ ରହିପାରେ। ଅଣ୍ଡା, କ୍ଷୀର ଓ ଡ୍ରାଏଫ୍ରୁଟ୍ସ ଥିବା କେକରୁ କିଛି ପ୍ରୋଟିନ୍, କ୍ୟାଲସିୟମ୍ ଓ ଅନ୍ୟାନ୍ୟ ପୋଷକ ତତ୍ତ୍ୱ ମିଳିପାରେ। କେକ୍ରେ ସାଧାରଣତଃ ଅଧିକ ଚିନି, ମଇଦା ଓ ଚର୍ବି ଥାଏ। ଅଧିକ ପରିମାଣରେ କେକ୍ ଖାଇଲେ ଓଜନ ବଢ଼ିପାରେ। ଏହା ମୋଟାପଣ, ଡାଇବେଟିସ୍ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟାକୁ ବଢ଼ାଇଥାଏ। ବଜାରରେ ମିଳୁଥିବା ଅନେକ କେକରେ କୃତ୍ରିମ ରଙ୍ଗ, ଅଧିକ କ୍ରିମ୍ ଓ ପ୍ରିଜର୍ଭେଟିଭ୍ ଥାଇପାରେ, ଯାହା ଶରୀର ପାଇଁ ଭଲ ନୁହେଁ। ଅଧିକ ମିଠା ଖାଇଲେ ଦାନ୍ତରେ ପୋକ ହେବାର ସମ୍ଭାବନା ମଧ୍ୟ ବଢ଼ିଥାଏ। ଯେଉଁମାନଙ୍କର ଡାଇବେଟିସ୍, ହୃଦ୍ରୋଗ କିମ୍ବା ଓଜନ ସମସ୍ୟା ରହିଛି, ସେମାନେ କେକ୍ ଖାଇବା ସମୟରେ ଅଧିକ ସତର୍କ ରହିବା ଆବଶ୍ୟକ। ଅଧିକାଂଶ କେକରେ ସିନ୍ଥେଟିକ୍ କଲର ବ୍ୟବହାର କରାଯାଏ, ଯାହା ପାଚନ ତନ୍ତ୍ରକୁ କ୍ଷତି ପହଞ୍ଚାଏ। ଏହି କାରଣରୁ ପେଟ ଯନ୍ତ୍ରଣା, ଗ୍ୟାସ୍ ଏବଂ ଆଲର୍ଜି ଭଳି ସମସ୍ୟା ମଧ୍ୟ ସୃଷ୍ଟି ହୁଏ। ଅନେକ ଥର ଏହି କଲରଗୁଡ଼ିକ ଅନ୍ତନଳୀକୁ ମଧ୍ୟ କ୍ଷତି ପହଞ୍ଚାନ୍ତି। କୃତ୍ରିମ ରଙ୍ଗ ଥିବା କେକରୁ ଚର୍ମରେ ଦାଗ, କୁଣ୍ଡାଇ ହେବା, ଫୁଲିବା ଭଳି ସମସ୍ୟା ମଧ୍ୟ ଆରମ୍ଭ ହୋଇଥାଏ। ପ୍ରକୃତରେ ସନସେଟ୍ ୟେଲୋ ଏବଂ କାର୍ମୋଏସିନ୍ କଲର ଆଲର୍ଜି ପ୍ରତିକ୍ରିୟାର ମୁଖ୍ୟ କାରଣ ହୋଇଥା'ନ୍ତି। କେକ୍ ଏକ ସ୍ୱାଦିଷ୍ଟ ଖାଦ୍ୟ, କିନ୍ତୁ ଏହାକୁ ସୀମିତ ପରିମାଣରେ ଖାଇବା ଭଲ। ବିଶେଷ ଅବସରରେ ଅଳ୍ପ କେକ୍ ଖାଇଲେ ସମସ୍ୟା ହୁଏ ନାହିଁ। କିନ୍ତୁ ନିୟମିତ ଭାବେ ଅଧିକ କେକ୍ ଖାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ସୁସ୍ଥ ରହିବା ପାଇଁ ସନ୍ତୁଳିତ ଖାଦ୍ୟ ଓ ନିୟମିତ ବ୍ୟାୟାମ ଜରୁରୀ ହୋଇଥାଏ।

# ଭିଟାମିନ୍ 'ସି'ର ଚମତ୍କାରୀ ଶକ୍ତି



ଭିଟାମିନ୍ 'ସି' ଏକ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ। ଯାହା ରୋଗ ପ୍ରତିରୋଧକ ଶକ୍ତିକୁ ମଜବୁତ କରିବା ସହ ଶରୀରକୁ ରୋଗରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ। ଭିଟାମିନ୍ 'ସି' ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା, ହୃତ୍ ପିଣ୍ଡର ସ୍ୱାସ୍ଥ୍ୟକୁ ମଜବୁତ କରିବା ଏବଂ ବ୍ଲଡ଼ ପ୍ରେସରକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ଭିଟାମିନ୍ 'ସି' ରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ କେବଳ ଥଣ୍ଡାରୁ ଶୀଘ୍ର ଆରାମ ପ୍ରଦାନ କରେ ନାହିଁ ବରଂ ଅନ୍ୟାନ୍ୟ ରୋଗରେ ମଧ୍ୟ ଲାଭଦାୟକ ହୋଇଥାଏ। ଭିଟାମିନ୍ 'ସି' ଶରୀରକୁ ଫ୍ରି ରେଡିକାଲ୍ ରୁ ରକ୍ଷା କରେ, ଶରୀରରେ କୋଲାଜେନ୍ ସୃଷ୍ଟି କରେ ଏବଂ ଅକ୍ସିଡେଟିଭ୍ ଷ୍ଟ୍ରେସକୁ ହ୍ରାସ କରେ। ଏକ ରିପୋର୍ଟ ଅନୁଯାୟୀ, ୧୯ ରୁ ୬୪ ବର୍ଷ ବୟସର ଯୁବକ ଯୁବତୀମାନେ ପ୍ରତିଦିନ ୪୦ ମିଲିଗ୍ରାମ ଭିଟାମିନ୍ 'ସି' ଆବଶ୍ୟକ କରନ୍ତି। ଏଥିପାଇଁ ପ୍ରତ୍ୟେକ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟରେ ଭିଟାମିନ୍ 'ସି'ରେ ଭରପୂର ଖାଦ୍ୟକୁ ସାମିଲ କରିବା ଉଚିତ୍।

ଭିଟାମିନ୍ 'ସି' ଥଣ୍ଡା କାଶକୁ ସିଧାସଳଖ ପ୍ରଭାବିତ କରେ ନାହିଁ, କିନ୍ତୁ ଏହା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରି ସଂକ୍ରମଣ ସହିତ ଲଢ଼ିବାରେ ସାହାଯ୍ୟ କରେ। ଅନୁସନ୍ଧାନରୁ ଜଣାପଡିଛି ଯେ ପ୍ରତିଦିନ ୨୫୦ ମିଲିଗ୍ରାମରୁ ୧ ଗ୍ରାମ ଭିଟାମିନ୍ 'ସି' ଗ୍ରହଣ କରିବା ଦ୍ୱାରା ଥଣ୍ଡା ହେବାର ଆଶଙ୍କା ଯଥେଷ୍ଟ ହ୍ରାସ ପାଇଥାଏ। ପ୍ରତିଦିନ ଭିଟାମିନ୍ 'ସି' ସେବନ କରିବା ଦ୍ୱାରା ଥଣ୍ଡାରେ ପୀଡିତ ବ୍ୟକ୍ତି ଶୀଘ୍ର ସୁସ୍ଥ ହୋଇଯାଆନ୍ତି। ଥଣ୍ଡାର ଲକ୍ଷଣ ଦେଖାଯିବା ପୂର୍ବରୁ ଯଦି ଭିଟାମିନ୍ 'ସି' ସେବନ କରାଯାଏ, ତେବେ ଏହା ଯୁବକ ଯୁବତୀମାନଙ୍କଠାରେ ଥଣ୍ଡା ହେବାର ଆଶଙ୍କା ୮ ପ୍ରତିଶତ ଏବଂ ପିଲାମାନଙ୍କଠାରେ ୧୪ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ କରିପାରେ। ଭିଟାମିନ୍ 'ସି' ହୃଦ୍ ରୋଗ ସହିତ ଲଢ଼ିବାରେ ମଧ୍ୟ ପ୍ରଭାବଶାଳୀ ବୋଲି ବିବେଚନା କରାଯାଏ। ଭିଟାମିନ୍ 'ସି' ଶରୀରରେ ଫୁଲାକୁ ହ୍ରାସ କରେ, ହେଲଦି ବ୍ଲଡ଼ ସେଲସ ବୃଦ୍ଧି କରେ ଏବଂ କୋଲେଷ୍ଟ୍ରଲ ହ୍ରାସ କରେ। ଏହା ଆପଣଙ୍କ ହୃତ୍ ପିଣ୍ଡର ସ୍ୱାସ୍ଥ୍ୟରେ ଉନ୍ନତି ଆଣିଥାଏ। ଭିଟାମିନ୍ 'ସି' ଏକ ଆଣ୍ଟିଅକ୍ସିଡାଣ୍ଟ ଭାବରେ କାର୍ଯ୍ୟ କରେ ଯାହା ଫ୍ରି ରେଡିକାଲ୍ ସହିତ ଲଢ଼ିବାରେ ସାହାଯ୍ୟ କରେ। ଭିଟାମିନ୍ 'ସି' ହୃଦଘାତ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କାକୁ ମଧ୍ୟ ହ୍ରାସ କରିଥାଏ। ଭିଟାମିନ୍ 'ସି' ବ୍ଲଡ଼ ସେଲସକୁ ସୁରକ୍ଷା ଦେଇ ଏବଂ ସେମାନଙ୍କୁ ଆରାମ ଦେଇ ହାଇ ବ୍ଲଡ଼ ପ୍ରେସର ହ୍ରାସ କରିବାରେ ସାହାଯ୍ୟ କରେ। ଏହା ଫ୍ରି ରେଡିକାଲ୍ ଦ୍ୱାରା ହେଉଥିବା କ୍ଷତିକୁ ହ୍ରାସ କରେ ଏବଂ ନାଇଟ୍ରିକ୍ ଅକ୍ସାଇଡ୍ ବୃଦ୍ଧି କରେ। ଯେଉଁଥିପାଇଁ ବ୍ଲଡ଼ ସେଲସ ପ୍ରଶସ୍ତ ହୋଇଥାଏ ଏବଂ ଶରୀରରେ ରକ୍ତ ପ୍ରବାହ ସୁଗମ ହୋଇଥାଏ। ପ୍ରାୟତଃ ଫଳ ଏବଂ ବିଭିନ୍ନ ପନିପରିବା ଭିଟାମିନ୍ 'ସି'ର ସର୍ବୋତ୍ତମ ଉତ୍ସ। ଭିଟାମିନ୍ 'ସି' ପାଇଁ, ଆପଣ ନିଜ ଖାଦ୍ୟରେ ବିଭିନ୍ନ ପ୍ରକାରର ଖଟା ଫଳ ଯେପରିକି କମଳା, ଲେମ୍ବୁ, ପିଜୁଳି, ଲଙ୍କା, ଷ୍ଟ୍ରବେରୀ, ଗୁଜବେରୀ, ବ୍ଲାକ୍ କରେଣ୍ଟ, ବ୍ରୋକୋଲି ଆଦି ସାମିଲ କରିବା ଉଚିତ।

## ମହାପ୍ରଭୁଙ୍କର ମତ୍ସ୍ୟ ଓ କଚ୍ଛପ ଅବତାର ଦର୍ଶନ ପାଇଁ ଭକ୍ତଙ୍କ ଭିଡ଼



ନୀଳଗିରି,୧୯।୭(ସଂଚାର ବ୍ୟୁରୋ)ଃ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିଗତ କାଲି ରଥ ଉପରୁ ଚତୁର୍ଦ୍ଧା ମୂର୍ତ୍ତି ଗୋଟି ପହଣ୍ଡି କରି ଆଡ଼ପ ମଣ୍ଡପକୁ ନିଆଯାଇଥିଲା। ପରେ ବଡ଼ସିଂହାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ।ଆଜି ଚତୁର୍ଦ୍ଧା ମୂର୍ତ୍ତି ମତ୍ସ୍ୟ ଓ କଚ୍ଛପ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ପ୍ରଭୁଙ୍କ ଏହି ରୂପ ଦର୍ଶନ ପାଇଁ ସନ୍ଧ୍ୟା ଠାରୁ ମାଉସୀ ମା ମନ୍ଦିରରେ ଗହଳି ଦେଖାଦେଇଛି। ପୂଜକ ହରିବନ୍ଧୁ କର ମହାପ୍ରଭୁଙ୍କର ତୃତୀୟ ଶ୍ରୀକ୍ଷେତ୍ରର ପରମ୍ପରା ଅନୁଯାୟୀ ରୀତିନୀତି କରାଇଥିବା ସୂଚନା ଦେଇଛନ୍ତି।

## ଭରତପୁର ଶ୍ରୀ ଗୋପାଳଜୀଉଙ୍କ ମନ୍ଦିର ବାର୍ଷିକ ଉତ୍ସବ



କେନ୍ଦ୍ରାପଡ଼ା,୧୯।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ମକ୍କଦମ ପରିବାରର କୂଳଦେବତା ଶ୍ରୀ ଶ୍ରୀଗୋପାଳଜୀୟୁଙ୍କ ମନ୍ଦିର ପ୍ରତିଷ୍ଠାର ପମ ବାର୍ଷିକ ଉତ୍ସବ ଶ୍ରୀଜୀୟୁଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶ୍ରୀଜୀୟୁଙ୍କ ମନ୍ଦିରରେ ପ୍ରାତଃରେ କଳସ ସ୍ଥାପନ କରାଯିବା ପରେ ଅଙ୍କୁରରୋପଣ, ସୂର୍ଯ୍ୟପୂଜା, ମହାସ୍ନାନ, ହୋମଯଜ୍ଞ, ଗୀତାଯଜ୍ଞ ସହିତ ଷୋଡଶ ଉପଚାରରେ ପୂଜା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନ ଅଧିକାରୀ ପ୍ରବୋଧ କୁମାର ଦାସ ଏବଂ ଗୀତାଞ୍ଜଳି ଦାସ କର୍ତ୍ତା ଓ କର୍ତ୍ତ୍ରୀ ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ବିଜୟ କିଶୋର ଦାସ, ସନ୍ତୋଷ କୁମାର ଦାସ, ଗୌରଗୋପାଳ ଦାସ, ବ୍ରଜଗୋପାଳ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ପୂଜକ ଭାବରେ ଲକ୍ଷ୍ମୀଧର ମହାପାତ୍ର କାର୍ଯ୍ୟନିର୍ବାହ କରିଥିଲେ । ଗ୍ରାମର ଅଧିକାରୀ ରାଜେନ୍ଦ୍ର ପ୍ରସାଦ ଦାଶ, ଅଧିକାରୀ ରସାନନ୍ଦ ଦାଶ, ସରୋଜକାନ୍ତ ପତି, ଆକୁଳାନନ୍ଦ ବେହେରା, ନକୁଳାନନ୍ଦ ବେହେରା, ଅକ୍ଷୟ କୁମାର ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବଟ ଗଣେଶ ମନ୍ଦିର ପରିସରରେ ସମ୍ପନ୍ନ ହେଲା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



କୋରାପୁଟ,୧୯।୭(ସଂଚାର ବ୍ୟୁରୋ)ଃ କୋରାପୁଟ ସହରର ବଟ ଗଣେଶ ମନ୍ଦିର ପରିସରରେ ରବିବାର ଭକ୍ତି ଓ ଆଧ୍ୟାତ୍ମିକତାରେ ମୁଖରିତ ହୋଇଉଠିଥିଲା। ଏଠାରେ ଆୟୋଜିତ ପ୍ରଭୁ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଧାର୍ମିକ ରୀତିନୀତି ଓ ବେଦମନ୍ତ୍ର ଧ୍ୱନି ମଧ୍ୟରେ ଧୁମଧାମରେ ସମ୍ପନ୍ନ ହୋଇଯାଇଛି। ସକାଳରୁ ମନ୍ଦିର ପରିସରରେ ପୂଜାର୍ଚ୍ଚନା, ଯଜ୍ଞ ଓ ହୋମ କାର୍ଯ୍ୟ ଆରମ୍ଭ ହୋଇଥିଲା। ବୈଦିକ ପରମ୍ପରା ଅନୁଯାୟୀ ସମସ୍ତ ଧାର୍ମିକ ବିଧି ସମ୍ପନ୍ନ ହେବା ପରେ ପ୍ରଭୁ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସର ଭକ୍ତମାନଙ୍କ ଭିଡ଼ରେ ଉତ୍ସବମୁଖର ହୋଇଉଠିଥିଲା। ପରିଚାଳନା କମିଟି ପକ୍ଷରୁ ମନୋଜ ବାରିକ ଓ ଟି. କିରଣ କୁମାର କର୍ତ୍ତା ଭାବେ ଯୋଗଦେଇ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ। ସହରର ବହୁ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ଏହି ପବିତ୍ର ଉତ୍ସବରେ ସାମିଲ ହୋଇ ପ୍ରଭୁଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ। ଉତ୍ସବ ଶେଷରେ ଭକ୍ତମାନଙ୍କ ପାଇଁ ନିଶୁଳ୍କ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ଅବ୍ୟବସ୍ଥା ଘେରରେ କ୍ଷେତାପାଜୁ ପ୍ରାଥମିକ ବିଦ୍ୟାଳୟ

### ୨୪ ଛାତ୍ରଛାତ୍ରୀଙ୍କ ପାଇଁ ଅଛନ୍ତି ଜଣେ ମାତ୍ର ଶିକ୍ଷୟିତ୍ରୀ

### ଗୋଟିଏ କୋଠରିରେ ଚାଲିଛି ପାଞ୍ଚଟି କ୍ଲାସ



ଫୁଲବାଣୀ,୧୯।୭(ସଂଚାର ବ୍ୟୁରୋ)ଃ ରାଜ୍ୟ ସରକାର ଶିକ୍ଷା ର ବିକାଶ ଗୁଣାତ୍ମକ ଶିକ୍ଷା ଓ ଶିକ୍ଷା ଭିତ୍ତିଭୂମିର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା କହୁଥିବା ବେଳେ ବର୍ତ୍ତମାନ ବିଭାଗୀୟ ଅବହେଳା ପାଇଁ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି। କଉଠି ଭିତ୍ତିଭୂମିର ଅଭାବ ଦେଖାଦେଇଛି ତ ଆଉ କଉଠି ଭିତ୍ତିଭୂମି ଥିଲେ ମଧ୍ୟ ବିକାଶ ହୋଇ ପାରୁନି। ଆଉ କଉଠି ଶିକ୍ଷକ ଅଭାବ ପାଇଁ ପାଠ ପଢ଼ା ଠପ ହୋଇ ଯାଇଛି ତ ଆଉ କଉଠି ଶ୍ରେଣୀ କୋଠରୀର ଅଭାବ ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ପାଠ ପଢିବା ପାଇଁ ବହୁ ସମସ୍ୟାର ସାମ୍ନା କରିବାକି ପଡୁଛି। ଏଭଳି ଏକ ଅବହେଳିତ ବିଦ୍ୟାଳୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଲାଗୁଡା ପଞ୍ଚାୟତର ଉପାନ୍ତ ଅଞ୍ଚଳ କୁହାଯାଉଥିବା ସଲାଗୁଡା ପଞ୍ଚାୟତର କ୍ଷେତାପାଜୁ ଗାଁରେ।

ତେବେ ବଣ ଜଙ୍ଗଲ ଘେରା ଏହି କ୍ଷେତାପାଜୁ ଗାଁରେ ରହିଛି ଏକ ପ୍ରାଥମିକ ବିଦ୍ୟାଳୟ। ଯାହାକି ଅଂଚଳର ଏକ ସର୍ବ ପୁରାତନ ବିଦ୍ୟାଳୟ। ଅଂଚଳରେ ଶିକ୍ଷାର ବିକାଶ ଲକ୍ଷରେ ୧୯୫୫ ମସିହାରେ ସ୍ଥାପିତ ହୋଇଥିଲା ଏହି ପ୍ରାଥମିକ ବିଦ୍ୟାଳୟ। ଭାରତ ସ୍ୱାଧୀନ ହେବା ପରେ ପରେ ବିଦ୍ୟାଳୟଟି ଏଠି ସ୍ଥାପିତ ହୋଇଥିଲେ ମଧ୍ୟ ସ୍ୱାଧୀନତାର ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଥମତ ଆଜି ପର୍ଯ୍ୟନ୍ତ ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ହୋଇପାରିନାହିଁ।

ବିଦ୍ୟାଳୟ ସ୍ଥାପିତ ହେବା ସମୟରେ ଯଉ ଦୁଇଟି ଶ୍ରେଣୀ କୋଠରୀ ଥିଲା ଆଜିବି ସେହି ଶ୍ରେଣୀ କୋଠରୀ ରହିଥିବା ବେଳେ ସେହି କୋଠରୀ ମାନଙ୍କ ମଧ୍ୟରୁ ମରାମତି ଅଭାବ ପାଇଁ ଗୋଟିଏ ଶ୍ରେଣୀ କୋଠରୀ ଭାଙ୍ଗିରୁଜି ଯାଇ ଛାତରୁ ପାଣି ଗଳୁଥିବା ବେଳେ ଅନ୍ୟଟିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ଶିକ୍ଷାଦାନ ଚାଲୁ ରହିଛି। ବର୍ତ୍ତମାନ ବିଦ୍ୟାଳୟରେ ସମୁଦାୟ ୨୪ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଗତ କିଛିମାସ ତଳେ ଏହି ବିଦ୍ୟାଳୟରେ କାର୍ଯ୍ୟରତ ଥିବା ପ୍ରଧାନ ଶିକ୍ଷକଙ୍କ ଅନ୍ୟତ୍ର ବଦଳି ହେବା ପରେ ତାଙ୍କ ଜାଗା ପ୍ରାୟ ୮ ମାସ ହେବ ଖାଲି ପଡିଛି ଓ ଜଣେ ମାତ୍ର ଶିକ୍ଷୟିତ୍ରୀ ଅଲଣା ଜାନିରେ ଚାଲିଛି ପାଠପଢ଼ା।

ସେପଟେ ବିଦ୍ୟାଳୟରେ ଶ୍ରେଣୀ କୋଠରୀର ଅଭାବ ସହ ପାଚେରୀ, ପାନୀୟ ଜଳ ଓ ବିଦ୍ୟୁତ ସଂଯୋଗ ହୋଇନଥିବାରୁ ଛାତ୍ରଛାତ୍ରୀ ମାନଙ୍କୁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ବିଦ୍ୟାଳୟରେ ବିଭିନ୍ନ ପ୍ରକାର ଅନୁସାଙ୍ଗିକ ସୁବିଧା ସହ ଶିକ୍ଷକ ନିଯୁକ୍ତି ପାଇଁ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମାନଙ୍କ ସହ ସ୍ଥାନୀୟ ଅଭିଭାବକ ମାନେ ବାରମ୍ବାର ବିଭାଗୀୟ ଅଧିକାରୀ ମାନଙ୍କ ପାଖରେ ଦାବି କରି ଆସୁଥିଲେ ମଧ୍ୟ ଦାବି ପୂରଣ ହେଉନଥିବାରୁ ସ୍ଥାନୀୟ ଅଞ୍ଚଳବାସିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

### ବଢ଼ିବାରେ ଲାଗିଛି ଦୁର୍ନୀତିଖୋର ଅଧିକାରୀଙ୍କ ସଂଖ୍ୟା

## କୋଟି କୋଟି ଟଙ୍କା ଜବତ ସତ୍ତ୍ୱେ ଲାଗୁନି ଲଗାମ



ବୋରିଗୁମ୍ମା, ୧୯।୭ (ସଂଚାର ବ୍ୟୁରୋ)ଃ ଦିନକୁ ଦିନ ବଢ଼ିବାରେ ଲାଗିଛି କୋରାପୁଟ ଜିଲ୍ଲାରେ ଦୁର୍ନୀତିଖୋର ଅଧିକାରୀଙ୍କ ସଂଖ୍ୟା। ଗତ ବର୍ଷକ ମଧ୍ୟରେ ବିଭିନ୍ନ ଅଧିକାରୀଙ୍କ ନିକଟରୁ ୧୦ କୋଟିରୁ ଅଧିକ ଅର୍ଥ ସହ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଆଦିବାସୀ ବହୁଳ କୋରାପୁଟ ଜିଲ୍ଲାରେ ବିକାଶ ନାମରେ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଏହି ଅର୍ଥକୁ ପିସି ଆକାରରେ ବାଟମାରଣ କରୁଛନ୍ତି କିଛି ଦୁର୍ନୀତିଖୋର ଅଧିକାରୀ ଫଳରେ ଗତ ବର୍ଷକ ମଧ୍ୟରେ ଅନେକ ଦୁର୍ନୀତିଖୋର ଅଧିକାରୀ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି।

ଏହି ଅଧିକାରୀଙ୍କ ମଧ୍ୟରେ ୨୦୨୫ ମସିହାରେ କୋଟପାଡ଼ ବ୍ଲକ ବଡାସନା ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ ପାର୍ଥ ସାରଥୀ ବିଷୋୟୀଙ୍କ ଘରେ ଆୟବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ବୋରିଗୁମ୍ମା ବ୍ଲକ ସ୍ଥିତ ଚମ୍ପିୟା ଗ୍ରାମ ବସଭବନରୁ ନଗଦ ୨ ଲକ୍ଷ ୪୫ ହଜାର ଠାବ ସହ ୨ ଶହ ୮୫ ଗ୍ରାମ ସୁନା ଓ ୭୦୬ ଗ୍ରାମ ରୁପା ଅଳଙ୍କାର ଜବତ ହୋଇଥିଲା । ଅନେକ ଜମି ଓ ଘର ଆସବାବପତ୍ର ମଧ୍ୟ ଠାବ ହୋଇଥିଲା। ସମାନ ରୂପେ ଜୁଲାଇ ୨୦୨୫ ମସିହାରେ ଡେପୁଟି ରେଞ୍ଜରଙ୍କ ଘରୁ ୧ କୋଟି ୪୩ ଲକ୍ଷ ଟଙ୍କା ସହ ବ୍ୟାଙ୍କ ଜମା ଦେଢ଼ କେଜିରୁ ଅଧିକ ସୁନା, ସ୍ଥାବର ଆସ୍ଥାବର ସମ୍ପତ୍ତି ଠାବ ହୋଇଥିଲା ।

ଚଳିତ ବର୍ଷ ଜୁନ ମାସରେ କୋରାପୁଟ ଜିଲ୍ଲା କୋଟପାଡ଼ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ)ସତ୍ୟନାରାୟଣ ସେଠୀଙ୍କ ଘରୁ ୫ ଲକ୍ଷରୁ ଅଧିକ ଟଙ୍କା ସହ ବ୍ୟାଙ୍କ ଜମା, କେଜିରୁ ଅଧିକ ସୁନା, ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଥିଲା। ଗତ ବର୍ଷକ ମଧ୍ୟରେ ଏହି ଦୁଇଟି ଚଢାଉ ଓଡିଶା ଭିଜିଲାନ୍ସ ଇତିହାସରେ ବଡ଼ ବୋଲି ସୂଚନା ମିଳିଛି। ଜିଲ୍ଲାରେ ଇତିମଧ୍ୟରେ ଆହୁରି ଅନେକ ଅଧିକାରୀ ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ ମଧ୍ୟ ଲାଞ୍ଚ କାରବାର କମୁ ନାହିଁ। ଜିଲ୍ଲାରେ କିଛି ଦିନ ପୂର୍ବରୁ ୨ ଲକ୍ଷ ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିବା ଜୟପୁର ଖଣି ଉପନିର୍ଦ୍ଦେଶକ ସତ୍ୟଜିତ ରାଉତଙ୍କ ଠାରୁ ଓ ଅନ୍ୟାନ୍ୟ ସ୍ଥାନରୁ ମିଶି ୬ ଲକ୍ଷ ୯୦ ହଜାର ଟଙ୍କା ଠାବ ହୋଇଥିବା ସୂଚନା ମିଳିଛି । ଏନେଇ ଉପନିର୍ଦ୍ଦେଶକଙ୍କୁ ଗିରଫ ମଧ୍ୟ କରାଯାଇଛି ।

ତେବେ ଜିଲ୍ଲାରେ ଏତେ ପରିମାଣର ଠାବ ଓ ଦିନକୁ ଦିନ ଲାଞ୍ଚଖୋର ଅଧିକାରୀଙ୍କ ସଂଖ୍ୟା ବଢ଼ିବା ଜିଲ୍ଲାର ବିକାଶ ପାଇଁ ବାଧକ ସାଜିବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି । ଏନେଇ ସରକାର ଠୋସ ପଦେକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ବେଆଇନ ଚାଲାଣ ବେଳେ ପାନ ମସଲା ଗାଡ଼ି ଜବତ

- ଜିଏସଟି ଅଧିକାରୀଙ୍କ ଦ୍ୱାରା ଖୋଳତାଡ଼ ଆରମ୍ଭ



ସୁନ୍ଦରଗଡ, ୧୯।୭ (ସଂଚାର ବ୍ୟୁରୋ)ଃ ରବିବାର ମଧ୍ୟ ରାତ୍ରୀରେ ବିଶେଷ ସୂତ୍ରରୁ ଭଷ୍ମା ଥାନା ଅଧିକାରୀ ଅମର ହୋତାଙ୍କୁ ଖବର ମିଳିଥିଲା। ଖବର ପାଇବା ପରେ ସେ ସୁନ୍ଦରଗଡ ଏସପି ଅମ୍ରିତା ପାଲ କୌରଙ୍କୁ ଜଣାଇଥିଲେ। ଏସପିଙ୍କ ନିର୍ଦ୍ଦେଶରେ ଥାନା ଅଧିକାରୀ ଓ ତାଙ୍କ ଟିମ ବିଜୁ ଏକ୍ସପ୍ରେସ ୱେ ର ଟୋଲ ପ୍ଲାଜା ନିକଟରେ ଗାଡ଼ି ଏନ୍‌ଏଲ୍ -୦୧ଏଇ-୧୭୭୬କୁ ଅଟକ ରଖି ଗାଡ଼ି ଚାଳକଙ୍କୁ ପଚାରିବାରୁ ଗାଡ଼ିରେ ପାନ ମସଲା ଥିବା କଥା ସେ କହିଥିଲା ମାତ୍ର କାହା ପାଖକୁ ନେଉଥିଲା ତାହା ତାକୁ ମଧ୍ୟ ଜଣା ନ ଥିବା ଜଣା ପଡ଼ିଲା ପରେ ପୋଲିସ ଚାଳକ ସହ ଗାଡିକୁ ଥାନାକୁ ନେବା ସହ ଜିଏସଟି ବିଭାଗକୁ ସୂଚନା ଦେଇଥିଲେ। ସୂଚନା ପାଇ ଝାରସୁଗୁଡା ସିଟି ସିଟି ଜିଏସଟି ଅଧିକାରୀ ଓ ଏନଫୋର୍ସମେଣ୍ଟ ଅଧିକାରୀ ଭଷ୍ମା ଥାନାରେ ପହଞ୍ଚି ଖୋଳତାଡ଼ ଜାରି ରଖିଛନ୍ତି। ତେବେ ଏ ନେଇ ଜିଏସଟି ବିଭାଗ ସମ୍ପୃକ୍ତ ଗାଡ଼ି ଭର୍ତ୍ତି ପାନ ମସଲା ଉପରେ ନଅ ଲକ୍ଷ ପାଞ୍ଚ ଶହ ତିରିଶ ଟଙ୍କା ଜୋରିମାନା ଲଗାଇବା ସହ ମସଲା ଭର୍ତ୍ତି ଗାଡିକୁ ପୁଲିସକୁ ଜିମା ଦେବା ସହ ଅଧିକ ତଦନ୍ତ ଜାରି ରଖିଛି। ତେବେ ଏହି ପାନ ମସଲା ଇନ୍ଦୋରରୁ ରାଜଗାଙ୍ଗପୁର ଯାଉଥିଲା ବୋଲି ଉଭୟ ଭଷ୍ମା ପୁଲିସ ଓ ଜିଏସଟି ଅଧିକାରୀ କହିଛନ୍ତି।

## ଛତ୍ରପୁର ପଞ୍ଚାୟତରେ କଂଗ୍ରେସ କମିଟି ଗଠିତ



ନୀଳଗିରି, ୧୯।୭ (ସଂଚାର ବ୍ୟୁରୋ)ଃ ନୀଳଗିରି ବ୍ଲକ କଂଗ୍ରେସ ସଭାପତି ତଥା ସମାଜସେବୀ ତପନ କୁମାର ରାଉତ ଦାୟତ୍ୱ ନେବାପରେନୀଳଗିରି ବ୍ଲକର ବିଭିନ୍ନ ଗ୍ରାମ ପଂଚାୟତରେ କଂଗ୍ରେସ ସଂଗଠନ ସୁଦୃଢ଼ ହେବାରେ ଲାଗିଛି । ଆଜି ଅପରାହ୍ନରେ ନୀଳଗିରି ବ୍ଲକ ସଭାପତି ତପନ କୁମାର ରାଉତ ଅଧ୍ୟକ୍ଷତାରେ ଛତ୍ରପୁର ଗ୍ରାମ ପଂଚାୟତର କଂଗ୍ରେସ କର୍ମୀ ବୈଠକ ହୋଇଥିଲା। ଉକ୍ତ ପଂଚାୟତର ନୂତନ କଂଗ୍ରେସ କମିଟି ଗଠନ ହୋଇଛି ।

ଉକ୍ତ ପଂଚାୟତର କର୍ମୀ ମାନଙ୍କୁ ଏକ ଦୃଢ଼ ସଂଗଠନ ପାଇଁ ଆହ୍ୱାନ କରିବା ସହିତ ଲୋକଙ୍କ ସହିତ ରହି କାର୍ଯ୍ୟ କରିବା ପାଇଁ ସଭାପତି ରାଉତ ଆହ୍ୱାନ ଦେଇଥିଲେ। ବୈଠକରେ ଉପସ୍ଥିତ କର୍ମୀ ମାନଙ୍କ ସହମତି କ୍ରମେ ପଂଚାୟତର ସଭାପତି ରୂପେ ଉପେନ୍ଦ୍ର ମହାକୁଡ଼ଙ୍କୁ ଚୟନ କରାଯାଇଥିବା ସ୍ଥଳେ କାନ୍ଦନ ମୁର୍ମୁଙ୍କୁ ଉପସଭାପତି, ପ୍ରଭାତ ଖିଲାରଙ୍କୁ ସମ୍ପାଦକ ଓ ଖଗେନ୍ଦ୍ର ବାରିକ ସହସମ୍ପାଦକ, ପିତାମ୍ବର ମୁର୍ମୁ ସହସମ୍ପାଦକ ଓ ଚକ୍ରଧର ଶତପଥୀଙ୍କୁ କୋଷାଧକ୍ଷ ରୂପେ ମନୋନୀତ କରାଗଲା। ମୋଟ ସମସ୍ତ ପଦାଧିକାରୀ ଙ୍କୁ ମିଶାଇ ୩୧ଜଣିଆ କମିଟି ଗଠନ କରାଗଲା।

ଏହି କମିଟି ରେ ଅନ୍ୟ ମାନଙ୍କ ମଧ୍ୟରେ ପୂର୍ବତନ ଜୋନ ସଭାପତି ତଥା ବର୍ତ୍ତମାନ ର ବ୍ଲକ ଉପସଭାପତି ଜୟନ୍ତ ଦାସ ନିଜ ବକ୍ତବ୍ୟ ରେ ବର୍ତ୍ତମାନ ର ସରକାର ର ବିଫଳତା ବାବଦରେ ପ୍ରକାଶ କରିବା ସହିତ କଂଗ୍ରେସ ହିଁ ବିକଳ୍ପ ବୋଲି କହିଥିଲେ ।ବ୍ଲକ ଉପସଭାପତି ସୁରେନ୍ଦ୍ର ଦାସ ସମସ୍ତେ ଏକ ହୋଇ କାର୍ଯ୍ୟ କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଛାତ୍ର ଆୟୁଷ୍ମାନ ମୃତ୍ୟୁ ଘଟଣା

## ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ଅଭିଯୋଗପତ୍ର ଦାଖଲ କରୁନି ପୁଲିସ



କେନ୍ଦ୍ରାପଡ଼ା,୧୯।୭(ସଂଚାର ବ୍ୟୁରୋ)ଃ ଛାତ୍ର ଆୟୁଷ୍ମାନ ହତ୍ୟାକାଣ୍ଡର ଅଭିଯୋଗପତ୍ର କୋର୍ଟରେ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ସତ୍ୱେ କୋର୍ଟରେ ଚାର୍ଜସିଟ ଦାଖଲ କରୁନି । ଫଳରେ ଅଭିଯୋଗକାରୀ ବାଧ୍ୟ ହୋଇ ଓଡିଶା ଉଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନମା ମାମଲା ଦାଖଲ କରିବେ ବୋଲି କହିଛନ୍ତି ।

ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମରେ ଥିବା ମାମୁଁଘରକୁ ମା'ସହିତ ବୁଲି ଆସିଥିଲେ ଡେରାବିଶ ଥାନା ଅନ୍ତର୍ଗତ କୁରୁଜଙ୍ଗା ଗ୍ରାମପାୟତର ମନ୍ତ୍ରୀପଡା ଗ୍ରାମର ଖଗେଶ୍ୱର ମହାନ୍ତିଙ୍କ ପୁଅ ଆୟୁଷ୍ମାନ ଓରଫ ଧନ(୧୪)। ତା'ର ମା' ଗତ ୨୦୨୫ମସିହା ମାର୍ଚ୍ଚମାସ ୧୮ତାରିଖରେ ଘରକୁ ଫେରିଯାଇଥିବା ବେଳେ ଧନ ମାମୁଁଘରେ ରଙ୍ଗ ଖେଳିବାକୁ ରହିଯାଇଥିଲା । ରଙ୍ଗଖେଳ ଦିନ ରଙ୍ଗ ଖେଳିସାରି ମାମୁଁ ଘରେ ଥିବାବେଳେ ତାକୁ ୧୯ତାରିଖ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ମାମୁଁଘରୁ ଡାକିନେଇଥିଲେ ଦୁଇଜଣ ସ୍ଥାନୀୟ ଯୁବକ । ତାକୁ ଜୋରଜବରଦସ୍ତ ଥଣ୍ଡା ପାନୀୟରେ ମଦ ମିଶାଇ ପିଆଇବା ପରେ ହତ୍ୟା କରିବା ଉଦେଶ୍ୟରେ ଲୁଣା ନଦୀକୁ ଠେଲି ଦିଆଯାଇଥିଲା । ଫଳରେ ଆୟୁଷ୍ମାନଙ୍କ ମୃତ୍ୟୁ ଘଟିଥିଲା ବୋଲି ଆୟୁଷ୍ମାନଙ୍କ ପିତା ଖଗେଶ୍ୱର ମହାନ୍ତି ସଦର ଥାନାରେ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭି କରି ସଦର ଥାନା ପୋଲିସ ଏକ ହତ୍ୟାମାମଲା ରୁଜୁ କରିବା ସହିତ ଆୟୁଷ୍ମାନ ମୃତ୍ୟୁ ଘଟଣାରେ ଜଡିତ ଥିବା ଜଣେ ନାବାଳକ ସହ ଅନ୍ୟ ଜଣେ ଯୁବକଙ୍କୁ ଥାନାକୁ ଆଣି ଜେରା କରିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଦୁଇଜଣଙ୍କୁ ପୋଲିସ ଛାଡିଦେଇଥିଲା । ଏନେଇ ମୃତ ଆୟୁଷ୍ମାନଙ୍କ ମାମୁଁ ମୀନକେତନ ମହାନ୍ତି ଓଡିଶା ହାଇକୋର୍ଟରେ ମାମଲା ରୁଜୁ କରିଥିଲେ ।

ହାଇକୋର୍ଟ ସେହି ଆବେଦନର ବିଚାର କରି ଗତ ୨୦୨୫ ମସିହା ଡିସେମ୍ବର ମାସ ୧୭ତାରିଖରେ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାମଲାର ତଦନ୍ତ ଶେଷ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ପୋଲିସ କୋର୍ଟରେ ଚାର୍ଜସିଟ ଦାଖଲ ନକରିବାରୁ ପୁନର୍ବାର ଆବେଦନକାରୀ ସିଆରଏଲଏମପି ନଂ - ୧୪୨୧/୨୦୨୫ରେ ହାଇକୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେହି ଆବେଦନର ବିଚାର କରି ହାଇକୋର୍ଟ ଗତ ଅପ୍ରେଲ ମାସ ୨୫ତାରିଖରେ କେନ୍ଦ୍ରାପଡା ସଦର ଥାନାଧିକାରୀଙ୍କୁ ୬୦ଦିନ ମଧ୍ୟରେ ତଦନ୍ତ ଶେଷକରି ଚାର୍ଜସିଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହିତ କେନ୍ଦ୍ରାପଡା ଏସପିଙ୍କୁ ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହାମଧ୍ୟରେ ୯୦ଦିନ ଅତିକ୍ରମ କରିସାରିଥିଲେ ମଧ୍ୟ ପୋଲିସ ତଦନ୍ତ ଶେଷ କରି ନାହିଁ କି ଏସପି ମଧ୍ୟ ନିଜର ଦାୟିତ୍ୱ ତୁଲାଇ ନାହାନ୍ତି।

ତେଣୁ ଉଭୟ ଥାନାଧିକାରୀ ଓ ଏସପି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରିଛନ୍ତି। ଏହାଦ୍ୱାରା ମୃତ ଛାତ୍ରଙ୍କ ପରିବାର ନ୍ୟାୟ ପାଇବାରୁ ବିତ ହୋଇଛନ୍ତି । ତେଣୁ ଆବେଦନକାରୀ ଶ୍ରୀ ମହାନ୍ତି ପୋଲିସ ବିରୋଧରେ କୋର୍ଟ ଅବମାନନା କେଶ ଦାଖଲ କରିବେ ବୋଲି କହିଛନ୍ତି ।

## ଦୁଇ ଦିନରେ ୩ ସ୍ଥାନରୁ ସିରିଜ ଚୋରି

- ଲୁଟିନେଲେ ସୁନା ଅଳଙ୍କାର ଓ ନଗଦ ଟଙ୍କା



ସଜନାଗଡ଼, ୧୯।୭ (ସଂଚାର ବ୍ୟୁରୋ)ଃ ନୀଳଗିରି ଥାନା ଅଧିନ ୩ ଗୋଟି ସ୍ଥାନରୁ ଦୁଇ ଦିନ ମଧ୍ୟରେ ସିରିଜ ଚୋରି ହୋଇଥିବା ଅଭିଯୋଗ ହୋଇଛି । ପ୍ରାପ୍ତ ସୂଚନା ରୁ ଜଣା ପଡ଼ିଛି ନୀଳଗିରି ଥାନା ଧୋବଶିଳା ପଞ୍ଚାୟତ କଣ୍ଟାବଣିଆ ଗ୍ରାମର ସ୍ୱାମୀ ମନୋଜ କୁମାର ଘୋଷ ଓ ତାଙ୍କ ସ୍ତ୍ରୀ ତୃପିବାଳା ଦାସ ଗତ ୧୮ତାରିଖ ଶନିବାର ରାତ୍ରି ପ୍ରାୟ ୧୦,୨୦ ମିନିଟ ସମୟରେ ଉଭୟ ଦମ୍ପତ୍ତି ନୀଳଗିରି ରଥ ଯାତ୍ରା ଦେଖିବାକୁ ଆସି ୧୧,୨୦ ମିନିଟ ସମୟରେ ଘରେ ପହଞ୍ଚି ଦେଖିବା ବେଳକୁ ଫାଟକରେ ତାଲା ଝୁଲୁଥିବା ବେଳେ କବାଟ ଓ ଦୁଇଟି ଗଡ଼ରେଜ ଭଙ୍ଗାଯାଇ କିଛି ସୁନା ଅଳଙ୍କାର ଓ ନଗଦ ଟଙ୍କା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଠିକ ସେହି ଭଳି ଭାବରେ ବାଣପୁର ଗ୍ରାମର ସିଧେଶ୍ୱର ପଣ୍ଡା ନୀଳଗିରି ରଥ ଦେଖିବାକୁ ଆସି ରାତ୍ରିରେ ଘରକୁ ଫେରି ଦେଖିବା ବେଳକୁ ତାଙ୍କ ଗେଟ ଓ ଗ୍ରିଲ ଭଙ୍ଗା ଯାଇଥିବା ବେଳେ ଦୁଇଟି ରୁମର ତାଲା ଓ ୩ ଗୋଟି ଗଡ଼ରେଜ ତାଲା ଭଙ୍ଗା ଯାଇ ଖୋଲା ପଡିଥିଲା। ତେବେ କୌଣସି ସୁନା ଅଳଙ୍କାର ବା ଟଙ୍କା ଚୋରି ପୂର୍ବରୁ ସିଧେଶ୍ୱର ପରିବାର ପହଞ୍ଚି ଯିବାରୁ ଲୁଟେରା ଚମ୍ପଟ ମାରିଥିଲେ ବେଳେ ଅନୁରୋପ ଭାବେ ଉକ୍ତ ଥାନା ଅଧୀନସ୍ଥ ଦକ୍ଷିଣନରସିଂହପୁର ପଞ୍ଚାୟର ଦକ୍ଷିଣନରସିଂହପୁର ଗ୍ରାମର ଚକ୍ରଧର ବେହେରା ଗତ ୧୭ ତାରିଖ ଶୁକ୍ରବାର ରାତ୍ରି ପ୍ରାୟ ୯ ଘଟିକା ସମୟରେ ନୀଳଗିରି ରଥ ଯାତ୍ରା ଦେଖିବାକୁ ଆସିଥିବା ବେଳେ ଘରେ କେହି ନଥିବାର ସୁଯୋଗ ନେଇ ଲୁଟେରା ମାନେ କଳାକନା ବୁଲାଇ ଥିଲେ। ଅଭିଯୋଗ ଅନୁସାରେ ଶ୍ରୀଯୁକ୍ତ ବେହେରାଙ୍କ ଘରେ ଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ସହିତ ୩ ଲକ୍ଷଟଙ୍କା ମୂଲ୍ୟର ସୁନା ଅଳଙ୍କାର ଚୋରି ହୋଇଥିବା ଅଭିଯୋଗ ଶ୍ରୀ ବେହେରା କରିଥିଲେ। ତେବେ ପୁଲିସ ନିରପେକ୍ଷ ତଦନ୍ତ କରିବା ସହିତ ଲୁଟେରାଙ୍କୁ ଧରିବା ପାଇଁ ସାଧାରଣରେ ଦାବୀ ହୋଇଛି।

## ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘର ତୃତୀୟ ସମ୍ମିଳନୀ



କେନ୍ଦ୍ରାପଡା,୧୯।୭(ସଂଚାର ବ୍ୟୁରୋ)ଃଓଡିଶା ମଧ୍ୟାହ୍ନ ଭୋଜନ ପାଚିକା ଓ ସହାୟିକା ସଂଘର ତୃତୀୟ ସମ୍ମିଳନୀ କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ଖଡିଅଙ୍ଗ କାର୍ଯ୍ୟାଳୟଠାରେ (ସି.ଆଇ.ଟି.ୟୁ) ଜିଲ୍ଲା ସଭାପତି ଜଗତଜୀବନ ଦାସଙ୍କ ତତ୍ୱବଧାନରେ ଅନୁଷ୍ଠିତ ହୋଇଯାଇଛି । ସଭା ପ୍ରାରମ୍ଭରେ ସାଥୀ ବିଷ୍ଣୁ ମହାନ୍ତିଙ୍କର ଅକାଳ ବିୟୋଗରେ ଗଭୀର ଶୋକ ପ୍ରକାଶ କରି ନିରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସଂଘର ବିଭିନ୍ନ ଜରୁରୀ ସମସ୍ୟା ଗୁଡିକ ଆଲୋଚନା କରାଯାଇଥିଲା। ଏଥିରେ ପାଚିକାମାନେ ବାରମାସ ପରିବର୍ତ୍ତେ ଦଶମାସର ଦରମା ପାଉଛନ୍ତି। ଦୀର୍ଘ ବର୍ଷ ହେଲା ଏମାନଙ୍କର ଦରମା ଦୈନିକ ଶହେ ଟଙ୍କା ହିସାବରେ ମିଳୁଛି। ଏହି ପାଚିକା ସହାୟିକାମାନେ ରୋଷେଇଠାରୁ ଆରମ୍ଭ କରି ବାସନ ମାଜିବା, ବିଦ୍ୟାଳୟରେ ଝାଡୁଦେବାଠାରୁ ଆରମ୍ଭ କରି ପାଇଖାନା ସଫା କରିବା, କାଠ କୁଟାରେ ରୋଷେଇ କରିବା ଆଦି ସଂପର୍କରେ ଆଲୋଚନା କରାଯାଇଥିଲା ।

ଶ୍ରମିକମାନେ ବାର ମାସର ଦରମା ପାଇ ୬୨ ବର୍ଷରେ ଅବସର ନେଉଥିବାବେଳେ ଏମାନେ ଦଶମାସର ଦରମା ପାଇ ୬୦ ବର୍ଷରେ ଅବସର ନେଉଛନ୍ତି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୃତ୍ୟୁକାଳୀନ ସହାୟତା ବାବଦରେ ୧ ଲକ୍ଷ ଟଙ୍କା ଦେବା ପାଇଁ ଘୋଷଣା କରିଥିଲେ। କିନ୍ତୁ ର୍ବମାନ ସରକାର ତାକୁ କାର୍ଯ୍ୟକାରୀ କରୁନାହିଁ। ଏହି ସମ୍ମିଳନୀରେ ଦାବି ଗୁଡିକ ସରକାରୀ ନିକଟରେ ଉପସ୍ଥାପନ କରିବା ପାଇଁ ସ୍ଥିର କରାଯାଇଛି । ମାସିକ ଦରମା ୩ ହଜାର ପରିବର୍ତ୍ତେ ୨୬ ହଜାର ଟଙ୍କାକୁ ବୃଦ୍ଧି କରାଯିବା, ବର୍ଷକୁ ଦୁଇଟି ସାଢୀ ପ୍ରଦାନ କରିବା, ଗ୍ୟାସରେ ରୋଷେଇ କରିବା, ପାନୀୟ ଜଳ ପରିଷ୍କାର ପରିଚ୍ଛନ୍ନ ରୋଷେଇ ଗୃହ ନିର୍ମାଣ କରିବା, ଗଣ ଶିକ୍ଷା ବିଭାଗ ପକ୍ଷରୁ ଘୋଷିତ ଅନୁସାରେ ବିଦ୍ୟାଳୟ ଗୁଡିକରେ କାର୍ଯ୍ୟ କରିବା ପାଇଁ ଅନୁମତି ଦେବା ଦାବି ଗୁଡିକ ରହିଛି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପକ୍ଷରୁ ଚାରାରୋପଣ




କେନ୍ଦ୍ରାପଡା,୧୯।୭(ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡା ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଓସ୍ତପୁର ପଂଚାୟତରେ ବୃକ୍ଷରୋପଣ କରାଯାଇଛି। ସଂଗଠନର ସଭାପତି ଡଃ. ଉପେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଓସ୍ତପୁର ସରପଂଚ ପ୍ରସନ୍ନ ରାଉତଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆମ୍ବ, ପିଜୁଳି, କରମଙ୍ଗା ବିଭିନ୍ନ ଫୁଲଜାତୀୟ ଓ ଔଷଧ ଜାତୀୟ ବୃକ୍ଷରୋପଣ କରାଯାଇଛି । କାର୍ଯ୍ୟକ୍ରମରେ ଉପଦେଷ୍ଟା ଅଧ୍ୟାପକ ଅଜୟ ସାମଲ, କାର୍ଯ୍ୟକାରୀ ସଭାପତି ଦିଲ୍ଲୀପ କୁମାର ମିଶ୍ରଙ୍କ ସମେତ ସ୍ଥାନୀୟ ଗ୍ରାମବାସୀ ଓ ହାଇସ୍କୁଲର ଛାତ୍ରଛାତ୍ରୀ ପ୍ରମୁଖ ସହଯୋଗ କରିଥିଲେ । ଲଗାଯାଇଥିବା ବୃକ୍ଷ ଗୁଡିକୁ ଯତ୍ନ ନେବା ପାଇଁ ସରପଂଚ ଶ୍ରୀ ରାଉତ କର୍ମଚାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।




## ସୋନମ ୱାଙ୍ଗଚୁକଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପ୍ରତିବାଦରେ ସଭା ଓ ଶୋଭାଯାତ୍ରା

ଯାଜପୁର ରୋଡ଼,୧୯।୭(ସଂଚାର ବ୍ୟୁରୋ)ଃ ନିଟ ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ଦୃଷ୍ଟାନ୍ତ ମୂଳକ ଶାସ୍ତି ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ବିଶିଷ୍ଟ ବୈଜ୍ଞାନିକ ତଥା ପରିବେଶବିତ ସୋନମ ୱାଂଚୁକଙ୍କୁ ୨୧ ଦିନ ଅନଶନ ଚାଲିଥିବା ସମୟରେ ବଳପୂର୍ବକ ପୁଲିସ ଉଠାଇନେବା ପ୍ରତିବାଦରେ ଆଜି ଅଲ୍ ଇଣ୍ଡିଆ ଡିୱାଇ ଓ ପକ୍ଷରୁ ସାରା ଭାରତ ପ୍ରତିବାଦ ଦିବସ ଚାଲିଥିବା ବେଳେ ଏହି ପରିପ୍ରେକ୍ଷୀରେ ବ୍ୟାସନଗର ପୌରାଅଂଚଳ ସହରର ଗୋପବନ୍ଧୁ ଛକଠାରେ ପ୍ରତିବାଦ ବିକ୍ଷୋଭ ସଭା ଅନୁଷ୍ଠିତ ହୋଇଯାଇଛି ।

ବିକ୍ଷୋଭକାରୀମାନେ ଗୋପବନ୍ଧୁ ଛକରୁ ଏକ ସୁସଜ୍ଜିତ ପଟୁଆରରେ ଷ୍ଟେସନ ବଜାର ପରିକ୍ରମା କରି ଗୋପବନ୍ଧୁ ଛକରେ ପହଂଚିଥିଲେ ସେଠାରେ ଏ ଆଇ ଡିୱାଇର ଓଡ଼ିଶା ରାଜ୍ୟ ଉପସଭାପତି ସୁବାସ ମଲ୍ଲିକଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇ ଥିଲା । ଏହି ସଭାରେ କେନ୍ଦ୍ର ସରକାରଙ୍କ ପୋଲିସ ବାହିନୀ ସୋନମ ୱାଂଚୁକ୍ କୁ ଅନଶନ ସ୍ଥଳରୁ ଅନ୍ୟାୟ ଭାବେ ଉଠାଇ ନେଇ ଆନ୍ଦୋଳନକୁ ଭଣ୍ଡୁର କରିବାର ପ୍ରୟାସକୁ ଘୋର ନିନ୍ଦା କରିବା ସଙ୍ଗେସଙ୍ଗେ ତାଙ୍କ ଦାବିକୁ କେନ୍ଦ୍ର ସରକାର ତୁରନ୍ତ ମାନିନେବା ପାଇଁ ଦୃଢ଼ ଦାବି କରିଥିଲେ । ଏହି ଦାବିରେ ଆସନ୍ତା୨୦ ତାରିଖରେ ପାର୍ଲିଆମେଣ୍ଟ ସମ୍ମୁଖରେ ହେବାକୁ ଥିବା ବିକ୍ଷୋଭରେ ଶୁଭ ବୁଦ୍ଧି ସମ୍ପନ୍ନ ଜନ ସାଧାରଣ ହଜାର ହଜାର ସଂଖ୍ୟାରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ ।